# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 34 | ISSUE 19 ଭାଗ ୩୪ | ସଂଖ୍ୟା ୧୯ | Friday 10 April 2026 | Page 8 Rs. 5.00 | ଭୁବନେଶ୍ୱର ଶୁକ୍ରବାର ୧୦ ଏପ୍ରିଲ ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା




ବିହାରରେ ନୀତୀଶ ଯୁଗର ଅନ୍ତ ପୃଷ୍ଠା ୫

# ରାଜନୀତିରେ ମହିଳାଙ୍କୁ ମିଳିବ ସଂରକ୍ଷଣ



- ୧୬ରେ ସଂସଦରେ ଆସିବ ବିଲ
- ମହିଳା ସଂରକ୍ଷଣକୁ ମିଳିବ ଆଇନର ମାନ୍ୟତା
- ସମର୍ଥନ ପାଇଁ ସାଂସଦଙ୍କୁ ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ

ନୂଆଦିଲ୍ଲୀ,୯।୪ଃ ସଂସଦରେ ମହିଳା ସଂରକ୍ଷଣ ଆଇନକୁ ସମର୍ଥନ କରିବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସବୁ ସାଂସଦଙ୍କୁ ଆଜି ଆହ୍ୱାନ କରିଛନ୍ତି। ଗୁରୁବାର ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ମହିଳା ସଂରକ୍ଷଣ ଆଇନରେ ପ୍ରସ୍ତାବିତ ସଂଶୋଧନ କେବଳ ଏକ ଆଇନଗତ କାର୍ଯ୍ୟ ନୁହେଁ, ବରଂ ଭାରତର କୋଟି କୋଟି ମହିଳାଙ୍କ ଆକାଂକ୍ଷାର ପ୍ରତିଫଳନ। ନାରୀ ଶକ୍ତିର ସଶକ୍ତିକରଣ ପାଇଁ ପ୍ରସ୍ତାବିତ ବିଲ୍‌କୁ ସମର୍ଥନ କରିବାକୁ ସବୁ ସାଂସଦଙ୍କୁ ଆହ୍ୱାନ ଦେଇଛନ୍ତି।

ପୋଷ୍ଟ ହୋଇଥିବା ଏକ ସ୍ୱାକ୍ଷରିତ ଲେଖାରେ ମୋଦି କହିଛନ୍ତି, ଭାରତର ସଭ୍ୟତା ନୀତି ଅନୁଯାୟୀ ମହିଳାଙ୍କ ବିକାଶରେ ସମାଜର ବିକାଶ ଅନ୍ତର୍ନିହିତ ରହିଥାଏ। ୨୦୨୯ ଲୋକସଭା ନିର୍ବାଚନ ଓ ଆଗାମୀ ଦିନରେ ରାଜ୍ୟମାନଙ୍କରେ ହେବାକୁ ଥିବା ବିଧାନସଭା ନିର୍ବାଚନରେ ଏହାକୁ ଲାଗୁ କରାଯିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ସେ ପୃଷ୍ଠା-୬

## ୨୦୩୦ ସୁଦ୍ଧା ଦୁଇ ଗୁଣ ହେବ ଭୁବନେଶ୍ୱରର ଶକ୍ତି ଚାହିଦା

# ରାଜଧାନୀରେ ମିଳିବ ବିଶ୍ୱସ୍ତରୀୟ ବିଦ୍ୟୁତ ସେବା

- କାର୍ଯ୍ୟକ୍ଷମ ହେଲା ବାଲିଅନ୍ତା, ସତ୍ୟନଗର ଓ ଏସସିବି ଗ୍ରୀଡ୍
- ସରକାରଙ୍କ ଦୃଢ଼ ସଂକଳ୍ପ ଯୋଗୁ ବର୍ଷେ ଭିତରେ ସରିଲା ପ୍ରକଳ୍ପ
- ଭୁବନେଶ୍ୱର ଓ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ନଦୀର ପୁନରୁଦ୍ଧାର ହେବ
- ପ୍ରାଚୀ, ଧନୁଆ, ଦୟା ଓ ଦୟା ପଶ୍ଚିମ କେନାଲ୍ ପାଇଁ ୬୭୫ କୋଟି ମଞ୍ଜୁର



ଭୁବନେଶ୍ୱର,୯।୪(ସଂଚାର ବ୍ୟୁରୋ)ଃ ଭୁବନେଶ୍ୱରର ବିଦ୍ୟୁତ ସରବରାହ ବ୍ୟବସ୍ଥାକୁ ବିଶ୍ୱସ୍ତରୀୟ କରିବା ନିମନ୍ତେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ବାଲିଅନ୍ତାଠାରେ ୩ଟି ନୂତନ ଗ୍ରୀଡ ସବ୍‌ଷ୍ଟେସନ ଓ ୮ଟି ଗୁରୁତ୍ୱପୂର୍ଣ୍ଣ ଟ୍ରାନ୍ସମିସନ ଲାଇନ ଉଦ୍‌ଘାଟନ କରିଛନ୍ତି। ପ୍ରାୟ ୬୦୦ କୋଟି ଟଙ୍କା ବ୍ୟୟରେ ଏହି ୩ଟି ନୂତନ ଗ୍ରୀଡ ସବ୍‌ଷ୍ଟେସନ ବାଲିଅନ୍ତା, ସତ୍ୟନଗର ଏବଂ କଟକର ଏସସିବି ମେଡିକାଲରେ ସ୍ଥାପନ କରାଯାଇଛି, ଯାହାଦ୍ୱାରା ପ୍ରାୟ ୨୨ ଲକ୍ଷ ଉପଭୋକ୍ତା ଉପକୃତ ହେବେ। ଏଥିସହ ଭୁବନେଶ୍ୱରକୁ ଏକ ବିକଳ୍ପ ବିଦ୍ୟୁତ ଉତ୍ସ ସହିତ ମଧ୍ୟ ସଂଯୋଗ କରାଯାଇଛି। ଆଗାମୀ ଦିନରେ କଟକ ଓ ଭୁବନେଶ୍ୱରକୁ ଏକାଧିକ ଫିଡର ଲାଇନ ଦ୍ୱାରା ସଂଯୁକ୍ତ କରାଯିବ। ଏହାଦ୍ୱାରା ରାଜଧାନୀବାସୀ ନିରନ୍ତର ଗୁଣାତ୍ମକ ବିଦ୍ୟୁତ ସେବା ପାଇପାରିବେ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଏହି ପ୍ରକଳ୍ପଗୁଡ଼ିକ ବହୁ ପୂର୍ବରୁ ମଞ୍ଜୁରୀ ପାଇଥିଲେ ମଧ୍ୟ କୋର୍ଟ କେସ୍ ଓ ବିଭିନ୍ନ ସମସ୍ୟା ଯୋଗୁ ଏଗୁଡିକର କାର୍ଯ୍ୟ ଆରମ୍ଭ ହୋଇପାରୁ ନ ଥିଲା। ନୂଆ ସରକାର ଦାୟିତ୍ୱ ଗ୍ରହଣ କରିବା ପରେ ଏହି ପ୍ରକଳ୍ପ ଉପରେ ଗୁରୁତ୍ୱ ଦେଇ ସମସ୍ତ ସମସ୍ୟାର ସମାଧାନ କରିବା ସହ ବର୍ଷକ ତଳେ କାମ ଆରମ୍ଭ କରିଥିଲେ। ମାତ୍ର ୧ ବର୍ଷ ମଧ୍ୟରେ ଓପିଟିସିଏଲ ପକ୍ଷରୁ ୪ଟି ଗୁରୁତ୍ୱପୂର୍ଣ୍ଣ ବିଦ୍ୟୁତ ପ୍ରକଳ୍ପ କାମ ସମ୍ପୂର୍ଣ୍ଣ ହୋଇଛି। ଏଥିମଧ୍ୟରୁ ପୃଷ୍ଠା-୬

## ସରିଲା ୩ ରାଜ୍ୟର ହାଇଭୋଲଟେଜ ଭୋଟ୍

# ପୁଡୁଚେରୀରେ ରେକର୍ଡ ୮୯.୮୩% ମତଦାନ

- ଆସାମରେ ୮୫.୦୪%
- କେରଳମ୍‌ରେ ୭୮.୦୩%
- ସରିଲା ୪ ବିଧାନସଭା ପାଇଁ ଉପନିର୍ବାଚନ



ନୂଆଦିଲ୍ଲୀ,୯।୪ଃ ଗୁରୁବାର ଆସାମ, କେରଳମ ଓ ପୁଡୁଚେରୀରେ ବିଧାନସଭା ନିର୍ବାଚନରେ ଗୋଟିଏ ପର୍ଯ୍ୟାୟରେ ମତଦାନ ସମ୍ପନ୍ନ ହୋଇଛି। ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଭୋଟରମାନେ ନିଜ ନିଜର ମତାଧିକାର ସାବ୍ୟସ୍ତ କରିଛନ୍ତି। ଏସବୁ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ଆସନ୍ତା ୪ରେ ଫଳାଫଳ ପ୍ରକାଶ ପାଇବ। ଏଥର ନିର୍ବାଚନରେ ପୁଡୁଚେରୀରେ ରେକର୍ଡ ୮୯.୮୩ ପ୍ରତିଶତ ଭୋଟର୍ ଭୋଟିଂ କରିଛନ୍ତି। ଏହା ପରେ ଆସାମରେ ୮୫.୩୮ ପ୍ରତିଶତ ଭୋଟିଂ ହୋଇଥିବା ବେଳେ କେରଳମ୍‌ରେ ୭୮.୦୩ ପ୍ରତିଶତ ଭୋଟର ସେମାନଙ୍କ ସାମ୍ବିଧାନିକ ଅଧିକାର ସାବ୍ୟସ୍ତ କରିଛନ୍ତି।

ସନ୍ଧ୍ୟା ୬ଟା ସୁଦ୍ଧା ୧୨୬ ବିଧାନସଭା ବିଶିଷ୍ଟ ଆସାମରେ ୮୫.୦୪ ପ୍ରତିଶତ ମତଦାନ ହୋଇଛି। ଏଥର ଭୋଟିଂ ୨୦୨୧ ନିର୍ବାଚନର ରେକର୍ଡ ଭାଙ୍ଗିଛି। ଗତ ନିର୍ବାଚନରେ ୮୨.୦୪ ପ୍ରତିଶତ

## ଚର୍ଚ୍ଚାରେ ତୃତୀୟ ସାମ୍ମୁଖ୍ୟ ଗଠନ

# ତୃତୀୟ ଥର ପାଇଁ 'ବିଜୁ ଲିଗାସୀ' ଲଢ଼େଇ

### ଫଳବତୀ ହୋଇନଥିଲା ପ୍ରଥମ ଦୁଇ ଉଦ୍ୟମ



ଭୁବନେଶ୍ୱର,୯।୪(ସଂଚାର ବ୍ୟୁରୋ)ଃ ବିଜୁ ଲିଗାସୀ ଏବଂ ତୃତୀୟ ସାମ୍ମୁଖ୍ୟ ଗଠନକୁ ନେଇ ଚାଲିଥିବା ଚର୍ଚ୍ଚା ଭିତରେ ଆଜି ପୁଣି ଥରେ ପୂର୍ବତନ ମନ୍ତ୍ରୀ ବିଜୟ ମହାପାତ୍ରଙ୍କ ଘରେ ଏକାଠି ହୋଇଥିଲେ କିଛି ପୁରୁଣା ବିଜୁ ଅନୁଗତ। ଆସନ୍ତା ୧୭ ତାରିଖରେ ବିଜୁ ଶ୍ରାଦ୍ଧ ଦିବସ ପାଳନ ପାଇଁ ହେଉଥିବା ପ୍ରସ୍ତୁତି ନେଇ ହୋଇଥିଲା ଆଲୋଚନା। ତେବେ ଏହି ମେଳିକୁ ନେଇ ଗଣମାଧ୍ୟମ ଓ ରାଜନୈତିକ ସ୍ତରରେ ବହୁ ଆଲୋଚନା ପର୍ଯ୍ୟାଲୋଚନା ଚାଲିଛି।

ତର୍ଜମା ହେବା ମଧ୍ୟ ସ୍ୱାଭାବିକ। ଗତ ୨୪ ବର୍ଷ ଧରି ବିଜୁଙ୍କ ଶ୍ରାଦ୍ଧ ଦିବସ କେବଳ ବିଜେଡି ଏବଂ ସରକାରୀ ସ୍ତରରେ ସୀମିତ ଥିଲା। କାଁ ଭାଁ କିଛି ନେତା ବ୍ୟକ୍ତିଗତ ସ୍ତରରେ ଛୋଟ ଧରଣର କାର୍ଯ୍ୟକ୍ରମ ଆୟୋଜନ କରୁଥିଲେ। କିନ୍ତୁ ଦୀର୍ଘ ବର୍ଷ ବିଜୁଙ୍କ ଶ୍ରାଦ୍ଧ ଦିବସକୁ ବିଜେଡି ଓ ସରକାରୀ ସ୍ତର ଭିନ୍ନ ଏକ ଉତ୍ସବ ଭାବେ ପାଳନ କରାଯିବାର ଉଦ୍ଦେଶ୍ୟ କ'ଣ? ଏହି ପ୍ରଶ୍ନ ଗଣମାଧ୍ୟମକୁ ଯେଭଳି ଆନ୍ଦୋଳିତ କରୁଛି, ଅନ୍ୟମାନଙ୍କୁ ସେଭଳି ଚର୍ଚ୍ଚାର ଖୋରାକ ବି ଯୋଗାଉଛି।

ପୂର୍ବତନ ମନ୍ତ୍ରୀ ତଥା ବିଜେଡି ଗଠନର ଅନ୍ୟତମ ପୁରୋଧା ପଞ୍ଚାନନ କାନୁନଗୋଙ୍କ କହିବା ଅନୁଯାୟୀ, ତୃତୀୟ ସାମ୍ମୁଖ୍ୟ ହେଉ ବା ବିଜୁ ଲିଗାସୀ ଦାବି ଏବେ ପ୍ରଥମ ଥର ପାଇଁ ହେଉନାହିଁ। ୧୯୯୮ ଓ ୨୦୦୪ରେ ମଧ୍ୟ ଏଭଳି ଉଦ୍ୟମ ହୋଇଥିଲା। ଯେତେବେଳେ ବିଜେଡି ଗଠନ ହୋଇଥିଲା, ସେତେବେଳେ ଡାକ୍ତର ଦାମୋଦର ରାଉତ, ସୁରେନ୍ଦ୍ରନାଥ ନାୟକ, ପ୍ରଫୁଲ୍ଲ ଘଡ଼େଇଙ୍କ ଭଳି କିଛି ନେତା ସେ ସମୟରେ ମଧ୍ୟ ନିଜକୁ ବିଜୁ ଲିଗାସୀ ବୋଲି ଦାବି କରି ବିଜେଡି ସହ ସାମିଲ ହୋଇ ନ ଥିଲେ। ଅବଶ୍ୟ ସେମାନଙ୍କୁ ଏକଥା ବୁଝିବାକୁ ବେଶୀ ସମୟ ଲାଗିନଥିଲା ଏବଂ ଶେଷରେ ସେମାନେ ବିଜେଡିରେ ହିଁ ସାମିଲ ହୋଇଥିଲେ। ୨୦୦୪ରେ ପୃଷ୍ଠା-୬

## ମୁହଁ ଖୋଲିଲେ ସଂତୃପ୍ତ ମିଶ୍ର

# ସଂସଦୀୟ ଦଳ ନେତା ରେସ୍‌ରେ ନାହିଁ

- ସଭାପତିଙ୍କ ନିର୍ଦ୍ଦେଶ ନା ଆଉ କାହା ଚାପ?



ଭୁବନେଶ୍ୱର,୯।୪(ସଂଚାର ବ୍ୟୁରୋ)ଃ ବିଜେଡି ସଂସଦୀୟ ଦଳର ନେତା ପଦରୁ ସସ୍ମିତ ପାତ୍ର ଇସ୍ତଫା ଦେବା ପ୍ରସଙ୍ଗରେ ଆଜି ମୁହଁ ଖୋଲିଛନ୍ତି ନବନିର୍ବାଚିତ ରାଜ୍ୟସଭା ସାଂସଦ ସଂତୃପ୍ତ ମିଶ୍ର। ସସ୍ମିତଙ୍କ ପରେ ସେ ପରବର୍ତ୍ତୀ ସଂସଦୀୟ ଦଳ ନେତା ହେବା ଏକପ୍ରକାର ଥୟ ବୋଲି ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା। ହେଲେ ଏଭଳି ଚର୍ଚ୍ଚାରେ କୌଣସି ସତ୍ୟତା ନାହିଁ ବୋଲି ଆଜି ଶ୍ରୀ ମିଶ୍ର ଏକ ଭିଡିଓ ବାର୍ତ୍ତା ଜରିଆରେ ସ୍ପଷ୍ଟ କରିଦେଇଛନ୍ତି।

ସେ କହିଛନ୍ତି ଯେ ସଂସଦୀୟ ଦଳ ନେତା ଭାବେ ଜଣେ ଅଭିଜ୍ଞ ସାଂସଦଙ୍କୁ ଏହି ଦାୟିତ୍ୱ ଦିଆଯାଇଥାଏ। ସସ୍ମିତ ପାତ୍ରଙ୍କୁ ପୂର୍ବରୁ ଏହି ଦାୟିତ୍ୱ ଦିଆଯାଇଥିଲା। ସେ ନିଜ ଇଚ୍ଛାରେ ଏବେ ଏହି ପଦବୀରୁ ଇସ୍ତଫା ଦେଇଛନ୍ତି ଓ ଦଳ ସଭାପତି ମଧ୍ୟ ତାଙ୍କ ଇସ୍ତଫାପତ୍ର ଗ୍ରହଣ କରିଛନ୍ତି। ସଂସଦରେ ବିଜେଡିର ଅନ୍ୟ ସାଂସଦମାନଙ୍କଠାରେ ମଧ୍ୟ ତାଙ୍କଠାରୁ ଅଧିକ ଅନୁଭୂତି ଓ ଅଭିଜ୍ଞତା ରହିଛି। ସେ ସବୁବେଳେ ଦଳ ପାଇଁ କାମ କରିବାକୁ ଆଗ୍ରହୀ। କିନ୍ତୁ ଏଥିପାଇଁ କୌଣସି ପଦ ପାଇବା ପାଇଁ ତାଙ୍କର ଆଦୌ ବ୍ୟଗ୍ରତା ନାହିଁ ବୋଲି ଶ୍ରୀ ମିଶ୍ର ପୃଷ୍ଠା-୬

## ଆକ୍ରମଣ ପରେ ଶାନ୍ତି ପ୍ରସ୍ତାବ

# ଲେବାନନ୍ ସହ ଆଲୋଚନା କରିବ ଇସ୍ରାଏଲ୍

### ସୂଚନା ଦେଲେ ନେତାନ୍ୟାହୁ

### ହର୍ମୁଜ୍ ଦେଇ ଦୈନିକ ୧୫ ଜାହାଜ ଛାଡ଼ିବ ଇରାନ୍



ଜେରୁଜେଲମ୍,୯।୪ଃ ଗତକାଲି ଇସ୍ରାଏଲ୍ ଓ ଇରାନ୍ ଯୁଦ୍ଧରେ ୧୫ ଦିନର ଯୁଦ୍ଧବିରାମ ପାଇଁ ଆମେରିକା ଘୋଷଣା କରିବା ପରେ ଏହାକୁ ଉଲ୍ଲଙ୍ଘନ କରି ଇସ୍ରାଏଲ୍ ଲେବାନନ୍ ଉପରେ ବୋମା ବର୍ଷା କରିଥିଲା। ଇସ୍ରାଏଲ୍‌ର ଏହି ଆକ୍ରମଣରେ ଲେବାନନ୍ ରାଜଧାନୀ ବିରୁଟ୍ ସହ ବେକା ଉପତ୍ୟକା ଓ ଦେଶର ଦକ୍ଷିଣ ଭାଗରେ ବିଶେଷ କ୍ଷତି ଘଟିଥିଲା। ଏପରିକି ଏହି କ୍ରମାଗତ ଆକ୍ରମଣରେ ୨୫୦ରୁ ଊର୍ଦ୍ଧ୍ୱ ଲୋକ ପ୍ରାଣ ହରାଇଥିଲେ। ଏହି ଆକ୍ରମଣ ନେଇ ଇସ୍ରାଏଲ୍ ସ୍ପଷ୍ଟ କରିଥିଲା ଯେ ଯୁଦ୍ଧବିରତି ପ୍ରସଙ୍ଗରେ ଲେବାନନ୍‌ର କୌଣସି ଭୂମିକା ନାହିଁ। ତେବେ ଏହି ଘାତକ ଆକ୍ରମଣର ଦିନକ ପରେ ଅର୍ଥାତ୍ ଆଜି ଇସ୍ରାଏଲ୍ ୟୁ-ଟର୍ଣ୍ଣ ନେଇଛି। ଆଜି ଦେଶର ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ଲେବାନନ୍ ସହ ଶାନ୍ତି ଆଲୋଚନା କରିବା ସକାଶେ ରାଜି ଥିବା କହିଛନ୍ତି। ସେ କହିଛନ୍ତି ଯେ ଲେବାନନ୍ ସହ ଶାନ୍ତି ଆଲୋଚନା ସକାଶେ ତାଙ୍କ କ୍ୟାବିନେଟ୍‌ର ସଦସ୍ୟମାନଙ୍କୁ ନିର୍ଦ୍ଦେଶ ଦେଇସାରିଛନ୍ତି। ଲେବାନନ୍ ପକ୍ଷରୁ ବାରମ୍ବାର ଇସ୍ରାଏଲ୍ ସହ ସିଧାସଳଖ ଆଲୋଚନା ପାଇଁ ନିବେଦନ କରାଯିବା ପରିପ୍ରେକ୍ଷୀରେ ଏପରି ପଦକ୍ଷେପ ନିଆଯାଇଛି ବୋଲି ନେତାନ୍ୟାହୁ କହିଛନ୍ତି। ଏଥିସହ ତାଙ୍କ ନିର୍ଦ୍ଦେଶ ସହ କ୍ୟାବିନେଟ୍ ସଦସ୍ୟମାନେ ଇସ୍ରାଏଲ୍ ଓ ଲେବାନନ୍ ମଧ୍ୟରେ ଶାନ୍ତିପୂର୍ଣ୍ଣ ସମ୍ପର୍କ ସ୍ଥାପନ କରିବା ସହ ହେଜବୋଲାକୁ ନିରସ୍ତ୍ର କରିବା ଦିଗରେ ପଦକ୍ଷେପ ନେବେ ବୋଲି ସେ ସ୍ପଷ୍ଟ କରିଛନ୍ତି। ତେବେ ଆଲୋଚନା ପାଇଁ କୌଣସି ସମୟ କିମ୍ବା ସ୍ଥାନ ଧାର୍ଯ୍ୟ ହୋଇନଥିବା ଲେବାନନ୍ ପକ୍ଷରୁ ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ଏହି ଆଲୋଚନା ପାଇଁ ପରିସର ସୃଷ୍ଟି କରିବା ସକାଶେ ଲେବାନନ୍ ପକ୍ଷରୁ ସାମୟିକ ଯୁଦ୍ଧବିରତି ପାଇଁ ଉଦ୍ୟମ ଚାଲିଛି ବୋଲି ସେ କହିଛନ୍ତି।

ତେବେ ଇରାନ୍ ହର୍ମୁଜ୍ ପ୍ରଣାଳୀ ଉପରେ ଶତପ୍ରତିଶତ କଟକଣା ଜାରି କରିଥିବା ବେଳେ ଏଥିରେ ପୃଷ୍ଠା-୬

# ପୋଖରୀରେ ବୁଡ଼ି ୩ ନାବାଳିକା ମୃତ

ଉମରକୋଟ,୯।୪(ସଂଚାର ବ୍ୟୁରୋ)ଃ ନବରଙ୍ଗପୁର ଜିଲ୍ଲାର ଉମରକୋଟ ଥାନାରେ ଆଜି ଘଟିଛି ଏକ ହୃଦୟ ବିଦାରକ ଘଟଣା। ଏଠାକାର କୁର୍ସୀ ଗ୍ରାମର ଉପରପଡ଼ାରେ ୩ ଜଣ ନାବାଳିକା ପୋଖରୀରେ ବୁଡ଼ି ମୃତ୍ୟୁବରଣ କରିଛନ୍ତି। ସେମାନେ ଦୁଇଟି ପରିବାରର ସଦସ୍ୟା ହୋଇଥିବା ବେଳେ ମୃତକଙ୍କ ମଧ୍ୟରେ ଦୁଇ ଭଉଣୀ ବି ଅଛନ୍ତି। ସ୍କୁଲ୍‌ରୁ ଫେରି ଗାଧୋଇ ଯାଇଥିବା ବେଳେ ତିନିହେଁ ଏପରି ଅଘଟଣର ଶିକାର ହୋଇ ସବୁଦିନ ପାଇଁ ଆଖି ବୁଜିଛନ୍ତି। ଏପରି ଏକ ଘଟଣାରେ ପରିବାର ଲୋକେ ଭାଙ୍ଗିପଡ଼ିଥିବା ବେଳେ ଗ୍ରାମରେ ଏକ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

ମିଳିଥିବା ସୂଚନାନୁସାରେ, ମୃତକ ସନ୍ଧ୍ୟା ଓ ସନ୍ଧିତା ଗୋଟିଏ ପରିବାରର ହୋଇଥିବା ବେଳେ ଭୂମିକା ଅନ୍ୟ ଏକ ପରିବାରର ବୋଲି ଜଣାପଡିଛି। ସେମାନେ ଆଜି ସ୍କୁଲ୍‌ରୁ ଫେରି ଘର ନିକଟରେ ଥିବା ପୃଷ୍ଠା-୬


SIKSHA 'O' ANUSANDHAN
(DEEMED TO BE UNIVERSITY)

SAAT-2026

Empowering students for a brighter future

NURSING PROGRAMMES
- B.Sc. (Nursing) (Basic)
- B.Sc. (Nursing) (Post Basic)
- M.Sc. (Nursing)

APPROVAL & RECOGNITIONS
- Approved by UGC, ONMRC and INC
- Re-accredited by NAAC with A++ Grade
- Granted with Category-1 Graded Autonomy by UGC

NIRF INDIA RANKINGS 2025
- 15th Best in University Category
- 15th Best in Medical Category
- 09th Best in Dental Category

INTERNATIONAL RANKINGS 2026
- Ranked in QS World Rankings 2026
- Ranked in Times World Rankings 2026

To apply for admission through SAAT, Please visit: www.soa.ac.in


## ଏଲିନାଙ୍କ ପରେ ସମ୍ବିତଙ୍କ 'ମୂଷା' ଉପାଖ୍ୟାନ

# ବିଜେଡି ଆଦର୍ଶ ଜାଣିନଥିବା ନେତାଙ୍କୁ ଦିଆଗଲା ଟିକେଟ

### ଟିକେଟ ଅନିୟମତତାର ପ୍ରତିଫଳନ ହେଉଛି କ୍ରସ ଭୋଟିଂ



ଭୁବନେଶ୍ୱର,୯।୪(ସଂଚାର ବ୍ୟୁରୋ)ଃ ରାଜ୍ୟ ବିଜେଡିର ପୂର୍ବତନ ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଓରଫ କ୍ରୀତଦାସଙ୍କ ଗୋଟିଏ ପରେ ଗୋଟିଏ କେଳେଙ୍କାରୀ ପୁଣି ଥରେ ପଦାକୁ ଆସିଛି। କିଛି ଦିନର ନୀରବତା ଭଙ୍ଗ କରି ବିଜେଡି ନେତ୍ରୀ ଏଲିନା ଦାସ କ୍ରୀତଦାସ ଉଆସ ପ୍ରସଙ୍ଗ ଉଠାଇଥିଲେ। ଆଉ ଆଜି ପୂର୍ବତନ ବିଧାୟକ ସମ୍ବିତ ରାଉତରାୟ କହିଛନ୍ତି ମୂଷା ଉପାଖ୍ୟାନ। ଗତ ସାଧାରଣ ନିର୍ବାଚନରେ ବିଜେଡିର ଟିକେଟ ବଣ୍ଟନ ପ୍ରକ୍ରିୟାକୁ ନେଇ ସେ ଆଜି ବିକ୍ଷୋଦଗାର କରିଛନ୍ତି।

ସେ ସିଧାସଳଖ ଭାବେ କ୍ରୀତଦାସଙ୍କ ନାଁ ନେଇ ନ ଥିଲେ ବି ୨୦୨୪ ନିର୍ବାଚନରେ ଟିକେଟ ବଣ୍ଟା କାର୍ଯ୍ୟରେ ସେ ଥିଲେ ମୁଖ୍ୟ କାର୍ପଟଦାର। ତେଣୁ ସ୍ୱାଭାବିକ ଭାବେ ସମ୍ବିତ ତାଙ୍କ ଆଡ଼କୁ ଇଙ୍ଗୀତ କରିଥାଇପାରନ୍ତି ବୋଲି ବୁଝାପଡୁଥିଲା। କଂଗ୍ରେସ ଓ ବିଜେପି ନେତାଙ୍କୁ ରାତିଅଧିଆ ବିଜେଡିକୁ ଆଣି ସେମାନଙ୍କୁ ଟିକେଟ ଦିଆଯାଇଥିଲା। ଏହି ଘଟଣାରେ ସେ ଅରବିନ୍ଦ ମହାପାତ୍ର, ସନାତନ ମହାକୁଡ଼, ଅଧିରାଜ ପାଣିଗ୍ରାହୀ, ବିଶ୍ୱରଞ୍ଜନ ମଲ୍ଲିକ, ଗଣେଶ୍ୱର ବେହେରା, ଯୋଗେଶ ସିଂ, ପ୍ରଦୀପ ସାହୁଙ୍କ ଭଳି ନେତାଙ୍କ ଆଡ଼କୁ ଇଙ୍ଗୀତ କରିଥିଲେ। ଏମାନଙ୍କ ଭିନ୍ନ ରୋହିତ ପୂଜାରୀ, ପ୍ରକାଶ ବେହେରା, ବିକ୍ରମ ପଣ୍ଡାଙ୍କ ଭଳି ବହୁ ଆମଦାନୀ ନେତା ନିଜ ନିଜ ଅଞ୍ଚଳରେ ପ୍ରତ୍ୟାଖ୍ୟାତ ହୋଇଛନ୍ତି। ଗତ ନିର୍ବାଚନର ମନଇଚ୍ଛା ଟିକେଟ ବଣ୍ଟନ, ଆସନ ପରିବର୍ତ୍ତନ, ଷ୍ଟାଣ୍ଡିଂ ବିଧାୟକଙ୍କ ବଦଳରେ ସେମାନଙ୍କ ପତ୍ନୀ କିମ୍ବା ପରିବାରର କାହାକୁ ଟିକେଟ ଦେଇ ଦଳ ପାଇଁ ଗୋହି ଖୋଳାଯାଇଥିଲା। ଯିଏ ସେ ସମୟରେ ଏଭଳି କାର୍ଯ୍ୟ କରିଥିଲେ ସେମାନେ ବିଜେଡିର ମୂଷା ଥିଲେ ବୋଲି ସମ୍ବିତ ଆକ୍ଷେପ କରିଛନ୍ତି। ଦଳରେ ରହି ମୂଷା ଭଳି ପାଦ ତଳୁ ମାଟି ଖୋଳି ଦଳକୁ ଫମ୍ପା କରିଦେଇଥିଲେ ବୋଲି ସମ୍ବିତ କହିଛନ୍ତି।

କଂଗ୍ରେସର ନୀତି ଆଦର୍ଶ ରଖୁଥିବା ନେତାମାନେ ବିଜେଡିକୁ ଆସି ମଧ୍ୟ ବିଜୁ ଆଦର୍ଶକୁ ଆପଣେଇ ପାରିଲେ ପୃଷ୍ଠା-୬

● ଅବକାରୀ ବିଭାଗର ଚଢ଼ାଉ

## ମଦ, ଗଞ୍ଜେଇ ଓ କଫ ସିରଫ ଜବତ



କେନ୍ଦ୍ରାପଡ଼ା,୯।୪(ସଂଚାର ବ୍ୟୁରୋ): ଜିଲ୍ଲାପାଳ ଶ୍ରୀ ରଘୁରାମ ଆୟର ଙ୍କ ନିର୍ଦ୍ଦେଶକ୍ରମେ ଅବକାରୀ ଅଧିକ୍ଷକ ଶ୍ରୀ ବିପ୍ର ଚରଣ ମଲ୍ଲଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କେନ୍ଦ୍ରାପଡ଼ା ଜିଲ୍ଲା ର ମାର୍ଶାଘାଇ, ରାଜକନିକା, କେନ୍ଦ୍ରାପଡ଼ା ଟାଉନ, ପାଟକୁରା ଓ ଜମ୍ବୁ ମେରେନ ଥାନା ଅଧିନସ୍ଥ ବିଭିନ୍ନ ସ୍ଥାନରେ ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ କଞ୍ଚାଟି ବାଲି ଗ୍ରାମର ହାପି ବେହେରା ଙ୍କ ଠାରୁ ୯୦୦ ଗ୍ରାମ ଗଞ୍ଜେଇ ସମେତ ୩୫ ବୋତଲ କଫ ଶିରପ, ଓଲାଇଠ ଗ୍ରାମର ରମେଶ ଚନ୍ଦ୍ର ସାହୁ ଙ୍କ ଠାରୁ ୩୮ ଲିଟର ବିଦେଶୀ ମଦ, ବୃନ୍ଦାବନ ଗ୍ରାମର ରଶ୍ମୀରାଣୀ ବେହେରା ଙ୍କ ଠାରୁ ୧୯ ଲିଟର ଦେଶୀ ମଦ, ଗରଡାଜପୁର ଗ୍ରାମର ଉପେନ୍ଦ୍ର ମଲ୍ଲିକଙ୍କ ଠାରୁ ୩୧ ଲିଟର ବିଦେଶୀ ମଦ, ସାତ୍ତଶାହି ଗ୍ରାମର ସଂପାଦ ସୁବ୍ରମନାୟମ ଙ୍କ ଠାରୁ ୧୫୦୦ ଲିଟର ଗୁଡ ପୋଚ, ମାଣିକପୁର ଗ୍ରାମର ସୀମା ଜେନା ଙ୍କ ଠାରୁ ୧୫ ଲିଟର ବିଦେଶୀ ମଦ, ନୂଆପଡ଼ା ଗ୍ରାମର ଶରତ ବେହେରା ଙ୍କ ଠାରୁ ୨୫ ଲିଟର ଦେଶୀ ମଦ, ପ୍ରଭାକରପୁର ଗ୍ରାମର ନାଥ ଖିଲର ଙ୍କ ଠାରୁ ୨୦ ଲିଟର ଦେଶୀ ରକ୍ଷୀ ମଦ ଏବଂ ରବି ଖିଲର ଙ୍କ ଠାରୁ ୨୨ ଲିଟର ବିଦେଶୀ ମଦ ଜବତ କରାଯାଇ ଏମାନଙ୍କୁ ଗିରଫ କରାଯାଇ ଅଛି । ଏମାନଙ୍କ ପାଖରୁ ସମୁଦାୟ ୯୦୦ ଗ୍ରାମ ସମେତ ୧୬୭୦ ଲିଟର ବିଦେଶୀ, ଦେଶୀ, ଗୁଡ ପୋଚ, ଦେଶୀ ରକ୍ଷୀ ଓ ୩୫ ବୋତଲ କଫ ଶିରପ ଜବତ କରାଯାଇ ୦୯ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଅଛି । ଏହି ଚଢ଼ାଉରେ ଅବକାରୀ ଉପ ନିରୀକ୍ଷକ ଶ୍ରୀ ପ୍ରିୟଦର୍ଶୀ ମାନସ ରଞ୍ଜନ ମିଶ୍ର, ଶ୍ରୀମତୀ କଲ୍ପନା ରାଉତ, ମିସ ଋତୁପ୍ରଭା ସ୍ୱାଇଁ ଓ ଅନ୍ୟ କର୍ମଚାରି ସାମିଲ ଥିଲେ ।

● ଖୁଣ୍ଟରୁ ଦୁର୍ବୃତ୍ତ କାଟିଦେଲେ ତାର

## ଅନ୍ଧାରରେ ବିଦ୍ୟୁତ ଉପଭୋକ୍ତା

ମହାକାଳପଡ଼ା,୯।୪(ସଂଚାର ବ୍ୟୁରୋ): ବିଦ୍ୟୁତ୍ ଖୁଣ୍ଟରୁ କେହି ଦୁର୍ବୃତ୍ତ ଲାଇନ୍ ତାର କାଟି ନେବାରୁ ଦୁଇ ଦିନ ଧରି ଉପଭୋକ୍ତା ଅନ୍ଧକାରରେ ଜୀବନ କାଟୁଛନ୍ତି। ବିଦ୍ୟୁତ ବିଭାଗକୁ ଅବଗତ କରାଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ସମସ୍ୟାର ସମାଧାନ ହୋଇ ପାରିନାହିଁ । ସୂଚନା ଅନୁସାରେ ମହାକାଳପଡ଼ା ବ୍ଲକ ମଙ୍ଗଳପୁର ପଞ୍ଚାୟତ ଅନ୍ତର୍ଗତ ବନ୍ଧପଡା (ଗୁଲଲକର୍ଣ୍ଣୀ) ଗ୍ରାମର ବିଦ୍ୟୁତ ଉପଭୋକ୍ତା ବଟକୃଷ୍ଣ ସେନାପତିଙ୍କ ବିଦ୍ୟୁତ ତାର ଖୁଣ୍ଟରୁ କେହି ଦୁର୍ବୃତ୍ତ ବିଦ୍ୟୁତ ବିଭାଗର ଅଗୋଚରରେ କାଟି ନେଇଥିବାରୁ ବୁଧବାର ଅପରାହ୍ନ ଠାରୁ ଉପଭୋକ୍ତାଙ୍କ ଘରେ ଅନ୍ଧକାରରେ ରହିଛନ୍ତି। ଏନେଇ ବିଦ୍ୟୁତ ବିଭାଗକୁ ଅବଗତ କରାଯାଇଥିଲେ ମଧ୍ୟ ଘଟଣାର ସମାଧାନ କରାଯାଇପାରି ନାହିଁ। ଯାହା ଫଳରେ ଗରମ ଋତୁଗୁଡ଼ିକରେ ଉପଭୋକ୍ତାଙ୍କ ପରିବାର ସଙ୍କୁଚିତ ହେଉଛନ୍ତି। ବିଭାଗୀୟ ଯନ୍ତ୍ରୀ ଘଟଣା ବିଷୟରେ ଅବଗତ ହୋଇ ନୂତନ ତାର ସଂଯୋଗ ପାଇଁ ପରାମର୍ଶ କରାଇବା ସହିତ ତ୍ୱରିତ ସମାଧାନ ପାଇଁ ଟିମ୍ କୁ ପଠାଇଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ।

## ଚର୍ଚ୍ଚିତ ମହେନ୍ଦ୍ର ମଳିକ ହତ୍ୟା ମାମଲାରେ ମିଳିଲା ସିସି ଟିଭି ଫୁଟେଜ

କେନ୍ଦ୍ରାପଡା,୯।୪(ସଂଚାର ବ୍ୟୁରୋ): କେନ୍ଦ୍ରାପଡ଼ାରେ ଚର୍ଚ୍ଚିତ ମହେନ୍ଦ୍ର ମଳିକ ହତ୍ୟା ମାମଲାରେ ମିଳିଲା ଏକ ସିସିଟିଭି ଫୁଟେଜ । ଗଛ ଡେପାରକୁ ନେଇ ହୋଇଥିଲା ଝଗଡ଼ା ଆଉ ଗଛ ହଣା କୁରାଢ଼ିରେ ମହେନ୍ଦ୍ରଙ୍କ ଗୋଡ଼କୁ ହାଣି ଛଡ଼ାଇ ନେଇଥିଲେ ବାଇକ୍ । ବାଇକ୍ ନେଇଥିବା ସମୟର ସିସିଟିଭି ଫୁଟେଜ ଏବେ ଆସିଛି ସାମ୍ନାକୁ । ମହେନ୍ଦ୍ର ମଳିକଙ୍କ ମୃତଦେହ ପୁଲିସ ବ୍ୟବଚ୍ଛେଦ ପାଇଁ ନେଲା ପରେ କିପରି ଅଭିଯୁକ୍ତ ମହେନ୍ଦ୍ରଙ୍କ ଠାରୁ ଛଡ଼ାଇ ନେଇଥିବା ବାଇକ୍କୁ ନିଜ ଘରୁ ବାହାରକରି ଠିକଣା ଜାଗାରେ ଲଗାଇବାକୁ ଯାଉଛି ତାହା ସିସି ଟିଭିରେ କଏଦ ହୋଇଛି। ପରେ କେନ୍ଦ୍ରାପଡ଼ା ସଦର ପୁଲିସର ୧୭ ତାରିଖ ରାତି ୧୧ ଟାରେ ଖବର ପାଇ ଏକ ନିର୍ଜନ ସ୍ଥାନରୁ ମହେନ୍ଦ୍ରଙ୍କ ବାଇକ କୁ ଉଦ୍ଧାର କରିଥିଲା । କିନ୍ତୁ ଏସବୁ ଉପରୁ କେନ୍ଦ୍ରାପଡ଼ା ସଦର ପୁଲିସ କେବଳ ଅପମୃତ୍ୟୁ ମାମଲା ରୁଜୁ କରି ଚୁପ୍ ଚାପ୍ ବସିଥିବା ଏବଂ ଦୀର୍ଘ ୨୦ ଦିନପରେ ଏକ ହତ୍ୟା ମାମଲା ରୁଜୁ କରି ପୁନର୍ବାର ଚୁପ୍ ଚାପ୍ ବସିଯିବା ଏବେ ଆଲୋଚନାର ବିଷୟ ପାଲଟିଛି ।

## ଶ୍ରୀ ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର



ରାଜନଗର,୯।୪(ସଂଚାର ବ୍ୟୁରୋ): ରାଜନଗରସ୍ଥିତ ଶ୍ରୀ ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟ ପରିସରରେ ଓଡ଼ିଆ ପକ୍ଷ ୨୦୨୬ ପାଳନ ଉପଲକ୍ଷେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟ ର ଅଧ୍ୟକ୍ଷ ଶ୍ରୀ ଅମିୟ କୁମାର ଦାସ୍ ଉଦ୍ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ର ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ରଶ୍ମୀରଞ୍ଜନ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ। କଲେଜର ଅଧିବେଶନ କକ୍ଷରେ ୪୨ ଜଣ ଛାତ୍ରଛାତ୍ରୀ ଓ କର୍ମଚାରୀ ମାନେ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ। କଟକ ର ବ୍ଲଡ ବ୍ୟାଙ୍କ ରୁ ଆସିଥିବା ଡାକ୍ତର ଓ କର୍ମଚାରୀ ମାନଙ୍କ ଦ୍ୱାରା ରକ୍ତଦାତାମାନଙ୍କ ଠାରୁ ରକ୍ତ ସଂଗ୍ରହ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଯୁବ ରେଡକ୍ରସ୍ର କାଉନସିଲର ଅଧ୍ୟାପିକା ରାଜଶ୍ରୀ ସାମନ୍ତ ଓ ଜାତୀୟ ସେବା ଯୋଜନା ର +୩ ବିଭାଗର ପ୍ରୋଗ୍ରାମ ଅଫିସର ଡ଼ ଆଲୋକ ବେହେରା ପରିଚାଳନା କରିଥିଲେ। ସେମାନଙ୍କୁ ପ୍ରାଣୀ ବିଭାଗ ମୁଖ୍ୟ ଅନୁସୟା ବେହେରା ଓ କଲେଜର ହେଡ୍ କ୍ଲର୍କ ପ୍ରଦୀପ୍ତ ମିଶ୍ର , ଶରତ କୁମାର ମହାନ୍ତି,କିରଣ ସେଠୀ, ନିରଞ୍ଜନ ମଲିକ, ସନ୍ତୋଷ ବାରିକ, କିଶୋର ନାୟକ ଓ ଅନ୍ୟ କର୍ମଚାରୀ ମାନେ ସହଯୋଗ କରିଥିଲେ।

ଅଙ୍ଗନବାଡ଼ି କର୍ମୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଦାବି

# ଦାବି ପୂରଣ ନହେଲେ ଧାରଣା ଦେବାକୁ ଚେତାବନୀ

କେନ୍ଦ୍ରାପଡ଼ା,୯।୪(ସଂଚାର ବ୍ୟୁରୋ): ବହୁ ବିବାଦୀୟ ଆଳି ବ୍ଲକର ମହୁ ଅଙ୍ଗନୱାଡିକର୍ମୀଙ୍କ ଦ୍ୱାରା ସରକାରୀ ସହାୟତା ଲୁଟ ଘଟଣାରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ବଦଳରେ ସେହି ଦୁର୍ନୀତିକୁ ଚପାଇ ଦୁର୍ନୀତିକାରୀ କର୍ମୀକୁ ଆଳି ଠାରୁ ଆରମ୍ଭ କରି ଜିଲ୍ଲା ପ୍ରଶାସନ ପର୍ଯ୍ୟନ୍ତ ସୁରକ୍ଷା ପ୍ରଦାନ କରୁଥିବା ନେଇ ସାଙ୍ଘାତିକ ଅଭିଯୋଗ ହୋଇଛି । ଆଗାମୀ ସାତ ଦିନ ମଧ୍ୟରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଗଲେ ସାତଦଫା ଦାବି ପୂରଣ ପର୍ଯ୍ୟନ୍ତ ଆଳି ସିଡିପିଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅଭିଯୋଗକାରୀ ଦୁଷ୍ମନ୍ତ ନାରାୟଣ ଆଚାର୍ଯ୍ୟ ଧାରଣା ଦେବେ ବୋଲି ଲିଖିତ ଭାବେ ଆଳି ସିଡିପିଓଙ୍କୁ ଜଣାଇଛନ୍ତି।

ଅଭିଯୋଗ ମୁତାବକ ଆଳି ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀଙ୍କ ଅଧିନରେ ଥିବା ମହୁ ବଜାରଦାଣ୍ଡି ଅଙ୍ଗନବାଡ଼ି କେନ୍ଦ୍ରକୁ ଆସୁଥିବା ସମସ୍ତ ସରକାରୀ ସହାୟତାକୁ ସେହି ଅଙ୍ଗନବାଡ଼ି କେନ୍ଦ୍ରର କର୍ମୀ ହରିଲୁଟ କରିଥିବା ନେଇ ଲଗାତାର ଭାବେ ଗତ ଦୁଇ ବର୍ଷ ହେବ ଗ୍ରାମବାସୀଙ୍କ ସମେତ କେତେକ ବ୍ୟକ୍ତି ବିଶେଷ ଲିଖିତ ଅଭିଯୋଗ କରି ଆସୁଛନ୍ତି । ଅଭିଯୋଗ ଉପରେ କେବଳ ତଦନ୍ତ ହେଉଛି ହେଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ । ସବୁଠାରୁ ଆଶ୍ଚର୍ଯ୍ୟର କଥା ବାରମ୍ବାର ହୋଇଥିବା ତଦନ୍ତରେ ସରକାରୀ ସହାୟତା ଲୁଟ କରିଥିବା ନେଇ ଅଙ୍ଗନବାଡ଼ି କର୍ମୀ ଧରାପଡ଼ିବା ପରେ ମଧ୍ୟ ତାଙ୍କ ଉପରେ କୌଣସି ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯିବା ସ୍ଥାନୀୟ ପ୍ରଶାସନ ଉପରେ ସନ୍ଦେହ ସୃଷ୍ଟି ହେଉଥିବା ବେଳେ ଅଙ୍ଗନବାଡ଼ି କର୍ମୀ ଅଭିଯୋଗ କରିଥିବା ଗ୍ରାମବାସୀଙ୍କୁ ଲୁଟ କରିଥିବା ସରକାରୀ ସହାୟତାରୁ ଭାଗ ସ୍ୱରୂପ ଏକ ଲକ୍ଷ ଟଙ୍କା ଦେଇଥିବା ନେଇ ମଧ୍ୟ ସାଙ୍ଘାତିକ ଅଭିଯୋଗ ହୋଇଛି।

ଏହି ଦୁର୍ନୀତି ଉପରେ ସ୍ଥାନୀୟ ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ନନିଆଯିବାରୁ ଅଭିଯୋଗକାରୀ ଦୁଷ୍ମନ୍ତ ନାରାୟଣ ଆଚାର୍ଯ୍ୟ ଉଚ୍ଚ ନ୍ୟାୟାଳୟଙ୍କ ନିକଟରେ ଦୁର୍ନୀତି କରିଥିବା ଅଙ୍ଗନବାଡ଼ି କର୍ମୀଙ୍କ ଉପରେ ଆଇନଗତ ଦୃଢ଼ କାର୍ଯ୍ୟାନୁଷ୍ଠାନ ସମେତ ଲୁଟ ହୋଇଥିବା ସରକାରୀ ସହାୟତାକୁ ସରକାରୀ ଖାତାକୁ ଫେରାଇ ଆଣିବା ନିମନ୍ତେ ଆବେଦନ କରିଛନ୍ତି । ଅଭିଯୋଗ ଉପରେ କାର୍ଯ୍ୟାନୁଷ୍ଠାନ ନେବାକୁ ସ୍ଥାନୀୟ ପ୍ରଶାସନକୁ ଉଚ୍ଚ ନ୍ୟାୟଳୟଙ୍କ ନିର୍ଦ୍ଦେଶ ରହିଥିବା ବେଳେ ସ୍ଥାନୀୟ ପ୍ରଶାସନ ଏକ ତଦନ୍ତକାରୀ ଦଳ ତଦନ୍ତ ଆଳରେ ଏକ ଫର୍ଜୀ ରିପୋର୍ଟ ପ୍ରସ୍ତୁତ କରି ଉଚ୍ଚ ନ୍ୟାୟାଳୟଙ୍କ ନିକଟରେ ଦାଖଲ କରି ଦୁର୍ନୀତି ଗ୍ରସ୍ତ ଅଙ୍ଗନବାଡି କର୍ମୀଙ୍କୁ ସୁରକ୍ଷା ପ୍ରଦାନ କରିଥିବାରୁ ଏହି ତଦନ୍ତ କରିଥିବା ସମସ୍ତ ତଦନ୍ତକାରୀ ଅଧିକାରୀଙ୍କ ବିରୁଦ୍ଧରେ ଭିଜିଲାନ୍ସ ବିଭାଗରେ ମାମଲା ରୁଜୁ କରିବା ପାଇଁ ଅଭିଯୋଗ କାରୀ ଦୁଷ୍ମନ୍ତ ଦାବି କରିଛନ୍ତି ।

ଯଦି ଆଗାମୀ ସାତ ଦିନ ମଧ୍ୟରେ ସମସ୍ତ ଦାବୀ ପୂରଣ ନହୁଏ ତେବେ ସାତ ଦିନ ପରେ ପ୍ରଶାସନକୁ ଲିଖିତ ଭାବେ ଅବଗତ କରି ସମସ୍ତ ଦାବୀ ପୂରଣ ହେବା ପର୍ଯ୍ୟନ୍ତ ଅଭିଯୋଗକାରୀ ଦୁଷ୍ମନ୍ତ ଆଚାର୍ଯ୍ୟଙ୍କ ସମେତ ଅନେକ ସାମାଜିକ କର୍ମୀ ଓ ବ୍ୟକ୍ତି ବିଶେଷ ଆଳି ସିଡ଼ିପିଓ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବେ ବୋଲି ଚେତାବନୀ ଦେଇଛନ୍ତି ।

## ଓଡ଼ିଆ ପକ୍ଷ ଅବସରରେ 'ଆସ ବହିଟିଏ କିଣିବା' କାର୍ଯ୍ୟକ୍ରମ



କେନ୍ଦ୍ରାପଡ଼ା,୯।୪(ସଂଚାର ବ୍ୟୁରୋ): ଓଡ଼ିଆ ପକ୍ଷର ନବମ ଦିନ ଅବସରରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ପାଠକୀୟ ଅଭ୍ୟାସ ବୃଦ୍ଧି ପାଇଁ ପୁସ୍ତକ ମେଳା ଓ ପୁସ୍ତକ କ୍ରୟ ଅଭିଯାନ "ଆସ ବହିଟିଏ କିଣିବା" ଆୟୋଜିତ ହୋଇଥିଲା। ଜିଲ୍ଲାପାଳ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଅଭିଯାନକୁ ସମର୍ଥନ କରିଥିଲେ ଏବଂ ସମସ୍ତଙ୍କୁ ପଢ଼ିବା ଅଭ୍ୟାସ ଗଢ଼ି ତୋଳିବା ପାଇଁ ଆହ୍ୱାନ କରିଥିଲେ। ସେ କହିଥିଲେ ଯେ ପୁସ୍ତକ ପଢ଼ିବା ମାନବ ଜୀବନରେ ଜ୍ଞାନ ବୃଦ୍ଧି ସହିତ ସଚେତନତା ଓ ମୂଲ୍ୟବୋଧ ଗଢ଼ି ତୋଳିବାରେ ସହାୟକ।

ଏହି ଅବସରରେ ବିଭିନ୍ନ ପ୍ରକାରର ପୁସ୍ତକ ପ୍ରଦର୍ଶନ ଓ ବିକ୍ରୟ କରାଯାଇଥିଲା। ଉପସ୍ଥିତ ଅତିଥିମାନେ ପୁସ୍ତକ କ୍ରୟ କରି ଅଭିଯାନକୁ ସମର୍ଥନ ଜଣାଇଥିଲେ। ଅନ୍ୟାନ୍ୟ ଅତିଥିମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ନବକୃଷ୍ଣ ଜେନା, ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର କୁମାର ମଲ୍ଲୀକ, ଜିଲ୍ଲା ସଂସ୍କୃତି ଅଧିକାରୀ ତ୍ରିଭୁବନ ଜୟସିଂ, ଉପନିର୍ଦ୍ଦେଶକ ହସ୍ତଶିଳ୍ପ ସନ୍ତୋଷ କୁମାର ମହାନ୍ତି, ଡିଡି ପ୍ଲାନିଂ ଆରତୀ ସାହୁ, ଜିଲ୍ଲା କ୍ରୀଡା ଅଧିକାରୀ ଲୋକନାଥ ପାଣିଗ୍ରାହୀ, ଡେପୁଟି କଲେକ୍ଟର ସରୋଜ କୁମାର ବେହେରା, ଜିଲ୍ଲା ସୂଚନା ବିଜ୍ଞାନ ଅଧିକାରୀ ଶୁଭେନ୍ଦୁ ଶେଖର ସାହୁ ଏବଂ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଫକିର ମୋହନ ମାଝୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଅନେକ କର୍ମଚାରୀ, ସାଧାରଣ ଲୋକ, ପାଠକ ଓ ସାମ୍ବାଦିକମାନେ ଯୋଗଦେଇଥିଲେ।

## ସମର୍ପଣ ପରିବାର ପକ୍ଷରୁ କଳାକାରଙ୍କୁ ସମ୍ବର୍ଦ୍ଧନା



ଡେରାବି,୯।୪(ସଂଚାର ବ୍ୟୁରୋ): -ଡେରାବିଶ ବ୍ଲକ ମୁକୁନ୍ଦପୁର ପଞ୍ଚାୟତ ଅନ୍ତର୍ଗତ ପବିତ୍ରପଡ଼ା ଗ୍ରାମରେ ଅନୁଷ୍ଠିତ ହେଉଥିବା ରାମଗାଥା ଅଭିନୟ ମଞ୍ଚରେ ଗତକାଲି କଟକ ଜିଲ୍ଲା ପୋତାପୋଖରି ସ୍ଥିତ 'ସମର୍ପଣ' ଅନୁଷ୍ଠାନ ପକ୍ଷରୁ ରାମଗାଥା ଅଭିନୟର ଦୁଇ ବରିଷ୍ଠ କଳାକାରଙ୍କୁ ସମ୍ବର୍ଦ୍ଧିତ କରିଥିଲେ। 'ସମର୍ପଣ' ପରିବାର ପକ୍ଷରୁ ଲୋକକଳାକୁ ଉଜ୍ଜିବିତ କରି ଆସୁଥିବା ବିଭିନ୍ନ କଳା ଅନୁଷ୍ଠାର ସଦସ୍ୟମାନଙ୍କୁ ସମ୍ବର୍ଦ୍ଧିତ କରିଆସୁଥିବା ବେଳେ ଗତକାଲି ପବିତ୍ରପଡ଼ାର ବଟମହାପୁରୁଷ ରାମନବମୀ ଅନୁଷ୍ଠାନର ବୟୋଜ୍ୟେଷ୍ଠ ତଥା ପ୍ରଥମ ରାମ ଚରିତ୍ରରେ ଅଭିନୟ କରିଥିବା ଓ ଏବେ ବଚନିକା ପାଠ କରୁଥିବା ଓ ରାମଗାଥାର କଳା ନିର୍ଦ୍ଦେଶନା, ସଙ୍ଗୀତ ରଚନା ଓ ସ୍ୱର ସଂଯୋଜନା କରିଥିବା କବି ସ୍ମାରକ ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। 'ସମର୍ପଣ' ପରିବାରର ସହଯୋଗୀ ସଦସ୍ୟ ରବୀନ୍ଦ୍ର କୁମାର ବାରିକ ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବା ବେଳେ ସାମ୍ବାଦିକ ପ୍ରମୋଦ କୁମାର ପ୍ରତାପ ମୁଖ୍ୟଅତିଥିଭାବେ ଯୋଗଦେଇ ସମ୍ବର୍ଦ୍ଧିତ ପ୍ରତିଭାମାନଙ୍କୁ ମାନପତ୍ର, ଉପଢୌକନ ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ।

## ଚୈତ୍ର ମହୋତ୍ସବ ପାଇଁ କୈବର୍ତ୍ତ ମହାସଭାର ପ୍ରସ୍ତୁତି ବୈଠକ



କେନ୍ଦ୍ରାପଡା,୯।୪(ସଂଚାର ବ୍ୟୁରୋ): ନିଖିଳ ଓଡିଶା କୈବର୍ତ ମହାସଭା ର କେନ୍ଦ୍ରାପଡା ଜିଲ୍ଲା ଶାଖା ପକ୍ଷରୁ ଆସନ୍ତା ମଇ ୨ ଓ ୩ ତାରିଖ ଦିନ ରାଜ୍ୟ ସ୍ତରୀୟ ସମ୍ମିଳନୀ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରାପଡା ପୌରାଂଚଳର ସାତ୍ତସାହି ସ୍ଥିତ କୈବର୍ତ ଭବନ ପରିସରରେ ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷ ନଗେନ୍ଦ୍ର ନାଥ ବେହେରାଙ୍କ ସଭାପତିତ୍ୱରେ ବୈଠକ ଓ କର୍ମକର୍ତା ନିର୍ବାଚନ ହୋଇଯାଇଛି । ଏଥିରେ ରାଜ୍ୟ ସଭାପତି ଡ଼ଃ ଦେବେନ୍ଦ୍ର ନାଥ ବେହେରା ଓ ଉପ ସଭାପତି ଇଂ ବିଷ୍ଣୁ ଚରଣ ବେହେରା ପର୍ଯ୍ୟବେକ୍ଷକ ଭାବେ ଯୋଗ ଦେଇଥିଲେ । ହେବାକୁ ଥିବା ଚୈତ୍ର ମହୋତ୍ସବ ରେ ସାଂସଦ, ମନ୍ତ୍ରୀ, ବିଧାୟକଙ୍କ ସମେତ ସମାଜର ବହୁ ରାଜ୍ୟ ସ୍ତରୀୟ ନେତୃବୃନ୍ଦ ଯୋଗ ଦେବାର କାର୍ଯ୍ୟକ୍ରମ ସ୍ଥିର କରାଯାଇଛି ।

ଏହି ଉତ୍ସବକୁ ପାଳନ ପାଇଁ ନୂତନ ଭାବେ କର୍ମକର୍ତା ନିର୍ବାଚନ କରାଯାଇଥିଲା । ଜିଲ୍ଲା ସଭାପତି ରଂଜନ କୁମାର ବେହେରା, ଉପ ସଭାପତି ମହେନ୍ଦ୍ର ବେହେରା, ସଂପାଦକ ନାରାୟଣ ପ୍ରସାଦ ବେହେରାଙ୍କ ସମେତ ସଂଜିବ କୁମାର ବେହେରା, ଅଶୋକ କୁମାର ବେହେରା, ପାର୍ବତୀ ବେହେରା, ସରସ୍ୱତୀ ବେହେରାଙ୍କୁ ଯୁଗ୍ମ ସଂପାଦକ ଭାବେ ମନୋନିତ କରାଯାଇଛି। କୈଳାସ ଚନ୍ଦ୍ର ବେହେରା ହିସାବ ସମୀକ୍ଷକ ଓ ଫକୀର ବେହେରା, ପବିତ୍ର କ୍ସୁର ବେହେରା, ଭାବଗ୍ରାହୀ ବେହେରା, ତୁଷାରିକା ବେହେରା, ରାଜେନ୍ଦ୍ର ବେହେରା ପ୍ରମୁଖ ୨୦ ଜଣ ସଦସ୍ୟଙ୍କୁ ଆଂଚଳିକ ସଂପାଦକ ଭାବେ ନିର୍ବାଚିତ କରାଯାଇଛି । ବୋଲି ଜିଲ୍ଲା ସଂପାଦକ ନାରାୟଣ ପ୍ରସାଦ ବେହେରା ସୂଚନା ଦେଇଛନ୍ତି ।

## ଇନଷ୍ଟିଚ୍ୟୁଟ ଅଫ ଲାଇଫ ସାଇନ୍ସ କର୍ମଚାରୀଙ୍କ ଅକାଳ ବିୟୋଗ



କେନ୍ଦ୍ରାପଡା,୯।୪(ସଂଚାର ବ୍ୟୁରୋ): କେନ୍ଦ୍ରାପଡା ଜିଲ୍ଲା ମାହାକାଳପଡା ଥାନା ଅଧିନ ✓ କିଶୋର ଚନ୍ଦ୍ର ନାୟକଙ୍କ କନିଷ୍ଠ ପୁତ୍ର ତଥା ଭାରତ ସରକାରଙ୍କ ଯୁବ ବିଜ୍ଞାନ ସଂସ୍ଥାନରେ କାର୍ଯ୍ୟରତ ଥିବା କିଂସୁକ ଚନ୍ଦ୍ର ନାୟକଙ୍କ ହୃଦଘାତ ରେ ଅକାଳ ବିୟୋଗ ହୋଇଯାଇଛି। ସଂର୍ଗତ କିଂସୁକ ଜଣେ କୃତୀ ଛାତ୍ର ହୋଇଥିବା ବେଳେ କର୍ମକ୍ଷେତ୍ର ରେ ମଧ୍ୟ ନିଜର ବ୍ୟବହାର ଓ କର୍ତବ୍ୟ ନିଷ୍ଠା ପାଇଁ ସମସ୍ତଙ୍କର ପ୍ରିୟ ପାତ୍ର ହୋଇଥିଲେ । ତାଙ୍କ ବିୟୋଗରେ ସହକର୍ମୀ, ସହପାଠୀ ଓ ସାଙ୍ଗସାଥୀ ମାନେ ତାଙ୍କପ୍ରତି ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଛନ୍ତି । ମୃତ୍ୟୁ ବେଳକୁ ତାଙ୍କୁ ୫୨ ବର୍ଷ ହୋଇଥିଲା । ତାଙ୍କ ମୃତ୍ୟୁରେ ଶୋକର ଛାୟା ଖେଳି ଯାଇଛି ।

## ହନୁମାନ ଜୟନ୍ତୀ ଶୋଭାଯାତ୍ରା ପାଇଁ ସମନ୍ୱୟ ବୈଠକ

କେନ୍ଦ୍ରାପଡ଼ା,୯।୪(ସଂଚାର ବ୍ୟୁରୋ): ଆସନ୍ତା ହନୁମାନ ଜୟନ୍ତୀ ଶୋଭାଯାତ୍ରା ସମ୍ପର୍କରେ ଜିଲ୍ଲାପାଳ ଶ୍ରୀ ରଘୁରାମ ଆର.ଆୟରଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଆରକ୍ଷୀ ଅଧିକାରୀ ଶ୍ରୀ ସିଦ୍ଧାର୍ଥ କାଟାରିଆ, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନବକୃଷ୍ଣ ଜେନା, ଅତିରିକ୍ତ ଆରକ୍ଷୀ ଅଧିକାରୀ ଶ୍ରୀ ସୁଧାକର ସାହୁ, ଉପଜିଲ୍ଲାପାଳ ଶ୍ରୀ ଅରୁଣ କୁମାର ନାୟକ, ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ଶ୍ରୀ ଜ୍ୟୋତିରଞ୍ଜନ ଗୌଡ଼, ଡିଏସପି ଶ୍ରୀ ଲକ୍ଷ୍ମୀ ନାରାୟଣ ତିୱାରୀ, ସଦର ଥାନା ଅଧିକାରୀ ଶ୍ରୀ ଶୁଭେନ୍ଦୁ ସାହୁଙ୍କ ସମେତ ବିଶ୍ୱ ହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।



ଶୋଭାଯାତ୍ରାକୁ ଶାନ୍ତିପୂର୍ଣ୍ଣ, ଶୃଙ୍ଖଳିତ ଏବଂ ସୁସଂଗଠିତ ଭାବେ ପାଳନ କରିବା ପାଇଁ ବିଭିନ୍ନ ଦିଗ ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା। ବୈଠକରେ ରୁଟ୍ ବ୍ୟବସ୍ଥା, ଯାତାୟାତ ନିୟନ୍ତ୍ରଣ, ଭିଡ଼ ନିୟନ୍ତ୍ରଣ ଓ ସାଧାରଣ ଲୋକଙ୍କ ସୁରକ୍ଷା ବିଷୟରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା। ଆଇନ-ଶୃଙ୍ଖଳା ରକ୍ଷା ଓ ସମସ୍ତ ବିଭାଗମାନଙ୍କ ମଧ୍ୟରେ ସୁଦୃଢ଼ ସମନ୍ୱୟ ରଖିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଶୋଭାଯାତ୍ରା ଇଚ୍ଛାପୁର ମାଉସୀମା ମନ୍ଦିରରୁ ବାହାରି ତିନିମୁହାଣୀ ରାମମନ୍ଦିର ପର୍ଯ୍ୟନ୍ତ ଆସିବାକୁ ନିର୍ଦ୍ଧାରିତ ହୋଇଛି। ଆୟୋଜକମାନଙ୍କୁ ପ୍ରଶାସନଙ୍କ ସହଯୋଗ କରି ସମସ୍ତ ନିୟମକୁ ଅନୁସରଣ କରିବାକୁ ପରାମର୍ଶ ଦିଆଯାଇଥିଲା। ଶୋଭାଯାତ୍ରାକୁ ଅପରାହ୍ନ ୨.୦୦ରୁ ସନ୍ଧ୍ୟା ୬.୦୦ ମଧ୍ୟରେ ସମାପ୍ତ କରିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା।

## ପିଏମ୍ ଶ୍ରୀ ହାଇସ୍କୁଲରେ ବାର୍ଷିକ କ୍ରୀଡ଼ା ପୁରସ୍କାର ବିତରଣ ଉତ୍ସବ



କେନ୍ଦ୍ରାପଡା,୯।୪(ସଂଚାର ବ୍ୟୁରୋ): ପିଏମ୍ ଶ୍ରୀ କେନ୍ଦ୍ରାପଡା ହାଇସ୍କୁଲରେ ବାର୍ଷିକ କ୍ରୀଡା ପୁରସ୍କାର ବିତରଣ ଉତ୍ସବ ପ୍ରଧାନ ଶିକ୍ଷକ ମଦନ ମୋହନ କରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି ।

ବରିଷ୍ଠ ଶିକ୍ଷକ ଶିବ ପ୍ରସାଦ ନାୟକଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କେନ୍ଦ୍ରାପଡାର ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସୁଧାକର ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବାବେଳେ ଜିଲ୍ଲା କ୍ରୀଡା ସଂସଦ ସଂପାଦକ ସୟଦ୍ ଅକମଲ୍ ଅଲ୍ଲୀ ମୁଖ୍ୟବକ୍ତା, ସମ୍ମାନୀତ ଅତିଥି ଭାବେ ଅବସରପ୍ରାପ୍ତ ଅଗ୍ନି ଶ୍ରମ ଅଧିକାରୀ ବଳରାମ ମହାନ୍ତି, ସୟଦ୍ ମହମ୍ମଦ ଜାହିର୍, ପୂର୍ବତନ ଆନ୍ତର୍ଜାତୀୟ ଫୁଟବଲ୍ ଖେଳାଳୀ ଆଲୋଚନା ସେନାପତି ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଥିଲେ। ଏହି ଅବସରରେ ଅନୁଷ୍ଠିତ ହୋଇଥିବା ବିଭିନ୍ନ ପ୍ରତିଯୋଗୀତା ତଥା ଗଳ୍ପ, ପ୍ରଶ୍ନ ଉତ୍ତର କାର୍ଯ୍ୟକ୍ରମ, ଚିତ୍ରାଙ୍କନ, ବକ୍ତୃତା, ଚିତାଗତ କୌଶଳ, ବିଜ୍ଞାନ ପ୍ରଦର୍ଶନ, କନିଷ୍ଠ ଓ ବରିଷ୍ଠ ଗ୍ରୁପ୍‌ର ଅନ୍ୟାନ୍ୟ ପ୍ରତିଯୋଗୀତା, ଦକ୍ଷ ସ୍ୱେଚ୍ଛାସେବୀ, ସାଂସ୍କୃତିକ କାର୍ଯ୍ୟକ୍ରମ, ଛାତ୍ର ନେତୃତ୍ୱ, ହାଇଜମ୍ପ, ଲଙ୍ଗଜମ୍ପ, ଦୌଡ, ଜାଭଲିନ୍ , ଫୁଟବଲ୍ ଖେଳ, ସାଇକେଲ୍ ରେସ୍, ମ୍ୟୁଜିକ୍ ଚେୟାର ଆଦିରେ ଅଂଶଗ୍ରହଣ କରି ଉତୀର୍ଣ୍ଣ ହୋଇଥିବା ଶତାଧିକ ଛାତ୍ର/ଛାତ୍ରୀଙ୍କୁ ନଗଦ ଅର୍ଥରାଶି, ଉପଢୌକନ, ମାନପତ୍ର, କପ୍ ସିଲ୍ ଆଦି ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଛି ।

## କେନ୍ଦ୍ରାପଡ଼ା ହାଇସ୍କୁଲର ବାର୍ଷିକ ଉତ୍ସବ



କେନ୍ଦ୍ରାପଡା,୯।୪(ସଂଚାର ବ୍ୟୁରୋ): ରାଜ୍ୟର ଅନ୍ୟତମ ପୁରୁଣା ଉଚ୍ଚ ବିଦ୍ୟାଳୟ ଭାବେ ପରିଚିତ କେନ୍ଦ୍ରାପଡା ସରକାରୀ ଉଚ୍ଚ ବିଦ୍ୟାଳୟରେ ବାର୍ଷିକୋତ୍ସବ୨୦୨୫-୨୬ ମହା ଆଡମ୍ବରରେ ହାଇସ୍କୁଲର ପ୍ରଧାନ ଶିକ୍ଷକ ମଦନ ମୋହନ କରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ କେନ୍ଦ୍ରାପଡା ବିଧାୟକ ଗଣେଶ୍ୱର ବେହେରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବାବେଳେ ପଂଚଶାଖା ଶିକ୍ଷାସେତୁର ସଭାପତି ଡକ୍ଟର ବିଶ୍ୱପ୍ରକାଶ କାନୁନ୍‌ଗୋ ସମ୍ମାନୀତ ଅତିଥି, ବରିଷ୍ଠ ଆଇନ୍‌ଜିବୀ ସରୋଜରାଜ ସିଂ, କ୍ରିଡା ସଂସଦ ସଂପାଦକ ସୟଦ୍ ଅକମଲ୍ ଅଲ୍ଲୀ, ମହମ୍ମଦ ଜାହିଦ୍, ଚୈତନ୍ୟ କୁମାର ସ୍ୱାଇଁ, ହେମନ୍ତ କୁମାର ଜେନା, ବଳରାମ ମହାନ୍ତି, ଚିତରଂଜନ ଭଗତ୍ ପ୍ରମୁଖ ଅତିଥିଭାବେ ଯୋଗ ଦେଇ ସ୍କୁଲରେ ଅଧ୍ୟୟନ କରୁଥିବା ଛାତ୍ରଛାତ୍ରୀଙ୍କର ଉଜ୍ଜଳ ଭବିଷ୍ୟତ କାମନା କରିବା ସହ ବିଭିନ୍ନ ପ୍ରତିଯୋଗୀତା ତଥା ଅଂଶଗ୍ରହଣ କରି ଉତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀ ମାନଙ୍କୁ ଅର୍ଥରାଶି, ମାନପତ୍ର, ପୁଷ୍ପଗୁଚ୍ଛ ଓ ଉତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ ।

## ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ



ପଟ୍ଟାମୁଣ୍ଡାଇ,୯।୪(ସଂଚାର ବ୍ୟୁରୋ):ଅଗ୍ରଣୀ ଶିକ୍ଷାନୁଷ୍ଠାନ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଚଳିତ ଶିକ୍ଷା ବର୍ଷ ନିମନ୍ତେ ଗତ ତା-୦୧-୦୪-୨୬ ରିଖରେ ନୂତନ ଶିଶୁ ପ୍ରବେଶ ଉତ୍ସବ, ବିଦ୍ୟାରମ୍ଭ ସଂସ୍କାର ଯଜ୍ଞ ଓ ଖଡ଼ି ଛୁଆଁ କାର୍ଯ୍ୟକ୍ରମ ସମାପନ ହୋଇ ଯାଇଛି । ଏହି ଯଜ୍ଞରେ ନୂତନ ଶିଶୁ ଭାବେ ପ୍ରାୟ ୧୦୦ ଜଣ ଯୋଗ ଦେଇ ଖଡ଼ି ଛୁଇଁବା ସହ ମା ଭଗବତୀଙ୍କ ଆଶିଷ ଲାଭ କରିଥିଲେ। ବିଦ୍ୟାଳୟର ପରୀକ୍ଷା ପ୍ରମୁଖ ପ୍ରଦୀପ କୁମାର ସାହୁ ଯଜ୍ଞର ପୁରୋଧା ଭାବେ ସଂକଳ୍ପ କରିଥିଲେ । ବିଦ୍ୟାଳୟର ସଭାପତି ପ୍ରମୋଦ କୁମାର ନାୟକ, ସମ୍ପାଦକ ଶ୍ରୀଧର ରାଉତ, ଉପ ସଭାପତି ସୁଜାତା ମିଶ୍ର, ସହ ସମ୍ପାଦକ ଦେବାଶିଷ ପଣ୍ଡା, କୋଷାଧ୍ୟକ୍ଷ ରବି ନାରାୟଣ ଦାଶ, ସଙ୍କୁଳ ପ୍ରମୁଖ ପ୍ରଦୀପ କୁମାର ମଲ୍ଲିକ ପ୍ରମୁଖ ଉପସ୍ଥିତ ରହି ଶିଶୁଙ୍କୁ ଖଡ଼ି ଛୁଆଁଇବା ସହ ପିଲାଙ୍କୁ କଲ୍ୟାଣ ପ୍ରଦାନ କରିଥିଲେ। ପ୍ରାକ୍ତନ ପ୍ରଧାନ ଆଚାର୍ଯ୍ୟ ଶ୍ରୀଯୁକ୍ତ ପ୍ରଭାତ କିଶୋର ନାୟକଙ୍କ ଯୋଜନା ଓ ମାର୍ଗଦର୍ଶନରେ କାର୍ଯ୍ୟକ୍ରମ ସୁଚାରୁ ରୂପେ ସମ୍ପାଦିତ ହୋଇ ଥିଲା।। ଯଜ୍ଞ ଶେଷରେ ଶିଶୁ ଓ ଅଭିଭାବକ ମାନଙ୍କ ପାଇଁ ଭୋଗ ଓ ଅନ୍ନ ପ୍ରସାଦ ସେବନର ବ୍ୟବସ୍ଥା ହୋଇଥିଲା । ଏହି କାର୍ଯ୍ୟକ୍ରମକୁ ସାଂସ୍କୃତିକ ବିଭାଗର ପ୍ରମୁଖ କ୍ଷୀରୋଦ ଗୁରୁଜୀ ଓ ସବିତା ଗୁରୁମା ପରିଚାଳନା କରିଥିଲେ ।

## ପଞ୍ଚାୟତସ୍ତରୀୟ ଜନଶୁଣାଣୀ ଶିବିର

ପଟ୍ଟାମୁଣ୍ଡାଇ ସଦର,୯।୪(ସଂଚାର ବ୍ୟୁରୋ): ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଅଳପୁଆ ପଂଚାୟତ କାର୍ଯ୍ୟାଳୟରେ ପଂଚାୟତ ସ୍ତରୀୟ ଜନଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ପଦ୍ମିନୀ ବେହେରାଙ୍କ ପୌରାହିତ୍ୟରେ ଆୟୋଜିତ ଜନଶୁଣାଣୀ ଶିବିର ପଟ୍ଟାମୁଣ୍ଡାଇ ବିଡ଼ିଓ ଶୀତଲ ଅଗ୍ରୱାଲ ଯୋଗ ଦେଇ ଜନସାଧାରଣଙ୍କ ଆପତ୍ତି ଅଭିଯୋଗ ଶୁଣି ଥିଲେ । ଏହି ଶିବିରରେ ମୁଖ୍ୟତଃ ରାସନ କାର୍ଡ, ଭତ୍ତା ଓ ଆବାସ ଯୋଜନାରେ ଘର ଯୋଗାଇ ଦେବାକୁ ଲୋକମାନେ ଦାବି କରିଥିଲେ। ଆଗତ ହୋଇ ଥିବା ୧୨୩ ଟି ଅଭିଯୋଗ ଉପରେ ତତ୍କାଳ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଡ଼ିଓ ବ୍ଲକ ଓ ପଂଚାୟତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ ।



## ଚଷାଖଣ୍ଡ କ୍ଲଷ୍ଟରରେ ଶିକ୍ଷା ସଚେତନତା ରଥ ପରିକ୍ରମା



ମାହାଙ୍ଗା,୯।୪(ସଂଚାର ବ୍ୟୁରୋ): ବିଦ୍ୟାଳୟ ମାନଙ୍କରେ କିପରି ଅଧିକରୁ ଅଧିକ ଛାତ୍ରଛାତ୍ରୀ ଅଧ୍ୟୟନ କରିବେ ସେଥି ନିମନ୍ତେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ସାରା ରାଜ୍ୟରେ ଥିବା ବିଦ୍ୟାଳୟ ମାନଙ୍କରେ ଏବେ ଶିକ୍ଷା ସଚେତନତା ରଥ ପରିକ୍ରମା କରୁଅଛି। ଯାହାକୁ ନେଇ ଆଜି ଚଷାଖଣ୍ଡ କ୍ଲଷ୍ଟରରେ ଶିକ୍ଷା ସଚେତନତା ରଥ ପରିକ୍ରମା କରୁଥିବା ଦେଖିବାକୁ ମିଳିଛି। ଏହି ଅବସରରେ ଚଷାଖଣ୍ଡ ସରକାରୀ ପ୍ରାଥମିକ ବିଦ୍ୟାଳୟ, ମଧୁସୂଦନ ଜଗନ୍ନାଥ ସରକାରୀ ଉଚ୍ଚ ବିଦ୍ୟାଳୟ, ମଉଦା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ପିଏମଶ୍ରୀ ଚୌଧୁରୀ ରାଧାନାଥ ସରକାରୀ ଉଚ୍ଚ ବିଦ୍ୟାଳୟ, ସରକାରୀ ପ୍ରାଥମିକ ବିଦ୍ୟାଳୟ ଲାପଟୁଆଁ, ବରାହୀପୁର ଉନ୍ନୀତ (ମଇ) ସରକାରୀ ପ୍ରାଥମିକ ବିଦ୍ୟାଳୟ ସମେତ ୬ଟି ବିଦ୍ୟାଳୟରେ ଶିକ୍ଷା ସଚେତନତା ରଥ ପରିକ୍ରମା କରିଥିଲା। ଉକ୍ତ କାର୍ଯ୍ୟକ୍ରମରେ ସିଆରସିସି ସନ୍ତୋଷ ଦାସଙ୍କ ସହ ୬ଟି ବିଦ୍ୟାଳୟର ପ୍ରଧାନଶିକ୍ଷକ, ପ୍ରଧାନଶିକ୍ଷୟିତ୍ରୀ, ସହକାରୀ ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ମାନେ ଉପସ୍ଥିତ ଥିବା ଦେଖିବାକୁ ମିଳିଥିଲା।

# କେନ୍ଦ୍ରମନ୍ତ୍ରୀଙ୍କ ଦ୍ୱାରା ଅଷ୍ଟମ ପୋଷଣ ପକ୍ଷ ଉଦ୍‌ଘାଟିତ

## ୨୩ ପର୍ଯ୍ୟନ୍ତ ପାଳିତ ହେବ 'ପୋଷଣ ପକ୍ଷ'



ଭୁବନେଶ୍ୱର, ୯।୪ (ସଂଚାର ବ୍ୟୁରୋ): ନୂଆଦିଲ୍ଲୀସ୍ଥିତ ବିଜ୍ଞାନ ଭବନଠାରେ କେନ୍ଦ୍ର ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଅନ୍ନପୂର୍ଣ୍ଣା ଦେବୀଙ୍କ ଦ୍ୱାରା ଆଜି ଅଷ୍ଟମ ପୋଷଣ ପକ୍ଷ-୨୦୨୬ର ଶୁଭାରମ୍ଭ ହୋଇଛି। କାର୍ଯ୍ୟକ୍ରମରେ ଓଡ଼ିଶା ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗ କମିଶନର ତଥା ଶାସନ ସଚିବ ଡ. ମୃଣାଳିନୀ ଦର୍ଶୱାଲ ଉପସ୍ଥିତ ରହି 'ସୁପୋଷିତ ଓଡ଼ିଶା' ଗଠନ ଦିଗରେ ରାଜ୍ୟର ସଫଳ ପଦକ୍ଷେପଗୁଡ଼ିକ ସମ୍ପର୍କରେ ଆଲୋକପାତ କରିଥିଲେ।

ଚଳିତ ବର୍ଷ ଆଜିଠାରୁ ଆସନ୍ତା ୨୩ ତାରିଖ ପର୍ଯ୍ୟନ୍ତ ପାଳିତ ହେବାକୁ ଥିବା ଏହି ପୋଷଣ ପକ୍ଷରେ ଶିଶୁ ଜୀବନର ପ୍ରଥମ ୬ ବର୍ଷରେ ମସ୍ତିଷ୍କ ବିକାଶକୁ ସର୍ବାଧିକ ଗୁରୁତ୍ୱ ଦିଆଯାଇଛି। ଏହି ଅଭିଯାନ ମୁଖ୍ୟତଃ ୫ଟି ପ୍ରମୁଖ ଦିଗ ଉପରେ ପର୍ଯ୍ୟବସିତ ଯଥା ମା' ଓ ଶିଶୁ ପାଇଁ ଉତ୍ତମ ପୋଷଣ, ଶୂନରୁ ୩ ବର୍ଷର ଶିଶୁଙ୍କ ପାଇଁ ପ୍ରାରମ୍ଭିକ ଉଦ୍ଦୀପନା, ୩ରୁ ୬ ବର୍ଷର ଶିଶୁଙ୍କ ପାଇଁ ଖେଳ ଆଧାରିତ ଶିକ୍ଷା, ମୋବାଇଲ ଓ ଲ୍ୟାପଟପ୍ ଭଳି ସ୍କ୍ରିନ୍ ସମୟ କମାଇବାରେ ଅଭିଭାବକଙ୍କ ଭୂମିକା ଓ ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକର ସଶକ୍ତିକରଣ।

ଏହି ପରିପ୍ରେକ୍ଷୀରେ ସ୍ଥାନୀୟ ମହିଳା ଓ ଶିଶୁ ବିକାଶ ବିଭାଗର ସମ୍ମିଳନୀ କକ୍ଷରେ ଏକ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି, ଯେଉଁଠାରେ ବିଭିନ୍ନ ସହଯୋଗୀ ବିଭାଗର ଅଧିକାରୀମାନେ ସାମିଲ ହେବା ସହ ସମଗ୍ର ଓଡ଼ିଶାର ଅଙ୍ଗନବାଡ଼ି କର୍ମୀ, ରାଜ୍ୟ ଓ ଜିଲ୍ଲାସ୍ତରୀୟ ପଦାଧିକାରୀ ଆଭାସୀ ମାଧ୍ୟମରେ ଯୋଗ ଦେଇଥିଲେ। ଭାରତ ସରକାରଙ୍କ ମାର୍ଗଦର୍ଶିକା ଅନୁଯାୟୀ, ଆଗାମୀ ୧୫ ଦିନ ଧରି ତୃଣମୂଳ ସ୍ତରରେ ବ୍ୟାପକ ସଚେତନତା ସୃଷ୍ଟି କରି ଶିଶୁର ସର୍ବାଙ୍ଗୀନ ବିକାଶକୁ ଏକ ଜନଆନ୍ଦୋଳନରେ ପରିଣତ କରିବା ପାଇଁ ରାଜ୍ୟ ସରକାର ସଂକଳ୍ପବଦ୍ଧ ଅଛନ୍ତି।

## ମାଓବାଦୀ ପ୍ରଭାବିତ ଜିଲ୍ଲା ପାଇଁ 'ଗ୍ରାମୋଦୟ' ଯୋଜନା

# ସାଧାରଣ ଲୋକ ଓ ପ୍ରଶାସନ ମଧ୍ୟରେ କମିବ ଦୂରତା

- ୧୦ ଜିଲ୍ଲାପାଳଙ୍କୁ ଚିଠି ଲେଖିଲେ ରାଜସ୍ୱ ସଚିବ
- ସମୟ ସୀମା ମଧ୍ୟରେ ସେବା ଯୋଗାଇବାକୁ ଗୁରୁତ୍ୱ



ଭୁବନେଶ୍ୱର,୯।୪(ସଂଚାର ବ୍ୟୁରୋ): ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ବାମପନ୍ଥୀ ଉଗ୍ରବାଦ ପ୍ରଭାବିତ ୧୦ଟି ଜିଲ୍ଲାରେ 'ଗ୍ରାମୋଦୟ' କାର୍ଯ୍ୟକ୍ରମକୁ ତ୍ୱରିତ କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏନେଇ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ ପାଢ଼ୀ ବରଗଡ଼, ବୌଦ୍ଧ, ବଲାଙ୍ଗିର, କଳାହାଣ୍ଡି, କନ୍ଧମାଳ, କୋରାପୁଟ, ମାଲକାନଗିରି, ନବରଙ୍ଗପୁର, ନୂଆପଡ଼ା ଓ ରାୟଗଡ଼ା ଜିଲ୍ଲାପାଳଙ୍କୁ ଚିଠି ଲେଖିଛନ୍ତି।

ସୂଚନାଯୋଗ୍ୟ ଯେ ଗତ ୧୯ ତାରିଖରେ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ରାଜ୍ୟସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକର ଆଲୋଚନା ଅନୁଯାୟୀ, 'ଗ୍ରାମୋଦୟ' ଯୋଜନାର ଲକ୍ଷ୍ୟ ହେଉଛି ମାଓବାଦୀ ପ୍ରଭାବିତ ଗ୍ରାମଗୁଡ଼ିକରେ ସରକାରୀ ଯୋଜନା ଓ ମୌଳିକ ସୁବିଧାସୁଯୋଗ ସୁଚାରୁ ରୂପେ ପହଞ୍ଚାଇବା ସହ ଜନସାଧାରଣ ଓ ପ୍ରଶାସନ ମଧ୍ୟରେ ଦୂରତା ହ୍ରାସ କରି ବିଶ୍ୱାସ ବୃଦ୍ଧି କରିବା। ଏଥିପାଇଁ ସମ୍ପୃକ୍ତ ଜିଲ୍ଲାମାନଙ୍କୁ ସମୟସୀମା ମଧ୍ୟରେ ଧାର୍ଯ୍ୟ ଲକ୍ଷ୍ୟ ପୂରଣ ପାଇଁ ତ୍ୱରିତ ପଦକ୍ଷେପ ନେବାକୁ କୁହାଯାଇଛି। ଏହି ପଦକ୍ଷେପଗୁଡ଼ିକ ମଧ୍ୟରେ ୩୯ଟି ବ୍ଲକ୍‌ର ୪୮୪ଟି ଗ୍ରାମରେ ରହୁଥିବା ବାସହୀନ ପରିବାରଙ୍କୁ ଆସନ୍ତା ମେ' ୧୫ ତାରିଖ ମଧ୍ୟରେ ସର୍ବେକ୍ଷଣ ମାଧ୍ୟମରେ ଚିହ୍ନଟ କରି 'ବସୁନ୍ଧରା ଯୋଜନା' ଅନ୍ତର୍ଗତ ଭୂମି ପ୍ରଦାନ ଓ ଜମିପଟ୍ଟା ଜାରି କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ଏହିସବୁ ଅଞ୍ଚଳରେ ଇ-ଡିଷ୍ଟ୍ରିକ୍ଟ ପୋର୍ଟାଲ୍ ମାଧ୍ୟମରେ ଆବେଦନ କରିଥିବା ଯୋଗ୍ୟ ହିତାଧିକାରୀଙ୍କୁ ବାସସ୍ଥାନ ପ୍ରମାଣପତ୍ର, ଆୟ ପ୍ରମାଣପତ୍ର, ଉତ୍ତରାଧିକାରୀ ପ୍ରମାଣପତ୍ର, ଜାତିଗତ ପ୍ରମାଣପତ୍ର ଆଦିକୁ ସମୟ ସୀମା ଭିତରେ ପ୍ରାଥମିକତା ଆଧାରରେ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

'ଗ୍ରାମୋଦୟ' ଯୋଜନାର ଅଗ୍ରଗତି ସମ୍ପର୍କିତ ସମସ୍ତ ଡାଟା ସଂରକ୍ଷଣ ଓ ଜିଲ୍ଲାପାଳମାନଙ୍କ ଦ୍ୱାରା ସମୟୋପଯୋଗୀ ସମୀକ୍ଷା ମାଧ୍ୟମରେ ନିୟମିତ ନିରୀକ୍ଷଣ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ମାଓବାଦୀ ପ୍ରଭାବିତ ଅଞ୍ଚଳରେ ରାଜସ୍ୱ ବିଭାଗର ଖାଲି ପଦବୀଗୁଡ଼ିକୁ ପ୍ରାଥମିକତା ଭିତ୍ତିରେ ପୂରଣ କରିବାକୁ କୁହାଯାଇଛି। ଜିଲ୍ଲାମାନଙ୍କୁ ବିଭିନ୍ନ ସଫଳତା କାହାଣୀ, ଫଟୋ ଓ ଭିଡିଓ ସଂଗ୍ରହ କରି ବିଭାଗର ୱେବସାଇଟ୍‌ରେ ପ୍ରକାଶିତ ହେବା ସହ ପ୍ରଚାର ପ୍ରସାର ନିମନ୍ତେ ପ୍ରେରଣ କରିବାକୁ କୁହାଯାଇଛି। ସେହିପରି ଏହି ଗୁରୁତ୍ୱପୂର୍ଣ୍ଣ ଯୋଜନାକୁ ଅଧିକ ଫଳପ୍ରଦ କରିବା ନିମନ୍ତେ ଜିଲ୍ଲାପାଳମାନଙ୍କଠାରୁ ଉପାଦେୟ ପ୍ରସ୍ତାବ ମଧ୍ୟ ଆହ୍ୱାନ କରାଯାଇଛି।

# ମିଶନ ଶକ୍ତି ମହିଳାଙ୍କ ପାଇଁ ଆତ୍ମରକ୍ଷା ପ୍ରଶିକ୍ଷଣ ଉଦ୍‌ଘାଟିତ



ଭୁବନେଶ୍ୱର,୯।୪(ସଂଚାର ବ୍ୟୁରୋ): ରାଜ୍ୟର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ (ଏସଏଚଜି)ର ସଦସ୍ୟାମାନଙ୍କୁ ସୁରକ୍ଷିତ ଓ ସଶକ୍ତ କରିବା ଲକ୍ଷ୍ୟ ନେଇ ଆଜି ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ, ମିଶନ ଶକ୍ତି ଏବଂ ପର୍ଯ୍ୟଟନ ମନ୍ତ୍ରୀ ପ୍ରଭାତୀ ପରିଡ଼ା ସ୍ଥାନୀୟ ମିଶନ ଶକ୍ତି ଭବନଠାରେ ପ୍ରଥମ ଥର ପାଇଁ ଏକ ସ୍ୱତନ୍ତ୍ର ଆତ୍ମରକ୍ଷା ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ଜାତୀୟ ମହିଳା କମିଶନର (ଏନସିଡବ୍ଲ୍ୟୁ) ଅଧ୍ୟକ୍ଷା ବିଜୟା କିଶୋର ରାହତକର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ।

**ଅଂଶଗ୍ରହଣ କରୁଛନ୍ତି ୫ ହଜାର ଏସ୍‌ଏଚ୍‌ଜି ସଦସ୍ୟା**

ଏହି ସମାବେଶକୁ ସମ୍ବୋଧିତ କରି ଶ୍ରୀମତୀ ପରିଡ଼ା କହିଥିଲେ ଯେ ମହିଳା ସଶକ୍ତିକରଣ କେବଳ ଆର୍ଥିକ ସ୍ୱାଧୀନତା ମଧ୍ୟରେ ସୀମିତ ନୁହେଁ, ବରଂ ସେମାନଙ୍କର ସମ୍ମାନ ଓ ସୁରକ୍ଷା ସୁନିଶ୍ଚିତ କରିବା ମଧ୍ୟ ଏକ ପ୍ରମୁଖ ଲକ୍ଷ୍ୟ। ଏହି ପ୍ରଶିକ୍ଷଣ ଦ୍ୱାରା ମହିଳାମାନେ ଆତ୍ମବିଶ୍ୱାସର ସହ ସମାଜରେ ବିଚରଣ କରିପାରିବେ ଓ ନିର୍ଭୟରେ ବିଭିନ୍ନ ଆର୍ଥିକ କାର୍ଯ୍ୟକଳାପରେ ସାମିଲ ହୋଇପାରିବେ। ଏଥିସହ ଏନସିଡବ୍ଲ୍ୟୁ ଅଧ୍ୟକ୍ଷା ଶ୍ରୀମତୀ ରାହତକର କହିଥିଲେ ଯେ ମହିଳାମାନେ ଆତ୍ମନିର୍ଭରଶୀଳ ହେବା ସହ ନିଜ ସୁରକ୍ଷା ପାଇଁ ସଜାଗ ରହିଲେ ହିଁ ଦେଶର ଅର୍ଥନୀତିରେ ସେମାନଙ୍କର ଅବଦାନ ଅଧିକ ସୁଦୃଢ଼ ହେବ।

ଜାତୀୟ ମହିଳା କମିଶନ ଓ ମିଶନ ଶକ୍ତି ବିଭାଗ ପକ୍ଷରୁ ମିଳିତ ଭାବେ ଆରମ୍ଭ ହୋଇଥିବା ଏହି ଅଭିଯାନର ପ୍ରଥମ ପର୍ଯ୍ୟାୟରେ ରାଜ୍ୟର ୫ଟି ଜିଲ୍ଲା ଖୋର୍ଦ୍ଧା, କଟକ, ପୁରୀ, କେନ୍ଦୁଝର ଓ ଗଞ୍ଜାମର ୫ ହଜାର ଏସଏଚଜି ସଦସ୍ୟାଙ୍କୁ ପ୍ରଶିକ୍ଷଣ ଦିଆଯିବ। କାର୍ଯ୍ୟକ୍ରମରେ ରାଜ୍ୟ ମହିଳା କମିଶନର ଅଧ୍ୟକ୍ଷା ଶୋଭନା ମହାନ୍ତି, ମିଶନ ଶକ୍ତି ବିଭାଗର କମିଶନର ତଥା ଶାସନ ସଚିବ ମାନସୀ ନିମ୍ଭାଲ ଓ ଅତିରିକ୍ତ ଶାସନ ସଚିବ ଶୈଳେନ୍ଦ୍ର କୁମାର ଜେନାଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ରହି ମହିଳାଙ୍କ ନେତୃତ୍ୱରେ ବିକାଶର ନୂଆ ପର୍ଯ୍ୟାୟ ଉପରେ ଗୁରୁତ୍ୱାରୋପ କରିଥିଲେ।

# ଓଡ଼ିଶା ଉଠା ଜଳସେଚନ ନିଗମ ପ୍ରମୁଖ ଶାସନ ସଚିବଙ୍କ ସମୀକ୍ଷା ବୈଠକ



ଭୁବନେଶ୍ୱର, ୯।୪ (ସଂଚାର ବ୍ୟୁରୋ) :ଜଳସମ୍ପଦ ବିଭାଗର ପ୍ରମୁଖ ଶାସନ ସଚିବ ଶୁଭା ଶର୍ମାଙ୍କ ଅଧ୍ୟକ୍ଷତାରେ ଓଡ଼ିଶା ଉଠା ଜଳସେଚନ ନିଗମର କାର୍ଯ୍ୟକଳାପକୁ ନେଇ ଜଳସମ୍ପଦ ବିଭାଗର ସମ୍ମିଳନୀ କକ୍ଷରେ ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ରାଜ୍ୟର ଜଳସେଚନ ବ୍ୟବସ୍ଥାର ଅଗ୍ରଗତି ଓ ଆଗାମୀ ଯୋଜନା ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଛି। ଏଥିରେ ନିଗମର ପରିଚାଳନା ନିର୍ଦ୍ଦେଶକ ବିଚିତ୍ର କୁମାର ସାମଲ, ଅତିରିକ୍ତ ଶାସନ ସଚିବ ଲିନା କୁମାରୀ ସେସ୍ ଓ ସମସ୍ତ ଜିଲ୍ଲାର ଉଠାଜଳସେଚନ ଅଧିକାରୀ ଉପସ୍ଥିତ ରହି କ୍ଷେତ୍ରସ୍ତରୀୟ ତଥ୍ୟ ପ୍ରଦାନ କରିଥିଲେ।

ବୈଠକରେ ଉଭୟ ରବି ଓ ଖରିଫ ଋତୁରେ ଚାଷଜମିକୁ ପର୍ଯ୍ୟାପ୍ତ ଜଳସେଚନ ପାଇଁ ଉଠା ଜଳସେଚନ ପ୍ରକଳ୍ପଗୁଡ଼ିକୁ କାର୍ଯ୍ୟକ୍ଷମ ରଖିବା ଉପରେ ଆଲୋଚନା ହୋଇଥିଲା। ଏଥିନିମନ୍ତେ ଅଚଳ ଥିବା ଗୋଷ୍ଠୀଭିତ୍ତିକ ଉଠା ଜଳସେଚନ ପ୍ରକଳ୍ପ, ପାରମ୍ପରିକ ଓ ସୌରଶକ୍ତିଚାଳିତ ଗଭୀର ନଳକୂପ ଓ ଅଗଭୀର ନଳକୂପଗୁଡ଼ିକର ପୁନରୁଦ୍ଧାର ନିମନ୍ତେ ରୂପରେଖ ପ୍ରସ୍ତୁତ କରାଯାଇଥିଲା। ୨୦୨୬-୨୭ ଆର୍ଥିକ ବର୍ଷର ବଜେଟ୍ ଅନୁଦାନର ସଠିକ ବିନିଯୋଗ ତଥା ପ୍ରକଳ୍ପଗୁଡ଼ିକ ନିର୍ଦ୍ଧାରିତ ସମୟରେ ସମ୍ପୂର୍ଣ୍ଣ କରିବା ପାଇଁ ମାସିକ ଭିତ୍ତିକ ବ୍ୟୟ ଯୋଜନା ପ୍ରସ୍ତୁତି ଉପରେ ଗୁରୁତ୍ୱ ଦିଆଯାଇଛି। ପ୍ରକଳ୍ପଗୁଡ଼ିକର ସଠିକ୍ ପରିଚାଳନା ଓ ପ୍ରକୃତ ସମୟରେ ଅଗ୍ରଗତି ଅନୁଧ୍ୟାନ କରିବା ପାଇଁ ଏକ ସୁଦୃଢ଼ ଅନଲାଇନ୍ ଡାଟାବେସ୍ ପ୍ରସ୍ତୁତ କରାଯିବାକୁ ନିଷ୍ପତ୍ତି ହୋଇଛି।

# ପ୍ରକାଶ ପାଇଲା ଓଏସ୍ଏସ୍‌ଟିଇଟି ଫଳ

## ମୋଟ ୭୨.୩୮% ପିଲା ଉତ୍ତୀର୍ଣ୍ଣ

କଟକ, ୯।୪ (ସଂଚାର ବ୍ୟୁରୋ) : ପ୍ରକାଶ ପାଇଲା ଓଏସ୍ଏସ୍‌ଟିଇଟି ଫଳ। ମୋଟ୍ ପାସ୍ ହାର ୭୨.୩୮ ପ୍ରତିଶତ ରହିଛି । ଚଳିତ ବର୍ଷ ୫୬ ହଜାର ୪୫୬ ଆଶାୟୀ ଶିକ୍ଷକ ଶିକ୍ଷୟିତ୍ରୀ ପେପର-୧ ଓ ୨ ପରୀକ୍ଷା ଦେଇଥିଲେ। ମାଧ୍ୟମିକ ଶିକ୍ଷା ପରିଷଦର ୱେବସାଇଟ୍ ପ୍ରକାଶ ପାଇଲା ରେଜଲ୍ଟ। ପରୀକ୍ଷାର୍ଥୀ http: //bseodisha.ac.in ଓhttp: //bseodisha.nic.in ରେ ପରୀକ୍ଷା ଫଳ ଦେଖିପାରିବେ। ଅପରାହ୍ନ ୪ଟାରୁ ୱେବସାଇଟ୍‌ରେ ଉପଲବ୍ଧ ହେବ ରେଜଲ୍ଟ । ଅପରାହ୍ନ ୫ଟା ପରଠୁ ୱେବସାଇଟ୍‌ରୁ ସାର୍ଟିଫିକେଟ୍ ଡାଉନଲୋଡ୍ କରିହେବ। ଯେଉଁମାନେ ଉତ୍ତୀର୍ଣ୍ଣ ହୋଇ ନାହାନ୍ତି ଓଏମ୍ଆର୍ ସିଟ୍ ଡାଉନଲୋଡ୍ କରିପାରିବେ। ଗତ ଜାନୁଆରୀ ୨୬ରେ ଓଏସ୍ଏସ୍‌ଟିଇଟି ଅନୁଷ୍ଠିତ ହୋଇଥିଲା ।

# ନବମ ଦିନରେ ସଚେତନତା ପଦଯାତ୍ରା

## ସ୍ଥାନୀୟ ଲୋକଙ୍କୁ ମନ୍ଦିରରେ ପ୍ରବେଶ ସୁଯୋଗ ଦେବାକୁ ଦାବି



ପୁରୀ,୯।୪(ସଂଚାର ବ୍ୟୁରୋ): ପୁରୀ ସହର ଓ ସଦରବାସୀଙ୍କ ସକାଶେ ପୂର୍ବପରି ଶ୍ରୀମନ୍ଦିର ପ୍ରବେଶ ଓ ଦର୍ଶନ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ଦାବି ନେଇ ଚାଲିଥିବା ସଚେତନତା ପଦଯାତ୍ରା ଆଜି ନବମ ଦିନରେ ପହଞ୍ଚିଛି। ବଳଗଣ୍ଡିସ୍ଥିତ ଭକ୍ତ ସାଲବେଗ ପୀଠରୁ ଆରମ୍ଭ ହୋଇଥିବା ଏହି ପଦଯାତ୍ରା ଶ୍ରୀମନ୍ଦିର ନିକଟରେ ଶେଷ ହୋଇଥିଲା। ଯାତ୍ରା ସମୟରେ ଭକ୍ତି, ସମ୍ବେଦନା ଓ ଲୋକାଧିକାରର ଦାବି ପ୍ରକାଶ ପାଇଥିଲା। ଏହି ସଚେତନତା ପଦଯାତ୍ରାରେ ପୂର୍ବତନ ବିଧାୟକ ଉମାବଲ୍ଲଭ ରଥ, ଇଡିଭୁଆ ପଞ୍ଚାୟତର ପୂର୍ବତନ ସରପଞ୍ଚ ଦାମୋଦର ନାୟକ, ସଞ୍ଜୟ କୁମାର ପ୍ରଧାନ, ବିଦ୍ୟୁତଲତା ଆଚାର୍ଯ୍ୟ, ହରିଶଙ୍କର ମିଶ୍ର, ସୁକାନ୍ତ ପଣ୍ଡା, ବିଶ୍ୱନାଥ ମିଶ୍ର, ଚକ୍ରଧର ମହାପାତ୍ର, କିଶୋର ଚନ୍ଦ୍ର ଦାସ, ସୂର୍ଯ୍ୟ ନାରାୟଣ ରଥ, ବନିତା ଦୀକ୍ଷିତ, କାଳନ୍ଦୀ ଚରଣ ବେହେରା ପ୍ରମୁଖ ଯୋଗଦେଇଥିଲେ। ପଦଯାତ୍ରାର ସଂଯୋଜନା ଆବାହକ ସ୍ୱାଧୀନ ପଣ୍ଡା କରିଥିଲେ। ସହର ଓ ସଦରବାସୀଙ୍କ ପୂର୍ବପରି ଦର୍ଶନ ଅଧିକାର ସୁନିଶ୍ଚିତ ହେବା ପର୍ଯ୍ୟନ୍ତ ଏହି ସଚେତନତା ଅଭିଯାନ ଜାରି ରହିବ ବୋଲି ଶ୍ରୀ ପଣ୍ଡା କହିଛନ୍ତି।

# ଆଜାଦ ହିନ୍ଦ ବାହିନୀର ରାଜ୍ୟସ୍ତରୀୟ କର୍ମଶାଳା ଉଦ୍‌ଘାଟିତ




ଭୁବନେଶ୍ୱର,୯।୪(ସଂଚାର ବ୍ୟୁରୋ): ଆଜାଦ ହିନ୍ଦ ବାହିନୀ ପକ୍ଷରୁ ଆଜି ଚାରିଦିନିଆ ରାଜ୍ୟସ୍ତରୀୟ କର୍ମଶାଳା ନେତାଜୀ ଭବନ ପରିସରରେ ଉଦ୍‌ଘାଟିତ ହୋଇଛି। ଆଜାଦ ହିନ୍ଦ ବାହିନୀର ଜାତୀୟ ସଂଯୋଜକ ଜ୍ୟୋତି ରଞ୍ଜନ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କର୍ମଶାଳାକୁ ଶ୍ରମଜୀବୀ ମଣିଷର ପ୍ରତିନିଧି ବିଜୟ ସାହୁ ନେତାଜୀଙ୍କ ଫଟୋଚିତ୍ର ସମ୍ମୁଖରେ ପ୍ରଦୀପ ପ୍ରଜ୍ୱଳନ କରି ଅନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। କାର୍ଯ୍ୟକ୍ରମରେ ଅତିଥି ଭାବେ 'ସମଦୃଷ୍ଟି' ପତ୍ରିକାର ସମ୍ପାଦକ ବିଘ୍ନେଶ୍ୱର ସାହୁ, ବରିଷ୍ଠ ସାମ୍ବାଦିକ ସୁରେନ୍ଦ୍ର ପାତ୍ର, ସମାଜସେବୀ ହରିହର ସେନ, ଫରୱାର୍ଡ ବ୍ଲକର ରାଜ୍ୟ ସଭାପତି ପୂର୍ଣ୍ଣଚନ୍ଦ୍ର ପାଢ଼ୀ ଯୋଗଦେଇ ସ୍ୱାଧୀନତାର ୭ ଦଶନ୍ଧି ପରେ ମଧ୍ୟ ଦେଶର ସାଧାରଣ ଜନତା ବିଭିନ୍ନ ସମସ୍ୟାର ସମ୍ମୁଖୀନ ହୋଇଛନ୍ତି ବୋଲି ଅଭିଯୋଗ କରିଥିଲେ। ସେ କହିଥିଲେ ଯେ ଖାଦ୍ୟ, ବସ୍ତ୍ର, ବାସଗୃହ ଭଳି ଜନଗଣଙ୍କ ମୌଳିକ ଆବଶ୍ୟକତା ପୂରଣ କରିବା ଦିଗରେ ସରକାର ବିଫଳ ହୋଇଛନ୍ତି। ଶିକ୍ଷା, ସ୍ୱାସ୍ଥ୍ୟ, ରୋଜଗାର ଯୋଗାଇ ଦେବାରେ ସରକାରୀ ବିଫଳତା ଚରମ ସୀମାରେ ପହଞ୍ଚିଛି। ଦଳିତ, ପଛୁଆବର୍ଗ ଓ ଆଦିବାସୀଙ୍କ ଉପରେ ଅତ୍ୟାଚାର ବଢ଼ିଚାଲିଛି। ଦେଶର ପ୍ରାକୃତିକ ସମ୍ପଦକୁ ଶାଗମାଛ ଦରରେ ବିକ୍ରି କରାଯାଉଛି। ଜନଅସନ୍ତୋଷ ବଢ଼ି ଚାଲିଥିବା ବେଳେ ସେଗୁଡ଼ିକ ସମାଧାନ ଦିଗରେ ସରକାରୀ କଳର ନିଘା ନାହିଁ। ଏଭଳି ସ୍ଥଳେ ଆଜାଦ ହିନ୍ଦ ବାହିନୀର ସାଥିମାନେ ସଚ୍ଚା ଦେଶପ୍ରେମୀ ଭାବେ ଦେଶ ଓ ଦେଶବାସୀଙ୍କ ସୁରକ୍ଷା ପାଇଁ ଆବଶ୍ୟକ ସଂଗ୍ରାମ ଲଢ଼ିବାକୁ ଶ୍ରୀ ପାଢ଼ୀ ଆହ୍ୱାନ ଦେଇଥିଲେ। ବାହିନୀର ରାଜ୍ୟ ସଂଯୋଜିକା ଲକ୍ଷ୍ମୀ ଦୋରା, ଦିଶା ଆଜାଦ, ରିଙ୍କି ସାହୁ, ପାୟଲ ଗୁପ୍ତା, ଆଚଲ ପ୍ରିୟା, ଦୀପକ ପ୍ରଜାପତି, ଈଶ୍ୱର ଖିଲ, ଖୋଜନ୍ତି କାଣ୍ଡକି, ରାଜୁ ମାଡକାମୀ, ବିକ୍ରମ କାଣ୍ଡି, ଶ୍ରୀନୁ ମାଢ଼ି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଆଜାଦନଗର ବୋମା ବିସ୍ଫୋରଣ ଘଟଣା

# ଏନଆଇଏର ତଦନ୍ତ ଆରମ୍ଭ

ଭୁବନେଶ୍ୱର, ୯।୪ (ସଂଚାର ବ୍ୟୁରୋ):ଆଜାଦ ନଗର ବୋମା ବିସ୍ଫୋରଣ ଘଟଣାର ତଦନ୍ତ ଦାୟିତ୍ୱ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍ଆଇଏ) ନେଇଥିବା ବେଳେ ଆଜି ଏହି ସଂସ୍ଥା ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି। ଏନଆଇଏର ଏକ ତିନିଜଣିଆ ଟିମ ସ୍ଥାନୀୟ ଏୟାରଫିଲ୍ଡ ଥାନାରେ ପହଞ୍ଚି ଅଦ୍ୟାବଧି ପୁଲିସ ପକ୍ଷରୁ ହୋଇଥିବା ତଦନ୍ତ ସଂକ୍ରାନ୍ତ ସମସ୍ତ ଦସ୍ତାବିଜ ସଂଗ୍ରହ କରିଛନ୍ତି।

ଏହି ଟିମ ଏୟାରରଫିଲ୍ଡ ଥାନାରେ ପହଞ୍ଚି ବୋମା ବିସ୍ଫୋରଣ ଘଟଣାର ତଦନ୍ତକାରୀ ଅଧିକାରୀଙ୍କ ସହ ସବିଶେଷ ଆଲୋଚନା କରିଥିଲେ। ଅଦ୍ୟାବଧି ଏହି ବୋମା ବିସ୍ଫୋରଣ ଘଟଣାରେ ମିଳିଥିବା ସୁରାକ, ଫୋରେନସିକ ରିପୋର୍ଟ, ଘଟଣାସ୍ଥଳରୁ ମିଳିଥିବା ବିସ୍ଫୋରଣ

**ଏୟାରଫିଲ୍ଡ ଥାନାରୁ ଦସ୍ତାବିଜ ସଂଗ୍ରହ**

ସମୟର ସିସିଟିଭିର ହାର୍ଡଡିସ୍କ ଆଦିକୁ ଟିମ୍ ନିଜ ହେପାଜତକୁ ନେଇଛି। ଏଥିସହ ତଦନ୍ତକାରୀ ଅଧିକାରୀ ରେକର୍ଡ କରିଥିବା ଦୁଇ ଅଭିଯୁକ୍ତଙ୍କ ମୃତ୍ୟୁକାଳୀନ ଜମାନବନ୍ଦୀ ସଂକ୍ରାନ୍ତ ଦସ୍ତାବିଜ୍ ମଧ୍ୟ ଟିମ୍ ସଂଗ୍ରହ କରିଛି। ପୂର୍ବରୁ ଏନଆଇଏ ଟିମ ବୋମା ବିସ୍ଫୋରଣ ସ୍ଥଳରେ ଦୁଇ ଦୁଇ ଥର ପହଞ୍ଚି ତଦନ୍ତ କରିଥିଲା।

ସୂଚନାଯୋଗ୍ୟ ଯେ ଜାନୁଆରୀ ୨୭ରେ ଆଜାଦ ନଗରରେ ଘଟିଥିଲା ଭୟଙ୍କର ବିସ୍ଫୋରଣ। ଅଭିଯୁକ୍ତ ସେହନୱାଜ ମଲ୍ଲିକ, ତାଙ୍କ ମା' ଲିଜାତୁନ ବିବି, ପ୍ରେମିକା ତୃପ୍ତିମୟୀ ଓ ସହଯୋଗୀ ଅମୀୟ ମଲ୍ଲିକ ବୋମା ବିସ୍ଫୋରଣରେ ଗୁରୁତର ହୋଇଥିଲେ। ପରେ ଅଭିଯୁକ୍ତ ସେହେନୱାଜ ଓ ତାଙ୍କ ମା' ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁବରଣ କରିଥିଲେ।

- ଦଣ୍ଡନାଚ ଦେଖି ଫେରିବା ବେଳେ ଅଘଟଣ

# କଲଭର୍ଟରେ ପିଟି ହୋଇ ଶ୍ରମିକ ମୃତ

ଭଞ୍ଜନଗର,୯।୪(ସଂଚାର ବ୍ୟୁରୋ):ଗଞ୍ଜାମ ଜିଲ୍ଲା ଭଞ୍ଜନଗର ଥାନା ଅନ୍ତର୍ଗତ କୋଟିବିରାଡ଼ି ନିକଟରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଗତକାଲି ବିଳମ୍ବିତ ରାତିରେ ଏକ ବାଇକ୍ ଦୁର୍ଘଟଣାଗ୍ରସ୍ତ ହୋଇଛି, ଯେଉଁଥିରେ ଶ୍ରମିକ ସଞ୍ଜୟ ପ୍ରଧାନ ଘଟଣାସ୍ଥଳରେ ମୃତ୍ୟୁବରଣ କରିଥିବା ବେଳେ ବାବୁ ମଲିକ ଗୁରୁତର ହୋଇଥିଲେ। ବାବୁଙ୍କୁ ବ୍ରହ୍ମପୁର ବଡ ମେଡିକାଲରେ ଭର୍ତ୍ତି କରାଯାଇଛି। ଭଞ୍ଜନଗର ପୁଲିସ ଏନେଇ ଏକ ମାମଲା ରୁଜୁ କରି ଘଟଣାର ଅଧିକ ତଦନ୍ତ ଚଳାଇଛି। ଭଞ୍ଜନଗର ଦଶପଲ୍ଲା ଜାତୀୟ ରାଜପଥରେ ତ୍ରୁଟିପୂର୍ଣ୍ଣ କଲଭର୍ଟ ନିର୍ମାଣ ପାଇଁ ଏତେବଡ଼ ଦୁର୍ଘଟଣା ଘଟିଛି ବୋଲି ସମ୍ପୃକ୍ତ ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଘଟଣାରୁ ପ୍ରକାଶ ଯେ ସଞ୍ଜୟ ପ୍ରଧାନ, ସାଗର ମଲ୍ଲିକ ଓ ସାଗରଙ୍କ ଭଣଜା ବାବୁ ଦୁଇଟି ବାଇକରେ ଦଣ୍ଡନାଚ ଦେଖିବା ସକାଶେ ଭଞ୍ଜନଗର ନିକଟସ୍ଥ ଉଲୁଦନକୁ ଆସିଥିଲେ। ନାଚ ଦେଖିବା ପରେ ବାବୁ ଓ ସଞ୍ଜୟ କୁଲାଡ଼ ଫେରୁଥିଲେ। ବାଟରେ କୋଟିବିରାଡ଼ି ଗ୍ରାମ ଛକ ନିକଟର ଗୋଲେଇରେ ଥିବା କଲଭର୍ଟରେ ସେମାନଙ୍କ ବାଇକ୍ ଧକ୍କା ହୋଇଥିଲା।

## ଭିନ୍ନକ୍ଷମ ନାବାଳିକାଙ୍କୁ ଦୁଷ୍କର୍ମ ମାମଲା

# ଫେରାର୍ ଅଭିଯୁକ୍ତ ଗିରଫ



ଆନନ୍ଦପୁର,୯।୪ (ସଂଚାର ବ୍ୟୁରୋ): କେନ୍ଦୁଝର ଜିଲା ଆନନ୍ଦପୁର ଥାନା ଅଧୀନରେ ଜଣେ ଭିନ୍ନକ୍ଷମ ନାବାଳିକାଙ୍କୁ ଦୁଷ୍କର୍ମ ଘଟଣାରେ ଆଜି ଅଭିଯୁକ୍ତକୁ ଗିରଫ କରାଯାଇଛି। ମୁର୍ଗାଗୋଠ ଗ୍ରାମର ସଂଖ୍ୟାଲଘୁ ସମ୍ପ୍ରଦାର ଉକ୍ତ ଅଭିଯୁକ୍ତ ଧରିବା ସକାଶେ ଏସପିଙ୍କ ନିର୍ଦ୍ଦେଶ କ୍ରମେ ଆନନ୍ଦପୁର ଏସଡିପିଓ କମଳ କୁମାର ପଣ୍ଡାଙ୍କ ନେତୃତ୍ୱରେ ପୁଲିସର ଏକ ସ୍ୱତନ୍ତ୍ର ଟିମ ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲା। ଶେଷରେ ଅଭିଯୁକ୍ତ ବଳରାମ ହୋ ଓରଫ କାବୁକୁ ପୁଲିସ ତାମିଲନାଡୁରୁ ଗୁରୁବାର ଗିରଫ କରିଛି। ସୂଚନାଯୋଗ୍ୟ ଯେ ପ୍ରାୟ ୪ ମାସ ତଳେ ଗ୍ରାମର ଭିନ୍ନକ୍ଷମ ନାବାଳିକା ନିକଟସ୍ଥ ନାଳକୁ ଗାଧୋଇ ଯାଇଥିବା ସମୟରେ କାବୁ ତାଙ୍କୁ ଦୁଷ୍କର୍ମ କରିଥିଲା। ହେଲେ ନାବାଳିକାଜଣକ ଭୟରେ କାହାକୁ କିଛି କହିନଥିଲେ। ନାବାଳିକା ଜଣଙ୍କ ଅସୁସ୍ଥ ହେବାରୁ ପରିବାର ଲୋକେ ତାଙ୍କୁ ଆନନ୍ଦପୁର ମେଡିକାଲ ନେଇଥିଲେ। ସେଠାରେ ସେ ଗର୍ଭବତୀ ଥିବା ଜଣାପଡ଼ିବା ପରେ ପୀଡ଼ିତା ଜଣଙ୍କ ପରିବାର ଲୋକଙ୍କୁ କାବୁର ନାଁ କହିଥିଲେ। ଏନେଇ ଜାଣିବା ପରେ ଉତ୍ୟକ୍ତ ଗ୍ରାମବାସୀ ଗତ ସୋମବାର ଅଭିଯୁକ୍ତକୁ ଗିରଫ କରି ପୀଡ଼ିତାଙ୍କୁ ନ୍ୟାୟ ପ୍ରଦାନ ଦାବିରେ ଏକତ୍ରିତ ହୋଇ ପୋଡ଼ଜଳା କରିଥିଲେ।

## ରେଳବାଇର ସୌର ନିରୀକ୍ଷଣ ଅଭିଯାନ

# ଜୁନ୍ ସୁଦ୍ଧା ଲାଗିବ ୨୫୦୦ ସିସିଟିଭି କ୍ୟାମେରା



ଭୁବନେଶ୍ୱର,୯।୪(ସଂଚାର ବ୍ୟୁରୋ): ପୂର୍ବତଟ ରେଳପଥ ଏକ ପ୍ରଯୁକ୍ତିବିଦ୍ୟାଚାଳିତ, ପରିବେଶ ଅନୁକୂଳ ନିରୀକ୍ଷଣ ପଦକ୍ଷେପ ମାଧ୍ୟମରେ ରେଳ ସୁରକ୍ଷାକୁ ଦ୍ରୁତ ଗତିରେ ପରିବର୍ତ୍ତନ କରୁଛି। ସମସ୍ତ ଡିଭିଜନରେ ଏହାର ସୌରଚାଳିତ ସିସିଟିଭି ନେଟୱାର୍କକୁ ବୃଦ୍ଧି କରିବା ପାଇଁ ଏକ ପ୍ରମୁଖ ବିସ୍ତାର ଚାଲିଛି। ପୂର୍ବତଟ ରେଳପଥ ୱାଲଟେୟାର, ସମ୍ବଲପୁର ଓ ଖୋର୍ଦ୍ଧା ରୋଡ୍ ଡିଭିଜନରେ ୧୬୬ଟି ସୌରଚାଳିତ ସିସିଟିଭି କ୍ୟାମେରା କାର୍ଯ୍ୟକ୍ଷମ କରିଛି। ଏହି କ୍ୟାମେରାଗୁଡ଼ିକ ଷ୍ଟେସନ ପରିସର, ମାର୍ଶାଲିଂ ୟାର୍ଡ, ଲେଭଲ୍ କ୍ରସିଂ ଓ ପୃଥକ ଟ୍ରାକ ସେକ୍ସନ ଭଳି ଉଚ୍ଚ ବିପଦପୂର୍ଣ୍ଣ ଓ ଅଧିକ ଟ୍ରାଫିକ୍ ସ୍ଥାନରେ ରଣନୈତିକ ଭାବେ ସ୍ଥାପିତ ହୋଇଛି। ପାରମ୍ପରିକ ଶକ୍ତି ଉତ୍ସରୁ ସ୍ୱାଧୀନ ଭାବେ କାର୍ଯ୍ୟ କରିବା ପାଇଁ ଡିଜାଇନ କରାଯାଇଥିବା ସୌର ପ୍ରଣାଳୀଗୁଡ଼ିକ ୨୪ ଘଣ୍ଟା ନିରବଚ୍ଛିନ୍ନ ତଦାରଖ ନିଶ୍ଚିତ କରୁଛି।

ପ୍ରାରମ୍ଭିକ ନିୟୋଜନର ସଫଳତା ଉପରେ ଆଧାର କରି ପୂର୍ବତଟ ରେଳପଥ ଏକ ମହତ୍ତ୍ୱାକାଂକ୍ଷୀ ସମ୍ପ୍ରସାରଣ କାର୍ଯ୍ୟକ୍ରମ ଆରମ୍ଭ କରିଛି। ଆସନ୍ତା ଜୁନ୍ ସୁଦ୍ଧା ୨୫୦୦ରୁ ଅଧିକ ସୌରଚାଳିତ ସିସିଟିଭି କ୍ୟାମେରା ସ୍ଥାପନ କରାଯିବ। ଏହି ବଡ଼ ଧରଣର ସ୍ଥାପନ ନିରୀକ୍ଷଣ କଭରେଜକୁ ଉଲ୍ଲେଖନୀୟ ଭାବେ ବିସ୍ତାର କରିବା ସହ ସମ୍ବେଦନଶୀଳ ରେଳ ସମ୍ପତ୍ତି ଓ ଯାତ୍ରୀ କ୍ଷେତ୍ରଗୁଡ଼ିକର ସମ୍ପୂର୍ଣ୍ଣ ନିରୀକ୍ଷଣ ସୁନିଶ୍ଚିତ କରିବ। ଏହାଦ୍ୱାରା ଅପରାଧିକ କାର୍ଯ୍ୟ ହ୍ରାସ ହେଉଥିବା ପୂର୍ବତଟ ରେଳବାଇ ପକ୍ଷରୁ ଦାବି କରାଯାଇଛି।

# ୧୨ରେ ଜୀ ସାର୍ଥକରେ ଅନୁଭବଙ୍କ 'କୁହୁଡ଼ି'



ଭୁବନେଶ୍ୱର,୯।୪(ସଂଚାର ବ୍ୟୁରୋ): ପ୍ରମୁଖ ଓଡ଼ିଆ ଚ୍ୟାନେଲ୍ ଜୀ ସାର୍ଥକ ଦର୍ଶକଙ୍କୁ ପଣା ସଂକ୍ରାନ୍ତି ଓ ଓଡ଼ିଆ ନୂଆ ବର୍ଷ ଉପଲକ୍ଷେ ଭେଟି ଦେବାକୁ ଯାଉଛି ସୁପରଷ୍ଟାର ଅନୁଭବ ମହାନ୍ତିଙ୍କ ସୁପରହିଟ୍ ଫିଲ୍ମ ତଥା ଏକ ରହସ୍ୟ ଓ ସଂଘର୍ଷପୂର୍ଣ୍ଣ ଚଳଚ୍ଚିତ୍ର 'କୁହୁଡ଼ି'। ଏହି ଚଳଚ୍ଚିତ୍ରକୁ ପ୍ରଥମ ଥର ପାଇଁ ଦର୍ଶକମାନେ ଟିଭିରେ ଦେଖିବାକୁ ପାଇବେ ଆସନ୍ତା ୧୨ ତାରିଖ ସନ୍ଧ୍ୟା ସାଢ଼େ ୬ଟା ସମୟରେ। ଚଳଚ୍ଚିତ୍ରର କାହାଣୀ ଜଣେ ସାହସୀ ଆଇନଜୀବୀ ଅଂଶୁମାନ ପଟ୍ଟନାୟକ ଓ ନ୍ୟାୟ ପାଇଁ ତାଙ୍କର ଅଦମ୍ୟ ସଂଘର୍ଷକୁ ନେଇ ଆଧାରିତ। ଏଥିରେ ଏକ ଭୟଙ୍କର ଅଭିଯୋଗର ଶିକାର ହୋଇଥିବା ପିତାଙ୍କ ବେଦନା ଓ ନ୍ୟାୟ ପାଇଁ ସଂଘର୍ଷ ପରି ଏକ ଗମ୍ଭୀର ସାମାଜିକ ପ୍ରସଙ୍ଗକୁ କୋର୍ଟ ରୁମ୍ ଡ୍ରାମା ମାଧ୍ୟମରେ ଅତି ନିଖୁଣ ଭାବେ ଦର୍ଶାଯାଇଛି। ସତ୍ୟର ସନ୍ଧାନ ଓ ନ୍ୟାୟ ପାଇଁ ଆଇନଜୀବୀଙ୍କ ଉଦ୍ୟମ ଦର୍ଶକଙ୍କୁ ଶେଷ ପର୍ଯ୍ୟନ୍ତ ବାନ୍ଧି ରଖିବ। ସନ୍ଦେହ, ସଂଘର୍ଷ ଓ ସତ୍ୟର ଏକ ନିଆରା ସମନ୍ୱୟ ହେଉଛି 'କୁହୁଡ଼ି'।

ଅଜୟ ପାଢ଼ୀଙ୍କ ନିର୍ଦ୍ଦେଶିତ ଏହି ଚଳଚ୍ଚିତ୍ରରେ ଓଲିଉଡ଼ର ସୁପରଷ୍ଟାର ଅନୁଭବଙ୍କ ବ୍ୟତୀତ ଅଭିନେତ୍ରୀ ସୁପ୍ରିୟା ନାୟକ, ପ୍ରକୃତି ମିଶ୍ର ଓ ଦୀପନ୍ୱିତ ଦାଶମହାପାତ୍ର ଅଭିନୟ କରିଛନ୍ତି। ଏହି ଅବସରରେ ସାରା ଦେଶର ଓଡ଼ିଆ ଦର୍ଶକଙ୍କୁ ଶୁଭେଚ୍ଛା ଜଣାଇ ରାହୁଲ ରାଓ କହିଛନ୍ତି ଯେ ଜୀ ସାର୍ଥକ ସଦାସର୍ବଦା ଓଡ଼ିଶାର ଦର୍ଶକମାନଙ୍କ ପାଇଁ ନୂଆ ଓ ବାସ୍ତବଧର୍ମୀ କାହାଣୀ ଆଣିବାକୁ ଚେଷ୍ଟା କରିଆସିଛି। 'କୁହୁଡ଼ି'ର ଆଇଏମଡିବି ରେଟିଂ ୮.୪ ଥିବା ବେଳେ ଏହା କେବଳ ଏକ ସିନେମା ନୁହେଁ, ବରଂ ଏହା ସମାଜର ଏକ ନିଷ୍ଠୁର ସତ୍ୟ ଉପରେ ପର୍ଯ୍ୟବସିତ। ଓଡ଼ିଶା ଓ ସାରା ଦେଶର ଓଡ଼ିଆ ଦର୍ଶକମାନେ ନିଜ ପରିବାର ସହ ଏହି ରହସ୍ୟପୂର୍ଣ୍ଣ ଚଳଚ୍ଚିତ୍ରର ଆନନ୍ଦ ନେବେ ବୋଲି ଶ୍ରୀ ରାଓ ଆଶା ବ୍ୟକ୍ତ କରିଛନ୍ତି।

# ବରିଷ୍ଠତା ବିବାଦ, ପଦୋନ୍ନତିରୁ ବଞ୍ଚିତ

ଭୁବନେଶ୍ୱର,୯।୪: ୫ ବର୍ଷ ଧରି ରାଜ୍ୟ ସରକାର ଓଡ଼ିଶା ପ୍ରଶାସନିକ ସେବା (ଓଏଏସ୍) କନିଷ୍ଠ ବର୍ଗର ବରିଷ୍ଠତା ତାଲିକା ପ୍ରକାଶ କରିପାରୁ ନ ଥିବାରୁ ପଦୋନ୍ନତି ଦିଆଯାଇପାରୁ ନାହିଁ। ଫଳରେ ଓଏଏସ୍ କ୍ୟାଡର୍‌ର ବରିଷ୍ଠ ବର୍ଗରେ ଶତାଧିକ ପଦବୀ ଖାଲି ପଡିଥିଲେ ମଧ୍ୟ ସେଗୁଡ଼ିକ ପୂରଣ କରିବାରେ ପ୍ରଶାସନ ବିଫଳ ହେଉଛି। ସାଧାରଣ ପ୍ରଶାସନ ଏବଂ ରାଜସ୍ୱ ବିଭାଗ ଚାହିଁଲେ ମଧ୍ୟ ବରିଷ୍ଠତା ତାଲିକା ଚୂଡ଼ାନ୍ତ ସହ ପଦୋନ୍ନତି ଦେଇପାରୁ ନାହାନ୍ତି।

ଅନ୍ୟପକ୍ଷରେ ୨୦୧୯ ପରଠାରୁ ଆଉ ଚୂଡ଼ାନ୍ତ ବରିଷ୍ଠତା ତାଲିକା ଏହି କ୍ୟାଡର୍ ଲାଗି ପ୍ରକାଶିତ ହୋଇନାହିଁ। ୨୦୨୧ ମସିହାରେ ରାଜସ୍ୱ ବିଭାଗ ଚିଠା ବରିଷ୍ଠତା ତାଲିକା ପ୍ରସ୍ତୁତ କରିଥିବାବେଳେ ହାଇକୋର୍ଟରେ ସେହିବର୍ଷ କିଛି ଓଏଏସ୍ ଅଧିକାରୀ ମାମଲା ରୁଜୁ କରିବାରୁ ଚୂଡ଼ାନ୍ତ ବରିଷ୍ଠତା ତାଲିକା ପ୍ରକାଶିତ ହେବା କ୍ଷେତ୍ରରେ ସମସ୍ୟା ଉପୁଜିଛି। ଫଳରେ ପଦୋନ୍ନତି ଓ ପ୍ରତ୍ୟକ୍ଷ ନିଯୁକ୍ତି ପାଇଥିବା ଓଏଏସ୍ ଅଧିକାରୀମାନଙ୍କୁ ୫ବର୍ଷ ଧରି ଆଉ ପଦୋନ୍ନତି ଦିଆଯାଉନାହିଁ। ଏଭଳି ସ୍ଥିତିରେ ୨୦୧୪ ଓ ପରବର୍ତ୍ତୀ ବ୍ୟାଚ୍‌ଗୁଡ଼ିକରେ ଯେଉଁମାନେ ଓଏଏସ୍ କନିଷ୍ଠବର୍ଗ କ୍ୟାଡର୍‌ଭୁକ୍ତ ହୋଇଥିଲେ ସେମାନେ ପଦୋନ୍ନତି ପାଇପାରୁ ନାହାନ୍ତି।

ଅବସ୍ଥା ଏଭଳି ହୋଇଛି ଯେ ଓଏଏସ୍ ବରିଷ୍ଠ ବର୍ଗରେ ପଦୋନ୍ନତି ଦିଆଚାଲୁଥିବାବେଳେ କନିଷ୍ଠ ବର୍ଗରୁ ବରିଷ୍ଠ ବର୍ଗକୁ ପଦୋନ୍ନତି ଦିଆହୋଇପାରୁନାହିଁ। ତେଣୁ ଉପଜିଲ୍ଲାପାଳ ଓ ଅତିରିକ୍ତ ଜିଲ୍ଲାପାଳ ପାହ୍ୟାର ଅନେକ ପଦପଦବୀ ଖାଲି ପଡ଼ିଥିବା ବେଳେ କନିଷ୍ଠ ଅଧିକାରୀମାନଙ୍କୁ କାମ ଚଳାଇବା ପାଇଁ ଦାୟିତ୍ୱରେ ରଖାଯାଉଛି। କେତେକ କ୍ଷେତ୍ରରେ ଜଣେ ଜଣେ ଓଏଏସ୍ ଅଧିକାରୀ ୩/୪ଟି ଲେଖାଏଁ ପଦପଦବୀ ସମ୍ଭାଳୁଛନ୍ତି। କନିଷ୍ଠ ବର୍ଗରୁ ଉପର ପାହ୍ୟାକୁ ପଦୋନ୍ନତି ପ୍ରାୟ ୫ବର୍ଷ ଧରି ବନ୍ଦ ରହିବା ଯୋଗୁ କନିଷ୍ଠ ବର୍ଗ କ୍ୟାଡର୍‌ରେ ବି ନୂଆ ନିଯୁକ୍ତି ଦେବା କ୍ଷେତ୍ରରେ ସମସ୍ୟା ଉପୁଜୁଛି। ଏ ପରିପ୍ରେକ୍ଷୀରେ କେତେକ ଅଧିକାରୀ ପଦୋନ୍ନତି ପାଇଁ ଅପେକ୍ଷା କରି କରି ଅବସର ଗ୍ରହଣ କରିଛନ୍ତି।

ଜଣେ ବରିଷ୍ଠ ପ୍ରଶାସନିକ ଅଧିକାରୀ ଏହି ସମସ୍ୟା ସ୍ୱୀକାର କରି କହିଛନ୍ତି ଯେ ୨୦୨୧ ମସିହାରେ ଚିଠା ବରିଷ୍ଠତା ତାଲିକା ଉପରେ ଆପତ୍ତି ଉଠାଇ ହାଇକୋର୍ଟରେ ମାମଲା ରୁଜୁ କରାଯିବାରୁ ସମସ୍ୟା ଉପୁଜୁଛି। ଏହି ମାମଲାରେ ଚୂଡ଼ାନ୍ତ ରାୟ ନଆସିବା ପର୍ଯ୍ୟନ୍ତ ପଦୋନ୍ନତି ଦେବା ସମ୍ଭବପର ହେଉନାହିଁ। ମାମଲାରେ ରାଜ୍ୟ ସରକାରଙ୍କ ପକ୍ଷରୁ ଉତ୍ତର ଦାଖଲ ସରିଛି। ଏହି ସମସ୍ୟା ସଂପର୍କରେ ରାଜସ୍ୱ ବିଭାଗ ଏକାଧିକ ବାର ଆଡଭୋକେଟ୍ ଜେନେରାଲଙ୍କ ମତ ଲୋଡ଼ିଛି। ହାଇକୋର୍ଟଙ୍କଠାରୁ ଅନୁମତି ଆଣି କିଭଳି ଚୂଡ଼ାନ୍ତ ବରିଷ୍ଠତା ତାଲିକା ପ୍ରକାଶ କରାଯାଇ ତାହାରି ଆଧାରରେ ପଦୋନ୍ନତି ଦିଆଯାଇପାରିବ ସେ ସଂକ୍ରାନ୍ତରେ ଏକାଧିକବାର ଆଡଭୋକେଟ୍ ଜେନେରାଲଙ୍କ ମତାମତ ଲୋଡ଼ାଯାଇଛି। ଅନ୍ୟପକ୍ଷରେ ଏହି ମାମଲାର ଚୂଡ଼ାନ୍ତ ଶୁଣାଣି ଗତ ମାର୍ଚ୍ଚ ମାସରେ ହୋଇଛି ଏବଂ ମାନ୍ୟବର ହାଇକୋର୍ଟ ତାଙ୍କର ରାୟ ସଂରକ୍ଷିତ ରଖିଥିବା ପରିପ୍ରେକ୍ଷୀରେ ବରିଷ୍ଠତା ତାଲିକା ପ୍ରକାଶ କିମ୍ବା ପଦୋନ୍ନତି ଦେବା ସମ୍ଭବପର ନୁହେଁ ବୋଲି ଅଭିଜ୍ଞ ଆଇନ୍‌ଜୀବୀମାନେ ମତ ଦେଉଛନ୍ତି।

ପ୍ରଶାସନିକ କଳର ତ୍ରୁଟି ବିଚ୍ୟୁତି ଯୋଗୁ ଠିକଣା ସମୟରେ ପ୍ରତିବର୍ଷ ପଦୋନ୍ନତି ଓ ପ୍ରତ୍ୟକ୍ଷ ନିଯୁକ୍ତି ଦିଆଯାଇ ପାରୁନଥିବାରୁ ଓଏଏସ୍ ବରିଷ୍ଠତା ତାଲିକା ବିବାଦ ଘେରାରେ ରହୁଛି। ପ୍ରତିବର୍ଷ ନିର୍ଦ୍ଧାରିତ ସମୟରେ ଯଦି ଉଭୟ ପ୍ରତ୍ୟକ୍ଷ ନିଯୁକ୍ତି ଓ ପଦୋନ୍ନତି ହୁଅନ୍ତା ତେବେ ବରିଷ୍ଠତା ତାଲିକା ପ୍ରକାଶନ କ୍ଷେତ୍ରରେ ତ୍ରୁଟି ବିଚ୍ୟୁତି ଉପଜନ୍ତା ନାହିଁ ବୋଲି ବର୍ଷବର୍ଷ ଧରି ପଦୋନ୍ନତି ପ୍ରତୀକ୍ଷାରେ ଥିବା କେତେକ ଅଧିକାରୀ କହୁଛନ୍ତି। (ତଥ୍ୟ)

ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

ସମ୍ପାଦକୀୟ

SANCHAR
ସଞ୍ଚାର

୪

ଶୁକ୍ରବାର ୧୦ ଏପ୍ରିଲ ୨୦୨୬, ଭୁବନେଶ୍ୱର

Friday 10 April 2026, Bhubaneswar

# ବଦଳୁଛି ଭୋଟରଙ୍କ ମାନସିକତା

ଆଜି କେରଳ, ପୁଡୁଚେରୀ ଓ ଆସାମରେ ଏକସାଥରେ ବିଧାନସଭା ନିର୍ବାଚନ ହେଉଛି। ଏହି ତିନି ରାଜ୍ୟ-କେନ୍ଦ୍ରଶାସିତ ଅଞ୍ଚଳରେ ମୋଟ ୨୯୬ଟି ଆସନର ଭାଗ୍ୟ ନିର୍ଦ୍ଧାରଣ ହେବ। କିନ୍ତୁ ଏହି ନିର୍ବାଚନର ସବୁଠାରୁ ବଡ଼ ବିଷୟ ହେଉଛି ଭୋଟରଙ୍କ ମନର ସ୍ୱିଙ୍ଗ —ଅର୍ଥାତ୍



ଭୋଟରଙ୍କ ମନୋଭାବର ଦ୍ରୁତ ପରିବର୍ତ୍ତନ। ପୂର୍ବ ନିର୍ବାଚନରୁ ଏବେ ଯେଉଁ ପରିବର୍ତ୍ତନ ଦେଖାଯାଉଛି, ତାହା କେବଳ ରାଜନୈତିକ ନୁହେଁ, ବରଂ ସାମାଜିକ ଓ ଅର୍ଥନୈତିକ ପରିବର୍ତ୍ତନର ପ୍ରତିଫଳନ। ଏହି ସ୍ୱିଙ୍ଗ ଭାରତୀୟ ଗଣତନ୍ତ୍ରର ପରିପକ୍ୱତାକୁ ପ୍ରକାଶ କରୁଛି।

କେରଳରେ ଏହି ସ୍ୱିଙ୍ଗ ସବୁଠାରୁ ସ୍ପଷ୍ଟ। ବାମପନ୍ଥୀ ଗଣତାନ୍ତ୍ରିକ ମୋର୍ଚ୍ଚା (ଏଲଡିଏଫ୍) ପୁନର୍ବାର ତୃତୀୟ ଥର ପାଇଁ କ୍ଷମତା ଧରିବାକୁ ଚେଷ୍ଟା କରୁଛି। ମୁଖ୍ୟମନ୍ତ୍ରୀ ପିନାରାୟି ବିଜୟନଙ୍କ ନେତୃତ୍ୱରେ ଦଶ ବର୍ଷର ଶାସନ ପରେ ବିରୋଧୀ ଭାବ ବଢ଼ିଛି। ବେରୋଜଗାରି, ସୁରକ୍ଷା, କେସା ସ୍ୱର୍ଣ୍ଣ ପାଚାର ଓ ସବରିମଳା ବିବାଦ ଭୋଟରଙ୍କ ମନ ବଦଳାଇଛି। ଗତ ଲୋକସଭା ଓ ସ୍ଥାନୀୟ ନିର୍ବାଚନରେ କଂଗ୍ରେସ-ନେତୃତ୍ୱାଧୀନ ଯୁକ୍ତ ଗଣତାନ୍ତ୍ରିକ ମୋର୍ଚ୍ଚା (ୟୁଡିଏଫ୍) ବିଜୟ ଲାଭ କରିଥିଲା। ଏବେ ସେ ସେହି ଗତି ଧରି ଏଲଡିଏଫ୍ ବିରୋଧରେ ଭୋଟ ଆକର୍ଷଣ କରୁଛି। କିନ୍ତୁ ସବୁଠାରୁ ଆଶ୍ଚର୍ଯ୍ୟଜନକ ହେଉଛି ଭାରତୀୟ ଜନତା ପାର୍ଟି-ନେତୃତ୍ୱାଧୀନ ଜାତୀୟ ଗଣତାନ୍ତ୍ରିକ ମୋର୍ଚ୍ଚା (ଏନଡିଏ)ର ଉତଥାନ। ପ୍ରଥମ ଥର ଲୋକସଭାରେ ଏକ ଆସନ ଜିତିଥିବା ବିଜେପି ଏବେ ପ୍ରାୟ ୧୪ ପ୍ରତିଶତ ଭୋଟ ସହ ସ୍ୱିଙ୍ଗ ଫ୍ୟାକ୍ଟର ହୋଇଛି। ନଗରାଞ୍ଚଳରେ ନୂଆ ମଧ୍ୟବିତ୍ତ ଶ୍ରେଣୀ ଓ ଯୁବକଙ୍କ ମନ ଏନଡିଏ ଆଡ଼କୁ ଢ଼ଳିଛି। ଫଳରେ ନିର୍ବାଚନ ତ୍ରିକୋଣୀୟ ହୋଇଛି ଓ ପରିଣାମ ଅନିଶ୍ଚିତ। ଭୋଟରଙ୍କ ମନ ଏବେ ସ୍ଥିର ନୁହେଁ; ସେମାନେ ପରିବର୍ତ୍ତନ ଚାହୁଁଛନ୍ତି, କିନ୍ତୁ କେଉଁ ପରିବର୍ତ୍ତନ ସେମାନେ ନିଜେ ବୁଝି ପାରୁ ନାହାନ୍ତି।

ଆସାମର ଚିତ୍ର ସ୍ୱତନ୍ତ୍ର। ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମାଙ୍କ ନେତୃତ୍ୱରେ ବିଜେପି-ନେତୃତ୍ୱାଧୀନ ଏନଡିଏ ତୃତୀୟ ଥର ପାଇଁ କ୍ଷମତା ଧରିବାକୁ ପ୍ରସ୍ତୁତ। ସର୍ବେକ୍ଷଣରେ ଏନଡିଏର ଭୋଟ ଶେୟାର ୪୮ ପ୍ରତିଶତ ଓ କଂଗ୍ରେସ-ନେତୃତ୍ୱାଧୀନ ମୋର୍ଚ୍ଚାର ୩୫ ପ୍ରତିଶତ ଦେଖାଯାଉଛି। ସରକାରୀ କାର୍ଯ୍ୟର ସନ୍ତୋଷ ପ୍ରାୟ ୫୦ ପ୍ରତିଶତରେ ରହିଛି। କିନ୍ତୁ ଏଠାରେ ମଧ ସ୍ୱିଙ୍ଗ ଅଛି। କିଛି ବିରୋଧୀ ଭାବ ଥିଲେ ମଧ ଭୋଟରମାନେ ପରିବର୍ତ୍ତନ ଚାହୁଁ ନାହାନ୍ତି। ଜାତୀୟ ପରିଚୟ, ଉନ୍ନୟନ ଓ 'ଡବଲ୍ ଇଞ୍ଜିନ୍' ସରକାରର ଆକର୍ଷଣ ଏନଡିଏକୁ ଲାଭ ଦେଉଛି। କଂଗ୍ରେସରୁ ବିଜେପିକୁ ନେତାଙ୍କ ସ୍ୱିଙ୍ଗ ମଧ ଭୋଟର ମନର ପରିବର୍ତ୍ତନକୁ ପ୍ରତିଫଳିତ କରୁଛି। ଉଚ୍ଚ ଭୋଟ ପ୍ରତିଶତ ଦେଖାଉଛି ଯେ ଲୋକେ ସ୍ଥିରତା ଚାହୁଁଛନ୍ତି, କିନ୍ତୁ ସେହି ସ୍ଥିରତା ମଧ ଏକ ପ୍ରକାରର ସ୍ୱିଙ୍ଗ।

ପୁଡୁଚେରୀର କ୍ଷେତ୍ର ଛୋଟ ହେଲେ ମଧ ଗତିଶୀଳ। ୩୦ଟି ଆସନରେ ଏନଡିଏ ସରକାର (ଏଆଇଏନ୍‌ଆର୍‌ସି ନେତା ଏନ. ରଙ୍ଗାସ୍ୱାମୀ) ପୁନର୍ବାର କ୍ଷମତା ଚାହୁଁଛି। କିନ୍ତୁ ରାଜ୍ୟତ୍ୱ ଦାବି, ବେରୋଜଗାରି, ମୂଲ୍ୟବୃଦ୍ଧି ଓ ବିଦ୍ୟୁତ୍ ବିଭାଗ ବେସରକାରୀକରଣ ଭୋଟରଙ୍କ ମନ ବଦଳାଇଛି। ପାରମ୍ପରିକ ଦଳଗୁଡ଼ିକ ପ୍ରତି କ୍ଲାନ୍ତି ଓ ନୂଆ ବିକଳ୍ପର ଉତଥାନ ଏଠାରେ ଭୋଟରଙ୍କ ମନ ପରିବର୍ତ୍ତନ କରୁଛି। ଉଚ୍ଚ ଭୋଟ ପ୍ରତିଶତ ଦର୍ଶାଉଛି ଯେ ଲୋକେ ସକ୍ରିୟ ହୋଇଛନ୍ତି ଓ ପରିବର୍ତ୍ତନ ଚାହୁଁଛନ୍ତି।

ଏହି ତିନି ଅଞ୍ଚଳର ଭୋଟର ସ୍ୱିଙ୍ଗ ଏକ ବଡ଼ ଶିକ୍ଷା ଦେଉଛି। ଭୋଟରମାନେ ଏବେ ଅନ୍ଧ ବିଶ୍ୱାସରେ ନୁହେଁ, ବରଂ ପ୍ରଦର୍ଶନ, ଉନ୍ନୟନ ଓ ସ୍ଥାନୀୟ ସମସ୍ୟା ଉପରେ ନିର୍ଭର କରି ଭୋଟ ଦେଉଛନ୍ତି। କେରଳରେ ବିରୋଧୀ ଭାବ, ଆସାମରେ ସ୍ଥିରତା ଓ ପୁଡୁଚେରୀରେ ସ୍ଥାନୀୟ ଦାବି ଏକାସାଥରେ ଦେଖାଯାଉଛି। ଏହା ଜାତୀୟ ରାଜନୀତିରେ ମଧ ପ୍ରଭାବ ପକାଇବ। ଯଦି ଭୋଟରଙ୍କ ମନ ଏତେ ଦ୍ରୁତ ବଦଳୁଛି, ତେବେ ରାଜନୈତିକ ଦଳଗୁଡ଼ିକୁ ନିଜର କାର୍ଯ୍ୟପଦ୍ଧତି ବଦଳାଇବାକୁ ପଡ଼ିବ। ଗଣତନ୍ତ୍ରର ଏହି ଗତିଶୀଳତା ଆମକୁ ଆଶା ଦେଉଛି ଯେ ଲୋକଙ୍କ କଣ୍ଠ ଏବେ ଅଧିକ ଶକ୍ତିଶାଳୀ ହୋଇଛି। ମେ ୪ ତାରିଖର ଫଳାଫଳ ଏହି ମନ ସ୍ୱିଙ୍ଗର ପରିଣାମ ପ୍ରକାଶ କରିବ। ଭୋଟରଙ୍କ ଏହି ବୁଦ୍ଧିମତ୍ତା ଭାରତର ରାଜନୈତିକ ଭବିଷ୍ୟତକୁ ଆଲୋକିତ କରୁ।

# ବଢୁଛି ମୁର୍ଖତାର ସାମ୍ରାଜ୍ୟ



ଗୋପାଳ ମହାପାତ୍ର

ତଥ୍ୟାତ୍ମକ ଭାବେ ଦେଖିଲେ ସ୍ପଷ୍ଟ ଯେ ଆମେ ଏମିତି ଏକ ସମୟରେ ପହଞ୍ଚିଛେ ଯେତେବେଳେ ଆମେ ସବୁକିଛି ହାସଲ କରି ପାରିଛେ। ଏବେ ଲୋକଙ୍କ ପକେଟରେ ଦେଶ ବିଦେଶର ସବୁତଥ୍ୟ ସ୍କ୍ରିନରେ ଜ୍ଞାନର ଗଙ୍ଗା ବହୁଛି ଏ ପରିକି ଗୋଟିଏ ବଟମ ଉପରେ ହାତ ରଖିଲେ ଦୁନିଆର କଠିନ ପ୍ରଶ୍ନର ସମାଧାନ ମଧ୍ୟ ମିଳିପାରୁଛି। ତଥାପି ବିଡ଼ମ୍ବନା ଯେ ଯେତେ ସହଜରେ ଏସବୁ ସୁବିଧା ମିଳୁଛି ତା ସହ ତାଳ ମିଳାଇ ଏକ ଅଜବ ଧରଣର ମୁର୍ଖତା ମଧ୍ୟ ବଢ଼ିବାରେ ଲାଗିଛି। ଆଜି ଯେତେବେଳେ ମଣିଷ ଇତିହାସର ଯେକୌଣସି ସମୟଠାରୁ ଅଧିକ ଜ୍ଞାନ ଆହରଣ କରିଛି ସେତେବେଳେ ଆମେ ଶ୍ୱାସ ପ୍ରଶ୍ୱାସରେ ଗ୍ରହଣ କରୁଥିବା ବାୟୁବା ପବନ ଅଧିକ ବିଷାକ୍ତ ହୋଇଯାଇଛି। ଯେତେବେଳେ ଆମ ଡାକ୍ତରୀ ବିଜ୍ଞାନ ଉଚ୍ଚମତ ସ୍ତରରେ ପହଞ୍ଚିଛି ସେତେବେଳେ ବିଶ୍ୱର ଅଧିକ ଭାଗ ଲୋକ ବିଭିନ୍ନ ରୋଗର ଶୀକାର। ଯେତେବେଳେ ଆମ ପାଖରେ ଜାଣିବା/ଜ୍ଞାନ ଆହରଣ ପାଇଁ ସଠିକ୍ ସାଧନ ଉପଲବ୍ଧ ସେତେବେଳେ ସବୁ ତଥ୍ୟ ସନ୍ଦେହର ପରିଧିରେ। ଏ ସବୁ ବିରୋଧାଭାଷକୁ ନେଇ ଚମକିବା ବା ଚିନ୍ତା କରିବାର କାରଣ ନାହିଁ। ଦୁର୍ଭାଗ୍ୟ ଯେ ମଣିଷ ଏଇ ବିରୋଧାଭାଷକୁ ମାନିବାକୁ ନାରାଜ। ଆମକୁ/ମଣିଷ ମାନଙ୍କୁ ଲାଗୁଛି ସବୁ କିଛି ଠିକ୍ ଅଛି। ଏହାକୁ କାଳ୍ପନିକ ମୁର୍ଖତା କୁହାଯିବ ନାହିଁ ତ ଆଉ କ'ଣ କୁହାଯିବ?

ଏବେ ଏମିତି ଏକ ସମୟ ଯେ ଦୁନିଆରେ ଜ୍ଞାନର ଓଭରଲୋଡ଼ ବା ଆବଶ୍ୟକତା ଠାରୁ ବହୁ ଅଧିକ ହେଲାଣି ଆଉ ବୁଝିବାର ଅଭାବ କାରଣରୁ ଏହା ଅର୍ଥହୀନ ହୋଇଛି ଏବେ ଏମିତି କେହି ବ୍ୟକ୍ତି ନାହିଁ ଯାହା ପାଖରେ ଯେକୌଣସି ପ୍ରସଙ୍ଗରେ ଯୁକ୍ତି କରିବାର ସାମର୍ଥ୍ୟ ନାହିଁ। କିନ୍ତୁ ସମସ୍ୟା ହେଉଛି ଜାଣିଥିବା ତଥ୍ୟ ଏବେ ଜ୍ଞାନ ନୁହେଁ ବରଂ ବିବାଦ ପାଇଁ ଖୋରାକ ପାଲଟିଛି। ହ୍ୱାଟସ୍‌ଆପ, ରିଲସ ଏବଂ ଛୋଟ ଛୋଟ ଭିଡିଓ ଏବେ ଜ୍ଞାନକୁ ଫାଷ୍ଟ ଫୁଡ଼ରେ ପରିଣତ କରିଦେଇଛି। ଏବେ ଜଟିଳରୁ ଜଟିଳତର ରୋଗର ଚିକିତ୍ସା ବାବଦରେ ତଥ୍ୟ ମଧ୍ୟ ଭିଡିଓରେ ମିଳିପାରୁଛି। ଏଥିରେ ରହିଛି ଅଧୁରାଜ୍ଞାନ କିନ୍ତୁ ଅଧିକ ଆତ୍ମବିଶ୍ୱାସ। ଏଇଥିପାଇଁ ଏହି ସମୟକୁ ସଙ୍କଟର ସମୟ ବୋଲି ମଧ୍ୟ କୁହାଯାଇପାରେ। ୨୦୨୬ରେ ସଙ୍କଟ ଡ଼ରାଇବା ବଦଳରେ ଯୋଗାଯୋଗ ବଢ଼ାଇବାର କାମ କରୁଛି। କୌଣସି ଦୁର୍ଘଟଣା ବାବଦରେ ସେତେବେଳେ ହିଁ ଆଲୋଚନା ହେଉଛି ଯେତେବେଳେ ଏ ସମ୍ପର୍କୀତ ଭିଡିଓ ଅଧିକ ମାତ୍ରାରେ ଇଣ୍ଟରନେଟ /ମୋବାଇଲରେ ପ୍ରସାରିତ ହେଉଛି। ଏଥିରୁ ସ୍ପଷ୍ଟ ଯେ ଆମେ ସମସ୍ୟାର ସମାଧାନ ପରିବର୍ତ୍ତେ ତାହା କେମିତି ଅଧିକ ପ୍ରସାରିତ ହେବ ସେ କଥା ଶିଖିଯାଇଛେ। ଅର୍ଥାତ୍ ଯନ୍ତ୍ରଣା ବା ଦୁଃଖ ଏବେ ଡ଼ାଟା ପାଲଟି ଯାଇଛି ଏବଂ ପୀଡ଼ା ଭିଡ଼ିଓରେ ପୋଷ୍ଟ (ପ୍ରସାର) ପାଲଟି ଯାଇଛି।

ମେଡିକାଲ ରିପୋର୍ଟ, ସ୍ୱାସ୍ଥ୍ୟ ସର୍ବେକ୍ଷଣ, ଗବେଷଣା ଏବଂ ଡାକ୍ତର ଚେତାବନୀ ଦେଉଛନ୍ତି ଯେ ସ୍ୱାସ୍ଥ୍ୟ ସେବା ପାଇଁ ଅଧିକ ନିବେଶ ହେବାର ଆବଶ୍ୟକତା ରହିଛି କିନ୍ତୁ ମଣିଷ ବା ଆମ ପାଖରେ ଗୋଟିଏ ଉତ୍ତର ଏହା ଠିକ୍ କିନ୍ତୁ ଏବେ ସମୟ ନାହିଁ। ଅଧିକ ବିଡ଼ମ୍ବନା ହେଉଛି କେବଳ ସ୍ୱାସ୍ଥ୍ୟ ପାଇଁ ନୁହେଁ ନିଦ ବା ଶୋଇବା ପାଇଁ ମଧ୍ୟ ସମୟ ନାହିଁ କିନ୍ତୁ ସ୍କ୍ରିନ /ମୋବାଇଲ ଦେଖିବା ପାଇଁ ସମୟ ରହିଛି। ଏବେ ସ୍ମାର୍ଟଫୋନ ବ୍ୟବହାର କରୁଥିବା ବ୍ୟକ୍ତି ସର୍ବନିମ୍ନ ୨୦ରୁ ୨୫ ଭିଡିଓ ନିଶ୍ଚୟ ଦେଖୁଛି। ଲୋକଙ୍କ ପାଖରେ କଥାବାର୍ତ୍ତା ହେବା ପାଇଁ ସମୟ ନାହିଁ କିନ୍ତୁ ହ୍ୱାଟସଆପ, ଫେସବୁକରେ ଘଣ୍ଟା ଘଣ୍ଟା ଚାଟ କରିବା ପାଇଁ ସମୟ ଅଛି। ଏହା ହେଉଛି ବର୍ତ୍ତମାନ ସମୟର ସବୁଠାରୁ ବଡ଼ ବିଡ଼ମ୍ବନା ଏବଂ ଏହା ସେଇ ମୁର୍ଖତା ଯାହା ଆମ ପାଖରେ ରହିଛି। ଲୋକଙ୍କ ପାଖରେ ଦେଖିବାକୁ ବୁଝିବାକୁ ମଧ୍ୟ ସମୟ ନାହିଁ। ଏଆଇ ଆପ୍ ଏବଂ ସ୍ୱାଟ ଡିଭାଇସ ସବୁ ଆମ ଜୀବନକୁ ସହଜ କରିଦେଇଛି ବୋଲି କୁହାଯାଉଛି କିନ୍ତୁ ଏସବୁ ଜୀବନକୁ ସହଜ କରିବା ପରିବ୍‌ର୍ତେ ଅଧିକ ବିପଦ ପାଇଁ ରାସ୍ତା ଖୋଲିଦେଉଛି। ଏବେ କେହି ଭାବିବା ଚିନ୍ତା କରିବା ପାଇଁ ଚାହୁଁନାହାଁନ୍ତି ବରଂ ଆଉଟସୋର୍ସ କରିବାକୁ ଚାହୁଁଚନ୍ତି। ଧିରେ ଧିରେ ମଣିଷ ଏମିତି ଏକ ମେଶିନ ପାଲଟି ଯାଉଛି ଯିଏ ନିଜେ କମ୍ ଓ ସିଷ୍ଟମ ଅଧିକ ପାଲଟି ଯାଉଛି।

ସବୁଠାରୁ ବଡ଼ କାଳ୍ପନିକ ମୁର୍ଖତା ହେଉଛି ଅନେକ ବାର ଚେନାବନୀ ସତ୍ୱେ ମଣିଷ କହୁଛି "ମୁଁ ଏମିତି ଠିକ୍ ଅଛେ" ଅର୍ଥାତ୍ ପରିବର୍ତ୍ତନକୁ ଅଣଦେଖା କରାଯାଉଛି। ମଣି ଜାଣୁଛି ଭୁଲ କ'ଣ ଏବଂ ଠିକ୍ କ'ଣ ଏବଂ ଏକଥା ବି ଜାଣୁଛି ଯେ କ'ଣ କରିବା ଉଚିତ୍ ତଥାପି ଭୁଲକୁ ସୁଧାରିବାର ଉଦ୍ୟକ କରୁନାହିଁ। ବୋଧହୁଏ ଭବିଷ୍ୟତରେ ଯେଉଁ ଇତିହାସ ଲେଖାଯିବ ସେଥିରେ ଉଲ୍ଲେଖ ରହିବ ଯେ ୨୦୨୬ ଏମିତି ଏକ ସମୟଥିଲା ଯେଉଁ ସମୟରେ ମଣିଷ ପାଖରେ ସବୁ ସମସ୍ୟାର ସମାଧାନ ଥିଲା। କିନ୍ତୁ ମଣିଷ ସେଥିରୁ କିଛି ଲାଭ ଉଠାଇ ପାରିଲା ନାହିଁ କାରଣ ୨୦୨୬ରେ ମଣିଷ ଏମିତି କିଛି କାମ କରିନଥିଲା ଯାହା ତାର ଜୀବନକୁ ସହଜ କରିପାରିଥାନ୍ତା। ଏହା ହେଉଛି ପ୍ରକୃତ ସତ୍ୟ ଏବଂ ମଣିଷ ଏହି ସତ୍ୟକୁ ଜାଣି ମଧ୍ୟ କିଛି କରିନାହିଁ। ଯେତେବେଳେ ମଣିଷ ନିଜର ଭୁଲ କଥା ଭାବିବା କଥା ସେତେବେଳେ ସେ ଅନ୍ୟର ଭୁଲକୁ ଦେଖିବାରେ ଲାଗିଛି। ଏହା ହେଉଛି ବର୍ତ୍ତମାନ ସମୟର ସବୁଠାରୁ ବଡ଼ ବିଡ଼ମ୍ବନା।

ରାମଚନ୍ଦ୍ରପୁର, ରଣପୁର
ମୋବାଇଲ୍:୯୪୩୮୪୮୫୦୯୪

# ମା' ମଙ୍ଗଳାଙ୍କ ଅନନ୍ୟ ଝାମୁଯାତ୍ରା



ସନ୍ତୋଷ କୁମାର ଦାଶ

ଚୈତ୍ର ମାସ ରେ ରାଜ୍ୟ ର ବିଭିନ୍ନ ଶକ୍ତି ପୀଠ ମାନଙ୍କ ରେ ଚୈତ୍ର ଯାତ୍ରା ଅନୁଷ୍ଠିତ ହୋଇଥାଏ। ପଣାସଂକ୍ରାନ୍ତି ବା ମହାବିଷୁବ ସଂକ୍ରାନ୍ତି ଦିନ ବିଭିନ୍ନ ଶକ୍ତିପୀଠ ମାନଙ୍କରେ ଝାମୁଯାତ୍ରା ଅନୁଷ୍ଠିତ ହୋଇଥାଏ । କିନ୍ତୁ ପୁରୀ ଜିଲ୍ଲା କାକଟପୁର ର ଅଧିଷ୍ଠାତ୍ରୀ ଦେବୀ ମା'ମଙ୍ଗଳା ଙ୍କ ମନ୍ଦିର ରେ ପଣା ସଂକ୍ରାନ୍ତି ବା ମହାବିଷୁବ ସଂକ୍ରାନ୍ତି ଦିନ ଝାମୁଯାତ୍ରା ଅନୁଷ୍ଠିତ ହୋଇ ନ ଥାଏ। ଚୈତ୍ର ମାସ ର ପ୍ରଥମ ମଙ୍ଗଳବାର ଠାରୁ ମା ଙ୍କ ମନ୍ଦିର ରେ ଏକ ମାସ ବ୍ୟାପି ଚୈତ୍ର ଯାତ୍ରା ଅନୁଷ୍ଠିତ ହୋଇଥାଏ। ଚୈତ୍ର ମାସ ର ପ୍ରଥମ, ଦ୍ୱିତୀୟ, ତୃତୀୟ, ଚତୁର୍ଥ ମଙ୍ଗଳବାର ମନ୍ଦିର ରେ ପାଳିଯାତ୍ରା ।ଅନୁଷ୍ଠିତ ହେଉଥିବାବେଳେ ପଞ୍ଚମ ଅଥବା ( ବୈଶାଖ ମାସ ପ୍ରଥମ) ମଙ୍ଗଳବାର ଦିନ ପ୍ରସିଦ୍ଧ ଅନନ୍ୟ ଝାମୁଯାତ୍ରା ଅନୁଷ୍ଠିତ ହୋଇଥାଏ। ପ୍ରଥମ ମଙ୍ଗଳବାର ଦିନ ମନ୍ଦିର ରେ ନେତୋତ୍ସବ ଅନୁଷ୍ଠିତ ହୋଇଥାଏ। ପ୍ରତି ମଙ୍ଗଳବାର ଦିନ ଘଣ୍ଟପାଟୁଆ ମାନେ ନିଜ ନିଜ ଘଟ କଳସ ଧରି ପହଞ୍ଚି ଯାଆନ୍ତି ମା ମଙ୍ଗଳା ଙ୍କ ମନ୍ଦିର ରେ। ମନ୍ଦିର ସିଂହଦ୍ୱାର ସମ୍ମୁଖରେ ନିଜକୁ ଅର୍ଦ୍ଧନାରୀଶ୍ୱର ବେଶ ରେ ସଜ୍ଜିତ କରିଥାନ୍ତି। ସମସ୍ତ ପାଟୁଆ ଏକ ବିରାଟ ଶୋଭାଯାତ୍ରା ରେ ପ୍ରାଚୀ ନଦୀ ର ଘଣ୍ଟ ତୋଳା ତୁଠ କୁ ଯାଇ ପାଣି ତୋଳି, ନିଜ ଘଟ କୁ ସଜ୍ଜିତ କରି ମନ୍ଦିର କୁ ଫେରିଥାନ୍ତି।ଜଗତସିଂହପୁର ଅଞ୍ଚଳ ରୁ ଆସିଥିବା ପାଟୁଆ ମାନେ ମନ୍ଦିର ଭିତରେ ପ୍ରବେଶ କରି ମା ଙ୍କୁ ସ୍ତୁତି କରନ୍ତି। ମା ଙ୍କ ପୂଜାପଣ୍ଡା ତାଙ୍କୁ ଆଜ୍ଞାମାଳ ପ୍ରଦାନ କରିବା ପରେ ସେମାନେ ଆସି ଘଟକଳସ କୁ ମୁଣ୍ଡରେ ମୁଣ୍ଡାଇ ମନ୍ଦିର ସମ୍ମୁଖରେ ବେଢ଼ା ରେ ନୃତ୍ୟ କରିଥାନ୍ତି। ଅପର ପକ୍ଷରେ ସ୍ଥାନୀୟ ଅଞ୍ଚଳ ର ଭୋଇ ପାଟୁଆ ମାନେ ପ୍ରାଚୀ ନଦୀ ରୁ ପାଣି ତୋଳି ଆସି ସିଂହଦ୍ୱାର ସମ୍ମୁଖରେ ଛିଡ଼ା ହୋଇଥାନ୍ତି। ପାଳିଆ ପଣ୍ଡା ସେବକ ସେମାନଙ୍କୁ ମା ଙ୍କ ଲାଗି ଆଜ୍ଞାମାଳ ପ୍ରଦାନ କରିବା ପରେ ସମସ୍ତେ ସିଂହଦ୍ୱାର ସମ୍ମୁଖ ରେ ପାଟୁଆ ନୃତ୍ୟ ପରିବେଷଣ କରିଥାନ୍ତି। ପ୍ରଥମ ରୁ ଚାରିପାଳି ସମସ୍ତ ମଙ୍ଗଳବାର ଦିନ ପାଟୁଆ ନୃତ୍ୟ ପରିବେଷଣ ହୋଇଥାଏ। ଚୈତ୍ର ମାସ ପଞ୍ଚମ ଅବା ବୈଶାଖ ମାସ ପ୍ରଥମ ମଙ୍ଗଳବାର ଦିନ ପାଟୁଆ ମାନେ ମନ୍ଦିର ସମ୍ମୁଖ ରେ ନିର୍ମିତ ରଡ଼ ନିଆଁ ପୂର୍ଣ୍ଣ ଗର୍ତ୍ତ ମଧ୍ୟରେ ଖାଲି ପାଦରେ ମୁଣ୍ଡ ରେ ଘଟକଳସ ମୁଣ୍ଡାଇ ଚାଲିଥାନ୍ତି। ଏହାକୁ ହିଁ ଝାମୁ ଯାତ୍ରା କୁହା ଯାଇଥାଏ। ଅପର ପକ୍ଷରେ ମା 'ଙ୍କ ଜୈନିକ ଖାମାରେଇ ସେବକ ଙ୍କ ଦ୍ୱାରା ତୃତୀୟ,ଚତୁର୍ଥ ଓ ପଞ୍ଚମ ମଙ୍ଗଳବାର ବିଳମ୍ବିତ ରାତିରେ କାଳୀକା ନୃତ୍ୟ ପରିବେଷଣ କରାଯାଇଥାଏ। ମା ' ମଙ୍ଗଳା ଙ୍କ ଝାମୁଯାତ୍ରା ପଣାସଂକ୍ରାନ୍ତି ବା ମହାବିଷୁବ ସଂକ୍ରାନ୍ତି ଦିନ ପାଳନ ନ ହୋଇ ଚୈତ୍ର ମାସ ପଞ୍ଚମ ଅବା ବୈଶାଖ ମାସ ପ୍ରଥମ ମଙ୍ଗଳବାର ଦିନ ପାଳନ ହେବା ସମ୍ପର୍କ ରେ ଏକ ସୁନ୍ଦର କିମ୍ବଦନ୍ତୀ ରହିଛି। ଯଯାତି କେଶରୀ ଯେଉଁ ସମୟରେ ରାଜା ଥିଲେ ସେହି ସମୟ ର ଘଟଣା। ସେ ପୂଜ୍ୟ ଶଙ୍କରାଚାର୍ଯ୍ୟ ଙ୍କ ପରାମର୍ଶ କ୍ରମେ ସୁବର୍ଣ୍ଣପୁର ଠାରେ ପାତାଳୀ ହୋଇଥିବା ଚତୁର୍ଦ୍ଧାମୂର୍ତ୍ତି ଙ୍କୁ ମାଟି ତଳୁ ଉଦ୍ଧାର କରିବା ପରେ ଶ୍ରୀ ଜିୟୁ ମାନଙ୍କର ନବ କଳେବର ର ଆବଶ୍ୟକ ପଡ଼ିଥିଲା। ଶ୍ରୀ ଜିୟୁ ମାନଙ୍କ ନବକଳେବର ଉତ୍ସବ ପାଳନ ରେ ମା ' ମଙ୍ଗଳା ଙ୍କ ର ରହିଛି ସ୍ୱତନ୍ତ୍ର ଭୂମିକା। କେଉଁ ମହାଦାରୁ ରେ ଶ୍ରୀ ଜିୟୁ ମାନଙ୍କ ବିଗ୍ରହ ନିର୍ମାଣ ହେବ ତାହା ଦଇତାପତି ସେବକ ମାନଙ୍କୁ ମା' ମଙ୍ଗଳା ସ୍ୱପ୍ନ ରେ ବତାଇ ଦେଇ ଥାନ୍ତି। ଏଣୁ ନବକଳେବର ଉତ୍ସବ ପାଳନ କରିବାକୁ ସମସ୍ତେ ପ୍ରସ୍ତୁତ ହୋଇଥିଲେ। ସେହି ସମୟରେ ରାଜା ଙ୍କୁ ଖବର ମିଳିଲା କି, ମା ମଙ୍ଗଳା ଦେଉଳିମଠ ( ମା ' ମଙ୍ଗଳା ଙ୍କ ପ୍ରଥମ ପୁଜା ପାଉଥିବା ସ୍ଥାନ) ରେ ନାହାଁନ୍ତି। କେଉଁ ଆଡେ ଅନ୍ତର୍ଦ୍ଧାନ ହୋଇ ଯାଇଛନ୍ତି । କଣ କରାଯିବ ? ମା ମଙ୍ଗଳା ଙ୍କ ବିନା ଶ୍ରୀ ଜିୟୁ ମାନଙ୍କ ନବକଳେବର ଉତ୍ସବ ପାଳନ ହେବ କିପରି ? କିଏ ବତାଇ ଦେବ ମହାଦାରୁ ମାନଙ୍କ ଠିକଣା। ଚିନ୍ତା ରେ ପଡ଼ିଲେ ରାଜା। ରାଜ ପରିଷଦ ବୈଠକ ଡକାଗଲା। ଏ ବିଷୟରେ ସବୁ ପ୍ରକାର ର ଆଲୋଚନା ହେଲା। ନିଷ୍ପତ୍ତି ନିଆଯାଇଥିଲା ଯେ,ସେ ସମୟରେ ପୁରୀ ଶ୍ରୀ କ୍ଷେତ୍ର ରେ ସୁନାମ ଅର୍ଜନ କରିଥିବା ତାନ୍ତ୍ରିକ ହଟ ଦିକ୍ଷୀତ ଓ ବଟ ଦିକ୍ଷୀତ ଦୁଇ ଭାଇ ଙ୍କୁ ମା' ମଙ୍ଗଳା ଙ୍କ



ସନ୍ଧାନ ର ଦାୟୀତ୍ୱ ଦିଆଯିବ। ସେମାନେ ତୁରନ୍ତ କାକଟପୁର ଯାଇ ମା' ମଙ୍ଗଳା ଙ୍କୁ ଠାବ କରିବାକୁ ରାଜା ନିର୍ଦ୍ଦେଶ ଦେଇଥିଲେ। ଏହି ତାନ୍ତ୍ରିକ ଦୁଇ ଭାଇ ହଟ ଦିକ୍ଷୀତ ଓ ବଟ ଦିକ୍ଷୀତ କାକଟପୁର ଆସି ପ୍ରାଚୀ ନଦୀ କୂଳ (ବର୍ତ୍ତମାନ ର ଘଣ୍ଟ ତୋଳା ତୁଠ, ଯେଉଁ ସ୍ଥାନରୁ ଘଣ୍ଟପାଟୁଆ କାଳେସୀ ଚୈତ୍ର ମାସ ର ପ୍ରତ୍ୟେକ ମଙ୍ଗଳବାର ପାଣି ତୋଳି ଘଟ କଳସ ପୂଜା କରିଥାନ୍ତି) ରେ ଚୈତ୍ର ମାସ ର ପ୍ରଥମ ମଙ୍ଗଳବାର ଦିନ ଯଜ୍ଞ ଆରମ୍ଭ କରିଥିଲେ। ଯଜ୍ଞ ଚାଲିଥାଏ।ଦୁଇ ଭାଇ ମା 'ମଙ୍ଗଳା ଙ୍କୁ ସ୍ତୁତି କରି ଚାଲିଥାନ୍ତି। ଏହିପରି ୪ ମଙ୍ଗଳବାର ଗତ ହୋଇଗଲା କିନ୍ତୁ ମା ' ମଙ୍ଗଳା ଙ୍କ ସମ୍ପର୍କ ରେ କିଛି ବି ଜଣା ପଡିଲାନି। ସେ ବନ୍ୟା ରେ ପ୍ରାଚୀ ନଦୀ ର ପ୍ରଖର ସ୍ରୋତ ରେ କେଉଁଆଡେ ଭାସି ଯାଇଛନ୍ତି ନା ତାଙ୍କୁ କେହି ଚୋରାଇ ନେଇଛି କିଛି ନ ଜାଣି ପାରି ଚିନ୍ତିତ ହୋଇପଡ଼ିଲେ ଦୁଇ ତାନ୍ତ୍ରିକ ଭାଇ। ସେପଟେ ରାଜା ବାରମ୍ବାର ଆଦେଶ ଜାରି କରୁଥାନ୍ତି ତୁରନ୍ତ ମା ' ମଙ୍ଗଳା ଙ୍କୁ ଠାବ କରିବାକୁ। ସାରା ଶ୍ରୀ କ୍ଷେତ୍ର ପୁରୀ ରେ ସେମାନଙ୍କ ର ଯେଉଁ ସୁନାମ ରହିଛି ତାହା ମାଟି ରେ ମିଶିଯିବ।ଏତେ ଜ୍ଞାନ, ପୁଜାପାଠ, ତନ୍ତ୍ର ସାଧନା କରି ମଧ୍ଯ ସେମାନେ ମା' ମଙ୍ଗଳା ଙ୍କୁ ଠାବ କରିବାରେ ବିଫଳ ହୋଇଛନ୍ତି। ଏହି ଶୋଚନା କରି ଦୁଇ ତାନ୍ତ୍ରିକ ଭାଇ ଏକ ଚରମ ନିଷ୍ପତ୍ତି ନେଇଥିଲେ ।ସେମାନଙ୍କ ର ମାନ, ସମ୍ମାନ, ଇଜ୍ଜତ, ସୁନାମ ମାଟି ରେ ମିଶିବା ଆଗରୁ ଲୋକମାନେ ତାଙ୍କ ଉପରୁ ବିଶ୍ୱାସ ହରାଇବା ପୁର୍ବରୁ ସେମାନେ ଯଜ୍ଞ ର ଅଗ୍ନିକୁଣ୍ଡ ରେ ଆତ୍ମ ବିସର୍ଜନ ଦେବାକୁ ଉଭୟ ସ୍ଥିର କରି ପଞ୍ଚମ ମଙ୍ଗଳବାର ଦିନ ଆତ୍ମ ବିସର୍ଜନ କରିବାକୁ ଉଦ୍ୟତ ହୁଅନ୍ତେ ଦୈବୀବାଣୀ ହୋଇଥିଲା। " ମୁଁ ଦେବୀ ସର୍ବ ମଙ୍ଗଳା କହୁଛି, ତୁମ ଦୁଇ ଭାଇ ଙ୍କ ଭକ୍ତି, ନିଷ୍ଠା ଓ ପୁଜାର୍ଚ୍ଚନା ରେ ମୁଁ ସନ୍ତୁଷ୍ଟ ହୋଇଛି। ଯଜ୍ଞକୁଣ୍ଡ ର କଳସ ରେ ଯେଉଁ ମନ୍ଦାର ଫୁଲମାଳ ଲାଗି ହୋଇଛି ସେହି ମାଳ ନେଇ ମତେ ସ୍ମରଣ କରି ପ୍ରାଚୀ ନଦୀ ଜଳ ରେ ଭସାଇଦିଅ । ମନ୍ଦାର ଫୁଲ ମାଳ ଟି ଭାସି ଯାଇ ଯେଉଁଠି ଭଉଁରୀ କାଟିବ ସେହିଠାରେ ବୁଡ଼ ପକାଇଲେ ମୋ ମୂର୍ତ୍ତି କୁ ପାଇବ। ତୁମେ ଦୁଇ ଭାଇ ଆଉ ତୁମ ଅନ୍ତେ ତୁମ ପର ପିଢ଼ି ମୋ ପୂଜାର୍ଚ୍ଚନା କରିବେ।" ତାନ୍ତ୍ରିକ ଦୁଇ ଭାଇ ହଟ ଆଉ ବଟ ଦୈବୀ ବାଣୀ ଅନୁସାରେ ମନ୍ଦାର ଫୁଲ ମାଳ ନେଇ ପ୍ରାଚୀ ନଦୀ ସ୍ରୋତ ରେ ଭସାଇଥିଲେ। ଫୁଲମାଳ ପ୍ରାଚୀ ନଦୀ ର ଯେଉଁଠି ଅଟକି ଥିଲା ସେଠାରେ ଦୁଇ ଭାଇ ବୁଡ଼ପକାଇ ମା ଙ୍କ କମନୀୟ ବିଶାଳ ମୂର୍ତ୍ତି ଙ୍କୁ ଉଦ୍ଧାର କରି ଥିଲେ। ଏହି ଖବର ପାଇ ରାଜା ତାନ୍ତ୍ରିକ ଦୁଇ ଭାଇ ଙ୍କ ଉପରେ ଖୁସି ହୋଇ ତାଙ୍କୁ ବହୁତ ପୁରସ୍କାର ପ୍ରଦାନ କରିବା ସହିତ ମା ଙ୍କ ପୂଜାର୍ଚ୍ଚନା ର ଦାୟୀତ୍ୱ ନ୍ୟସ୍ତ କରିଥିଲେ। ମା 'ମଙ୍ଗଳା ଙ୍କ ସେବା ପୂଜା ପାଇଁ ନିଶୁଳ୍କ ଜମି ବାଡ଼ି ଖଞ୍ଜା କରି ଦେଇଥିଲେ। ମହାପ୍ରଭୁ ଙ୍କ ନବକଳେବର ଉତ୍ସବ ଯଥାବିଧି ପାଳିତ ହୋଇଥିଲା। ତଦନୁସାରେ ସେହିଦିନ ଠାରୁ ଦିକ୍ଷୀତ ପୂଜକ ମାନେ ବଂଶାନୁକ୍ରମେ ମା' ମଙ୍ଗଳା ଙ୍କ ପୂଜାର୍ଚ୍ଚନା କରି ଆସୁଛନ୍ତି। ପରେ ଭୋଦର ଗ୍ରାମ ର ରାୟ ଚୂଡ଼ାମଣି ଜମିଦାର ମା ଙ୍କ ପାଇଁ ଭବ୍ୟ ମନ୍ଦିର ନିର୍ମାଣ କରିଥିଲେ। ଏହି ସବୁ କାରଣରୁ ଚୈତ୍ର ମାସରେ ପ୍ରତି ମଙ୍ଗଳବାର ମା ଙ୍କ ମନ୍ଦିର ରେ ଚୈତ୍ର ପୂଜା ଅନୁଷ୍ଠିତ ହୋଇ ଆସୁଥିବା ବେଳେ ଚୈତ୍ର ମାସ ର ପଞ୍ଚମ ମଙ୍ଗଳବାର ଅବା ବୈଶାଖ ମାସର ପ୍ରଥମ ମଙ୍ଗଳବାର ମା' ମଙ୍ଗଳା ଙ୍କ ଆବିର୍ଭାବ ଦିବସ ଅବସର ରେ ପ୍ରସିଦ୍ଧ ଝାମୁଯାତ୍ରା ଅନୁଷ୍ଠିତ ହୋଇଆସୁଛି। ରାଜ୍ୟ ର ବିଭିନ୍ନ ଦେବୀ ପୀଠ ଠାରେ ପଣା ସଂକ୍ରାନ୍ତି ବା ମହାବିଷୁବ ସଂକ୍ରାନ୍ତି ଦିନ ଝାମୁଯାତ୍ରା ଅନୁଷ୍ଠିତ ହେଉଥିବା ବେଳେ କେବଳ କାକଟପୁର ର ଅଧିଷ୍ଠାତ୍ରୀ ଦେବୀ ମା' ମଙ୍ଗଳା ଙ୍କ ମନ୍ଦିର ରେ ଦୋଳ ପୂର୍ଣ୍ଣିମା ପର ପଞ୍ଚମ ମଙ୍ଗଳବାର ଦିନ ପ୍ରସିଦ୍ଧ ଝାମୁଯାତ୍ରା ପାଳିତ ହୋଇଆସୁଛି। ଏଣୁ ଚୈତ୍ର ମାସରେ ମା ମଙ୍ଗଳା ଙ୍କ ମନ୍ଦିର ରେ ଘଣ୍ଟପାଟୁଆ ଙ୍କ ନୃତ୍ୟ ପରିବେଷଣ , କାଳୀକା ନୃତ୍ୟ ଓ ଝାମୁ ଉତ୍ସବ ପାଳନ ଏକ ଅନନ୍ୟ ପରମ୍ପରା ଭାବେ ପାଳିତ ହୋଇଆସୁଛି କାହିଁ କେତେ ଯୁଗରୁ। ଜୟ ମା ମଙ୍ଗଳା।।

ତୁଳସୀପୁର, ପୁରୀ
ମୋବାଇଲ୍: ୯୪୩୯୩୬୧୮୮୮

# ଭକ୍ତ କୁଳ ତିଳକ ହନୁମାନଜୀ କୀ ଜୟ



ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

ଯୁଗେ ଯୁଗେ ଧର୍ମ ରକ୍ଷା ନିମନ୍ତେ ଭଗବାନ ଶିବ ବହୁବାର ଅବତାର ନେଇଥିବା ଶିବପୁରାଣରେ ବର୍ଣ୍ଣନା ରହିଛି। ତ୍ରେତୟା ଯୁଗରେ ଭଗବାନ ଶ୍ରୀରାମଙ୍କ ସହାୟତା କରିବା ଲାଗି ତଥା ଧର୍ମ ରକ୍ଷା ନିମନ୍ତେ ଭଗବାନ ମହାଦେବଙ୍କ ଅବତାର ବୀର ହନୁମାନ ଜନ୍ମ ନେଇଥିଲେ। ହନୁମାନଙ୍କୁ ମହାଦେବଙ୍କ ଶ୍ରେଷ୍ଠ ଅବତାର ବୋଲି କୁହାଯାଇଥାଏ। ଶିବ ମହାପୁରାଣରେ ରହିଥିବା ବର୍ଣ୍ଣନା ଅନୁଯାୟୀ ସମୁଦ୍ର ମନ୍ଥନ ସମୟରେ ଦେବତା ଓ ଅସୁରଙ୍କ ମଧ୍ୟରେ ଅମୃତ ବାଣ୍ଟିବା ଲାଗି ଭଗବାନ ବିଷ୍ଣୁ ମୋହିନୀ ରୂପ ଧାରଣ କରିଥିଲେ। ମୋହିନୀଙ୍କ ଦିବ୍ୟ ସୁନ୍ଦର ରୂପ ଦେଖି ଲୀଳାବଶତଃ ଭଗବାନ ମହାଦେବଙ୍କ ବୀର୍ଯ୍ୟପାତ ହୋଇଥିଲା। ସପ୍ତଋଷି ଏହି ବୀର୍ଯ୍ୟକୁ କିଛି ପତ୍ରରେ ସଂଗୃହିତ କରି ରଖିଥିଲେ। ଉପଯୁକ୍ତ ସମୟ ଆସିବା ପରେ ସପ୍ତଋଷି ଭଗବାନ ଶିବଙ୍କ ବୀର୍ଯ୍ୟକୁ ବାନରରାଜ କେଶରୀଙ୍କ ପତ୍ନୀ ଅଞ୍ଜନାଙ୍କ କାନ ଜରିଆରେ ତାଙ୍କ ଗର୍ଭରେ ସ୍ଥାପିତ କରିଥିଲେ। ଫଳସ୍ୱରୂପ ଅଞ୍ଜନା ଏକ ଅତ୍ୟନ୍ତ ତେଜସ୍ୱୀ ଏବଂ ପ୍ରବଳ ପରାକ୍ରମୀ ପୁତ୍ର ଶ୍ରୀହନୁମାନଙ୍କୁ ଜନ୍ମ ଦେଇଥିଲେ। ସୂର୍ଯ୍ୟଦେବ ହନୁମାନଙ୍କୁ ନିଜ ୧୦୦ତମ ତେଜ ପ୍ରଦାନ କରିଥିଲେ। ଏହାଦ୍ୱାରା ହନୁମାନ ଶାସ୍ତ୍ରଜ୍ଞ ହୋଇପାରିଥିଲେ। ଶାସ୍ତ୍ରଜ୍ଞାନରେ ତାଙ୍କ ସହ କେହି ତୁଳନୀୟ ନଥିଲେ। ଧର୍ମରାଜ ତାଙ୍କୁ ବରଦାନ ଦେଇଥିଲେ ଯେ କେବେହେଲେ ଯମଦଣ୍ଡ ହନୁମାନଙ୍କୁ ଛୁଇଁପାରିବ ନାହିଁ। ଗଦା କେବେ ହେଲେ ହନୁମାନଙ୍କ ଅନିଷ୍ଟ କରିପାରିବ ନାହିଁ ବୋଲି କୁବେର ବରଦାନ ଦେଇଥିଲେ। କୌଣସି ଶିବାସ୍ତ୍ର ହନୁମାନଙ୍କ ଅନିଷ୍ଟ କରିପାରିବ ନାହିଁ ବୋଲି ମହାଦେବ ତାଙ୍କୁ ବରଦାନ ଦେଇଥିଲେ। ସେହିପରି ବଜ୍ର କେବେହେଲେ ହନୁମାନଙ୍କ ଅନିଷ୍ଟ କରିବ ନାହିଁ ବୋଲି ଇନ୍ଦ୍ରଦେବ ବରଦାନ ଦେଇଥିଲେ। ଦେବଶିଳ୍ପୀ ବିଶ୍ୱକର୍ମା ହନୁମାନଙ୍କୁ ବରଦାନ ଦେଇଥିଲେ, ତାଙ୍କ ଦ୍ୱାରା ନିର୍ମିତ କୌଣସି ଶସ୍ତ୍ର ହନୁମାନଙ୍କ କୌଣସି ଅନିଷ୍ଟ କରିପାରିବ ନାହିଁ। ସେ ସର୍ବଦା ଚିରଞ୍ଜିବୀ ହୋଇ ରହିବେ। ମହାବୀର ହନୁମାନ ଭକ୍ତି, ସେବା, ଜ୍ଞାନ, ସମର୍ପଣର ମହାନ ଉଦାହରଣ ଥୋଇ ଯାଇଛନ୍ତି। ପଞ୍ଚେନ୍ଦ୍ରୀୟ ଉପରେ ଅଦ୍ଭୁତ ନିୟନ୍ତ୍ରଣ ରଖିପାରିଥିଲେ ସେ। ମାନବ କଲ୍ୟାଣ ଉଦ୍ଦେଶ୍ୟରେ ଭୂପୃଷ୍ଠରେ ଜନ୍ମ ନେଇ ବୀର ହନୁମାନ ଆଜି ବି ଅସଂଖ୍ୟ ଭକ୍ତଙ୍କୁ ନିଜ ଆଶୀଷ ପ୍ରଦାନ କରୁଛନ୍ତି।

ବିଭିନ୍ନ ଯୁଗର ତାତ୍ପର୍ଯ୍ୟ ସମ୍ବନ୍ଧରେ ଆଲୋଚନା ଛଳରେ ପରମ ପ୍ରେମମୟ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ପ୍ରକାଶ କଲେ- ସତ୍ୟଯୁଗର ଆଉ ଏକ ନାମ କୃତଯୁଗ ବା କ୍ରିୟାନ୍ୱିତ ଯୁଗ। ସକ୍ରିୟ ନ ହେଲେ ଅସ୍ତିତ୍ୱ ଦୀପ୍ତ ହୋଇଉଠେ ନାହିଁ। ସତ୍ୟଯୁଗ ମୋର ମନେହୁଏ ବଞ୍ଚିବା ଓ ବଢ଼ିବାର ଯୁଗ। ସତ୍ୟଯୁଗରେ ଧର୍ମ ଚାରିପାଦ ଅର୍ଥାତ୍ ଷୋଳଅଣା। ସତ୍ତା ସେତେବେଳେ ପୂର୍ଣ୍ଣତମ ତେଜରେ ଆଗେଇ ଚାଲେ। ବଞ୍ଚିବା ଓ ବଢ଼ିବାର ଅନ୍ତରାୟୀ ପ୍ରବୃତ୍ତିପରାୟଣତା ସେତେବେଳେ ସଂଯତ ଓ ସୁନିୟନ୍ତ୍ରିତ। ତ୍ରେତୟାରେ ଧର୍ମ ତିନିପାଦ ଓ ଅଧର୍ମ ଏକ ପାଦ। ସେତେବେଳେ ମଧ୍ୟ ବଞ୍ଚିବା ଓ ବଢ଼ିବାମୁଖୀ ଚଳନର ପ୍ରାଧାନ୍ୟ ରହିଛି। ଦ୍ୱାପରରେ ଧର୍ମ ଦୁଇପାଦ ଓ ଅଧର୍ମ ମଧ୍ୟ ଦୁଇପାଦ। ସତ୍ତା ଓ ପ୍ରବୃତ୍ତି ଦୁଇ ଦିଗରେ ମନୁଷ୍ୟର ସମାନ ଝୋଁକ୍। ପ୍ରବୃତ୍ତିପରାମୃଷ୍ଟତା ଯୋଗୁଁ ସତ୍ତାର ଜ୍ୟୋତି କ୍ଷୀଣ ହୋଇଉଠେ। ଆଉ କଳିରେ ଅଧର୍ମ ତିନିପାଦ ଓ ଧର୍ମ ଏକପାଦ। ସତ୍ତାକୁ କ୍ଷୁର୍ଣ୍ଣ କରି ପ୍ରବୃତ୍ତି ଚରିତାର୍ଥତାର ଚାହିଦା ପ୍ରବଳ, ବିହିତ କରଣୀୟ ନକରି ମଧ୍ୟ ପାଇବା ଓ ଉପଭୋଗର ଦୂରନ୍ତ ଲାଳସା। ଯାହାର ନମୁନା ଚର୍ତୁଦିଗରେ ଦେଖାଯାଏ।

ତ୍ରେତୟାରେ ନୟନାଭିରାମ ଶ୍ରୀରାମଚନ୍ଦ୍ରଙ୍କର ବେଷ୍ଟନୀ ଥିଲା ଅତ୍ୟନ୍ତ ସୁଦୃଢ଼। ଏହି ପ୍ରସଙ୍ଗରେ ଯୁଗାବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଛନ୍ତି - ମର୍ଯ୍ୟାଦା ପୁରୁଷୋତ୍ତମ ଭଗବାନ ଶ୍ରୀରାମଚନ୍ଦ୍ରଙ୍କ ପାଖରେ ପରମବୀର ହନୁମାନ, ଜାମ୍ବୁବାନ, ସୁଗ୍ରୀବ, ଅଙ୍ଗଦ, ନଳ, ନୀଳ ଓ ବିଭୀଷଣ ସମସ୍ତେ ମିଶି ଏକ ଶକ୍ତିଗୁଚ୍ଛ ହିସାବରେ ପ୍ରଭୁଙ୍କର ରକ୍ଷଣା ବେକ୍ଷଣ ଦାୟିତ୍ୱରେ ଥିଲେ। ହଜରତ୍ ରସୁଲଙ୍କର ମଧ୍ୟ ଏକ ଶକ୍ତିମାନ ଗୁଚ୍ଛ ଥିଲା। ପରମବୀର ହନୁମାନ ପ୍ରଭୁ ରାମଚନ୍ଦ୍ରଙ୍କର ସ୍ୱସ୍ତି ନିମିତ୍ତ ସମସ୍ତ କାର୍ଯ୍ୟ କରିଛନ୍ତି। ଏହା ହିଁ ତାଙ୍କର ଆତ୍ମପ୍ରସାଦ ଥିଲା ଓ ଏହା କରିବାକୁ ଯାଇ ତାଙ୍କର ଶକ୍ତି ଦିନକୁ ଦିନ ବଢ଼ି ଉଠିଥିଲା। ତାଙ୍କର ଇତର ଅହଂକାର ନଥିଲା। ଚାହିଁବା ଓ ପାଇବାର ପ୍ରଶ୍ନ ମଧ୍ୟ ନଥିଲା। ଏକମାତ୍ର ଚାହିଦା ଥିଲା ପ୍ରଭୁଙ୍କର ପରିପୂରଣ ଓ ଶାନ୍ତି। ଏଥିପାଇଁ ତାଙ୍କର ଶକ୍ତିର ପରିସର ଦିନକୁ ଦିନ ବଢ଼ି ଉଠିଥିଲା। ଧର୍ମ ଯେଉଁଠାରେ ସେଠାରେ ବୀର୍ଯ୍ୟ, ଯଶ ଓ ଐଶ୍ୱର୍ଯ୍ୟ। ଭକ୍ତି କେତେବେଳେ ହେଲେ ମନୁଷ୍ୟକୁ ଦୁର୍ବଳ କରେନାହିଁ ବରଂ ମନୁଷ୍ୟକୁ ଚିରପରାକ୍ରମଶୀଳ ଉର୍ଜ୍ଜୀ ଅନୁରାମ ସମ୍ପନ୍ନ ଭକ୍ତ କରି ଉଠାଏ। ଭକ୍ତ କେତେବେଳେ ହେଲେ ଇଷ୍ଟଙ୍କର ବୋଝ ହୋଇଉଠେନାହିଁ, ଗଳଗ୍ରହ ହୋଇଉଠେନାହିଁ ବରଂ ନିଜର ସମସ୍ତ ବଳ ଓ ପରାକ୍ରମ ଦେଇ ପ୍ରଭୁଙ୍କର ସେବାକରେ। ଏହାର ଜ୍ୱଳନ୍ତ ଉଦାହରଣ ହେଉଛନ୍ତି ପରମବୀର ହନୁମାନ। ଆମ୍ଭମାନଙ୍କୁ ପ୍ରଭୁ ରାମଚନ୍ଦ୍ରଙ୍କୁ ଅନୁସରଣ କରିବାକୁ ହେବ ହନୁମାନ ଭଳି ଭାବ ଓ ଭକ୍ତି ନେଇ। ହନୁମାନ ହେଉଛନ୍ତି ଭକ୍ତମାନଙ୍କର ରାଜା। ଦୈତ୍ୟରାଜ ରାବଣକୁ ଭଗବାନ ରାମ କ୍ଷମା କରିଦେଇଥିଲେ କିନ୍ତୁ ହନୁମାନ କ୍ଷମା କରିନାହାନ୍ତି। ଭକ୍ତି ସହକାରେ କହିଥିଲେ - ଆପଣଙ୍କ ଶତ୍ରୁକୁ ଆପଣ କ୍ଷମା କରିପାରନ୍ତି କିନ୍ତୁ ମୁଁ କ୍ଷମା କରିପାରିବି ନାହିଁ। ଏହା ହିଁ ହେଉଛି ସଚ୍ଚା ଅନୁରାଗର ନିଶାଣୀ। କଥା ପ୍ରସଙ୍ଗରେ ଯୁଗପୁରୁଷ ଶ୍ରୀ ଶ୍ରୀ ଠାକୁର କହିଲେ - ଆତ୍ମପ୍ରତିଷ୍ଠାର ନିର୍ବାଧ ପନ୍ଥା ହେଲା ଇଷ୍ଟ ପ୍ରତିଷ୍ଠା। ପରମବୀର ହନୁମାନ ପ୍ରଭୁ ରାମଚନ୍ଦ୍ରଙ୍କୁ ପ୍ରତିଷ୍ଠା କରିବାକୁ ଯାଇ କୃତକାର୍ଯ୍ୟ ହେଲେ ଓ ନିଜେ ମଧ୍ୟ ଅମର ହେଲେ। ଭକ୍ତ ହନୁମାନ ଯୁଦ୍ଧ କରିଛନ୍ତି, ରାଜନୀତି କରିଛନ୍ତି, ଲଙ୍କାପୁରୀ ଜଳାଇ ଦେଇଛନ୍ତି କିନ୍ତୁ ସବୁକିଛି ପ୍ରଭୁ ରାମଚନ୍ଦ୍ରଙ୍କ ସେବା ଓ ପ୍ରୀତି ନିମିତ୍ତ ଉଦ୍ଦିଷ୍ଟ, ଆଉ ଏହା ପାଇଁ ତାଙ୍କ ମନରେ ଅହଂକାର ନାହିଁ ଏବଂ ପ୍ରଭୁଙ୍କର ଶକ୍ତିରେ ଶକ୍ତିମାନ ବୋଲି ତାଙ୍କର ହୃଦ୍‌ବୋଧ ଥିଲା।

କୁଳମାଳିକ ପରବ୍ରହ୍ମ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ପୁଣି କହିଛନ୍ତି - ଭକ୍ତବୀର ହନୁମାନ ପ୍ରଭୁ ରାମଚନ୍ଦ୍ରଙ୍କ ପାଖକୁ ଆସିଥିଲେ ତାଙ୍କର ବ୍ୟକ୍ତିଗତ କାମନା, ବାସନା ଓ ମନ୍ତ୍ରୀ ହେବାପାଇଁ କିନ୍ତୁ ପ୍ରଭୁଙ୍କର ଅପାର କୃପା ଓ ହନୁମାନଙ୍କର ଅହେତୁକ ଭକ୍ତି ଯୋଗୁଁ ସମସ୍ତ କାମନା ବାସନା ଭକ୍ତି ଅଗ୍ନିରେ ନିର୍ବାପିତ ହେଲା ଓ ଭକ୍ତକୁଳତିଳକ ପରମବୀର ହନୁମାନ ପ୍ରଭୁ ରାମଚନ୍ଦ୍ରଙ୍କର ଶ୍ରେଷ୍ଠ ଭକ୍ତ ହିସାବରେ ପରିଗଣିତ ହେଲେ। ପ୍ରଭୁ ରାମଚନ୍ଦ୍ରଙ୍କୁ ସୁଖୀ କରିବା, ତାଙ୍କର ମୁହଁରେ ହସ ଫୁଟାଇବା, ତାଙ୍କ ଇଚ୍ଛା ପରିପୂରଣ କରିବା ଛଡ଼ା ଅନ୍ୟ କୌଣସି ଚାହିଦା ଭକ୍ତ ହନୁମାନଙ୍କର ନଥିଲା। ଏହି ପଥରେ ଆତ୍ମ ନିୟନ୍ତ୍ରଣ, ଭଗବାନ ଲାଭ, ସୁଖ ଓ ଶାନ୍ତି, ଆନନ୍ଦ, ଜୟ, ଯଶ, ଐଶ୍ୱର୍ଯ୍ୟ, ସାଫଲ୍ୟ ଓ ସାର୍ଥକତା ସବୁକିଛି ହନୁମାନଙ୍କ କରତଳଗତ ହୋଇଉଠିଥିଲା ଓ ସେ ଅଷ୍ଟସିଦ୍ଧି ଓ ନବନିଧିର ଦାତା ହୋଇଉଠିଥିଲେ। କୁରୁକ୍ଷେତ୍ର ସମରରେ ଭଗବାନ କ୍ରୀଷ୍ଣ ଭକ୍ତବୀର ଅର୍ଜୁନଙ୍କୁ ଗୀତାର ମାହାତ୍ମ୍ୟ ବୁଝାଇଥିବା ସମୟରେ ଭକ୍ତକୁଳତିଳକ ହନୁମାନ ସେହି ରଥର ଶିଖରରେ ବସିଥିଲେ ଓ ସେହିରଥକୁ କପିଧ୍ୱଜ କୁହାଯାଏ। ଆଜି ପବିତ୍ର ହନୁମାନ ଜୟନ୍ତୀରେ ପରମ ଭକ୍ତ ହନୁମାନଙ୍କର ଗୁଣ, ବୀର୍ଯ୍ୟ, ଭକ୍ତି ଓ ସାମର୍ଥ୍ୟକୁ ସ୍ମରଣ କରି ସମଗ୍ର ମାନବ ସମାଜକୁ ଯୁଗପୁରୁଷୋତ୍ତମ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଏହି ଉର୍ଜ୍ଜୀଭକ୍ତିର ପରମ୍ପରାକୁ ଅନୁସରଣ କରିବା ପାଇଁ ଆହ୍ୱାନ ଦେଇଛନ୍ତି। ଜୟଶ୍ରୀ ରାମ। ଜୟ ଶ୍ରୀ ହନୁମାନ।

ପ୍ରତିରତ୍ୱିକ ଓ ଅବସର ପ୍ରାପ୍ତ ବିଭାଗୀୟ ମୁଖ୍ୟ, ହେପାଟୋଲୋଜି ବିଭାଗ,
ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,
ମୋବାଇଲ୍: ୯୩୩୮୧୦୦୮୩୭

## ୨୪ ଘଣ୍ଟା ପରେ ଟ୍ରମ୍ପଙ୍କ ନୂଆ ଧମକ

# ଇରାନରେ ରହିବେ ଆମେରିକା ସୈନ୍ୟ

**ୱାଶିଂଟନ, ୯।୧୦** :ଇରାନ-ଆମେରିକା ମଧ୍ୟରେ ଅସ୍ତ୍ରବିରତି ପରେ ଲେବାନନ ଉପରେ ଇସ୍ରାଏଲର ଭୟଙ୍କର ଆକ୍ରମଣରେ ୨୫୪ଜଣଙ୍କ ମୃତ୍ୟୁ ହୋଇଛି। ଇସ୍ରାଏଲ ପ୍ରତିରକ୍ଷା ବାହିନୀ ଏହାକୁ 'ଅପରେସନ୍ ଇଟର୍ଣ୍ଣାଲ୍ ଡାର୍କନେସ୍' ନାମ ଦେଇଛି। ଇସ୍ରାଏଲ ସେନା ପକ୍ଷରୁ କୁହାଯାଇଛି, ସେମାନେ ମାତ୍ର ୧୦ ମିନିଟ୍ ମଧ୍ୟରେ ଲେବାନନର ପ୍ରାୟ ୧୦୦ଟି ସ୍ଥାନରେ ଶକ୍ତିଶାଳୀ ବୋମା ବିସ୍ଫୋରଣ କରିଛନ୍ତି। ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ସ୍ପଷ୍ଟ କରିଛନ୍ତି, ଇରାନ ସହ ହୋଇଥିବା ଅସ୍ତ୍ରବିରତି ଚୁକ୍ତିରେ ଲେବାନନ ସାମିଲ ନାହିଁ ଏବଂ ହିଜବୁଲ୍ଲା ବିରୋଧରେ ସେମାନଙ୍କର ଅଭିଯାନ ଜାରି ରହିବ। ଅନ୍ୟପଟେ ଲେବାନନ ପ୍ରଧାନମନ୍ତ୍ରୀ ଏହାକୁ ଏକ 'ନରସଂହାର' ବୋଲି କହିଛନ୍ତି। ଅସ୍ତ୍ରବିରତିର ୨୪ ଘଣ୍ଟା ମଧ୍ୟରେ ଟ୍ରମ୍ପଙ୍କ ନୂଆ ଧମକ। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି, ଆମ ଦେଶର



ସୈନ୍ୟ ଏବଂ ଯୁଦ୍ଧଜାହାଜ ଇରାନରେ ରହିବେ। ସେ ସ୍ପଷ୍ଟ କରିଛନ୍ତି, ଯଦି ଆଲୋଚନାର ଫଳାଫଳ ଆମ ଆଶା ପୂରଣ ନ କରେ, ତେବେ ଶତ୍ରୁତା ପୁଣି ଥରେ ଆରମ୍ଭ ହୋଇପାରେ। ଇରାନରେ ସୈନ୍ୟ ରଖିବାର ଏହି ଘୋଷଣା ଟ୍ରମ୍ପ ଇରାନରେ ଅସ୍ତ୍ରବିରତି ଘୋଷଣା କରିବାର ୨୪ ଘଣ୍ଟା ପରେ ଆସିଛି। ଟ୍ରମ୍ପ ନିର୍ଦ୍ଦିଷ୍ଟ ଭାବରେ ହର୍ମୁଜ୍ ପ୍ରଣାଳୀ ଖୋଲିବା ଏବଂ ଇରାନର ପରମାଣୁ କାର୍ଯ୍ୟକ୍ରମକୁ ବନ୍ଦ କରିବା ଉପରେ ଗୁରୁତ୍ୱାରୋପ କରିଛନ୍ତି। ଫଳରେ ଇରାନରେ ପରିସ୍ଥିତି ପୁଣି ସଙ୍କଟ ଜନକ ହେବାର ଆଶଙ୍କା ସୃଷ୍ଟି କରିଛି। ଟ୍ରୁଥ୍ ସୋସିଆଲରେ ଏକ ପୋଷ୍ଟରେ ଟ୍ରମ୍ପ ଲେଖିଛନ୍ତି, ମୂଳ ଚୁକ୍ତି ସମ୍ପୂର୍ଣ୍ଣ କାର୍ଯ୍ୟକାରୀ ନହେବା ପର୍ଯ୍ୟନ୍ତ ସମସ୍ତ ଆମେରିକୀୟ ଜାହାଜ, ବିମାନ, ସୈନ୍ୟ, ଗୋଳାବାରୁଦ, ଅସ୍ତ୍ରଶସ୍ତ୍ର ଏବଂ ଅନ୍ୟାନ୍ୟ ସାମରିକ ଉପକରଣ ଇରାନ ଏବଂ ଏହାର ଆଖପାଖରେ ରହିବେ। ଡୋନାଲ୍ଡ ଟ୍ରମ୍ପ କହିଛନ୍ତି, ଇରାନ ଯଥେଷ୍ଟ ଦୁର୍ବଳ ହୋଇଯାଇଛି, କିନ୍ତୁ ଶତ୍ରୁକୁ ସମ୍ପୂର୍ଣ୍ଣ ଭାବରେ ଧ୍ୱଂସ ଏବଂ ପରାସ୍ତ କରିବା ପାଇଁ ଇରାନର ସାମରିକ ଶକ୍ତି ଏବେ ବି ରହିଛି।

# ଲେବାନନ ଉପରେ ଇସ୍ରାଏଲର ଆକ୍ରମଣ

## ହିଜବୁଲ୍ଲା ନେତା ଅଲୀ ୟୁସୁଫ ହର୍ଷି ମୃତ

**ନୂଆଦିଲ୍ଲୀ, ୯।୪**:ଲେବାନନର ରାଜଧାନୀ ବେରୁଟରେ ବଡ଼ ଆକ୍ରମଣ କରିଛି ଇସ୍ରାଏଲ। ଏହି ଆକ୍ରମଣରେ ହିଜବୁଲ୍ଲା ନେତା ନଇମ କାସିମର ବ୍ୟକ୍ତିଗତ ପରାମର୍ଶଦାତା ଏବଂ ତା ପୁତୁରାର ମୃତ୍ୟୁ ହୋଇଛି ବୋଲି ଇସ୍ରାଏଲ ଦାବି କରିଛି। ଇସ୍ରାଏଲ ସେନା (ଆଇଡିଏଫ) ଅନୁସାରେ, ବେରୁତର ତଲ୍ଲେତ ଖାୟାତ ଅଞ୍ଚଳରେ ହିଜବୁଲ୍ଲାର ଆଡ୍ଡା ଉପରେ ଆକ୍ରମଣ ହୋଇଥିଲା। ଏଥିରେ ଅଲୀ ୟୁସୁଫ ହର୍ଷିକୁ ଟାର୍ଗେଟ କରିଥିଲା ଇସ୍ରାଏଲ। ଏହି ଭୟଙ୍କର ଆକ୍ରମଣରେ ତଲ୍ଲେତ ଖାୟାତ ଅଞ୍ଚଳରେ ଏକ ବହୁତଳ କୋଠା ଧ୍ୱଂସ ହୋଇଛି । ମୃତ ହର୍ଷି ହିଜବୁଲ୍ଲା ନେତା ନଇମ କାସିମଙ୍କ ପୁତୁରା ଏବଂ ବ୍ୟକ୍ତିଗତ ପରାମର୍ଶଦାତା ଥିଲା। ଇସ୍ରାଏଲ ସେନା ଏକ ବିବୃତ୍ତିରେ କହିଛି, 'ହର୍ଷି ହିଜବୁଲ୍ଲାର ମହାସଚିବ ନଇମ କାସିମର ଜଣେ ଘନିଷ୍ଠ ସହଯୋଗୀ ଏବଂ ବ୍ୟକ୍ତିଗତ ପରାମର୍ଶଦାତା ଥିଲା। କାସିମର କାର୍ଯ୍ୟାଳୟ ଏବଂ ତାର ସୁରକ୍ଷା ପରିଚାଳନାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା।' ଆଇଡିଏଫ ଆହୁରି କହିଛି ଯେ, ଇସ୍ରାଏଲ ପକ୍ଷରୁ ରାତିରେ ଲିଟାନି ନଦୀ ନିକଟ ଦୁଇଟି ମୁଖ୍ୟ ରାସ୍ତା ଉପରେ ଆକ୍ରମଣ



ହୋଇଥିଲା। ଏହି ରାସ୍ତା ଦେଇ ହିଜବୁଲ୍ଲା ଦକ୍ଷିଣ ଲେବାନନକୁ ହଜାର ହଜାର ଅସ୍ତ୍ରଶସ୍ତ୍ର, ରକେଟ୍ ଲଞ୍ଚର ପରିବହନ କରେ। ଇସ୍ରାଏଲ ସେନା ପକ୍ଷରୁ କୁହାଯାଇଛି ଯେ, ଦକ୍ଷିଣ ଲେବାନନରେ ପ୍ରାୟ ୧୦ଟି ଅସ୍ତ୍ରଶସ୍ତ୍ର ଡିପୋ, ରକେଟ୍ ଲଞ୍ଚର୍ ଏବଂ ହିଜବୁଲ୍ଲା ମୁଖ୍ୟାଳୟ ଉପରେ ଆକ୍ରମଣ କରାଯାଇଛି। ଲେବାନନରୁ ପରିଚାଳିତ ହିଜବୁଲ୍ଲା ଆତଙ୍କବାଦୀ ଗୋଷ୍ଠୀ ଇସ୍ରାଏଲ ପ୍ରତି ବପଦ ବଢ଼ାଉଛନ୍ତି। ଏହାର ଜବାବରେ ଇସ୍ରାଏଲ ଏହି ଗୋଷ୍ଠୀ ଉପରେ ଆକ୍ରମଣ କରିଆସୁଛି।

# ପାଣି ତଳେ ମାଇନ୍ସ ବିଛାଇଛି ଇରାନ



## ମ୍ୟାପ୍ ଦେଖି ଛାନିଆ ସାରା ବିଶ୍ୱ

**ନୂଆଦିଲ୍ଲୀ, ୯।୪**:ହର୍ମୁଜ ପ୍ରଣାଳୀରେ କେଉଁଠି କେଉଁଠି ବିସ୍ଫୋରକ ଖଞ୍ଜାଯାଇଛି, ତାର ଏକ ମ୍ୟାପ୍ ଜାରି କରିଛି ଇସଲାମିକ୍ ରିଭୋଲ୍ୟୁସନାରୀ ଗାର୍ଡ କର୍ପସ (ଆଇଆରଜିସି)। ହର୍ମୁଜ୍ ପ୍ରଣାଳୀର ପାଣି ତଳେ ମାଇନ୍ ବିଛାଇଛି ଇରାନ୍। ଏହି ମାନଚିତ୍ର ସାମ୍ନାକୁ ଆସିବା ପରେ, ଏହି ଜଳପଥ ଦେଇ ଯାତାୟତ କରୁଥିବା ଜାହାଜ କମ୍ପାନୀଗୁଡ଼ିକ ଛାନିଆ ହୋଇଯାଇଛନ୍ତି। ଆମେରିକା ଏବଂ ଇରାନ୍ ମଧ୍ୟ ଦୁଇ ସପ୍ତାହର ଯୁଦ୍ଧବିରତି ମଧ୍ୟରେ ଇରାନ୍ ଏହି ମ୍ୟାପ୍ ଜାରି କରିଛି। ଇରାନ କରିଥିବା ଏହି ଦାବିରେ ସତ୍ୟତା କେତେ, ତାହା ଜଣାନାହିଁ। ହୁଏତ ଇରାନ୍ ନିଜର ଶକ୍ତି ପ୍ରଦର୍ଶନ ଲାଗି ଏଭଳି ମ୍ୟାପ ଜାରି କରିଥାଇପାରେ। ତେବେ ଆମେରିକା ଏବଂ ଇରାନ ମଧ୍ୟରେ ୧୪ ଦିନିଆ ଯୁଦ୍ଧବିରତି ହୋଇଥିଲେ ହେଁ, ଏହା ଫଳପ୍ରଦ ହେଉଥିବା ଭଳି ମନେ ହେଉ ନାହିଁ। ତେହେରାନ ଦାବି କରିଛି ଯେ, ହର୍ମୁଜ ପ୍ରଣାଳୀରେ ଗତି କରୁଥିବା ଜାହାଜଗୁଡ଼ିକର ସୁରକ୍ଷାକୁ ଦୃଷ୍ଟିରେ ରଖି ମାନଚିତ୍ରଟି ଜାରି କରାଯାଇଛି। ଏହି ପ୍ରଣାଳୀ ଦେଇ ବିଶ୍ୱର ପ୍ରାୟ ୨୦ ପ୍ରତିଶତ ତେଲ ପରିବହନ ହୋଇଥାଏ। ବୁଧବାର ଡୋନାଲ୍ଡ ଟ୍ରମ୍ପ ଏହି ପ୍ରଣାଳୀକୁ ଖୋଲାଯାଇଛି ବୋଲି ଘୋଷଣା କରିଥିଲେ। କିନ୍ତୁ ମାତ୍ର ଦୁଇଟି ଟ୍ୟାଙ୍କର ହର୍ମୁଜ ଦେଇ ଯିବା ପରେ ଏହାକୁ ପୁଣି ବନ୍ଦ କରିଦିଆଯାଇଛି। ଲେବାନନ ବିରୁଦ୍ଧରେ ଇସ୍ରାଏଲର ଏକ ବଡ଼ ଆକ୍ରମଣ ପରେ ଇରାନ ପୁଣି ଥରେ ଏହି ଜଳମାର୍ଗକୁ ବନ୍ଦ କରିଦେଇଛି। ଇସ୍ରାଏଲର ଆକ୍ରମଣରେ ଲେବାନନରେ ପ୍ରାୟ ୧୮୦ ଜଣଙ୍କ ମୃତ୍ୟୁ ହୋଇଛି। ଇରାନ୍ ଅନୁସାରେ, ଏହି ଆକ୍ରମଣ ଯୁଦ୍ଧବିରତିର ଉଲ୍ଲଂଘନ। ଇରାନ ସଂସଦର ବାଚସ୍ପତି ମହମ୍ମଦ ବାଘେର ଗାଲିବାଫ କହିଛନ୍ତି ଯେ, ଇସ୍ରାଏଲ ଏବଂ ଆମେରିକା ଅସ୍ଥାୟୀ ଯୁଦ୍ଧବିରାମର ଅନେକ ସର୍ତ୍ତ ଉଲ୍ଲଂଘନ କରିଛନ୍ତି। ସେ ଲେବାନନରେ ଇସ୍ରାଏଲର ଆକ୍ରମଣକୁ ନିନ୍ଦା କରିଛନ୍ତି। ଅନ୍ୟପଟେ ଗୁରୁବାର ସକାଳେ ଡୋନାଲ୍ଡ ଟ୍ରମ୍ପ ପୁଣି ଥରେ ଇରାନକୁ ଧମକ ଦେଇଛନ୍ତି । ସେ ଟ୍ରୁଥ ସୋସିଆଲ ଲେଖିଛନ୍ତି, ଆକ୍ରମଣ ପୁଣି ଆରମ୍ଭ ହୋଇଛି। ପୂର୍ବାପେକ୍ଷା ଆହୁରି ଭୟଙ୍କର ହେବ, ଏଭଳି ଆକ୍ରମଣ ଆଗରୁ କେହି କେବେ ଦେଖିନଥିବେ। ହର୍ମୁଜ ଜଳମାର୍ଗ ଖୋଲା କରିବାକୁ ଦାବି ଦୋହରାଇଛନ୍ତି ଟ୍ରମ୍ପ। ସେପଟେ ଇରାନ୍ ହର୍ମୁଜ୍ ଦେଇ ତେଲ ପରିବହନ କରୁଥିବା ତୈଳ ଟାଙ୍କର ଉପରେ ୧ ମିଲିୟନ ଡଲାର ଶୁଳ୍କ ଲାଗୁ କରିବାକୁ ଯୋଜନା କରୁଛି।

# ୟୁକ୍ରେନ ଉପରେ ପରମାଣୁ ଆକ୍ରମଣ କରିବ ରୁଷ !

**ରୁଷ, ୯।୪**: ଦୀର୍ଘ ୫ ବର୍ଷ ହେଲାଣି ଚାଲିଛି ଯୁଦ୍ଧ। ଆକ୍ରମଣ ପ୍ରତି ଆକ୍ରମଣରେ ହତାଶ ହେଲେଣି ରୁଷ-ୟୁକ୍ରେନ୍। ମରୁଛନ୍ତି ଲୋକେ, ନଷ୍ଟ ହେଉଛି ସମ୍ପତ୍ତି। ତଳିତଳାନ୍ତ ହେଉଛି ଅର୍ଥନୀତି। ଏଥର ଆଉ ନୁହେଁ, ଭାଙ୍ଗିଛି ପୁଟିନଙ୍କ ଧୈର୍ଯ୍ୟ। ୟୁକ୍ରେନ୍ ଉପରେ ପରମାଣୁ ଆକ୍ରମଣ କରିବାକୁ ଯୋଜନା କରୁଛି ମସ୍କୋ। ପୁଟିନ ସରକାରଙ୍କ ସହ ଜଡିତ ରୁଷର ଏକ ବଡ଼ ବ୍ୟବସାୟୀ ତଥା ମିଡିଆ ଲିଡର ଏହି ବୟାନ ଦେବା ପରେ ୟୁକ୍ରେନରେ ଭୟର ବାତାବରଣ ଖେଳିଯାଇଛି। ଏଭଳି ବୟାନ ଦେଇଛନ୍ତି ବ୍ୟବସାୟୀ ତଥା ରୁଷ ସରକାରୀ ସମର୍ଥକ ଚ୍ୟାନେଲ୍ ସାର୍ଗ୍ରାଡ୍ ମାଲିକ କନଷ୍ଟାଣ୍ଟିନ ମାଲୋଫିଭ। ପରମାଣୁ ଆକ୍ରମଣ ହିଁ ଯୁଦ୍ଧର ନିର୍ଣ୍ଣାୟକ ହେବ ବୋଲି ସେ ଚେତାବନୀ ଦେଇଛନ୍ତି। ଯୁଦ୍ଧ ଦୀର୍ଘଦିନ ହେଲା ଲାଗି ରହିଥିବାରୁ ଦୁଇ ଦେଶ କ୍ଲାନ୍ତ ହୋଇପଡ଼ିଲେଣି।



ଗୋଟିଏ ଷ୍ଟ୍ରାଇକ୍‌ରେ ଶେଷ ହେବ ଯୁଦ୍ଧ

ତା' ଛଡ଼ା ବଢ଼ୁଥିବା ୟୁକ୍ରେନର ସାମରିକ କ୍ଷମତା ମଧ୍ୟ ପୁଟିନଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି। କାରଣ ୟୁକ୍ରେନ୍ ପଶ୍ଚିମ ଦେଶଗୁଡ଼ିକ ଠାରୁ ସମର୍ଥନ ପାଇଁ ଅତ୍ୟାଧୁନିକ ଅସ୍ତ୍ରର ପ୍ରହାର କରୁଛି। ଏହାର ଜବାବରେ ରୁଷ କେବଳ ଲକ୍ଷ୍ୟସ୍ଥଳକୁ ଧ୍ୱଂସ କରୁଛି। ହେଲେ ରୁଷ ଏବେ ଆଉ ଯୁଦ୍ଧକୁ ଲମ୍ବାଇବାକୁ ଚାହୁଁନି। ତେଣୁ ଗୋଟିଏ ପ୍ରହାରରେ ଯୁଦ୍ଧକୁ ଶେଷ କରିବାକୁ କିଛି ବଡ଼ ଯୋଜନା କରୁଛି ବୋଲି ମିଡିଆ ରିପୋର୍ଟ କହିଛି। ଡେଲି ଏକ୍ସପ୍ରେସର ରିପୋର୍ଟ ଅନୁସାରେ କନଷ୍ଟାଣ୍ଟିନ ମାଲୋଫିଭ କହିଛନ୍ତି ଏଭଳି ପରିସ୍ଥିତିରେ ପରମାଣୁ ଆକ୍ରମଣ ହିଁ ଯୁଦ୍ଧର ନିର୍ଣ୍ଣାୟକ ହୋଇପାରେ। ମିଡିଆରେ ତାଙ୍କର ଏଭଳି ବୟାନ ୟୁକ୍ରେନ୍ ସମେତ ବିଶ୍ୱରେ ଚିନ୍ତା ବଢ଼ାଇ ଦେଇଛି। ମିଡିଆରେ ପ୍ରତିକ୍ରିୟା ଦେଇ ସେ ଯୁଦ୍ଧକୁ ଏକଦମ ଶେଷ କରିବାକୁ ଆହ୍ୱାନ ଦେଇଛନ୍ତି। କହିଛନ୍ତି 'ବର୍ତ୍ତମାନ ଯୁଦ୍ଧ ଶେଷ କରିବାର ସମୟ ଆସିଯାଇଛି। ପରମାଣୁ ଆକ୍ରମଣ ଦ୍ୱାରା ସବୁକିଛି ନିଷ୍ପତ୍ତି ନିଆଯିବ'। ସେ ଆହୁରି କହିଛନ୍ତି ଯେ ରୁଷ "ପଶ୍ଚିମ ୟୁକ୍ରେନ ଉପରେ ପରମାଣୁ ଆକ୍ରମଣ କରିବାର ୭୨ ଘଣ୍ଟା ପୂର୍ବରୁ ନାଗରିକମାନଙ୍କୁ ସୂଚନା ଦେବ। ୨୦-୨୫ କିଲୋଟନର ପରମାଣୁ ବୋମା ମାଡ଼ କରି ସାରା ୟୁକ୍ରେନ୍ରେ ଗୁରୁତର ବିନାଶ ଏବଂ ଆତଙ୍କ ସୃଷ୍ଟି କରିବ। ଯୁଦ୍ଧ ଗୋଟିଏ ମାସ ମଧ୍ୟରେ ଶେଷ ହୋଇଯିବ ବୋଲି ସେ କହିଛନ୍ତି।

# ନିରପେକ୍ଷ ମଧ୍ୟସ୍ଥି ନୁହେଁ ଇସଲାମାବାଦ

## ପାକିସ୍ତାନ ଉପରେ ଚାପ ପକାଉଥିଲା ଆମେରିକା

**ନୂଆଦିଲ୍ଲୀ, ୯।୪**:ପାକିସ୍ତାନ ତେହେରାନ ଓ ୱାସିଂଟନ ମଧ୍ୟରେ ଯୁଦ୍ଧବିରତିରେ ମଧ୍ୟସ୍ଥତା କରି ନିଜକୁ ଶାନ୍ତିଦୂତ ଭାବେ ଦର୍ଶାଇବାକୁ ଚାହୁଁଛି । ତେବେ ଫାଇନ୍ସିଆଲ ଟାଇମ୍ସର ଏକ ରିପୋର୍ଟ ଅନୁଯାୟୀ, ଆମେରିକା ବିଭିନ୍ନ କାରଣରୁ ଇରାନ ସହିତ ଯୁଦ୍ଧ ଅଧିକ ଦିନ ଜାରି ରଖିବାକୁ ଚାହୁଁ ନଥିଲା। ଏଥିପାଇଁ ଇରାନ ସହିତ ଏକ ସାମୟିକ ଯୁଦ୍ଧବିରତି କରାଇବାକୁ ଇସଲାମାବାଦ ଉପରେ ଚାପ ପକାଉଥିଲା। ଏହି ରିପୋର୍ଟ ପାକିସ୍ତାନର ସ୍ୱାଧୀନ କୂଟନୈତିକ ମନୋଭାବ ଉପରେ ଗମ୍ଭୀର ପ୍ରଶ୍ନ ଉଠାଇଛି। ରିପୋର୍ଟରେ କୁହାଯାଇଛି ଯେ, ଇସଲାମାବାଦ ଏକ ନିରପେକ୍ଷ ମଧ୍ୟସ୍ଥି ନୁହେଁ ବରଂ ଆମେରିକା ପାଇଁ ଅସ୍ଥାୟୀ ଯୁଦ୍ଧବିରତି ଚୁକ୍ତିକୁ ଆଗକୁ ବଢ଼ାଇବା ପାଇଁ ଏକ ସୁବିଧାଜନକ ଚ୍ୟାନେଲ ଥିଲା। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇସଲାମିକ ଗଣରାଜ୍ୟ ବିରୋଧରେ ଧମକ ବୃଦ୍ଧି କରିଥିଲେ ମଧ୍ୟ ବାସ୍ତବରେ ତେହେରାନ ସହିତ ଯୁଦ୍ଧବିରତି କରିବାକୁ ଚାହୁଁଥିଲେ।

ରିପୋର୍ଟରେ କୁହାଯାଇଛି ଯେ, ଗତ କିଛି ସପ୍ତାହ ହେଲା ଟ୍ରମ୍ପ ପ୍ରଶାସନ ଇସଲାମାବାଦ ଉପରେ ଇରାନକୁ ଯୁଦ୍ଧ ବନ୍ଦ କରିବାକୁ ରାଜି କରାଇବାକୁ ଚାପ ପକାଇ ଆସୁଥିଲା, ଯଦ୍ୱାରା ଗୁରୁତ୍ୱପୂର୍ଣ୍ଣ ହର୍ମୁଜ ପ୍ରଣାଳୀ ଖୋଲିପାରିବ।



ମୁସଲିମ ବହୁଳ ପଡ଼ୋଶୀ ଏବଂ ମଧ୍ୟସ୍ଥି ଭାବରେ ପାକିସ୍ତାନର ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିଲା ବୋଲି ରିପୋର୍ଟରେ କୁହାଯାଇଛି। ପାକିସ୍ତାନର ପ୍ରତିରକ୍ଷା ମୁଖ୍ୟ ଅସୀମ ମୁନିରଙ୍କ ନେତୃତ୍ୱରେ ଇସଲାମାବାଦ ମଙ୍ଗଳବାର ରାତିରେ ଗୁପ୍ତ ବୁଝାମଣା କରିଥିଲା ଓ ଆମେରିକା, ଇସ୍ରାଏଲ ଏବଂ ଇରାନ ଦୁଇ ସପ୍ତାହ ପାଇଁ ଯୁଦ୍ଧବିରତି ପାଇଁ ରାଜି ହୋଇଛନ୍ତି।

ତେହେରାନକୁ ପ୍ରସ୍ତର ଯୁଗକୁ ଠେଲି ଦେବାକୁ ୱାସିଂଟନର ଧମକ ପରେ ଯୁଦ୍ଧବିରତି ପାଇଁ ତିନି ଦେଶ ରାଜି ହୋଇଥିଲେ। ତେବେ ଶାନ୍ତି ଆଲୋଚନା ସମ୍ପର୍କିତ ସୂତ୍ର ଅନୁଯାୟୀ ତୈଳ ମୂଲ୍ୟ ବୃଦ୍ଧିକୁ ନେଇ ଟ୍ରମ୍ପ ଚିନ୍ତିତ ଥିଲେ ଏବଂ ଇରାନ ଶାସନର ସ୍ଥିରତା ଦେଖି ଆଶ୍ଚର୍ଯ୍ୟ ହୋଇଥିଲେ। ରିପୋର୍ଟରେ କୁହାଯାଇଛି ଯେ ଆମେରିକୀୟ କମାଣ୍ଡର ଇନ୍ ଚିଫ୍ ଇରାନର ପାୱାର ପ୍ଲାଣ୍ଟଗୁଡ଼ିକୁ ଧ୍ୱଂସ କରିବା ପାଇଁ ମାର୍ଚ୍ଚ ୨୧ ତାରିଖରେ ଦେଇଥିବା ପ୍ରଥମ ଧମକ ପରେ ଯୁଦ୍ଧବିରତି ପାଇଁ ଆଗ୍ରହୀ ଥିଲେ। ଫାଇନ୍ସନିଆଲ ଟାଇମ୍ସ ରିପୋର୍ଟ ଅନୁଯାୟୀ ୱାସିଂଟନ ଏବଂ ଇସଲାମାବାଦ ବିଶ୍ୱାସ କରୁଥିଲେ ଯେ ଯଦି ଏକ ମୁସଲିମ ବହୁଳ ପଡ଼ୋଶୀ ରାଷ୍ଟ୍ର ଯୁଦ୍ଧବିରତି ପ୍ରସ୍ତାବ ପ୍ରଦାନ କରେ ତେହେରାନ ପ୍ରସ୍ତାବକୁ ଗ୍ରହଣ କରିବାର ସମ୍ଭାବନା ଅଧିକ ରହିଛି । ମଙ୍ଗଳବାର ଟ୍ରମ୍ପଙ୍କ କଟ୍ଟ ସମୟ ପୂରି ଆସୁଥିବାରୁ ପାକିସ୍ତାନ ଓ ଆମେରିକା ଅଧିକ ବ୍ୟଗ୍ର ହୋଇପଡ଼ିଥିଲେ।

# କାନାଡାରେ ଭାରତୀୟ ଛାତ୍ରଛାତ୍ରୀଙ୍କ ସମସ୍ୟା ବଢ଼ୁଛି

## ୨୧ ଦିନ ମଧ୍ୟରେ ଡକ୍ୟୁମେଣ୍ଟ ଦାଖଲ ନକଲେ ନିର୍ବାସନ



**ନୂଆଦିଲ୍ଲୀ, ୯।୪**:କାନାଡା ଆନ୍ତର୍ଜାତୀୟ ଛାତ୍ରଛାତ୍ରୀଙ୍କ ପାଇଁ ନୂତନ ନିୟମ ଲାଗୁ କରିଛି। ଏନେଇ ସେଠାରେ ପଢୁଥିବା ଅନ୍ୟ ଦେଶର ଛାତ୍ରଛାତ୍ରୀଙ୍କ ଚିନ୍ତା ବଢ଼ିବାରେ ଲାଗିଛି। ସରକାର ଆନ୍ତର୍ଜାତୀୟ ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କର ଡକ୍ୟୁମେଣ୍ଟ ଦାଖଲ କରିବା ପାଇଁ କେବଳ ୨୧ ଦିନ ସମୟ ଦେଇଛନ୍ତି। ଏହି ନିର୍ଦ୍ଦେଶ ଭାରତ ସମେତ ଅନେକ ଦେଶର ଛାତ୍ରଛାତ୍ରୀଙ୍କୁ ପ୍ରଭାବିତ କରିଛି। କାନାଡା ସରକାର ଛାତ୍ରଛାତ୍ରୀମାନଙ୍କୁ ନୋଟିସ୍ ପଠାଇବା ଆରମ୍ଭ କରିଛନ୍ତି। ଷ୍ଟଡି ପରମିଟ୍ ନିୟମାବଳୀ ସହିତ ଅନୁପାଳନ ପ୍ରମାଣ କରିବା ପାଇଁ ଡକ୍ୟୁମେଣ୍ଟ ଦାବି କରାଯାଇଛି। ଏହି ପଦକ୍ଷେପ କାନାଡାର ଅଡିଟର ଜେନେରାଲଙ୍କ ଏକ ରିପୋର୍ଟ ପରେ ନିଆଯାଇଛି। ରିପୋର୍ଟ ଆନ୍ତର୍ଜାତୀୟ ଛାତ୍ର କାର୍ଯ୍ୟକ୍ରମର ବିଶ୍ୱସନୀୟତା ବିଷୟରେ ଗମ୍ଭୀର ଚିନ୍ତା ପ୍ରକାଶ କରିଥିଲା।

୨୩ ମାର୍ଚ୍ଚରେ, କାନାଡା ସଂସଦରେ ଆନ୍ତର୍ଜାତୀୟ ଛାତ୍ର କାର୍ଯ୍ୟକ୍ରମରେ ଠକେଇ ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା। ଅଡିଟର ଜେନେରାଲ କରେନ ହୋଗାନ କହିଥିଲେ ଯେ ବିଭାଗ ତୁରନ୍ତ ବିଶ୍ୱସନୀୟତା ଚିନ୍ତାର ସମାଧାନ କରିବା ଉଚିତ। ଏହା ପରେ, ଇମିଗ୍ରେସନ, ରିଫ୍ୟୁଜିଜ୍ ଏବଂ ନାଗରିକତା କାନାଡା (ଆଇଆରସିସି) ଛାତ୍ରଛାତ୍ରୀମାନଙ୍କୁ ନୋଟିସ୍ ପଠାଇଛି। ଏହି ନୋଟିସ୍‌ଗୁଡ଼ିକ ଅନୁଯାୟୀ ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କର ଡେଜିନେଟେଡ୍ ଲର୍ଣ୍ଣିଂ ଇନଷ୍ଟିଚ୍ୟୁସନ୍ (ଡିଏଲ୍ଆଇ)ରୁ ସେମାନଙ୍କର ବର୍ତ୍ତମାନର ନାମଲେଖା ନିଶ୍ଚିତ କରି ଏକ ଚିଠି ଦାଖଲ କରିବାକୁ ପଡିବ। ସେମାନଙ୍କର ପୂର୍ବ ଏବଂ ବର୍ତ୍ତମାନର ଶିକ୍ଷାନୁଷ୍ଠାନର ଟ୍ରାନ୍ସକ୍ରିପ୍ଟ ମଧ୍ୟ ଦାଖଲ କରିବାକୁ ପଡିବ। ନୋଟିସ୍‌ରେ ଚେତାବନୀ ଦିଆଯାଇଛି, ଯଦି ୨୧ ଦିନ ମଧ୍ୟରେ ଆବଶ୍ୟକୀୟ ଡକ୍ୟୁମେଣ୍ଟ ଦାଖଲ ନକରାଯାଏ, ତେବେ ଛାତ୍ରଛାତ୍ରୀଙ୍କ ଅସ୍ଥାୟୀ ବାସିନ୍ଦା ସ୍ଥିତି ପ୍ରତ୍ୟାହାର କରାଯାଇପାରେ। ପରେ ସେମାନଙ୍କୁ ନିର୍ବାସନ କରାଯିବ। କାନାଡାର ଏହି ନୂତନ ନିର୍ଦ୍ଦେଶ ଏବଂ କଠୋର ସମୟସୀମା ଛାତ୍ରଛାତ୍ରୀଙ୍କ ମଧ୍ୟରେ ଭୟ ଏବଂ ଚାପ ବୃଦ୍ଧି କରିଛି।

# ହଳଦିଆରେ ମୋଦିଙ୍କ ପ୍ରତିଶ୍ରୁତି ବର୍ଷା



## ପଶ୍ଚିମବଙ୍ଗବାସୀଙ୍କୁ ଦେଲେ ଛଅ ଗ୍ୟାରେଣ୍ଟି

## ଶରଣାର୍ଥୀଙ୍କୁ ଦିଆଯିବ ସବୁ ସବୁଧା

## ଅନୁପ୍ରବେଶକାରୀଙ୍କୁ ବରଦାସ୍ତ କରାଯିବନି

**କୋଲକାତା, ୯।୪** :ପଶ୍ଚିମବଙ୍ଗର ହଳଦିଆରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସାଧାରଣ ସଭାରେ ପୁଣି ଥରେ ପ୍ରତିଶ୍ରୁତିର ଜୁଆର ଉଠିଛି। ହଳଦିଆରେ ପ୍ରଧାନମନ୍ତ୍ରୀଙ୍କ ସଭାରେ ଏକାଠି ହୋଇଥିବା ଭିଡ଼କୁ ସେ ପରିବର୍ତ୍ତନର ଝଡ ବୋଲି କହିଛନ୍ତି। ଜନସାଧାରଣଙ୍କ ପ୍ରତି ସମ୍ବେଦନହୀନ ଥିବା ସରକାରଙ୍କୁ ବରଖାସ୍ତ କରିବାର ସମୟ ଆସିଛି ବୋଲି କହିବା ସହ ସେ ପଶ୍ଚିମବଙ୍ଗ ଭୋଟରଙ୍କୁ ଛଅଟି ଗ୍ୟାରେଣ୍ଟି ଦେଇଛନ୍ତି। ବିଜେପି ସରକାର ରାଜ୍ୟରେ ଭୟର ବାତାବରଣକୁ ସମାପ୍ତ କରିବ। ଲୋକମାନେ ଆଉ ଭୟରେ ରହିବେ ନାହିଁ, ବରଂ ଆତ୍ମବିଶ୍ୱାସର ସହିତ ବଞ୍ଚିବେ ଏବଂ ଆଇନର ଶାସନ ପୁଣି ଥରେ ଦୃଢ଼ ଭାବରେ ପ୍ରତିଷ୍ଠିତ ହେବ। ତାଙ୍କର ଦ୍ୱିତୀୟ ଗ୍ୟାରେଣ୍ଟି ହେଉଛି, ସରକାରୀ ବ୍ୟବସ୍ଥା ଆଉ କେବଳ ଫାଇଲରେ ସୀମିତ ରହିବ ନାହିଁ, ବରଂ ସାଧାରଣ ସେବା ପାଇଁ ସମ୍ପୂର୍ଣ୍ଣ ଉତ୍ତରଦାୟୀ ରହିବ। ଏହାର ଅର୍ଥ ହେଉଛି ଯେ ସେମାନଙ୍କୁ ଆଉ ସେମାନଙ୍କର କାମ କରିବା ପାଇଁ କାର୍ଯ୍ୟାଳୟକୁ ବାରମ୍ବାର ଦୌଡ଼ିବାକୁ ପଡ଼ିବ ନାହିଁ। ପ୍ରଧାନମନ୍ତ୍ରୀ ତାଙ୍କ ରାଜନୀତିର କେନ୍ଦ୍ରରେ ରାଜ୍ୟର ମା' ଏବଂ ଭଉଣୀମାନଙ୍କ ସୁରକ୍ଷାକୁ ଗୁରୁତ୍ୱ ପ୍ରଦାନ କରିଛନ୍ତି। ତାଙ୍କର ତୃତୀୟ ଏବଂ ଚତୁର୍ଥ ଗ୍ୟାରେଣ୍ଟିରେ, ସେ ଦୁର୍ନୀତି ଏବଂ ଅପରାଧ ବିରୋଧରେ ଏକ ନିର୍ଣ୍ଣାୟକ ଯୁଦ୍ଧ ଘୋଷଣା କରିଛନ୍ତି। ସେ ସ୍ପଷ୍ଟ ଭାବରେ କହିଛନ୍ତି ଯେ, ରାଜ୍ୟର ପ୍ରତ୍ୟେକ ଦୁର୍ନୀତି, ମହିଳାମାନଙ୍କ ପ୍ରତି ଅନ୍ୟାୟ ଏବଂ ଦୁଷ୍କର୍ମ ମାମଲାକୁ ପୁଣି ଥରେ ଖୋଲାଯିବ, ଯାହାଦ୍ୱାରା ଅପରାଧୀମାନଙ୍କୁ ଦଣ୍ଡ ଦିଆଯାଇପାରିବ। ଦୁର୍ନୀତି ଉପରେ କଠୋର ଆଭିମୁଖ୍ୟ ଗ୍ରହଣ କରି ପ୍ରଧାନମନ୍ତ୍ରୀ ଚେତାବନୀ ଦେଇଛନ୍ତି ଯେ, ଟିଏମ୍‌ସି ଶାସନରେ ଯେଉଁମାନେ ସାଧାରଣ ଲୋକଙ୍କ ଟଙ୍କା ଲୁଟ୍ କରିଛନ୍ତି ସେମାନେ ଏବେ ଜେଲ୍‌କୁ ଯିବେ। ଉଚ୍ଚପଦସ୍ଥ ମନ୍ତ୍ରୀ ହୁଅନ୍ତୁ କିମ୍ବା ସରକାରୀ ଅଧିକାରୀ ଆଇନ କାହାକୁ ମଧ୍ୟ ଛାଡିବ ନାହିଁ। 'ସବ୍‌କା ସାଥ୍, ସବ୍‌କା ବିକାଶ୍' ସ୍ଲୋଗାନ ଦେଇ ସେ ପ୍ରତିଶ୍ରୁତି ଦେଇଛନ୍ତି ଯେ, ରାଜ୍ୟର ଲୁଟେରାମାନଙ୍କୁ ହିସାବ ଦେବାର ସମୟ ଆସିଛି।

ପ୍ରଧାନମନ୍ତ୍ରୀ ତାଙ୍କର ଶେଷ ଦୁଇଟି ପ୍ରତିଶ୍ରୁତି ସହିତ ସମାଜର ଦୁଇଟି ଭିନ୍ନ ବର୍ଗକୁ ଏକ ଶକ୍ତିଶାଳୀ ବାର୍ତ୍ତା ଦେଇଛନ୍ତି। ସେ ସ୍ପଷ୍ଟ କରିଛନ୍ତି ଯେ, ରାଜ୍ୟରେ ଶରଣାର୍ଥୀ ଭାବରେ ରହୁଥିବା ଲୋକମାନଙ୍କୁ ସମ୍ବିଧାନ ଅନୁଯାୟୀ ସମସ୍ତ ଅଧିକାର ପ୍ରଦାନ କରାଯିବ, କିନ୍ତୁ ଦେଶର ସୁରକ୍ଷା ପାଇଁ ବିପଦ ସୃଷ୍ଟି କରୁଥିବା ଅନୁପ୍ରବେଶକାରୀଙ୍କୁ କୌଣସି ମୂଲ୍ୟରେ ବରଦାସ୍ତ କରାଯିବ ନାହିଁ ଏବଂ ସେମାନଙ୍କୁ ରାଜ୍ୟରୁ ତଡ଼ାଯିବ। ଏହା ସହିତ, ସେ ରାଜ୍ୟର ଲକ୍ଷ ଲକ୍ଷ ସରକାରୀ କର୍ମଚାରୀ ଏବଂ ଶିକ୍ଷକଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ଖୁସି ଖବରରେ ମୋଦୀ ଷଷ୍ଠ ଗ୍ୟାରେଣ୍ଟି ପ୍ରଦାନ କରି ପ୍ରତିଶ୍ରୁତି ଦେଇଛନ୍ତି, ବିଜେପି ସରକାର ଗଠନ ହେବା ମାତ୍ରେ ରାଜ୍ୟରେ ସପ୍ତମ ବେତନ କମିସନ ଲାଗୁ କରାଯିବ।

## କାମ କରୁନି ୧୯୨ କୋଟିର ଶୌଚାଳୟ

# ଅନ୍ତରୀକ୍ଷରୁ ଫେରୁଥିବା ମହାକାଶଚାରୀଙ୍କ ସମସ୍ୟା ବଢ଼ିଲା

**ନୂଆଦିଲ୍ଲୀ, ୯।୪**:ଚନ୍ଦ୍ର ଚାରିପଟେ ସଫଳ ଯାତ୍ରା ପରେ ପୃଥିବୀକୁ ଫେରି ଆସୁଛି ଓରିଅନ୍ ମହାକାଶଯାନ। ସବୁକିଛି ଠିକ୍ ଠାକ୍ ଚାଲିଥିଲା। କିନ୍ତୁ ୨୩ ନିୟୁତ ଡଲାର (ପ୍ରାୟ ୧୯୨ କୋଟି ଟଙ୍କା) ମୂଲ୍ୟର ଶୌଚାଳୟ ହଠାତ କାମ କଲାନି। ମହାକାଶରେ ପରିସ୍ରା ଫିଙ୍ଗିବା ବ୍ୟବସ୍ଥା କାମ କରିବା ବନ୍ଦ କରିଦେଇଛି। ନାସା ବିଶ୍ୱାସ କରୁଛି ଯେ ପରିସ୍ରା ପ୍ରଣାଳୀରେ ରାସାୟନିକ ପ୍ରତିକ୍ରିୟା ଯୋଗୁଁ ଏହି ସମସ୍ୟା ସୃଷ୍ଟି ହୋଇଛି। ମଳ ବାହାର କରିବା ପାଇଁ ପୃଥକ ବ୍ୟବସ୍ଥା ଠିକ ଭାବରେ କାମ କରୁଛି।

ମହାକାଶଚାରୀ କ୍ରିଷ୍ଟିନା କୋଚ୍ ୟୁନିଭର୍ସାଲ୍ ୱେଷ୍ଟ ମ୍ୟାନେଜମେଣ୍ଟ ସିଷ୍ଟମରୁ ଜଳୁଥିବା ହିଟର ପରି ଗନ୍ଧ ଆସୁଥିବାର ରିପୋର୍ଟ କରିଥିଲେ। ଫ୍ଲାଇଟ ନିର୍ଦ୍ଦେଶକ ରିକ୍ ହେନଫ୍ଲିଙ୍ଗ୍ ସ୍ପଷ୍ଟ କରିଥିଲେ ଯେ ଶୌଚାଳୟ ଏବେ ବି କାମ କରୁଛି। କିନ୍ତୁ ସମସ୍ୟା ହେଉଛି ୱେଷ୍ଟୱାଟର ପାଣି ଟାଙ୍କି ଖାଲି କରିବା। ଭେଣ୍ଟ ସଂକୁଚିତ ହୋଇଯାଇଛି। ତେଣୁ କ୍ରୁଙ୍କୁ ବ୍ୟାକଅପ୍



ବ୍ୟବହାର କରିବାକୁ ପଡୁଛି। ବର୍ତ୍ତମାନ, ସମସ୍ତ ଚାରି ଜଣ ମହାକାଶଚାରୀ ବ୍ୟକ୍ତିଗତ ଯୁରିନି ଡିସ୍ପୋଜାଲ କଣ୍ଟିଜେନ୍ସି ବ୍ୟବହାର କରୁଛନ୍ତି। ଯାହାକୁ କୋଲାପ୍ସିବଲ୍ କଣ୍ଟିଜେନ୍ସି ୟୁରିନ୍ ଡିସପୋଜଲ୍ ଡିଭାଇସ୍ କୁହାଯାଏ।

ତେବେ ଏହି ସମସ୍ୟା ଲିଫ୍ଟଅଫର କିଛି ସମୟ ପରେ ଆରମ୍ଭ ହୋଇଥିଲା। କ୍ରିଷ୍ଟିନା କୋଚ୍ ସିଷ୍ଟମର ନିୟନ୍ତ୍ରଣଗୁଡ଼ିକୁ ସଜାଡ଼ିଥିଲେ। ମିଶନ କଣ୍ଟ୍ରୋଲ ସାହାଯ୍ୟରେ ସିଷ୍ଟମକୁ ପୁନଃଆରମ୍ଭ କରିଥିଲେ। ପ୍ରଥମେ ସମସ୍ୟାର ସମାଧାନ ହୋଇଯାଇଥିବା ପରି ମନେ ହେଉଥିଲା। ସେ ଶୌଚାଳୟକୁ ମହାକାଶଯାନର ସବୁଠାରୁ ଜରୁରୀ ଉପକରଣ ଭାବରେ ବର୍ଣ୍ଣନା କରିଥିଲେ। ଏବେ କିନ୍ତୁ ସମସ୍ୟାଟି ସମ୍ପୂର୍ଣ୍ଣ ଭାବେ ଶେଷ ହୋଇନି। ମହାକାଶଚାରୀମାନେ ଏବେ ବି ମହାକାଶରେ ପରିସ୍ରା କରିପାରୁନାହାଁନ୍ତି। ଏହି ସମସ୍ୟା ହ୍ୟୁଷ୍ଟନର ଜନସନ ସ୍ପେସ୍ ସେଣ୍ଟରରେ ପ୍ରତ୍ୟେକ ସାମ୍ବାଦିକ ସମ୍ମିଳନୀରେ ମୁଖ୍ୟ ପ୍ରସଙ୍ଗ ପାଲଟିଛି।

# ବିହାରରେ ନୀତୀଶ ଯୁଗର ଅନ୍ତ

## ୧୫ରେ ଶପଥ ନେବେ ନୂଆ ମୁଖ୍ୟମନ୍ତ୍ରୀ



**ପାଟନା, ୯।୪**:ବିହାର ରାଜନୀତିରେ ନୀତୀଶ ଯୁଗର ଅନ୍ତ ହେବାକୁ ଯାଉଛି। ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଆସନ୍ତାକାଲି ରାଜ୍ୟସଭାରେ ଶପଥ ନେବେ। ସେପଟେ ଆସନ୍ତା ସପ୍ତାହରେ ବିହାରକୁ ଏକ ନୂଆ ମୁଖ୍ୟମନ୍ତ୍ରୀ ମିଳିବା ଏକପ୍ରକାର ନିଶ୍ଚିତ ହୋଇଛି। ଶୁକ୍ରବାର ଶପଥ ଗ୍ରହଣ ପରେ ନୀତୀଶ ପାଟନା ଫେରିବେ ଏବଂ ୧୩ ତାରିଖରେ ବସିବ କ୍ୟାବିନେଟ୍ ବୈଠକ। ୧୪ ତାରିଖରେ ନିଜ ପଦରୁ ଇସ୍ତଫା ଦେଇପାରନ୍ତି ନୀତୀଶ। ସମ୍ଭାବନା ରହିଛି ଯେ, ଆସନ୍ତା ୧୫ ତାରିଖରେ ପାଟନାର ଗାନ୍ଧୀ ମଇଦାନରେ ନୂଆ ମୁଖ୍ୟମନ୍ତ୍ରୀଙ୍କ ଶପଥ ଗ୍ରହଣ ଉତ୍ସବ ଅନୁଷ୍ଠିତ ହେବ। ନୂଆ ସରକାରରେ ନୀତୀଶଙ୍କ ପୁଅ ନିଶାନ୍ତ କୁମାରଙ୍କୁ ଉପ-ମୁଖ୍ୟମନ୍ତ୍ରୀ ପଦ ମିଳିବା ନେଇ ଚର୍ଚ୍ଚା ଜୋର ଧରିଛି। ରାଜ୍ୟ ବିଧାନସଭାରେ ସବୁଠାରୁ ବଡ଼ ଦଳ ଭାବେ ବିଜେପି ଏବେ ସରକାର ଗଠନର ନେତୃତ୍ୱ ନେବାକୁ ପ୍ରସ୍ତୁତ ହେଉଛି। ମୁଖ୍ୟମନ୍ତ୍ରୀ ଦୌଡ଼ରେ ଉପ-ମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧୁରୀ ଓ ବିଜୟ କୁମାର ସିହ୍ନାଙ୍କ ନାମ ସବୁଠାରୁ ଆଗରେ ରହିଛି। ଏଥିସହ କେନ୍ଦ୍ର ମନ୍ତ୍ରୀ ନିତ୍ୟାନନ୍ଦ ରାୟ, ସଞ୍ଜୀବ ଚୌରାସିଆ, ନୀତୀଶ ମିଶ୍ର, ଦିଲ୍ଲୀପ ଜୈସୱାଲ ଓ ବରିଷ୍ଠ ନେତା ରାମକୃପାଳ ଯାଦବଙ୍କ ନାମକୁ ନେଇ ମଧ୍ୟ ଦଳ ଭିତରେ ମାନସମନ୍ଥନ ଚାଲିଛି। ୧୪ ତାରିଖରେ ଏନଡିଏ ବିଧାୟକ ଦଳ ବୈଠକରେ ନୂଆ ନେତାଙ୍କ ନାମ ଉପରେ ଚୂଡ଼ାନ୍ତ ମୋହର ବାଜିବ।

# କମିବ କାଳବୈଶାଖୀ, ୧୨ରୁ ବଢ଼ିବ ତାତି

ଭୁବନେଶ୍ୱର, ୯।୪ (ସଂଚାର ବ୍ୟୁରୋ) : କମିବ କାଳବୈଶାଖୀ ପ୍ରଭାବ । ୧୨ ରୁ ବଢ଼ିବ ଗରମ ଗୁଳୁଗୁଳି । ୧୨ରୁ ୧୪ ତାରିଖ ଯାଏଁ ବିଭିନ୍ନ ସ୍ଥାନରେ ଅସହ୍ୟ ଗରମ ଗୁଳୁଗୁଳି ଅନୁଭୂତ ହେବ । କେତେକ ସ୍ଥାନରେ ତାପମାତ୍ରା ୪୦ ଡିଗ୍ରୀ ଛୁଇଁବ । ସେପଟେ ପାଣିପାଗ ବିଶେଷଜ୍ଞ କହିଛନ୍ତି ପୂର୍ବ ଦିଗରୁ ପବନ ବହୁଥିବା ବେଳେ ଜଳୀୟବାଷ୍ପ ବାୟୁମଣ୍ଡଳରେ ରହୁଛି । ବାୟୁମଣ୍ଡଳ ଉପରି ଭାଗରେ ମଧ୍ୟ ଶୁଖିଲା ପବନ ବହୁଛି । ଯାହା ଫଳରେ ଗୁରୁବାର କାଳବୈଶାଖୀ ପ୍ରଭାବ ରହୁଛି । ଆସନ୍ତାକାଲି ଯାଏଁ ରାଜ୍ୟରେ କାଳବୈଶାଖୀ ପ୍ରକୋପ ରହିବ। ଭଦ୍ରକ,ଜଗତସିଂହପୁର, କେନ୍ଦ୍ରାପଡ଼ାରେ ଝଡ଼ବର୍ଷାକୁ ନେଇ ଏଲୋ ୱାର୍ଣ୍ଣିଂ ଜାରି କରାଯାଇଛି । କାଳବୈଶାଖୀ ବର୍ଷା ସମୟରେ ପବନର ବେଗ ଘଣ୍ଟାପ୍ରତି ୪୦ ରୁ ୫୦ କିମି ରହିବ । ଏହା ସମେତ ଉପକୂଳ,ଆଭ୍ୟନ୍ତରୀଣ ଓ ଦକ୍ଷିଣ ଓଡ଼ିଶାର ୨୦ଟି ଜିଲ୍ଲାକୁ କାଳବୈଶାଖୀ ବର୍ଷା ନେଇ ଏଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ଏହା ପରେ କମିବ ବର୍ଷା । ଫେରିବ ଗରମ ଗୁଳୁଗୁଳି । କିଛିଦିନ ଧରି କାଳବୈଶାଖୀ ପାଇଁ ତାତିରୁ ବଡ଼ ଆଶ୍ୱସ୍ତି ମିଳିଥିଲା । ହେଲେ ଏବେ ପୁଣି ଉପମହାଦ୍ୱୀପ ହେବ ପାରଦ। ଶନିବାରଠୁ ପଶ୍ଚିମ ଓଡ଼ିଶାରେ ତାପମାତ୍ରା ୪୦ ଡିଗ୍ରୀ ଟପିବ। ୧୨ରୁ ଉପକୂଳ ଓଡ଼ିଶା ଗରମ, ଗୁଳୁଗୁଳିରେ ଘାଣ୍ଟି ହେବ। ଏଭଳି ପୂର୍ବାନୁମାନ ଦେଇଛି ଆଞ୍ଚଳିକ ପାଣିପାଗ କେନ୍ଦ୍ର। ୧୧ରେ ପାଗ ମୁଖ୍ୟତଃ ଶୁଖିଲା ରହିବା ସହ ତାତି ବଢ଼ିବ। ଅନୁମାନ କରାଯାଉଛି, ୩ ଦିନ ପରେ ତାପମାତ୍ରା ପ୍ରାୟ ୪ରୁ ୬ ଡିଗ୍ରୀ ବଢ଼ିଯିବ। ୧୦ ତାରିଖରେ ଉପକୂଳ ଓଡ଼ିଶା ଭୁବନେଶ୍ୱରରେ ପାରଦ ୩୮ ଡିଗ୍ରୀ ଏବଂ ପଶ୍ଚିମ ଓଡ଼ିଶାରେ ୪୦ ଡିଗ୍ରୀ ଛୁଇଁପାରେ। ୧୧ ତାରିଖରେ ଝାରସୁଗୁଡ଼ା ୪୧ ଡିଗ୍ରୀ ଛୁଇଁବ। ଅନ୍ୟପଟେ ୧୨ରୁ ଉପକୂଳ ଓଡ଼ିଶା ଗରମ, ଗୁଳୁଗୁଳିରେ ଛଟପଟ ହେବ। ସମସ୍ତ ଉପକୂଳ ଜିଲ୍ଲା ଓ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଗରମ, ଗୁଳୁଗୁଳି ଅନୁଭୂତ ହେବ। ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ଖୋର୍ଦ୍ଧା, ପୁରୀ, ନୟାଗଡ଼, ଗଞ୍ଜାମ, ଗଜପତି ପାଇଁ ଏଥିଲାଗି ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି ବୋଲି ଆଞ୍ଚଳିକ ପାଣିପାଗ କେନ୍ଦ୍ର ନିର୍ଦ୍ଦେଶିକା ମନୋରମା ମହାନ୍ତି କହିଛନ୍ତି।

## ୬ ଘଣ୍ଟା ଚାଲିଲା ରତ୍ନଭଣ୍ଡାର ଅଳଙ୍କାର ଗଣତିମଣତି

ପୁରୀ, ୯।୪ (ସଂଚାର ବ୍ୟୁରୋ) : ଶ୍ରୀମନ୍ଦିର ରତ୍ନଭଣ୍ଡାରର ଦ୍ୱିତୀୟ ଦିନର ଗଣତି ମଣତି ଆଜି ଦିନ ୧୨ ଟା ୧୦ ରୁ ସନ୍ଧ୍ୟା ୬ଟା ୧୦ ପର୍ଯ୍ୟନ୍ତ ଦୀର୍ଘ ୬ ଘଣ୍ଟା ଧରି କରାଯାଇଥିଲା। ରତ୍ନ ଅଳଙ୍କାର ଏବଂ ମୋତି ମାଣିକର ଚିହ୍ନଟ ଏବଂ ଓଜନ ପାଇଁ ଶ୍ରୀମନ୍ଦିର ବଣିଆ ସେବକ, ରତ୍ନ ବିଶାରଦ, ଆରବିଆଇ ଅଧିକାରୀ ଉପସ୍ଥିତ ରହି ଏହି କାର୍ଯ୍ୟ କରିଥିଲେ। ସମସ୍ତ ରତ୍ନ ଅଳଙ୍କାରର ଥ୍ରୀଡି ମ୍ୟାପିଙ୍ଗ କରାଯାଉଛି। ସମ୍ପୂର୍ଣ୍ଣ ସୁରକ୍ଷା ଏବଂ ନିର୍ଭୁଲ ଭାବରେ ଏହି ଗଣତି ମଣତି କାର୍ଯ୍ୟ ଉପରେ ଗୁରୁତ୍ୱ ଦିଆଯାଉଛି। ବାହାର ରତ୍ନଭଣ୍ଡାରର ଗଣତି ମଣତି କାର୍ଯ୍ୟ ଶେଷ ହେବା ପରେ ଭିତର ରତ୍ନଭଣ୍ଡାରର ଗଣତି ମଣତି କାର୍ଯ୍ୟ ଆରମ୍ଭ କରାଯିବ। ତେବେ ଭିତରେ ଚନ୍ଦନଯାତ୍ରା ସମୟରେ ଯେଉଁ ସ୍ୱଳ୍ପ ସମୟ ମିଳିବ ସେହି ଭିତରେ ଗଣତି ମଣତି କାର୍ଯ୍ୟ କରାଯିବ ବୋଲି କହିଛନ୍ତି ମୁଖ୍ୟ ପ୍ରଶାସକ। ଦୁଇଦିନରେ ୪୦ରୁ ଉର୍ଦ୍ଧ୍ୱ ପ୍ରକାରର ଅଳଙ୍କାର ଗଣତି ମଣତି କାର୍ଯ୍ୟ କରାଯାଇଛି।

## ଭାଗୀରଥିରେ ବାଲି ବୋଝେଇ ଡଙ୍ଗା ଓଲଟି ୨ ମୃତ, ଅଳ୍ପକେ ବର୍ତ୍ତିଲେ ୧୧



କୋଲକାତା, ୯।୪ (ସଂଚାର ବ୍ୟୁରୋ): କେତୁଗ୍ରାମ ଥାନା ଅନ୍ତର୍ଗତ ଶଙ୍ଖାଇ ଗ୍ରାମର ପୋଷ୍ଟ ଅଫିସ ଘାଟ ନିକଟରେ ଗୁରୁବାର ସକାଳେ ଏକ ବାଲି ବୋଝେଇ ଡଙ୍ଗା ଓଲଟି ପଡ଼ିବାରୁ ଦୁଇଜଣ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ଯାତ୍ରୀମାନଙ୍କୁ ନେଇ ଡଙ୍ଗାଟି ଭାଗୀରଥୀ ନଦୀ ପାର୍ଶ୍ୱରେ ମୁର୍ଶିଦାବାଦ ଅଭିମୁଖେ ଯାତ୍ରା କରୁଥିଲା। ହଠାତ୍ ଏକ ବାଲିଘାଟରେ ଧକ୍କା ପରେ ଡଙ୍ଗାଟି ନଦୀ ମଝିରେ ଓଲଟି ପଡ଼ିଥିଲା, ଯାହା ଫଳରେ ଏହି ଦୁର୍ଘଟଣା ଘଟିଥିଲା। ସୂଚନା ପାଇ କେତୁଗ୍ରାମ ଥାନାର ପୋଲିସ ପହଞ୍ଚି ମୃତଦେହ ଉଦ୍ଧାର କରିଥିଲେ। ସୂଚନା ଅନୁଯାୟୀ, ଡଙ୍ଗାରେ ଅତି କମରେ ୧୧ ଜଣ ଯାତ୍ରୀ ଥିଲେ। ସେମାନେ ଅଳ୍ପକେ ରକ୍ଷା ପାଇଥିଲେ। ତେବେ, ମୃତକଙ୍କ ପରିଚୟ ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ପୋଲିସ ଦୁଇଜଣଙ୍କୁ ଉଦ୍ଧାର କରି ସ୍ଥାନୀୟ ହସ୍ପିଟାଲକୁ ନେଇଥିଲା, ଯେଉଁଠାରେ ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିସାରିଛି। ପୋଲିସ ଜଣାଇଛି ଯେ ଡଙ୍ଗାଟି ମୁର୍ଶିଦାବାଦର ଜିଆଗଞ୍ଜ ଅଞ୍ଚଳର। ଏହା ଅନ୍ଧାରର ଆବରଣରେ କଟୱାର ଅଜୟ ନଦୀରୁ କଢ଼ାଯାଉଥିବା ବାଲି ପରିବହନ କରୁଥିଲା। କିନ୍ତୁ, ଶଙ୍ଖାଇ ଗାଁ ନିକଟରେ ପହଞ୍ଚିବା ମାତ୍ରେ ଦୁର୍ଘଟଣା ଘଟିଥିଲା। ଦୁର୍ଘଟଣା ପରେ, ଡଙ୍ଗାଟି ନଦୀର ସ୍ରୋତରେ ଭାସିଯାଇ ନଦିଆର କାଳିଗଞ୍ଜ ଥାନାର କ୍ଷେତ୍ରାଧିକାରରେ ପ୍ରବେଶ କରିଥିଲା।

● ୬୯ତମ ଏସ୍‌ଜିଏଫ୍‌ଆଇ ରଗବୀ ଚାମ୍ପିଅନସିପ୍

## ୧୪ ବର୍ଷରୁ କମ୍ ବର୍ଗର ପ୍ରତିଯୋଗିତା ଆରମ୍ଭ

ଭୁବନେଶ୍ୱର,୯।୪(ସଂଚାର ବ୍ୟୁରୋ): ଓଡ଼ିଶାରେ ଆୟୋଜିତ ୬୯ତମ ଜାତୀୟ ବିଦ୍ୟାଳୟ କ୍ରୀଡ଼ା ସମୂହ (ଏସ୍‌ଜିଏଫ୍‌ଆଇ) ରଗବୀ ଚାମ୍ପିଅନସିପ୍ ୨୦୨୫-୨୬ରେ ଆଜିଠାରୁ ୧୪ ବର୍ଷରୁ କମ୍ ବାଳକ ଓ ବାଳିକା ବର୍ଗର ପ୍ରତିଯୋଗିତା ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଆରମ୍ଭ ହୋଇଛି। ଏହି ଚାମ୍ପିଅନସିପରେ ଦେଶର ୧୪ଟି ରାଜ୍ୟରୁ ୩୦୦ରୁ ଅଧିକ ଛାତ୍ରଛାତ୍ରୀ ଉଭୟ ବାଳକ ଓ ବାଳିକା ବର୍ଗରେ ଅଂଶଗ୍ରହଣ କରିଛନ୍ତି। ଏହି ଅବସରରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ କମିଶନର ତଥା ଶାସନ ସଚିବ ଡା. ଏନ୍. ତିରୁମାଲା ନାୟକ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଯୁବ ଖେଳାଳିମାନଙ୍କୁ ସ୍ୱାଗତ କରିଥିଲେ। ସେ ଖେଳାଳିମାନଙ୍କ ସହ ଆଲୋଚନା କରି ସେମାନଙ୍କୁ ଉତ୍ତମ ପ୍ରଦର୍ଶନ କରିବାକୁ ଶୁଭେଚ୍ଛା ଦେବା ସହ ଖେଳୁଆଡ଼ ମନୋଭାବ ପ୍ରଦର୍ଶନ ପାଇଁ ପରାମର୍ଶ ଦେଇଥିଲେ। ସେ ଯୁବ ଖେଳାଳିମାନଙ୍କ ଉତ୍ସାହ ଓ ନିଷ୍ଠାକୁ ପ୍ରଶଂସା କରିବା ସହ ଏପରି ଚାମ୍ପିଅନସିପ୍ ମାଧ୍ୟମରେ ତୃଣମୂଳ ସ୍ତରରେ ଖେଳକୁ ପ୍ରୋତ୍ସାହନ ଦିଆଯାଇପାରିବ ବୋଲି ମତ ଦେଇଥିଲେ। ଏହି ଅବସରରେ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ବିରେନ୍ଦ୍ର କରକରା ଓ ସହକାରୀ ନିର୍ଦ୍ଦେଶକ (ପିଇଟି) ଜ୍ୟୋତି ପ୍ରସାଦ ପରିଡା ମଧ୍ୟ ଉପସ୍ଥିତ ଥିଲେ।



## ଆବୁ ହାସେମ୍ ଖାନ ଚୌଧୁରୀଙ୍କ ଦେହାନ୍ତ



କୋଲକାତା,୯।୪(ସଂଚାର ବ୍ୟୁରୋ): ବରିଷ୍ଠ କଂଗ୍ରେସ ନେତା ଆବୁ ହାସେମ ଖାନ ଚୌଧୁରୀଙ୍କ ଦେହାନ୍ତ ହୋଇଛି। ରାଜନୈତିକ ମହଲରେ ସେ 'ଡାଲୁବାବୁ' ନାମରେ ବହୁଳ ଭାବରେ ପରିଚିତ ଥିଲେ। ତାଙ୍କ ଦେହାନ୍ତ ରାଜନୈତିକ ଭାଷାରେ ଉପରେ ଦୁଃଖର ଛାଇ ପକାଇଛି। ସେ ଦୀର୍ଘ ଦିନ ଧରି ବାର୍ଦ୍ଧକ୍ୟଜନିତ ରୋଗରେ ପୀଡିତ ଥିଲେ। ଗତ କିଛି ଦିନ ଧରି ସେ କୋଲକାତାର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଥିଲେ। ୯୦ ବର୍ଷ ବୟସର ହେବାକୁ ଥିବା ଏହି ବରିଷ୍ଠ ରାଜନେତା ବୁଧବାର ରାତି ପ୍ରାୟ ସାଢେ ନଅଟା ସମୟରେ ହସ୍ପିଟାଲରେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ। ଏହି ଖବର ପାଇବା ପରେ, ତାଙ୍କ ଭାଣିଜୀ ମୌସିମ୍ ନୂର, ଯିଏକି ଚଳିତ ବିଧାନସଭା ନିର୍ବାଚନରେ କଂଗ୍ରେସ ପ୍ରାର୍ଥୀ ଥିଲେ ସେ କୋଲକାତାରେ ପହଞ୍ଚିଥିଲେ। ଗୁରୁବାର, ଡାଲୁବାବୁଙ୍କ ପାର୍ଥିବ ଶରୀରକୁ ମାଲଦା ନିଆଯାଇଥିଲା ଯେଉଁଠାରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିଲା। ଆବୁ ହାସେମ ୧୯୯୬ରୁ ୨୦୦୬ ପର୍ଯ୍ୟନ୍ତ କାଳିଆଚକ ନିର୍ବାଚନମଣ୍ଡଳୀର ବିଧାନସଭା ସଦସ୍ୟ ଭାବରେ କାର୍ଯ୍ୟ କରିଥିଲେ। ପରବର୍ତ୍ତୀ ସମୟରେ, ସେ ମାଲଦା ଦକ୍ଷିଣ ଲୋକସଭା ନିର୍ବାଚନମଣ୍ଡଳୀରୁ ଲଗାତାର ତିନି ଥର ପାଇଁ ସଂସଦ ସଦସ୍ୟ ଭାବରେ ନିର୍ବାଚିତ ହୋଇଥିଲେ। ଯୁପିଏ ସମୟରେ, ସେ କେନ୍ଦ୍ର ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରାଳୟର ରାଷ୍ଟ୍ରମନ୍ତ୍ରୀ ଭାବରେ କାର୍ଯ୍ୟ କରିଥିଲେ। ସେ ମାଲଦା ଜିଲ୍ଲା କଂଗ୍ରେସ ସଭାପତି ପଦ ମଧ୍ୟ ଗ୍ରହଣ କରିଥିଲେ। ଗୁରୁବାର, ମାଲଦାର ୧୨ଟି ବିଧାନସଭା ନିର୍ବାଚନମଣ୍ଡଳୀରେ ଦଳର ନିର୍ବାଚନ ପ୍ରଚାର କାର୍ଯ୍ୟକଳାପ ସ୍ଥଗିତ ରହିଥିଲା ବୋଲି ଜାଣିବାକୁ ମିଳିଛି। ତାଙ୍କ ପରଲୋକରେ ରାଜ୍ୟ କଂଗ୍ରେସ ସଭାପତି ଶୁଭଙ୍କର ସରକାର ଶୋକ ପ୍ରକାଶ କରିଛନ୍ତି।

# ଯନ୍ତ୍ରୀ ପଦବୀ ଖାଲି, ନିର୍ମାଣ କାର୍ଯ୍ୟର ଗୁଣବତ୍ତା ଉପରେ ପ୍ରଶ୍ନବାଚୀ

ଭୁବନେଶ୍ୱର,୯।୪: ରାସ୍ତାଘାଟଠାରୁ କୋଠାବାଡ଼ି ତିଆରି ଓ ରକ୍ଷଣାବେକ୍ଷଣ ଦାୟିତ୍ୱରେ ଥିବା ଗୁରୁତ୍ୱପୂର୍ଣ୍ଣ ପୂର୍ତ୍ତ ବିଭାଗର ଇଞ୍ଜିନିୟରିଂ କ୍ୟାଡର୍‌ରେ ପ୍ରାୟ ଅଧା ପଦବୀ ଖାଲି ପଡିଛି। ଏ ପରିପ୍ରେକ୍ଷୀରେ କାମ ଚଳାଇବା ପାଇଁ ଜଣେ ଜଣେ ଯନ୍ତ୍ରୀଙ୍କୁ ଏକାଧିକ ଯନ୍ତ୍ରୀଙ୍କ କାମ ଦାୟିତ୍ୱରେ ରଖାଯାଉଥିବାରୁ ଯନ୍ତ୍ରୀମାନଙ୍କ ଉପରେ ଚାପ ବଢ଼ିବା ସହିତ ନିର୍ମାଣ ଓ ରକ୍ଷଣାବେକ୍ଷଣ କାମର ଗୁଣବତ୍ତା ଉପରେ ପ୍ରଶ୍ନବାଚୀ ଉଠୁଛି।

ପୂର୍ତ୍ତ ବିଭାଗର କନିଷ୍ଠ ଯନ୍ତ୍ରୀରୁ ସର୍ବୋଚ୍ଚ ଯନ୍ତ୍ରୀ ପର୍ଯ୍ୟନ୍ତ ବିଭିନ୍ନ ପାହ୍ୟାରେ ୪୫୫୯ଟି ମଞ୍ଜୁରୀପ୍ରାପ୍ତ ପଦବୀ ଥିବାବେଳେ ଏଥିରେ ଏବେ ପାଖାପାଖି ୨୨୦୦ ପଦବୀ ଖାଲି ପଡିଛି। ବିଶେଷକରି ପଦୋନ୍ନତି ଭିତ୍ତିରେ ପଦପଦବୀ ପୂରଣ ବେଳେ ଅଣସଂରକ୍ଷିତ ଆସନରେ ସଂରକ୍ଷିତ ବର୍ଗର ବରିଷ୍ଠ ଓ ଯୋଗ୍ୟ ପ୍ରାର୍ଥୀଙ୍କୁ ପଦୋନ୍ନତି ଦିଆଯାଇପାରିବ କି ନାହିଁ ସେଥିଘେନି ସରକାରୀ କଳରେ ଭିନ୍ନ ମତ ସହିତ ଯନ୍ତ୍ରୀମାନଙ୍କ ଭିତରେ ଏ ପ୍ରସଙ୍ଗକୁ ନେଇ ଆଇନଗତ ଲଢ଼େଇ ଚାଲିଥିବାରୁ ଏଭଳି ସମସ୍ୟା ଲାଗି ରହିଥିବା କୁହାଯାଉଛି।

ପ୍ରତ୍ୟକ୍ଷ ନିଯୁକ୍ତି ପାଇଁ ସମସ୍ୟା ନଥିବାରୁ ଲୋକସେବା ଆୟୋଗ ଓ ଓଡ଼ିଶା କର୍ମଚାରୀ ପ୍ରବରଣ ଆୟୋଗ ମାଧ୍ୟମରେ ପ୍ରାର୍ଥୀ ଚୟନ କରିବାରେ ସମସ୍ୟା ନାହିଁ। ତେବେ କନିଷ୍ଠ ଯନ୍ତ୍ରୀରୁ ସହକାରୀ ଯନ୍ତ୍ରୀ ଏବଂ ସହକାରୀ ଯନ୍ତ୍ରୀରୁ ସହକାରୀ ନିର୍ବାହୀ ଯନ୍ତ୍ରୀ ପଦବୀକୁ ପଦୋନ୍ନତି ଦେବା କ୍ଷେତ୍ରରେ ବିବାଦ ଲାଗି ରହିବାରୁ ଏହି ୩ କ୍ୟାଡର୍‌ରେ ପଦୋନ୍ନତି ଦେବା କ୍ଷେତ୍ରରେ ସମସ୍ୟା ଉପୁଜୁଛି। ଫଳରେ ମୂଳ ପଦବୀ ଖାଲି ହେଉନଥିବାରୁ ପ୍ରତ୍ୟକ୍ଷ ନିଯୁକ୍ତି ଦେବା ସମ୍ଭବପର ହେଉନାହିଁ।

ରାଜ୍ୟ ସରକାରଙ୍କ ତଥ୍ୟ ମୁତାବକ ଗତ ଫେବୃଆରୀ ମାସ ସୁଦ୍ଧା କନିଷ୍ଠ ଯନ୍ତ୍ରୀ ପାହ୍ୟାରେ ୭୧ଟି, ସହକାରୀ ଯନ୍ତ୍ରୀ ପାହ୍ୟାରେ ୧୩୩୬ଟି ଓ ସହକାରୀ ନିର୍ବାହୀ ଯନ୍ତ୍ରୀ ପାହ୍ୟାରେ ୬୨୧ଟି ପଦବୀ ଖାଲି ପଡିଛି। ଏହାଛଡ଼ା ନିର୍ବାହୀ ଯନ୍ତ୍ରୀ ପାହ୍ୟାରେ ୩ଟି ପଦବୀ ଖାଲି ଥିବାବେଳେ ୨୫ଟି ଅଧୀକ୍ଷଣ ଯନ୍ତ୍ରୀ, ୫ଟି ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ, ଦୁଇଟି ମୁଖ୍ୟଯନ୍ତ୍ରୀ ଓ ଆଉ ଦୁଇଟି ସର୍ବୋଚ୍ଚ ଯନ୍ତ୍ରୀ ପଦବୀ ଖାଲି ପଡିଥିଲା। ସହକାରୀ ଯନ୍ତ୍ରୀ ପଦବୀରୁ ୩୦୦ରୁ ଅଧିକ ସହକାରୀ ନିର୍ବାହୀ ଯନ୍ତ୍ରୀ ପଦକୁ ପଦୋନ୍ନତି ପାଇବା କଥା। ଫଳରେ ସହକାରୀ ଯନ୍ତ୍ରୀ ପାହ୍ୟାରେ ଯେତେ ପଦବୀ ଖାଲି ହେବ ସେଗୁଡ଼ିକ ଆଇନାନୁଯାୟୀ ଉଭୟ ପ୍ରତ୍ୟକ୍ଷ ଓ ପଦୋନ୍ନତି ଭିତ୍ତିକ ବ୍ୟବସ୍ଥା ମୁତାବକ ପୂରଣ କରାଯିବା କଥା।ରାଜ୍ୟ ସରକାର ବସାଇଥିବା ବିଭାଗୀୟ ପଦୋନ୍ନତି କମିଟି ବୈଠକରେ ଯେଉଁମାନଙ୍କୁ ପଦୋନ୍ନତି ଦେବା ଲାଗି ପ୍ରସ୍ତାବ ଥିଲା ତାହା ଉପରେ ଅନୁସୂଚିତ ଜାତି ଓ ଜନଜାତି ବିଭାଗର ପ୍ରତିନିଧିତ୍ୱ କରୁଥିବା ଅଧିକାରୀ ସହମତି ବ୍ୟକ୍ତ ନକରିବାରୁ ଡିପିସି ବାତିଲ କରାଯାଇ ପୁଣିଥରେ ସାନି ଡିପିସି ହୋଇଥିଲା। ତେବେ ନୂଆ ଡିପିସି ଅନୁଯାୟୀ ପଦୋନ୍ନତି ଦିଆଯିବା ପୂର୍ବରୁ ଆଇନ ଅଦାଲତରେ ଏ ପ୍ରସଂଗ ଉଠାଯିବା ଫଳରେ ପ୍ରାୟ ଦୁଇ ବର୍ଷ ଧରି ଆଉ ପଦୋନ୍ନତି ଦିଆଯାଇପାରୁ ନାହିଁ।

ବିଶେଷକରି ଅନୁସୂଚିତ ଜନଜାତି ଓ ଜାତି କଲ୍ୟାଣ ବିଭାଗ ଆଇନ୍ ବିଭାଗର ମତାମତ ନେଇ ଅଣସଂରକ୍ଷିତ ଆସନ କିଭଳି ପୂରଣ କରାଯାଇପାରିବ ସେ ସଂକ୍ରାନ୍ତରେ ବିଜ୍ଞପ୍ତି ଜାରି କରିବା, ସେ ସଂକ୍ରାନ୍ତରେ ସ୍ପଷ୍ଟୀକରଣ ଦେବା ଏବଂ ପରେ ଏହି ସ୍ପଷ୍ଟୀକରଣକୁ ପ୍ରତ୍ୟାହାର କରିନେବାରୁ ବିଚିତ୍ର ବ୍ୟବସ୍ଥା ଉପୁଜିଥିଲା। ପରବର୍ତ୍ତୀ ସମୟରେ ପ୍ରତ୍ୟାହୃତ ସ୍ପଷ୍ଟୀକରଣକୁ କାର୍ଯ୍ୟକାରୀ କରିବା ପାଇଁ ବିଭାଗୀୟ କର୍ତ୍ତୃପକ୍ଷ ପୁଣି ଏକ ଚିଠି ଜାରି କରିବାରୁ ନିର୍ମାଣ ବିଭାଗ ସମେତ ଅନ୍ୟ ବହୁ ବିଭାଗରେ ପଦୋନ୍ନତି କ୍ଷେତ୍ରରେ ବିଭ୍ରାଟ ଉପୁଜିଛି। ଇତି ମଧ୍ୟରେ ଓଡ଼ିଶା ହାଇକୋର୍ଟ ଏ ସଂକ୍ରାନ୍ତରେ ୫୦ରୁ ଅଧିକ ମାମଲାର ଫଇସଲା କରିଥିଲେ ମଧ୍ୟ ଜଣିକିଆ ବିଚାରପତିଙ୍କ ରାୟ ବିରୋଧରେ ଦୁଇଜଣିଆ ଖଣ୍ଡପୀଠଙ୍କ ନିକଟରେ ଆଉ କେତେଗୁଡ଼ିଏ ମାମଲା ରୁଜୁ ହେବା ପରିପ୍ରେକ୍ଷୀରେ ସମସ୍ୟା ଉପୁଜିଛି। (ତଥ୍ୟ)

## ୭୦୦ ଲିଟର ଦେଶୀ ମଦ ଓ ୮୬୫୦ ଲିଟର ପୋଚ ଜବତ, ୩ ଗିରଫ

ବାରିପଦା, ୯।୪ (ସଂଚାର ବ୍ୟୁରୋ) : ମୟୂରଭଞ୍ଜ ଜିଲ୍ଲା ବାରିପଦା ସଦର ଅବକାରୀ ଥାନା ଏବଂ ବାରିପଦା ମୋବାଇଲ ୟୁନିଟ୍ ପକ୍ଷରୁ ଆକ୍ସନ। ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ବିପୁଳ ପରିମାଣର ଚୋରା ଦେଶୀ ମଦ ଓ ମହୁଲ ପୋଚ ଜବତ କରାଯାଇଛି। ଏହି ମାମଲାରେ ଅବକାରୀ ବିଭାଗ ପକ୍ଷରୁ ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ସୂଚନା ଅନୁଯାୟୀ, ଅବକାରୀ ବିଭାଗ ପକ୍ଷରୁ ବାରିପଦା ସଦର ଥାନା ଅନ୍ତର୍ଗତ ଜଗନ୍ନାଥପୁର, କୁଣ୍ଡଳବଣି, ମହୁଲିଆ ଏବଂ ଜ୍ୟୋତିପୁର ଅଞ୍ଚଳରେ ଗୁରୁବାର ଅପରାହ୍ନ ସମୟରେ ଅତର୍କିତ ଚଢ଼ାଉ କରାଯାଇଥିଲା। ତେବେ ଏଥିରେ ଜଗନ୍ନାଥପୁର ଗ୍ରାମରୁ କାଶୀରାମ ସିଂ ଙ୍କ ନିକଟରୁ ୨୮ ଲିଟର ଓ ପବିତ୍ର ସିଂଙ୍କ ନିକଟରୁ ୨୫ ଲିଟର ଏବଂ କୁଣ୍ଡଳବଣି ଗ୍ରାମରୁ ଦୁର୍ଗା ସିଂ ଙ୍କ ନିକଟରୁ ୨୭ ଲିଟର ଦେଶୀ ମଦ ଜବତ କରିବା ସହିତ ସମସ୍ତଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଏହା ବ୍ୟତୀତ ମହୁଲିଆ ଅଞ୍ଚଳରୁ ୩୯୦ ଲିଟର ଦେଶି ମଦ ଓ ୪୫୦୦ ଲିଟର ମହୁଲ ପୋଚ ଏବଂ ଜ୍ୟୋତିପୁର ଅଞ୍ଚଳରୁ ୨୩୦ ଲିଟର ଦେଶି ମଦ ଓ ୪୧୫୦ ଲିଟର ମହୁଲ ପୋଚ ଜବତ କରାଯାଇଥିଲା। ତେବେ ଏହି ଚଢ଼ାଉ ସର୍ବମୋଟ ୭୦୦ ଲିଟର ଦେଶୀ ମଦ ଏବଂ ୮୬୫୦ ଲିଟର ପୋଚ ଜବତ କରାଯାଇ ନଷ୍ଟ କରାଯାଇଛି। ଅବକାରୀ ବିଭାଗର ବାରିପଦା ମୋବାଇଲ ୟୁନିଟ୍ ଆଇଆଇସି ସଞ୍ଜୟ କୁମାର କାଣ୍ଡି ଏବଂ ସଦର ଅବକାରୀ ଓଆଇସି ପ୍ରହଲ୍ଲାଦ ବିଶ୍ୱାଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଚଢ଼ାଉ ହୋଇଥିବା ବେଳେ ଅନ୍ୟ ମାନଙ୍କ ମଧ୍ୟରେ ଏଏସଆଇ ଦେବରାଜ ସାହୁ, ଅମ୍ବିକା ପ୍ରସାଦ ନାୟକ, ସଞ୍ଜୀବ କୁମାର ମହାପାତ୍ର ଏବଂ ରଞ୍ଜିତ ଷଡ଼ଙ୍ଗୀ ପ୍ରମୁଖ ସାମିଲ ହୋଇଥିଲେ। ଆଗାମୀ ଦିନରେ ଏହିପରି ଚଢ଼ାଉ ଜାରି ରହିବ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

## ୨୭ ସୁଦ୍ଧା ଶିଶୁବାଟିକାରୁ ମାଟ୍ରିକ ଯାଏଁ ମିଳିବ ୟୁନିଫର୍ମ

ଭୁବନେଶ୍ୱର, ୯।୪ (ସଂଚାର ବ୍ୟୁରୋ) : ଆସନ୍ତା ଏପ୍ରିଲ ୨୭ ତାରିଖ ସୁଦ୍ଧା ରାଜ୍ୟର ଶିଶୁବାଟିକାରୁ ନେଇ ମାଟ୍ରିକ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କୁ ମିଳିବ ୟୁନିଫର୍ମ। ପୋଷାକର ଗୁଣାବତ୍ତା ଯାଞ୍ଚ ହେବ । ଏନେଇ ସ୍ୱତନ୍ତ୍ର ଗାଇଡଲାଇନ୍ ଜାରି କରିଛନ୍ତି ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ(ଓସେପା)। ଏଥିସହ ସମସ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଓ ସମଗ୍ର ଶିକ୍ଷା ଜିଲ୍ଲା ପ୍ରକଳ୍ପ ସଂଯୋଜକଙ୍କୁ ଚିଠି କରାଯାଇଛି। ଚିଠିରେ ୟୁନିଫର୍ମ ପ୍ରସ୍ତୁତି, ବଣ୍ଟନ ନେଇ କେଉଁ କେଉଁ ଦିଗ ଉପରେ ଧ୍ୟାନ ଦେବେ ସେନେଇ ସମସ୍ତ ନିୟମାବଳୀ ଉଲ୍ଲେଖ ରହିଛି । ଏଥରକ ଖରା ଛୁଟି ପୂର୍ବରୁ ସବୁ ଛାତ୍ରଛାତ୍ରୀଙ୍କୁ ୟୁନିଫର୍ମ ମିଳିବା ନେଇ ପୂର୍ବରୁ ଗଣଶିକ୍ଷା ବିଭାଗ ପୂର୍ବରୁ ନିର୍ଦ୍ଦେଶ ଦେଇସାରିଛି । ଉକ୍ତ ନିର୍ଦ୍ଦେଶକୁ ପାଳନ କରିବା ସହ ତୁରନ୍ତ ଜିଲ୍ଲାସ୍ତରୀୟ କମିଟି ୟୁନିଫର୍ମ ବଣ୍ଟନ ଉପରେ ଦୃଷ୍ଟି ଦେବାକୁ କୁହାଯାଇଛି। ୨୦୨୬-୨୭ ଶିକ୍ଷାବର୍ଷରେ ଶିଶୁବାଟିକାରୁ ଦଶମ ଶ୍ରେଣୀ ପିଲାଙ୍କୁ ସ୍କୁଲ ୟୁନିଫର୍ମ, ହାଉସଡ୍ରେସ୍, ଜୋତା, ମୌଜା ମିଳିବ । ସେହିପରି ଶିଶୁ ବାଟିକାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପିଲାଙ୍କୁ ପରିଚୟପତ୍ର ଓ ଟୋପି ଦିଆଯିବ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ରାଜନୀତିରେ...

ଆହୁରି କହିଛନ୍ତି ଯେ ଦେଶ ଏକ ଐତିହାସିକ ମୁହୂର୍ତ୍ତର ଦ୍ୱାରଦେଶରେ ଠିଆ ହୋଇଛି, ଯାହା ଗଣତନ୍ତ୍ରର ମୂଳଦୁଆକୁ ଆହୁରି ଗଭୀର କରିବ ଓ ସମାନତା ଏବଂ ଅନ୍ତର୍ଭୁକ୍ତିକରଣ ପ୍ରତି ସାମୂହିକ ପ୍ରତିବଦ୍ଧତାକୁ ପୁନଃନିର୍ଦ୍ଦିଷ୍ଟ କରିବାର ସୁଯୋଗ ପ୍ରଦାନ କରୁଛି। ମହିଳା ସଂରକ୍ଷଣକୁ ଆଗକୁ ବଢ଼ାଇବା ପାଇଁ ଏକ ବିଲ୍ ଉପରେ ଆଲୋଚନା ଏବଂ ଏହାକୁ ପାରିତ କରିବା ପାଇଁ ସଂସଦ ଏପ୍ରିଲ ୧୬ରେ ବସିବ। ୧୮ ତାରିଖ ପର୍ଯ୍ୟନ୍ତ ସଂସଦର ତିନିଦିନିଆ ସ୍ୱତନ୍ତ୍ର ଅଧିବେଶନ ବସିବ। ୨୦୨୯ ସାଧାରଣ ନିର୍ବାଚନରୁ କାର୍ଯ୍ୟକାରୀ କରିବା ପାଇଁ 'ନାରୀ ଶକ୍ତି ବନ୍ଦନ ଅଧିନିୟମ୍' ବା ମହିଳା ସଂରକ୍ଷଣ ଆଇନରେ ସଂଶୋଧନ କରାଯିବ। ଏହାଦ୍ୱାରା ଲୋକସଭା ଆସନ ସଂଖ୍ୟା ୮୧୬କୁ ବୃଦ୍ଧି ପାଇବ ଓ ମହିଳାଙ୍କ ପାଇଁ ୨୭୩ଟି ଆସନ ସଂରକ୍ଷିତ ରହିବ।

### ରାଜଧାନୀରେ...

ନୟାପଲ୍ଲୀ ଗ୍ରୀଡ୍‌ରେ ଗତବର୍ଷଠାରୁ ବିଦ୍ୟୁତ ସେବା ଆରମ୍ଭ ହୋଇସାରିଛି। ରାଜଧାନୀବାସୀଙ୍କୁ ବିଶ୍ୱସ୍ତରୀୟ ବିଦ୍ୟୁତସେବା ପ୍ରଦାନ ପାଇଁ ରାଜ୍ୟ ସରକାରଙ୍କ ଦୃଢ଼ ସଂକଳ୍ପ ଯୋଗୁ ଏହା ସମ୍ଭବ ହୋଇପାରିଛି ବୋଲି ଦର୍ଶାଇବା ସହ 'ଯେଉଁଠି ଦୃଢ଼ ଇଚ୍ଛାଶକ୍ତି ଥାଏ, ସେଠାରେ ଅସମ୍ଭବ ସମ୍ଭବ ହୁଏ' ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ସେଥିପାଇଁ ମାତ୍ର ୧ ବର୍ଷ ଭିତରେ ୪ଟି ଗ୍ରୀଡ ସବ୍-ଷ୍ଟେସନ କାମ ସମ୍ପୂର୍ଣ୍ଣ କରିଛନ୍ତି ସରକାର। ଭୁବନେଶ୍ୱରର ବିଦ୍ୟୁତ ଶକ୍ତି ଚାହିଦା ଦୁଇଗୁଣା ହେବ। ଯାହା ବର୍ତ୍ତମାନ ଏକ ହଜାର ମେଗାୱାଟ୍ ଅଛି ତାହା ୨୦୩୦ ସୁଦ୍ଧା ଦୁଇ ହଜାର ମେଗାୱାଟ୍‌ରେ ପହଞ୍ଚିବ। ରାଜଧାନୀ ଭୁବନେଶ୍ୱରର ଭବିଷ୍ୟତ ବିକାଶକୁ ଦୃଷ୍ଟିରେ ରଖି ବିଦ୍ୟୁତ୍ ଭିତ୍ତିଭୂମିକୁ ସୁଦୃଢ଼ ଓ ଆଧୁନିକ କରିବା ପାଇଁ ରାଜ୍ୟ ସରକାର ପ୍ରତିବଦ୍ଧ। ଏହି ନୂତନ ଜିଆଇଏସ ଗ୍ରୀଡ ସବଷ୍ଟେସନ ଓ ସଂଲଗ୍ନ ଟ୍ରାନ୍ସମିସନ ଲାଇନଗୁଡ଼ିକ ରାଜଧାନୀରେ ନିରବଚ୍ଛିନ୍ନ, ଉଚ୍ଚ ଗୁଣସ୍ତରୀୟ ଏବଂ ନିର୍ଭରଯୋଗ୍ୟ ବିଦ୍ୟୁତ୍ ଯୋଗାଣ ସୁନିଶ୍ଚିତ କରିବ। ଏହା ଫଳରେ ଶିଳ୍ପ, ବ୍ୟବସାୟ, ଆଇଟି ଏବଂ ସହରୀ ଜୀବନର ବିକାଶ ତ୍ୱରାନ୍ୱିତ ହେବ ବୋଲି ସେ କହିଥିଲେ। ପ୍ରଧାନମନ୍ତ୍ରୀଙ୍କ ଡିଜିଟାଲ ଇଣ୍ଡିଆ ପରିକଳ୍ପନା ଆଧାରରେ ଓଡ଼ିଶାର ବିଦ୍ୟୁତ ଶକ୍ତି ବ୍ୟବସ୍ଥାର ପୁନର୍ବିନ୍ୟାସ କରାଯାଉଛି। ରାଜ୍ୟରେ ପ୍ରଥମ ଥର ପାଇଁ ଡିଜିଟାଲ ଗ୍ରୀଡ୍ ସବଷ୍ଟେସନ ନିର୍ମାଣ କରାଯାଇଛି। ସେହିପରି ରାଜଧାନୀ ପାଇଁ ୭୬୫ କେଭି ଟ୍ରାନ୍ସମିସନ ବ୍ୟବସ୍ଥାର ବିକାଶ କରିବାର ଯୋଜନା ରହିଛି। ପରବର୍ତ୍ତୀ ସମୟରେ କଟକ ଓ ଭୁବନେଶ୍ୱରର ବିଭିନ୍ନ ଗ୍ରୀଡ୍ ସବ୍-ଷ୍ଟେସନକୁ ଏକାଧିକ ଫିଡର ମାଧ୍ୟମରେ ସଂଯୋଗ ବ୍ୟବସ୍ଥା କରାଯିବ। ଏହା ବିଦ୍ୟୁତ୍ ସରବରାହରେ ଅଧିକ ସ୍ଥିରତା ଆଣିବା ସହ ଗୁଣାତ୍ମକ ଓ ନିରବଚ୍ଛିନ୍ନ ବିଦ୍ୟୁତ୍ ସେବା ଯୋଗାଇବାରେ ଅଧିକ ସକ୍ଷମ ହେବ। ଏହା ଗର୍ବର ବିଷୟ ଯେ ଓପିଟିସିଏଲ୍ ସାରା ଦେଶର ଏକମାତ୍ର ବିଦ୍ୟୁତ୍ ସଂଚାରଣ ସଂସ୍ଥା ଯାହା ୭୦ଟି ଗ୍ରୀଡ୍ ସବ୍-ଷ୍ଟେସନକୁ ରିମୋଟ୍ ଅପରେସନ ମାଧ୍ୟମରେ ପରିଚାଳନା କରୁଛି। ଏହାଦ୍ୱାରା ଉତ୍ତମ ନିୟନ୍ତ୍ରଣ, ଦ୍ରୁତ ତ୍ରୁଟି ସମାଧାନ ତଥା ସୀମିତ ମାନବ ସମ୍ବଳର ଉପଯୋଗ ସମ୍ଭବ ହେବ ବୋଲି ସେ କହିଥିଲେ।

ଆଜି ସ୍ଥିତି ଅନୁଧ୍ୟାନ କରିବା ପରେ ମୁଖ୍ୟମନ୍ତ୍ରୀ ଭିଙ୍ଗାରପୁର, ଉତ୍ତମପୁର, ଗଙ୍ଗେଶ୍ୱର, ପାଣ୍ଡରା, ଜଗନ୍ନାଥନଗର, ମଙ୍ଗରାଜ, ପଳାଶୁଣି ଓ ପାର୍ଶ୍ୱବର୍ତ୍ତୀ ଅଞ୍ଚଳକୁ ବିଦ୍ୟୁତ୍ ସେବା ଯୋଗାଇବା ପାଇଁ ଆଉ ୩ଟି ଫିଡର ଯୋଗାଇଦେବାକୁ ଟାଟା ପାୱାରକୁ ନିର୍ଦ୍ଦେଶ ଦେଇଥିଲେ। ସତ୍ୟନଗର ଓ ଏସସିବି ମେଡିକାଲ ଜିଏସଏସ ପାଇଁ ଫାଉଣ୍ଡେସନ ଡ୍ରଇଂ ଏବଂ କଣ୍ଟ୍ରୋଲ ରୁମ୍ ଭବନର ଲେଆଉଟ ଗତ ୨୦୨୪ ଡିସେମ୍ବର ୨୪ ତାରିଖରେ ଅନୁମୋଦିତ ହୋଇଥିଲା ଏବଂ ଓପିଟିସିଏଲ ଗତ ମାର୍ଚ୍ଚ ୩୧ ତାରିଖ ସୁଦ୍ଧା ସମସ୍ତ ସବଷ୍ଟେସନକୁ ସମ୍ପୂର୍ଣ୍ଣ କରିପାରିଛି। ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ପ୍ରକଳ୍ପଗୁଡ଼ିକୁ ସମ୍ପନ୍ନ କରିଥିବାରୁ ସେ ଓପିଟିସିଏଲକୁ ଅଭିନନ୍ଦନ ଜଣାଇଥିଲେ। ପ୍ରାୟ ୬୦୦ କୋଟି ଟଙ୍କା ବ୍ୟୟରେ ବାଲିଅନ୍ତା, ସତ୍ୟନଗର, ନୟାପଲ୍ଲୀ ଏବଂ ଏସସିବି ମେଡିକାଲ ନିର୍ମିତ ଏହି ଗୁରୁତ୍ୱପୂର୍ଣ୍ଣ ଗ୍ରୀଡ ସବଷ୍ଟେସନଗୁଡ଼ିକ ସ୍ଥାପିତ ହୋଇଛି, ଯାହା ଭୁବନେଶ୍ୱର ସହରର ବିଦ୍ୟୁତ୍ ସରବରାହ ବ୍ୟବସ୍ଥାକୁ ସୁଦୃଢ଼ କରିବ। ଏହା ଫଳରେ ରାଜଧାନୀ ଓ ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ପ୍ରାୟ ୨୨ ଲକ୍ଷ ଉପଭୋକ୍ତା ନିରବଚ୍ଛିନ୍ନ ଓ ଗୁଣସ୍ତରୀୟ ବିଦ୍ୟୁତ୍ ସେବାରୁ ଲାଭାନ୍ୱିତ ହେବେ। ବାଲିଅନ୍ତାରେ ସ୍ଥାପିତ ୨୨୦/୧୩୨/୩୩ କେଭି ସବଷ୍ଟେସନ ଏହି ଅଞ୍ଚଳ ପାଇଁ ଏକ ମୁଖ୍ୟ ମାଇଲଖୁଣ୍ଟ ସାବ୍ୟସ୍ତ ହୋଇଛି। ଏହା ମାଧ୍ୟମରେ କଟକ ଓ ମଞ୍ଚେଶ୍ୱର ସହ ଶକ୍ତିଶାଳୀ ବିଦ୍ୟୁତ ସଂଯୋଗ ସ୍ଥାପିତ ହୋଇ ଭୁବନେଶ୍ୱରର ବିଦ୍ୟୁତ ସୁରକ୍ଷାକୁ ଆହୁରି ସୁଦୃଢ଼ କରିଛି। ସେହିପରି ସତ୍ୟନଗରରେ ସ୍ଥାପିତ ୧୩୨/୩୩ କେଭି ସବଷ୍ଟେସନ ସହରର କେନ୍ଦ୍ରାଞ୍ଚଳରେ ପ୍ରଥମ ଥର ପାଇଁ ନିର୍ମିତ ହୋଇ ଦ୍ରୁତ ଗତିରେ ବଢୁଥିବା ବିଦ୍ୟୁତ୍ ଚାହିଦାକୁ ପୂରଣ କରିବ। ଏସସିବି ମେଡିକାଲରେ ନିର୍ମିତ ୧୩୨/୩୩ କେଭି ସବଷ୍ଟେସନ ଗୁରୁତ୍ୱପୂର୍ଣ୍ଣ ଚିକିତ୍ସା ସେବା ପାଇଁ ନିରବଚ୍ଛିନ୍ନ ଓ ନିର୍ଭରଯୋଗ୍ୟ ବିଦ୍ୟୁତ୍ ଯୋଗାଣ ସୁନିଶ୍ଚିତ କରିବ। ଏହି ପ୍ରକଳ୍ପଗୁଡ଼ିକ ଭୁବନେଶ୍ୱରକୁ ୧୩୨ କେଭି ଓ ୨୨୦ କେଭିର ଏକ ବଳୟ ମଧ୍ୟରେ ରଖିବ, ଯାହା ବିଦ୍ୟୁତ ସରବରାହର ସ୍ଥିରତା ଓ ନିର୍ଭରଯୋଗ୍ୟତାକୁ ଅଧିକ ସୁଦୃଢ଼ କରିବ ବୋଲି ସେ କହିଥିଲେ। ଏହି ଅବସରରେ ଭୁବନେଶ୍ୱରର ପାର୍ଶ୍ୱବର୍ତ୍ତୀ ନଦୀଗୁଡ଼ିକର ପୁନରୁଦ୍ଧାର ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଲେ ଯେ ପ୍ରାଚୀ ନଦୀର ପୁନରୁଦ୍ଧାର ପାଇଁ ୩୦୦ କୋଟି ଟଙ୍କା ମଞ୍ଜୁର ହୋଇଥିବା ବେଳେ ଭୁବନେଶ୍ୱର-ଜୟଦେବ ଅଞ୍ଚଳରେ ଥିବା ଧନୁଆ ନଦୀର ପୁନରୁଦ୍ଧାର ପାଇଁ ଦ୍ୱିତୀୟ ଫେଜରେ ୭୫ କୋଟି ଟଙ୍କା ଅନୁମୋଦନ ହୋଇସାରିଛି। ଏଥିସହ ସଞ୍ଜୀବନୀ ଯୋଜନାରେ ଦୟା ନଦୀର ପୁନରୁଦ୍ଧାର ପାଇଁ ୧୭୦ କୋଟି ଟଙ୍କା ଓ ଦୟା ପଶ୍ଚିମ କେନାଲ ପୁନରୁଦ୍ଧାର ଓ ଉନ୍ନତିକରଣ କରିବା ପାଇଁ ୪୦୦ କୋଟି ଟଙ୍କା ଅନୁମୋଦନ ହୋଇଛି ଏବଂ ଖୁବ୍‌ଶୀଘ୍ର ସମସ୍ତ କାର୍ଯ୍ୟ ଆରମ୍ଭ ହେବ ବୋଲି ସେ ଘୋଷଣା କରିଥିଲେ।

ଉପମୁଖ୍ୟମନ୍ତ୍ରୀ ତଥା ଶକ୍ତିମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ନିଜ ଅଭିଭାଷଣରେ କହିଥିଲେ ଯେ ସରକାରଙ୍କ ଦ୍ୱାରା ଲୋକଙ୍କୁ ଦିଆଯାଇଥିବା ପ୍ରତିଶ୍ରୁତିକୁ ଆମେ ରକ୍ଷା କରିଛୁ। ଏଥର ଭୁବନେଶ୍ୱର ଓ ବାଲିଅନ୍ତା ଅଞ୍ଚଳରେ ନୂଆ ଶକ୍ତିର ସ୍ରୋତ ଭାବେ ଏହି ଗ୍ରୀଡ଼ ସବଷ୍ଟେସନ କାର୍ଯ୍ୟ କରିବ। ଲୋକମାନେ ଆଉ ଲୋ-ଭୋଲ୍ଟେଜ ସମସ୍ୟାର ସମ୍ମୁଖୀନ ହେବେ ନାହିଁ। ଏହିଭଳି ବଡ଼ ବଡ଼ ପ୍ରକଳ୍ପ ସମ୍ପୂର୍ଣ୍ଣ କରିବା ପାଇଁ ସ୍ଥାନୀୟ ଲୋକଙ୍କ ସହଯୋଗ ସର୍ବଦା ଆବଶ୍ୟକ। ଏଥିପାଇଁ ସ୍ଥାନୀୟ ଲୋକମାନେ ଏଥିରେ ସହଯୋଗ କରନ୍ତୁ ଆଗକୁ ରାଜ୍ୟରେ ଏମିତି ଜାରି ରହିବ। ଧାର୍ଯ୍ୟ ସମୟ ସୀମା ମଧ୍ୟରେ କାର୍ଯ୍ୟ ଶେଷ କରିଥିବାରୁ ଓପିଟିସିଏଲକୁ ମୁଖ୍ୟମନ୍ତ୍ରୀ ଧନ୍ୟବାଦ ଜଣାଇଥିଲେ। କାର୍ଯ୍ୟକ୍ରମରେ ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ, ଜୟଦେବ ବିଧାୟକ ନବକିଶୋର ମଲ୍ଲିକ, ଓପିଟିସିଏଲର ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ ଭାସ୍କର ଜ୍ୟୋତି ଶର୍ମା ଓ ଖୋର୍ଦ୍ଧା ଜିଲ୍ଲାପାଳ ଅମ୍ରିତ ଋତୁରାଜ ଉପସ୍ଥିତ ଥିଲେ।

### ପୁଡୁଚେରୀରେ...

ଭୋଟିଂ ହୋଇଥିଲା। ରାଜ୍ୟରେ ବିଜେପି ନେତୃତ୍ୱାଧୀନ ଏନଡିଏ କ୍ରମାଗତ ତୃତୀୟ ଥର କ୍ଷମତାସୀନ ହେବାକୁ ଅଣ୍ଟା ଭିଡ଼ିଛି। ଅନ୍ୟପଟେ କଂଗ୍ରେସ କ୍ଷମତାକୁ ପ୍ରତ୍ୟାବର୍ତ୍ତନ ଲକ୍ଷ୍ୟ ନେଇ ଯଥାସମ୍ଭବ ଉଦ୍ୟମ ଚଳାଇଛି। ଆସାମରେ ୮୪.୮୦ ପ୍ରତିଶତ ପୁରୁଷ ଓ ୮୫.୯୬ ପ୍ରତିଶତ ମହିଳା ମତାଧିକାର ସାବ୍ୟସ୍ତ କରିଛନ୍ତି। କେରଳମ୍‌ରେ ମଧ୍ୟ ସମସ୍ତ ୧୪୦ ବିଧାନସଭା ଆସନ ପାଇଁ ମତଦାନ ସନ୍ଧ୍ୟା ୬ଟାରେ ଶେଷ ହୋଇଥିଲା। ମତଦାନ ସମୟ ପରେ ମଧ୍ୟ ଅନେକ ଭୋଟର ମତଦାନ କେନ୍ଦ୍ରରେ ଧାଡ଼ି ଲଗାଇଥିଲେ। ରାତି ୯ଟା ସୁଦ୍ଧା ସେମାନେ ଭୋଟ ଦେଇଥିବା ଜଣାପଡ଼ିଛି। ନିର୍ଦ୍ଧାରିତ ସମୟ ମଧ୍ୟରେ ମତଦାନ କେନ୍ଦ୍ରରେ ଉପସ୍ଥିତ ଥିବା ଲୋକମାନଙ୍କୁ ଟୋକନ୍ ପ୍ରଦାନ କରାଯାଇଥିଲା ଓ ସେମାନଙ୍କୁ ଭୋଟ୍ ଦେବାକୁ ଅନୁମତି ଦିଆଯାଇଥିଲା। ସନ୍ଧ୍ୟା ୬ଟା ସୁଦ୍ଧା ରାଜ୍ୟରେ ୭୮.୦୩ ପ୍ରତିଶତ ମତଦାନ ରେକର୍ଡ କରାଯାଇଛି। ଏହା ୨୦୨୧ ବିଧାନସଭା ନିର୍ବାଚନରେ ୭୪.୦୬ ପ୍ରତିଶତ ମତଦାନ ତୁଳନାରେ ସାମାନ୍ୟ ଅଧିକ ରହିଛି। ସେହିପରି କେନ୍ଦ୍ରଶାସିତ ଅଞ୍ଚଳ ପୁଡୁଚେରୀରେ ୩୦ଟି ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ମତଦାନ ମଧ୍ୟ ଶେଷ ହୋଇଛି। ଯେଉଁ ଭୋଟରମାନେ ସମୟ ସୀମା ପୂର୍ବରୁ ମତଦାନ କେନ୍ଦ୍ରରେ ପହଞ୍ଚିଥିଲେ ସେମାନଙ୍କୁ ଧାଡ଼ିରେ ଅପେକ୍ଷା କରି ଭୋଟ ଦେବାକୁ ଅନୁମତି ଦିଆଯାଇଥିଲା। ଏଠାରେ ଭୋଟର ବେଶ ଉତ୍ସାହର ସହ ନିଜର ମତାଧିକାର ସାବ୍ୟସ୍ତ କରିଛନ୍ତି। ଭୋଟିଂ ହାର ୮୯ ପ୍ରତିଶତ ଅତିକ୍ରମ କରିଛି। ଏନ୍‌ଡିଏ କେନ୍ଦ୍ରଶାସିତ ଅଞ୍ଚଳରେ କ୍ଷମତା ବଜାୟ ରଖିବାକୁ ଲକ୍ଷ୍ୟ ରଖିଛି। କଂଗ୍ରେସ ନେତୃତ୍ୱାଧୀନ ବିରୋଧୀ ଦଳ ସ୍ଥାନୀୟ ସ୍ୱାୟତ୍ତତା ଏବଂ ପ୍ରଶାସନିକ ଘୃଣା ପ୍ରସଙ୍ଗରେ ଏହାର ପ୍ରଚାରକୁ କେନ୍ଦ୍ର କରି ନେତୃତ୍ୱାଧୀନ ମୋର୍ଚ୍ଚାକୁ ହରାଇବାକୁ ଅଣ୍ଟା ଭିଡ଼ିଛି। ଏହି ତିନି ରାଜ୍ୟ ସହ କର୍ଣ୍ଣାଟକର ବାଗାଲକୋଟ ଓ ଦକ୍ଷିଣ ଦେବନାଗେରୀ, ନାଗାଲ୍ୟାଣ୍ଡର କୋରିଡାଙ୍ଗ ଏବଂ ତ୍ରିପୁରାର ଧର୍ମନଗର ଏହି ଚାରି ବିଧାନସଭା କ୍ଷେତ୍ର ପାଇଁ ମଧ୍ୟ ଉପନିର୍ବାଚନ ହୋଇଥିଲା। ଉପନିର୍ବାଚନ ହେଉଥିବା ବିଧାନସଭା କ୍ଷେତ୍ରରେ ଭୋଟ ହାର ୬୮ ପ୍ରତିଶତରୁ ୮୦ ପ୍ରତିଶତ ମଧ୍ୟରେ ରହିଥିଲା।

### ବିଜେଡି...

ନାହିଁ କି ନବୀନଙ୍କୁ ନେତା ଭାବେ ଗ୍ରହଣ କରିପାରିଲେ ନାହିଁ। ବିଜେଡିକୁ ଜାଣି ନ ଥିବା ନେତାମାନଙ୍କୁ ଟିକେଟ ଦିଆଯାଇଥିଲା, ଯେଉଁଥିପାଇଁ ସେମାନେ ଗତ ରାଜ୍ୟସଭା ନିର୍ବାଚନରେ ଘୋଡ଼ା ଭଳି ବିକ୍ରି ହୋଇଗଲେ। ସଭାପତିଙ୍କୁ ମିଛ ସତ କହି ସବୁ ସମସ୍ୟାର ସମାଧାନ ହୋଇଯିବ, କାହାରି ମନରେ ଅସନ୍ତୋଷ ରହିବ ନାହିଁ ବୋଲି ବଡ଼ ବଡ଼ କଥା କହି ଟିକେଟ ଦେବାରେ ପ୍ରମୁଖ ଭୂମିକା ଥିବା ନେତାଙ୍କ ପାଇଁ ଆଜି ଦଳର ଏଇ ଅବସ୍ଥା। ବିଜେଡିରେ ରହି ଦଳକୁ ଭିତରୁ ଖୋଳ କରିଥିବା ଏଇ ମୂଷାଙ୍କୁ ଏବେ ନବୀନ ପଟ୍ଟନାୟକ ବିଦା କରିବା ଉଚିତ ବୋଲି ସମ୍ବିତ ଦାବି କରିଛନ୍ତି।

ସମ୍ବିତଙ୍କ ମୂଷା ଉପାଖ୍ୟାନ ସହ ରାଜନୈତିକ ସମୀକ୍ଷକମାନେ କିଛି ମାତ୍ରାରେ ଏକମତ। ସମୀକ୍ଷକଙ୍କ ମତରେ, ବିଜେଡିରେ ଟିକେଟ ବଣ୍ଟନରେ ଏଭଳି ଅନିୟମିତତା ପୂର୍ବରୁ କୌଣସି ବି ନିର୍ବାଚନରେ ଦେଖିବାକୁ ମିଳି ନ ଥିଲା। ବିଜେଡି ହାରିବାର ଏହା ଅନ୍ୟତମ କାରଣ ଥିଲା। ହେଲେ ନବୀନ ପଟ୍ଟନାୟକ ଏହି ମୂଷାଙ୍କ ବିରୋଧରେ ବହୁ ପୂର୍ବରୁ କାର୍ଯ୍ୟାନୁଷ୍ଠାନ ନେବା ଉଚିତ ଥିଲା। ଏବେ ବହୁ ବିଳମ୍ବ ହୋଇଗଲାଣି। ସମ୍ବିତ ଯେଉଁ ମୂଷାଙ୍କୁ ଇଙ୍ଗୀତ କରୁଛନ୍ତି, ସେ ଏବେ ବିଜେଡି ଭାଡ଼ି ଛାଡି ଅନ୍ୟ ଭାଡ଼ିରେ ପଶିବାକୁ ଉଦ୍ୟମ କରୁଛନ୍ତି।

### ପୋଖରୀରେ...

ପୋଖରୀକୁ ଗାଧୋଇବାକୁ ଯାଇଥିଲେ। ତେବେ ସେଠାରେ ଗାଧୋଉଥିବା ସମୟରେ ଅସାବଧାନତାବଶତଃ ସେମାନେ ଗଭୀର ପାଣିରେ ବୁଡ଼ିଯାଇଥିଲେ। ଦୀର୍ଘ ସମୟ ଧରି ତିନି ଜଣ ଯାକ ନାବାଳିକା ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ। ପରେ ଗ୍ରାମର ଜଣେ ଯୁବକ ପରିବାର ଲୋକଙ୍କୁ ଅଘଟଣ ନେଇ ସୂଚନା ଦେଇଥିଲେ। ଏହାପରେ ଗ୍ରାମବାସୀ ପୋଖରୀରେ ପହଞ୍ଚି ତିନି ନାବାଳିକାଙ୍କ ମୃତଦେହ ଉଦ୍ଧାର କରିଥିଲେ। ଘଟଣା ନେଇ ପରିବାର ପକ୍ଷରୁ ଥାନାରେ ଅଭିଯୋଗ କରାଯିବା ପରେ ପୁଲିସ୍ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ତଦନ୍ତ ଆରମ୍ଭ କରିଛି। ହୋଇଛି। ମୃତ ସନ୍ଧ୍ୟା ଓ ସନ୍ଧିତା ରାଜମନ ଗଣ୍ଡଙ୍କ କନ୍ୟା ହୋଇଥିବା ବେଳେ ଭୂମିକା ବାଲାସାଇ ଗଣ୍ଡଙ୍କ ଝିଅ ଥିଲେ। ଉକ୍ତ ନାବାଳିକାଙ୍କ ମଧ୍ୟରୁ ୨ ଜଣଙ୍କ ବୟସ ୬ ବର୍ଷ ହୋଇଥିବା ବେଳେ ଅନ୍ୟ ଜଣଙ୍କର ବୟସ ମାତ୍ର ୫ ବର୍ଷ ବୋଲି ଜଣାପଡ଼ିଛି।

### ଲେବାନନ୍...

ଆଜି ସାମାନ୍ୟ କୋହଳ ନୀତି ଆପଣାଯାଇଛି। ଇରାନ୍ ପ୍ରତିଦିନ ହର୍ମୁଜ୍ ପ୍ରଣାଳୀ ଦେଇ ସର୍ବାଧିକ ୧୫ଟି ଜାହାଜକୁ ଯିବା ସକାଶେ ଅନୁମତି ଦେବ ବୋଲି ସ୍ପଷ୍ଟ କରିଛି। ଏହି କୋହଳ ନୀତି ୧୫ ଦିନ ପାଇଁ ଜାରି ହୋଇଥିବା ଯୁଦ୍ଧ ବିରତି ସମୟରେ ହିଁ ଲାଗୁ ହେବ ବୋଲି କୁହାଯାଇଛି। ଏନେଇ ଯୁଦ୍ଧ ରୋକିବା ଦିଗରେ ମଧ୍ୟସ୍ଥି ଭାବେ କାର୍ଯ୍ୟ କରୁଥିବା ପାକିସ୍ତାନ ପକ୍ଷରୁ ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ ଏହି ଜାହାଜଗୁଡ଼ିକ ହର୍ମୁଜ୍ ପ୍ରଣାଳୀରେ ପ୍ରବେଶ କରିବା ପୂର୍ବରୁ ଇସଲାମିକ୍ ରିଭଲ୍ୟୁସନାରୀ ଗାର୍ଡ କର୍ପସ ସହ ଯୋଗାଯୋଗ ସ୍ଥାପନ କରିବେ। ସେହିପରି ଏହି ପ୍ରଣାଳୀ ଦେଇ ଯିବାକୁ ହେଲେ ଆବଶ୍ୟକ ଫି' ସେମାନଙ୍କୁ କ୍ରିପ୍ଟୋକରେନ୍ସି କିମ୍ବା ଚୀନ୍ ମୁଦ୍ରା ଇଆନ୍ ରୂପରେ ଭରିବାକୁ ପଡ଼ିବ।

### ସଂସଦୀୟ...

କହିଛନ୍ତି। ତେବେ ସଂତୃପ୍ତଙ୍କ ଏଭଳି ସ୍ପଷ୍ଟୀକରଣକୁ ନେଇ ରାଜନୈତିକ ସମୀକ୍ଷକମାନେ ଆଉ କିଛି ଆକଳନ କରୁଛନ୍ତି। ବିଜେଡିର ରାଜ୍ୟସଭା ସାଂସଦଙ୍କ ମଧ୍ୟରେ ସସ୍ମିତ ପାତ୍ରଙ୍କୁ ଛାଡ଼ିଦେଲେ ଅନ୍ୟ ସମସ୍ତେ ପ୍ରଥମ ଥର ପାଇଁ ରାଜ୍ୟସଭାକୁ ନିର୍ବାଚିତ ହୋଇଛନ୍ତି। ଅବଶ୍ୟ ଦେବାଶିଷ ସାମନ୍ତରାୟ ପୂର୍ବରୁ ବିଧାୟକ ରହିସାରିଥିଲେ। ଅନ୍ୟ କାହାରି ସଂସଦୀୟ ବିଧି ବ୍ୟବସ୍ଥା ନେଇ ପୂର୍ବରୁ ଅନୁଭୂତି ନଥିଲା। ଅବଶ୍ୟ ସେମାନଙ୍କ ମଧ୍ୟରୁ କିଛି ୪ ବର୍ଷ ଏବଂ ଆଉ କିଛି ଦୁଇ ବର୍ଷ ହେଲା ସଂସଦକୁ ପ୍ରତିନିଧିତ୍ୱ କରୁଛନ୍ତି। ସେ ଦୃଷ୍ଟିରୁ ସେମାନଙ୍କ ଅଭିଜ୍ଞତାକୁ ତଉଲା ଯାଉଥାଇପାରେ। ତେଣୁ ଦଳରେ ବର୍ତ୍ତମାନ ପ୍ରଭାବଶାଳୀ ନେତା ସଂତୃପ୍ତ ମିଶ୍ରଙ୍କ ନାଁ ଚର୍ଚ୍ଚା ହେବା ସ୍ୱାଭାବିକ। ଏମିତି ବି ଜଣେ ଖ୍ୟାତିସମ୍ପନ୍ନ ବିଜନେସ ଟାଇକୁନ ସହ ଜାତୀୟ ଓ ଆନ୍ତର୍ଜାତିକ ସ୍ତରରେ ରାଜନୈତିକ ଓ ସାମାଜିକ ଜ୍ଞାନ ରଖୁଥିବା ସଂତୃପ୍ତ ଏହି ପଦ ପାଇଁ ଯୋଗ୍ୟ ବୋଲି ତାଙ୍କ ନାଁକୁ ନେଇ ଚର୍ଚ୍ଚା ହେବା ସ୍ୱାଭାବିକ। କିନ୍ତୁ ସସ୍ମିତଙ୍କୁ ହଟେଇବା ପଛରେ ତାଙ୍କର ହାତ ନ ଥିଲା, ଏକଥା ସ୍ପଷ୍ଟ। ଏହି ଲବି ସଂତୃପ୍ତ ଶପଥ ନେବାର କିଛି ଦିନ ପୂର୍ବରୁ ଆରମ୍ଭ ହୋଇସାରିଥିଲା। ଯେଉଁମାନେ ସସ୍ମିତଙ୍କୁ ହଟେଇବାକୁ ଦାବି କରିଥିଲେ ସେମାନେ ସଂତୃପ୍ତଙ୍କୁ ମଧ୍ୟ ସଂସଦୀୟ ଦଳ ନେତା ପଦରେ ଦେଖିବାକୁ ଚାହାଁନ୍ତି ନାହିଁ ବୋଲି ରାଜନୈତିକ ସମୀକ୍ଷକମାନେ ଆକଳନ କରୁଛନ୍ତି।

### ତୃତୀୟ...

ମଧ୍ୟ ବର୍ତ୍ତମାନର ସାଂସଦ ଦିଲ୍ଲୀପ ରାୟ, ବିଜୟ ମହାପାତ୍ର, ନଳିନୀ ମହାନ୍ତିଙ୍କ ଭଳି କିଛି ନେତା ବିଜୁ ଲିଗାସୀ କଥା ଉଠାଇଥିଲେ। ହେଲେ ତାହା ମଧ୍ୟ ସେ ସମୟରେ ଦାନା ବାନ୍ଧି ପାରି ନ ଥିଲା। ଗୋଟେ ସମୟରେ ଡାକ୍ତର ଦାମୋଦର ରାଉତ ମଧ୍ୟ ବିଜୁ ବିଚାର ମଞ୍ଚ କରି ବିଜୁ ଲିଗାସୀକୁ ଚ୍ୟାଲେଞ୍ଜ କରିଥିଲେ। ହେଲେ ତାହା ମଧ୍ୟ ସମୟ ଚକ୍ରରେ ଧୋଇ ହୋଇଗଲା। ତେଣୁ ପୁଣି ଥରେ ବିଜୁ ଲିଗାସୀକୁ ନେଇ ଯେଉଁ ଦାବି ହେଉଛି, ତାକୁ ରାଜ୍ୟବାସୀ କେତେଦୂର ଗ୍ରହଣ କରିବେ ଓ ଏବର ଉଦ୍ୟମ ସଫଳ ହେବ କି ନାହିଁ, ତାହା ସମୟ କହିବ।

## ନାବାଳିକାକୁ ଦୁଷ୍କର୍ମ ଅଭିଯୋଗ: ଆସାମୀ ଗିରଫ



ନୂଆଗାଁ,୯।୪ (ସଂଚାର ବ୍ୟୁରୋ): କନ୍ଧମାଳ ଜିଲ୍ଲା କ, ନୂଆଗାଁ ଥାନା ଅନ୍ତର୍ଗତ କୁତୁତୁ ଲି ଗ୍ରାମର ଏକ କୁ ଦୁଷ୍କର୍ମ ଅଭିଯୋଗ ରେ ନୂଆଗାଁ ପୋଲିସ୍ ଜଣକୁ ଗିରଫ କରିଛି । ଗିରଫ ଜଣଙ୍କ ହେଲେ ସାରକେଡା ଗ୍ରାମର ଗଣେଶ ପାତ୍ର (୨୯)। ସୂଚନା ଅନୁଯାୟୀ ୧୭ବର୍ଷୀୟ ଯୁବତୀ ଜଣଙ୍କ ଗାଧୋଇବା ପାଇଁ ଯିବା ସମୟରେ ଗଣେଶ ଅଟୋ (ଓଡ଼ି ୧୨ଇ ୨୪୦୨) ଧରି ସେହିବାଟେ ଯିବା ସମୟରେ ନାବାଳିକା ଜଣକ ଏକୁଟିଆ ଯାଉ ଥିବାର ଦେଖି ଗାଡି ରଖି ତା ପାଖକୁ ଯାଇ ଦୁଷ୍କର୍ମ କରିଥିଲା । ନାବାଳିକା ଜଣକ ପାଟି କରିବାରୁ ଗଣେଶ ସେଠାରୁ ଚୌଡି ପଳାଇ ଥିଲା । ନୂଆଗାଁ ପୋଲିସ୍ ପକ୍ଷରୁ ଅଟୋ ଜବତ କରିଥିଲା । ଆସାମୀର ଫୋନ ଟ୍ରାକ କରି ସେ ନିକଟସ୍ଥ ଜଙ୍ଗଲରେ ଥିବା ଜଣାପଡିଥିଲା । ସେଠାରୁ ତାକୁ ଥାନା ଅଧିକାରୀ ଧରିବା ସହ ଏକ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଥିବା କହିଛନ୍ତି ।

### ମିଲରଙ୍କ ଅହେତୁକ ବିଳମ୍ବ ଯୋଗୁଁ ଚାଷୀ ହନ୍ତସନ୍ତ

# ମଣ୍ଡିରେ ପଡ଼ି ପଡ଼ି ଗଜା ହେଲା ଧାନ



ନୀଳଗିରି,୯।୪ (ସଂଚାର ବ୍ୟୁରୋ): ନୀଳଗିରି ବ୍ଲକ ମାଟିଆଳି ଲ୍ୟାମ୍ପ ରେ ଧାନ କିଣାରେ ଅହେତୁକ ବିଳମ୍ବ ହେବା ସହିତ ଧାନ ଦେବା ତାରିଖ ଅବଧି ଶେଷ ପାଇଁ ପ୍ରତିବାଦ ସ୍ୱରୂପ ରାସ୍ତା ଉପରେ ଧାନ ବସ୍ତା ରଖି ରାସ୍ତା ରୋକ କରିଥିଲେ ଚାଷୀମାନେ । ତେବେ ପ୍ରତିଶୃତି ପାଣିର ଗାର ହୋଇଛି, ୧୫ଦିନ ବିତିଯାଇଥିଲେ ମଧ୍ୟ ମଣ୍ଡିରୁ ଧାନ ଉଠି ପାରିନାହିଁ। ଫଳରେ ଉଜାଗର ହୋଇ ଡହଳ ବିକଳ ହେଉଛି ଚାଷୀ। ଅନ୍ୟ ପଟେ ବର୍ଷକର କମାଣି ବର୍ଷା କାକର ଖାଇ ସବୁତକ ଧାନ ଆଜି ଗଜା ହୋଇ ଯାଇଛି। ସେ ଧାନକୁ ଆଉ ମିଲର ନେବନାହିଁ ବୋଲି ରୋକଠୋକ ମନା କରିଦେଇଛି,ସେ ଗଜା ଧାନ ଚାଷୀ କରିବ କଣ। ଏନେଇ ଚାଷୀ ମୁଣ୍ଡରେ ଚଡକ ପଡ଼ିଛି।

ଏଭଳି ଅଭାବନୀୟ ଘଟଣା ଘଟିଛି ବାଲେଶ୍ୱର ଜିଲ୍ଲା ନୀଳଗିରି ବ୍ଲକର ମାଟିଆଳି ଲ୍ୟାମ୍ପ ଅଧିନ ଛତ୍ରପୁର ଶାଖା ଜାମୁନା ଧାନ ମଣ୍ଡିରେ। ମଣ୍ଡିରେ ୬୮ ଜଣ ଟୋକନ ଧାରୀ ଚାଷୀଙ୍କର ୨୨୦୦କୁଇଣ୍ଟାଲ ଧାନ ମଣ୍ଡିରେ ଦେବାର ଶେଷ ତାରିଖ ସରିଯାଇଥିବାରୁ ପ୍ରତିବାଦ ସ୍ୱରୂପ ଗତ ମାର୍ଚ୍ଚ ମାସ ୨୫ ସକାଳ ୭ ଘଟିକା ସମୟରେ ସେରଗଡ଼-ନୀଳଗିରି-ଝରଣାଘାଟି ୧୯ ନମ୍ବର ରାଜ୍ୟ ରାଜପଥ ଜାମୁନା ଛକ ଠାରେ ଶତାଧିକ ଚାଷୀ ଧାନ ବସ୍ତା ରଖି ପ୍ରତିବାଦ କରିଥିଲେ। ଚାଷୀଙ୍କ ସମସ୍ୟାକୁ ନେଇ ଯୁବନେତା ତଥା କଂଗ୍ରେସ ବ୍ଲକ ସଭାପତି ତପନ ରାଉତ ମଧ୍ୟ ଧାରଣାରେ ସାମିଲ ଥିଲେ ।

ପରେ ଏସିଏସଓ ବିଦ୍ୟୁତ ଲତା ନାୟକ, ନୀଳଗିରି ଯୋଗାଣ ବିଭାଗ ଅଧିକାରିଣୀ ରାଜଲକ୍ଷ୍ମୀ ପଣ୍ଡା, ଏଆରସିଏସ ବିଷ୍ଣୁ ମୋହନ ମଲ୍ଲିକ, ଲ୍ୟାମ୍ପ ସଭାପତି ଯଶୋଦା ନାୟକ, ପରିଚାଳନା ନିର୍ଦ୍ଦେଶକ ସୁବକ କିଶୋର ବେହେରା ଘଟଣା ସ୍ଥଳରେ ପହଞ୍ଚି ଚାଷୀଙ୍କୁ ବୁଝାସୁଝା କରିଥିଲେ କି ମିଲର ଧାନ ନେଇଯିବ । ଚାଷୀଙ୍କ ଦାବୀ ମୁତାବକ ୨୨୦୦ କୁଇଣ୍ଟାଲ ଧାନ ପ୍ରଶାସନ ମାଧ୍ୟମରେ କମ୍ପ୍ୟୁଟରରେ ଚଢ଼ାଇବା ସହିତ ଅନ୍ୟ ୧୬୦୦ କୁଇଣ୍ଟାଲ ଧାନକୁ ସନ୍ଧ୍ୟା ଭିତରେ କମ୍ପ୍ୟୁଟରରେ ଚଢାଇବା ଓ ଆସନ୍ତା ଦୁଇ ଦିନ ଭିତରେ କିଛି ଚାଷୀଙ୍କର ଧାନ ନେବାର ପ୍ରତିଶ୍ରୁତି ଦେବାପରେ ମଧ୍ୟାହ୍ନ ୧୨ଘଟିକା ସମୟରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

କିନ୍ତୁ ୧୫ ଦିନ ବିତି ଯାଇଥିଲେ ମଧ୍ୟ ମଣ୍ଡିରେ ସେମିତି ଧାନ ପଡ଼ି ପଡ଼ି ଖରା, ବର୍ଷା ଖାଇ ସବୁତକ ଧାନ ବସ୍ତା ଗଜା ହୋଇ ଯାଇଛି। ତେବେ ଜିଲ୍ଲାପାଳ ତୁରନ୍ତ ହସ୍ତକ୍ଷେପ କରି ସମାଧାନ ନକଲେ ଆଗାମୀ ଦିନରେ ଆନ୍ଦୋଳନ ତୀବ୍ରତର କରାଯିବ ବୋଲି ଉକ୍ତ କ୍ଷତିଗ୍ରସ୍ତ ଚାଷୀ ମାନେ ପ୍ରଶାସନ କୁ ଦୃଢ଼ ଚେତାବନୀ ଦେଇଛନ୍ତି।

## ବର୍ଷା ଜଳରେ ଭାସୁଛି ଗାଁ ଦାଣ୍ଡ

### ସମସ୍ୟା ପ୍ରତି କର୍ଣ୍ଣପାତ କରୁନାହାନ୍ତି ବିଡିଓ



କାକଟପୁର/ଅସ୍ତରଙ୍ଗ,୯।୪ (ସଂଚାର ବ୍ୟୁରୋ): ଗାଁ ଦାଣ୍ଡରେ ଦେଢ଼ ଫୁଟ ବର୍ଷା ପାଣି। ଘରୁ ବାହାରିବା ବିପଦ ପୂର୍ଣ୍ଣ ହୋଇପଡିଛି। ନିଷ୍କାସନ ବ୍ୟବସ୍ଥା ନଥିବାରୁ ବର୍ଷା ଜଳ ଜମି ରହିଛି। ଏଭଳି ଦୂରାବସ୍ଥା ଦେଖାଯାଇଛି ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଝାଡ଼ଲିଙ୍ଗ ପଂଚାୟତ ୩ ନଂ ୱାର୍ଡରେ। ଗୁରୁବାର ଅପରାହ୍ନରେ ଲଘୁଚାପ ଜନିତ ବର୍ଷା ମୁଷଳ ଧାରାରେ ବର୍ଷା ହେବା ଯୋଗୁଁ ଜଳାର୍ଣ୍ଣବ ହୋଇଯାଇଥିଲା ଗାଁ ଦାଣ୍ଡ ଓ ସାହି। ବର୍ଷା ଛାଡିବା ପରେ ଲୋକମାନେ ଦୈନଦିନ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ ଆଣିବା ପାଇଁ ବଜାରକୁ ଗଲାବେଳେ ଘୋର ଅସୁବିଧାର ସମ୍ମୁଖୀନ ହୋଇ ବର୍ଷା ଜଳରେ ପଶି କରି ରାତ୍ରିରେ ଯାଆ ଆସ କରିବାକୁ ବାଧ୍ୟ ହେଉଛନ୍ତି। ଖବରରୁ ପ୍ରକାଶ ଯେ ଝାଡ଼ଲିଙ୍ଗ ନିକଟରେ ନଦୀ ବନ୍ଧ ପାର୍ଶ୍ୱ ରେ ଏକ ସେତୁ ନିର୍ମାଣ ହେବାରୁ ଗାଁର ବର୍ଷାଜଳ ନଦୀକୁ ନିଷ୍କାସନ ହୋଇପାରୁନାହିଁ। ଯାହା ଫଳରେ ବର୍ଷା ଜଳ ନିଷ୍କାସନ ନହୋଇ ପାରି ଜମି ରହିବା ଯୋଗୁଁ ସମସ୍ୟା ଦେଖା ଦେଇଛି। ଯାହାକି ଅନେକ ଲୋକଙ୍କ ଘର ଭିତରେ ପାଣି ପଶିବା ସହ ଲୋକମାନେ ପାଣି ଭିତରେ ଦେଢ଼ ଫୁଟ ଉଚ୍ଚର ପାଣିରେ ଯାତାୟାତ କରୁଛନ୍ତି। ଆଗାମୀ ଦିନରେ ବର୍ଷା ଋତୁ ବେଳେ ସାହିର ଲୋକ ମାନେ ଜଳ ଘେରି ରହିବାର ସମ୍ଭାବନା ଏଡାଇ ଦିଆଯାଇ ନ ପାରେ ବୋଲି ଏବେ ଠୁ ଗାଁ ଲୋକ କହିଲେଣି। ଏ ନେଇ ସ୍ଥାନୀୟ ବାସିନ୍ଦା ପ୍ରଭାତୀ ବାରିକ କହିଛନ୍ତି ସମସ୍ୟା ସମ୍ପର୍କ ରେ ଅସ୍ତରଙ୍ଗ ବିଡ଼ିଓ ଙ୍କୁ ଅବଗତ କରାଇଥିଲୁ କିନ୍ତୁ ସାଧାରଣ ଜନତା ସମସ୍ୟାକୁ କର୍ଣ୍ଣପାତ କରୁନାହାନ୍ତି ବିଡ଼ିଓ।

## ସ୍ୱେଚ୍ଛାକୃତ ରକ୍ତଦାନ ଶିବିର



ବେତନଟୀ,୯।୪ (ସଂଚାର ବ୍ୟୁରୋ): ବେତନଟୀ ମହାବିଦ୍ୟାଳୟ ଠାରେ ଓଡ଼ିଆ ପକ୍ଷ ପାଳନ ଉପଲକ୍ଷେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆଜି ଅନୁଷ୍ଠିତ ହୋଇଯାଇଛି। ବେତନଟୀ ବ୍ଲକ ସାମ୍ବାଦିକ ସଂଘର ସାଧାରଣ ସମ୍ପାଦକ ଅନୁପ କୁମାର ଦଣ୍ଡପାଟଙ୍କ ସଂଯୋଜନାରେ ଆୟୋଜିତ ଶିବିରରେ ମୁଖ୍ୟଅତିଥି ଭାବରେ ମହାବିଦ୍ୟାଳୟ ର ଅଧ୍ୟକ୍ଷ ଶ୍ରୀଯୁକ୍ତ ମନୋରଞ୍ଜନ ମହାନ୍ତ ଉଦ୍‌ଘାଟନ କରି ରକ୍ତ ଦେଇ ଅନ୍ୟର ଜୀବନ ବଞ୍ଚାଇବାକୁ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ଭାବରେ ସେବା ଯୋଜନାର ଅଧିକାରୀ ଅଭିଷେକ ମହାନ୍ତ, ଅଭିଜିତ ମହାନ୍ତି, ଭାନୁପ୍ରିୟା ମାଝୀ , ମନୀଷା ରାଣୀ ଅଗ୍ରୱାଲ, ରୋଭର୍ସ ଏଣ୍ଡ ରେଞ୍ଜର୍ସର କାଉନସେଲର ସନ୍ଦୀପ ଡୁଙ୍ଗଡୁଙ୍ଗ ପ୍ରମୁଖ ଯୋଗଦେଇ ରକ୍ତଦାତାମାନଙ୍କୁ ଉତ୍ସାହିତ କରିବା ସହ ମହାବିଦ୍ୟାଳୟର ଏହି ମହତ କାର୍ଯ୍ୟକୁ ପ୍ରଶଂସା କରିଥିଲେ। ଏହି ଶିବିରରୁ ୨୨ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ବାରିପଦା ରକ୍ତକେନ୍ଦ୍ର ଅଧିକାରୀ ଡଃ ସିପୁନ କୁମାର ପଣ୍ଡା ଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିବା ବେଳେ ନର୍ସିଂଙ୍ଗ ଅଫିସର ଛବି ମହାନ୍ତ, ସ୍ମିତାରାଣୀ ସେଜପଡା, ସକୁନ୍ତଳା ମହାନ୍ତ ପ୍ରମୁଖ ରକ୍ତ ସଂଗ୍ରହ କରିଥିଲେ ।

## ପୌର କାର୍ଯ୍ୟାଳୟ ସମ୍ମୁଖରେ ସଫେଇ କର୍ମୀଙ୍କ ଧାରଣା

ଢେଙ୍କାନାଳ,୯।୪ (ସଂଚାର ବ୍ୟୁରୋ): ଢେଙ୍କାନାଳ ଜିଲ୍ଲା ପୌର କାର୍ଯ୍ୟାଳୟ ସମ୍ମୁଖରେ ବକେୟା ଦରମା ଓ ଛଟେଇକୁ ବିରୋଧ କରି ଆଜି ମହିଳା ସଫେଇ କର୍ମୀମାନେ ଧାରଣା ଦେଇଛନ୍ତି। ଆଜି ଢେଙ୍କାନାଳ ପୌରକାର୍ଯ୍ୟଳୟରେ ବେଟେରି ଗାଡି ଚାଳନା ପାଇଁ ୪୨ ମହିଳା କର୍ମୀଙ୍କୁ ନିୟୋଜିତ କରାଯାଇଥିଲା। ହେଲେ ସେମାନଙ୍କ ମଧ୍ୟରୁ ୨୭ କର୍ମୀଙ୍କୁ ରଖାଯାଇ ବାକି ୧୫ ଜଣଙ୍କୁ ବାହାର କରାଯିବାକୁ ପୌରାଧ୍ୟକ୍ଷା କହିଥିଲେ। ଯାହାକୁ ନେଇ ଅସନ୍ତୋଷ ଦେଖାଦେବା ସହିତ ସଫେଇ କର୍ମଚାରୀମାନେ ଧାରଣା ଦେଇଥିଲେ।



## ଭୁଷୁଡ଼ି ପଡ଼ିଲା ବିଦ୍ୟାଳୟ ପାଚେରି

ଯାଜପୁର ରୋଡ୍,୯।୪ (ସଂଚାର ବ୍ୟୁରୋ): ବ୍ୟାସନଗର ପୌରପରିଷଦ ଅନ୍ତର୍ଗତ ୱାର୍ଡ-୨୫ରେ ଥିବା ଚୁନଭାଟି ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଆଖପାଖ ଅଂଚଳର ଅନେକ ଅବହେଳିତ ପିଲାମାନେ ପାଠ ପଢୁଥିବା ବେଳେ ଏଇ କିଛି ଦିନ ତଳେ କାଳ ବୈଶାଖୀ ବର୍ଷା ପବନରେ ଏହି ବିଦ୍ୟାଳୟଟିର ପାଚେରୀ ଭାଙ୍ଗି ଯାଇଛି। ଫଳରେ ସାପ, ପାଗଳା କୁକୁର, ମସ୍ତିଷ୍କ ବିକୃତଧାରୀ ମଣିଷ, ମାରଣା ଷଣ୍ଢ ଓ ହିଂସ୍ର ଜନ୍ତୁ ମାନଙ୍କର ପ୍ରବେଶ ଏବେ ଏଠାରେ ଦେଖିବାକୁ ମିଳିଛି। ତେଣୁ ଏହି ବିଦ୍ୟା ମନ୍ଦିରରେ ପଢୁଥିବା ପିଲାମାନଙ୍କ ଜୀବନ ପ୍ରତି ବିପଦ ଆଶଙ୍କା କରାଯାଉଛି। ତେଣୁ ବିଦ୍ୟା ମନ୍ଦିରର ସୁରକ୍ଷାକୁ ଦୃଷ୍ଟିରେ ରଖି କୋରେଇ ବିଧାୟକ ଓ ରାଜ୍ୟ ସରକାରଙ୍କ ପ୍ରାଥମିକ ଶିକ୍ଷା ବିଭାଗର ପଦାଧିକାରୀ ମହୋଦୟ ତୁରନ୍ତ ଏହି ପାଚେରୀ ନିର୍ମାଣ କରିବା ପାଇଁ ପଦକ୍ଷେପ ନେବାକୁ ଅଂଚଳବାସୀ ଦାବି କରିଛନ୍ତି।



## ଓଡ଼ିଆ ପକ୍ଷ ପାଳନ ଅବସରରେ 'ଆସ ବହିଟିଏ କିଣିବା' ଅଭିଯାନ



ସୁନ୍ଦରଗଡ଼,୯।୪ (ସଂଚାର ବ୍ୟୁରୋ): ଓଡ଼ିଆ ପକ୍ଷ ପାଳନ ଅବସରରେ ଆଜି ସୁନ୍ଦରଗଡ଼ ଠାରେ 'ଆସ ବହିଟିଏ କିଣିବା' ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଜିଲ୍ଲା କାର୍ଯ୍ୟାଳୟ ପରିସରରେ ଆଜି ଏକ ଦିବସୀୟ ମିନି ପୁସ୍ତକ ମେଳା ଆୟୋଜିତ ହୋଇଥିଲା।

ଏହି ଅବସରରେ ଓଡ଼ିଶା ବିଧାନସଭାର ମାନ୍ୟବର ଉପ ବାଚସ୍ପତି ଭବାନୀ ଶଙ୍କର ଭୋଇ, ମାନ୍ୟବର ଜିଲ୍ଲା ଯୋଜନା କମିଟିର ଅଧ୍ୟକ୍ଷ ତଥା ମାନ୍ୟବର ବିଧାୟକ ରଘୁନାଥପାଲି ଦୁର୍ଗା ଚରଣ ତନ୍ତୀ, ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ସନ୍ତୋଷ ଅମାତ, ସୁନ୍ଦରଗଡ଼ ପୌରପାଳିକାର ଅଧ୍ୟକ୍ଷା ତନୟା ମିଶ୍ର, ଜିଲ୍ଲାପାଳ ଡ଼ା ଶୁଭଙ୍କର ମହାପାତ୍ର ଯୋଗ ଦେଇ ଏହି ମିନି ପୁସ୍ତକ ମେଳାର ଶୁଭ ଉଦଘାଟନ କରିଥିଲେ।

ଏହି ଅବସରରେ ଅତିଥିମାନେ ସମସ୍ତେ ନିୟମିତ ଭାବେ କୌଣସି ନା କୌଣସି ବହି ପଢ଼ିବା ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ। ସେହିଭଳି ସମସ୍ତେ ବହି ପଢ଼ାକୁ ଏକ ଅଭ୍ୟାସରେ ପରିଣତ କରିବା ଦରକାର ଏହା ଦ୍ୱାରା ବ୍ୟକ୍ତିର ସୃଜନଶୀଳତାର ବିକାଶ ଘଟି ଥାଏ ବୋଲି ଅତିଥିମାନେ ବୋଲି ମତ ଦେଇଥିଲେ ।

କାର୍ଯ୍ୟକ୍ରମରେ ପୂର୍ବତନ ସଦର ବିଧାୟିକା କୁସୁମ ଟେଟେ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ, ଜିଲ୍ଲା ନଗର ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଜ୍ୟୋତ୍ସ୍ନାରାଣୀ ସାହୁ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ସାରଙ୍ଗଧର ବରିହା, ଭାରପ୍ରାପ୍ତ ଜିଲ୍ଲା ସଂସ୍କୃତି ଅଧିକାରୀ ନନ୍ଦିନୀ ମୁଣ୍ଡାରୀ, ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ, କର୍ମଚାରୀ , ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ଏବଂ ଜନସାଧାରଣ ଉପସ୍ଥିତ ରହି ବିଭିନ୍ନ ପୁସ୍ତକ କିଣି ଥିଲେ।

## ବିକାଶ କାମକୁ ନେଇ ବିଜେଡ଼ି ଓ ବିଜେପି ମଧ୍ୟରେ ଛକାପଞ୍ଝା

### ଆଇନ ଶୃଙ୍ଖଳା ପରିସ୍ଥିତି ଅସ୍ଥିର ହେବାର ଆଶଙ୍କା



ଆନନ୍ଦପୁର,୯।୪ (ସଂଚାର ବ୍ୟୁରୋ): ଘଷିପୁରା ବ୍ଲକ୍‌ରେ ପୁଣି ମୁଣ୍ଡ ଉଠାଇଛି ରାଜନୈତିକ ଟଣାଓଟରା। ବିକାଶ କାମକୁ ନେଇ ବିଜେଡ଼ି ଓ ବିଜେପି ମଧ୍ୟରେ ଛକାପଞ୍ଝା ଜୋର ଧରିଥିବା ବେଳେ ସାଧାରଣ ଲୋକଙ୍କ ଉନ୍ନତି କାର୍ଯ୍ୟ ପ୍ରଭାବିତ ହେଉଛି।

କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଉପଖଣ୍ଡ ଘଷିପୁରା ବ୍ଲକ୍‌ର କେଶଦୁରାପାଳ ପଞ୍ଚାୟତ ହାଡ଼ବନ୍ଧପୁର ଗ୍ରାମରେ ଏକ ଆଡ଼ିବନ୍ଧ ନିର୍ମାଣ କାମକୁ ନେଇ ଦୁଇ ଦଳ, ବିଜେଡ଼ି ଓ ବିଜେପି ମଧ୍ୟରେ ଦେଖାଦେଇଛି ତୀବ୍ର ବିରୋଧ। ରାଜ୍ୟ ସରକାରଙ୍କ "ବିକଶିତ ଗାଁ ବିକଶିତ ଓଡ଼ିଶା" ଯୋଜନାରେ ପ୍ରାୟ ୫ ଲକ୍ଷ ଟଙ୍କା ବ୍ୟୟରେ ଏହି କାମ ପାଇଁ ଅନୁଦାନ ମଞ୍ଜୁର ହୋଇଥିଲେ ମଧ୍ୟ, କାମ ଆରମ୍ଭ ପୂର୍ବରୁ ରାଜନୈତିକ ଟଣାଟଣି ଜୋର ଧରିଛି। ସବୁଠାରୁ ଆଶ୍ଚର୍ଯ୍ୟଜନକ ଘଟଣା ହେଉଛି, ଗୋଟିଏ କାମ ପାଇଁ ଦୁଇଟି ସୂଚନା ଫଳକ ଲାଗିଛି। ବିଜେପି ପକ୍ଷରୁ ଗୋଟିଏ ଫଳକ ଲଗାଯାଇଥିବା ବେଳେ, ବିଜେଡ଼ି ମଧ୍ୟ ସେହିପରି ଅନ୍ୟ ଫଳକ ସ୍ଥାପନ କରିଛି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି ଓ ଲୋକମାନଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଉଛି।

ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁସାରେ, କିଛି ଲୋକଙ୍କ ସ୍ୱାର୍ଥ ପାଇଁ ଉନ୍ନତିମୂଳକ କାମ ଅଟକି ରହୁଛି। ଏହା କେବଳ କେଶଦୁରାପାଳ ପଞ୍ଚାୟତରେ ସୀମିତ ନୁହେଁ। ଘଷିପୁରା ବ୍ଲକ୍‌ର ବିଭିନ୍ନ ପଞ୍ଚାୟତରେ ଏଭଳି ପରିସ୍ଥିତି ଦେଖାଦେଉଥିବା ଖବର ମିଳୁଛି। ଯଦି ସମୟରେ ପ୍ରଶାସନ ଏହି ଘଟଣାକୁ ଗୁରୁତ୍ୱ ଦେଇ ସମାଧାନ କରିବାରେ ଆଗକୁ ନଆସେ, ତେବେ ଆଗାମୀ ଦିନରେ ଘଷିପୁରାରେ ଆଇନ ଶୃଙ୍ଖଳା ପରିସ୍ଥିତି ଅସ୍ଥିର ହେବାର ଆଶଙ୍କା ରହିଛି। ତେବେ ପ୍ରଶ୍ନ ଉଠୁଛି— ବିକାଶ କାମ ରାଜନୀତିର ଶିକାର କେତେଦିନ? ଦେଖିବାକୁ ବାକି ରହିଲା ପ୍ରଶାସନ କେବେ ଦୃଷ୍ଟି ଦେଇ ସମସ୍ୟା ସମାଧାନ କରି ପାରୁଛି।

## ମୁଖ୍ୟ ଚିକିତ୍ସାଳୟକୁ ଜିଲ୍ଲାପାଳଙ୍କ ଅଚାନକ ଗସ୍ତ



ଯାଜପୁର,୯।୪ (ସଂଚାର ବ୍ୟୁରୋ): ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଯାଜପୁର ଜିଲ୍ଲାପାଳ ଅମ୍ବର କୁମାର କର ଗୁରୁବାର ସକାଳେ ଅଚାନକ ଗସ୍ତ କରିଛନ୍ତି । ଏହି ଗସ୍ତ ସମୟରେ ସେ ଚିକିତ୍ସାଳୟର ବିଭିନ୍ନ ୱାର୍ଡ ବୁଲି ଦେଖିବା ସହ ସ୍ୱାସ୍ଥ୍ୟସେବାର ବାସ୍ତବ ସ୍ଥିତି ସମୀକ୍ଷା କରିଥିବା ଜଣାପଡିଛି । ଜିଲ୍ଲାପାଳ ପ୍ରଥମେ ରୋଗୀ ଏବଂ ସେମାନଙ୍କ ସମ୍ପର୍କୀୟଙ୍କ ସହ ସିଧାସଳଖ ଆଲୋଚନା କରିଥିଲେ। ସେମାନେ ପାଉଥିବା ଚିକିତ୍ସାର ଗୁଣବତ୍ତା ଓ ଡାକ୍ତରୀ ସେବା ଉପରେ ପଚାରି ବୁଝିଥିଲେ। ଏପରିକି ସେ କାଜୁଆଲିଟି ବିଭାଗକୁ ଯାଇ ଚିକିତ୍ସିତ ହେଉଥିବା ଦୁଇଟି ଦୁର୍ଘଟଣା ମାମଲାରେ ପୀଡ଼ିତ ରୋଗୀଙ୍କ ସହ କଥା ହୋଇଥିଲେ। ପରୀକ୍ଷାଗାର ପରିଦର୍ଶନ ସମୟରେ ସେଠାରେ ଆବଶ୍ୟକୀୟ ଉପକରଣ, ଯନ୍ତ୍ରପାତି ଓ ରିଏଜେଣ୍ଟର ଉପଲବ୍ଧତା ବିଷୟରେ ଅନୁଧ୍ୟାନ କରିଥିଲେ। ପ୍ରତିଦିନ କେତେ ସଂଖ୍ୟାରେ ଏବଂ କେଉଁ ପ୍ରକାର ପରୀକ୍ଷା କରାଯାଉଛି, ସେ ସମ୍ପର୍କରେ ବିସ୍ତୃତ ସମୀକ୍ଷା କରିଥିଲେ। ଏହାପରେ ସେ "ନିରାମୟ" ଔଷଧ ବିତରଣ କେନ୍ଦ୍ର ପରିଦର୍ଶନ କରି ରୋଗୀଙ୍କୁ ମାଗଣା ଔଷଧ ଠିକ୍ ଭାବରେ ମିଳୁଛି କି ନାହିଁ ସେ ସମ୍ପର୍କରେ ତଦାରଖ କରିଥିଲେ।

## କାଲାମ ଇଣ୍ଟରନ୍ୟାସନାଲ୍ ସ୍କୁଲର ବାର୍ଷିକ ଉତ୍ସବ



ବୋରିଗୁମ୍ମା,୯।୪ (ସଂଚାର ବ୍ୟୁରୋ): ବୋରିଗୁମ୍ମା କଲାମ ଇଣ୍ଟେରନେସନାଲ ସ୍କୁଲରେ ୧୦ତମ ବାର୍ଷିକ ଉତ୍ସବ ବୋରିଗୁମ୍ମା ଦୋରା କଲ୍ୟାଣ ମଣ୍ଡପ ଠାରେ ମହାସମାରୋହରେ ପାଳିତ ହୋଇଯାଇଛି। ସ୍କୁଲର କୋଫାଉଣ୍ଡର ପୀତବାସ ରାଉତ ସଭାକୁ ପରିଚାଳନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ବୋରିଗୁମ୍ମା ଏସ୍ଡିପିଓ ସତ୍ୟବ୍ରତ ଲେଙ୍କା ଏବଂ କୋରାପୁଟ ସାଂସଦ ପ୍ରତିନିଧି ରାମଚନ୍ଦ୍ର ପାଢ଼ୀ ଯୋଗ ଦେଇଥିଲେ। ପାଶ୍ଚାତ୍ ଢଙ୍ଗରେ ନ ଦୌଡ଼ି ଭାରତୀୟ ସଂସ୍କୃତିକୁ ନଜରରେ ରଖି ବିଦ୍ୟା ଅର୍ଜନ ଉପରେ ଧ୍ୟାନ ଦେବା ପାଇଁ ବିଧାୟକ ଗୁରୁତ୍ୱ ଆରୋପ କରିଥିଲେ। ବୋରିଗୁମ୍ମା ଏସ୍‌ଡିପିଓ ସତ୍ୟବ୍ରତ ଲେଙ୍କା, ଶିଶୁ ଅଧିକାର ଓ ସୁରକ୍ଷା ଉପରେ ଉପସ୍ଥିତ ଜନତାଙ୍କୁ ଉଦ୍‌ବୋଧନ ଦେଇଥିଲେ। ଉତ୍ସବର ମୁଖ୍ୟ ବକ୍ତା ସୁମନ୍ତ କୁମାର ସାହୁ ଚରିତ୍ର ଗଠନରେ ଶିକ୍ଷାର ଭୂମିକା ଓ ମନୁଷ୍ୟ ପାଇଁ ଶିକ୍ଷାର ଆବଶ୍ୟକତା ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ଟାଟା ଷ୍ଟିଲରେ ଜାତୀୟ ସୁରକ୍ଷା ମାସ ଉଦ୍‌ଯାପିତ




ଯାଜପୁର,୯।୪ (ସଂଚାର ବ୍ୟୁରୋ): କାଜପୁର ଜିଲା କଳିଙ୍ଗନଗରସ୍ଥ ଟାଟା ଷ୍ଟିଲ୍ (ଟିଏସକେ)ରେ ୫୫ତମ ଜାତୀୟ ସୁରକ୍ଷା ମାସ ଉଦଯାପିତ ହୋଇଯାଇଛି । ଏହାର ଚଳିତ ବର୍ଷର ଆଭିମୁଖ୍ୟ 'ନିୟୋଜିତ କର, ଶିକ୍ଷିତ କର ଏବଂ ସଶକ୍ତ କର' ସହ ମିଳିତ ଭାବେ ସୁରକ୍ଷା ନିୟମାବଳୀ ପ୍ରତି ଅସାଧାରଣ ପ୍ରତିବଦ୍ଧତା ପ୍ରଦର୍ଶନ କରିଥିବା କର୍ମଚାରୀ ଓ ବ୍ୟବସାୟିକ ସହଯୋଗୀମାନଙ୍କୁ ଏହି ଅବସରରେ ସମ୍ମାନିତ କରାଯାଇଥିଲା। ସର୍ବାଧିକ ସୁରକ୍ଷା ତାଲିମ, 'କାଇଜେନ' ମାଧ୍ୟମରେ ସୁରକ୍ଷା ବ୍ୟବସ୍ଥାରେ ଉନ୍ନତି ଏବଂ ଜରୁରୀକାଳୀନ ପରିସ୍ଥିତିର ମୁକାବିଲା ଦିଗରେ ଦକ୍ଷତା ଭଳି ବିଭିନ୍ନ ବର୍ଗରେ ପୁରସ୍କାର ପ୍ରଦାନ କରାଯାଇଥିଲା। ଏଥିସହ 'ଶ୍ରେଷ୍ଠ ଭେଣ୍ଡର ପାର୍ଟନର ସେଫ୍ଟି ପ୍ରଫେସନାଲ'ଙ୍କୁ ମଧ୍ୟ ସମ୍ମାନୀତ କରାଯାଇଥିଲା।

ମାସ ବ୍ୟାପୀ ଚାଲିଥିବା ଏହି ଜାତୀୟ ସୁରକ୍ଷା ମାସ କାର୍ଯ୍ୟକ୍ରମରେ ବିପଦପୂର୍ଣ୍ଣ କାର୍ଯ୍ୟକଳାପକୁ ଦୃଷ୍ଟିରେ ରଖି ଏକାଧିକ ତାଲିମ ଶିବିର ଏବଂ ବୈଷୟିକ କର୍ମଶାଳା ଆୟୋଜିତ ହୋଇଥିଲା। ଏଥିରେ ଗ୍ୟାସ୍ ସୁରକ୍ଷା, ଆବଦ୍ଧ ସ୍ଥାନରେ କାର୍ଯ୍ୟ, ଉଚ୍ଚ ସ୍ଥାନରେ କାର୍ଯ୍ୟ, ୱେଲଡିଂ ଏବଂ ଗ୍ୟାସ୍ କଟିଂ ଏବଂ ସାମଗ୍ରୀ ପରିବହନ ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଶିକ୍ଷା ଦିଆଯାଇଥିଲା। ଦୁର୍ଘଟଣା ଏଡ଼ାଇବା ପାଇଁ 'ଅତୀତର ଦୁର୍ଘଟଣାରୁ ଶିକ୍ଷା' ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା। ଏହା ବ୍ୟତୀତ ଜରୁରୀକାଳୀନ ସେବା ପ୍ରଦାନକାରୀଙ୍କ ପାଇଁ ବିଭିନ୍ନ ପ୍ରତିଯୋଗିତା ଏବଂ ଅସୁରକ୍ଷିତ କାର୍ଯ୍ୟ ଚିହ୍ନଟ କରିବା ଭଳି ଆହ୍ୱାନପୂର୍ଣ୍ଣ କାର୍ଯ୍ୟକ୍ରମମାନ ଆୟୋଜିତ ହୋଇଥିଲା। ଉଦଯାପନୀ ଉତ୍ସବରେ ଏହି ସମସ୍ତ ପ୍ରତିଯୋଗିତାର ବିଜେତାମାନଙ୍କୁ ସମ୍ମାନ ପୂର୍ବକ ପୁରସ୍କାର ପ୍ରଦାନ କରାଯାଇଥିଲା।

## ନୂତନ ମନ୍ଦିର, ବିଗ୍ରହ ପ୍ରତିଷ୍ଠା ଓ ଯଜ୍ଞ ପୂର୍ଣ୍ଣାହୁତି



ସତ୍ୟବାଦୀ,୯।୪ (ସଂଚାର ବ୍ୟୁରୋ): ସ୍ଥାନୀୟ ଜୟପୁର ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ସେନାପତି ସାହି, କମାରସାହି, ମଠ ସାହିରେ ଶ୍ରୀ ମା ଜଗେଶ୍ୱରୀ ଦେବୀଙ୍କ ନୂତନ ମନ୍ଦିର ଓ ନୂତନ ବିଗ୍ରହ ପ୍ରତିଷ୍ଠା ନିମନ୍ତେ ଚାଲିଥିବା ଚାରିଦିନ ବ୍ୟାପି ଯଜ୍ଞ ଉତ୍ସବ ଗୁରୁବାର ପୂର୍ଣ୍ଣାହୁତି ହୋଇଛି। ବିଗ୍ରହ ପ୍ରତିଷ୍ଠା ପରେ ଏକ ସୁସଜ୍ଜିତ ରଥରେ ଦେବି ପ୍ରତିମାଙ୍କୁ ବିଜେ କରାଯାଇଥିଲା। ଫୁଲମାଳ, ଟିହିଆ ଲାଗି କରାଯିବା ସହ ରଥ ଗ୍ରାମ ପରିକ୍ରମା କରିଥିଲା। ଏହି ଉପଲକ୍ଷେ ଆୟୋଜିତ ଶୋଭାଯାତ୍ରାରେ ଛତି ତ୍ରାସ, ବୈରାଖି, ଘଣ୍ଟ ମର୍ଦ୍ଦଳ, ହରିରାମ ସଂକୀର୍ତ୍ତନ, ନାଗା ନୃତ୍ୟ , ମେଢ ନୃତ୍ୟ ସହ ଗ୍ରାମର ମହିଳା ପୁରୁଷ ମାନେ ଶୋଭାଯାତ୍ରାରେ ସାମିଲ ହୋଇଥିଲେ ଶୋଭାଯାତ୍ରା ସେନାପତି ସାହି, କମାର ସାହି, ମଠସାହି ଓ ସାକ୍ଷୀଗୋପିନାଥ ମନ୍ଦିର ପରିକ୍ରମା କରିବାପରେ ଦେବୀ ପ୍ରତିମାଙ୍କୁ ମନ୍ଦିର ପ୍ରବେଶ ଓ ସିଂହାସନ କୁ ବିଜେ କରାଯାଇଥିଲା।

କର୍ତ୍ତାକର୍ତ୍ତୀ ଭାବରେ କୃପାସିନ୍ଧୁ ଜେନା ଓ ନେତ୍ରମଣୀ ଜେନା ଏବଂ ରଶ୍ମିରଞ୍ଜନ ପଟ୍ଟନାୟକ ଓ ଗାୟତ୍ରୀ ପଟ୍ଟନାୟକ ସପତ୍ନିକ ଏବଂ ଉପସ୍ଥିତ ଶ୍ରଦ୍ଧାଳୁ ମାନେ ପୂର୍ଣ୍ଣାହୁତି ଦେଇଥିଲେ ।

# ଖାଉଟି କାର୍ଡ ଅପେକ୍ଷାରେ ଅନେକ ଆଶାୟୀ

- ଯୋଗାଣ ବିଭାଗ ନିରବ ଦ୍ରଷ୍ଟା
- ସରକାରୀ ଚାଉଳ ପାଇବାରୁ ବଞ୍ଚିତ
- କେବେ ପଡିକାର୍ଡରେ ନାମ ଯୋଡ଼ା ହେବ ?



କାକଟପୁର/ଅସ୍ତରଙ୍ଗ,୯।୪ (ସଂଚାର ବ୍ୟୁରୋ): ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଖାଉଟି କାର୍ଡ ପାଇଁ ଏବେ ଏକ ହଜାରରୁ ଅଧିକ ଯୋଗ୍ୟ ବ୍ୟକ୍ତି ଅପେକ୍ଷାରେ ଥିବା ବେଳେ ସେମାନଙ୍କୁ ଖାଦ୍ୟ ସୁରକ୍ଷା ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇ ପାରିନାହିଁ। ଏ ନେଇ ଯୋଗାଣ ବିଭାଗ ନିରବଦ୍ରଷ୍ଟା ସାଜିଛି। ଯୋଗ୍ୟ ହିତାଧିକାରୀ ତୀବ୍ର ଅସନ୍ତୋଷ ବ୍ୟକ୍ତ କରିଛନ୍ତି।

ସୂଚନା ଅନୁଯାୟୀ, ଅସ୍ତରଙ୍ଗ ବ୍ଲକରେ ମୋଟ ୧୫ଗୋଟି ପଂଚାୟତ ରହିଛି। ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ଅଗ୍ରାଧିକାର ପରିବାର କାର୍ଡ ସଂଖ୍ୟା ୧୬ହଜାର ୮ଶହ ୫୭ଥିବା ବେଳେ ଅନ୍ତ୍ୟୋଦୟ ଅନ୍ନ ଯୋଜନାରେ ୨୦୫୪ କାର୍ଡ ରହିଅଛି। ସେହିପରି ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ୪୮୯ଟି କାର୍ଡ ରହିଛି। ଏହିପରି ଜାତୀୟ ଓ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ଅଗ୍ରାଧିକାର ପରିବାର କାର୍ଯ୍ୟକ୍ରମରେ ୬୦ହଜାର ୧ଶହ ୮୭ଜଣ ଲୋକ ଉପକୃତ ହେଉଥିବା ବେଳେ ଅନ୍ତ୍ୟୋଦୟ ଅନ୍ନ ଯୋଜନାରେ ୬ହଜାର ୮ଶହ ୬୪ଜଣ ଲୋକ ଉପକୃତ ହେଉଛନ୍ତି। ଏହିପରି ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ୧୦୯୭ହିତାଧିକାରୀ ଉପକୃତ ହୋଇପାରିଛନ୍ତି। ତେଣୁ ଏହି ବ୍ଲକର ମୋଟ ୬୮ହଜାର ୧ଶହ ୪୮ଜଣ ବ୍ୟକ୍ତି ବିଭିନ୍ନ ଯୋଜନାରେ ଖାଉଟି ସାମଗ୍ରୀ ପାଉଛନ୍ତି।

ବ୍ଲକର ସମସ୍ତ ଖାଉଟିଙ୍କ ପାଇଁ ମାସକୁ ୨୮ଶହ କୁଇଣ୍ଟାଲ ଚାଉଳ ବ୍ଲକକୁ ଆସୁଥିବାର ଜଣା ପଡ଼ିଛି। ଅସ୍ତରଙ୍ଗ ବ୍ଲକରେ ନୂଆ କାର୍ଡ ପାଇଁ କେତେକ ଆବେଦନ କରିଥିବା ବେଳେ ଟାର୍ଗେଟ ନଥିବା ଓ ସାଇଟ ନ ଖୋଲିବା କାରଣରୁ ଲୋକମାନେ ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ ହୋଇ ପାରୁନାହାନ୍ତି। ଏହାକୁ ନେଇ ଅସନ୍ତୋଷ ଦେଖାଦେଇଛି।

ଏ ସମ୍ପର୍କ ରେ ଅସ୍ତରଙ୍ଗ ବ୍ଲକ ଯୋଗାଣ ନିରୀକ୍ଷକ ସୂର୍ଯ୍ୟକାନ୍ତ ବେହେରାଙ୍କୁ ପଚାରିବାରୁ ସେ କହିଛନ୍ତି ଯେ ନୂତନ ନାମ ସଂଯୋଗୀକରଣ ପାଇଁ ଟାର୍ଗେଟ ନାହିଁ। ଏଥିପାଇଁ ଉପଲବ୍ଧ ସାଇଟ ମଧ୍ୟ ଖୋଲୁ ନାହିଁ। କେବେ ସୁଫଳ ସୁବିଧା ପାଇବେ ଅନେକ ହିତାଧିକାରୀ ତାହା ଅପେକ୍ଷା।

### ବିଏମ୍‌ସିର ବ୍ରିଟିଶ ଶାସନ

# ସରକାରଙ୍କୁ ବଦନାମ କରିବାକୁ ବିଜେଡି ମାର୍କା ନେତାଙ୍କ ଚକ୍ରାନ୍ତ

**ଭୁବନେଶ୍ୱର, ୯।୪ (ସଂଚାର ବ୍ୟୁରୋ):** ଭୁବନେଶ୍ୱର ମହାନଗର ନିଗମରେ ଏବେ ମାତିଛନ୍ତି କିଛି ବିଜେଡି ମାର୍କା ନେତା। ସରକାରଙ୍କୁ ବିଭିନ୍ନ ଛଳରେ ବଦନାମ କରିବାକୁ ଚାଲିଛି ଚକ୍ରାନ୍ତ। ବିଏମସି ନିଜର ରୋଜଗାର ବଢ଼ାଇବା ଆଳରେ ରାଜଧାନୀ ବାସିନ୍ଦାଙ୍କ ଉପରେ ଲଗାଉଛି

- ନିଗମ ନିଜର ଆୟ ବଢ଼ାଇବାକୁ ରାଜଧାନୀବାସୀଙ୍କୁ ଲୁଟୁଛି
- ସହରବାସୀଙ୍କଠାରୁ ଆଦାୟ କରୁଛି ୟୁଜର୍ ଫି'
- ଆନ୍ଦୋଳନର ଧମକ ଦେଲେ ବିଭିନ୍ନ ନାଗରିକ କମିଟି

ଗୋଟିଏ ପରେ ଗୋଟିଏ ଟିକସ। ଯାହାକୁ ଏବେ ଭୁବନେଶ୍ୱର ବିଭିନ୍ନ ନାଗରିକ କମିଟି ଜିଜିଆ କର ବୋଲି କହିବା ସହ ବିଏମସିରେ ବ୍ରିଟିଶ ଶାସନ ଆରମ୍ଭ ହୋଇଥିବା ଅଭିଯୋଗ କରିଛନ୍ତି। କେନ୍ଦ୍ର ସରକାରଙ୍କ ପରିବେଶ ଆଇନ ଆଳରେ ଲୋକଙ୍କଠାରୁ ଅଳିଆ ଉଠାଇବାକୁ ୟୁଜର୍ସ ଫି' ଆଦାୟ କରାଯାଉଛି।



ଭୁବନେଶ୍ୱର ମହାନଗର ନିଗମ ଗତ କିଛି ମାସ ହେବ ଅଳିଆ ଉଠାଇବା ନାଁରେ ସହରବାସୀଙ୍କଠାରୁ ଆଦାୟ କରୁଛି ୟୁଜର୍ ଫି'। ଏଲଆଇଜି ଘରେ ରହୁଥିବା ଲୋକଙ୍କୁ ମାସିକ ଦେବାକୁ ପଡ଼ିବ ୫୦ ଟଙ୍କା। ଏମଆଇଜି ଘରେ ରହୁଥିଲେ ମାସିକ ୭୫ ଟଙ୍କା ଓ ଏଚଆଇଜି ବାସିନ୍ଦା ମାସିକ ଦେବେ ୧୨୫ ଟଙ୍କା। ଗେଷ୍ଟ ହାଉସ ଓ ଛୋଟ ହୋଟେଲ ୫ ଶହରୁ ଏକ ହଜାର ଟଙ୍କା ପର୍ଯ୍ୟନ୍ତ ଦେବେ। ଥ୍ରୀ ଷ୍ଟାର ହୋଟେଲରୁ ଆରମ୍ଭ କରି ଫାଇଭ ଷ୍ଟାର ହୋଟେଲ ପାଇଁ ୫ ହଜାର ଟଙ୍କାରୁ ୧୦ ହଜାର ଟଙ୍କା ପର୍ଯ୍ୟନ୍ତ ଦେବାକୁ ପଡ଼ିବ ୟୁଜର ଫି' ଚାର୍ଜେସ୍। ସେହିପରି ଶପିଙ୍ଗ୍ ମଲ୍‌ର ଆକାର ନେଇ ଦେବାକୁ ପଡ଼ିବ ଶହେରୁ ପାଞ୍ଚ ଶହ ଟଙ୍କା। ରାସ୍ତାକଡ଼ ଭେଣ୍ଡର ବି ୟୁଜର୍ସ ଫି'ରୁ ବାଦ ପଡ଼ିବେନି।

ବିଏମସିର ଏଭଳି ୟୁଜର ଫି' ଆଦାୟକୁ ନେଇ ଉଠିଛି ପ୍ରଶ୍ନ। ପୂର୍ବତନ ବରିଷ୍ଠ ପ୍ରଶାସକ ପ୍ରସନ୍ନ ମିଶ୍ର କହିଛନ୍ତି ଯେ ଭୁବନେଶ୍ୱର ମହାନଗର ନିଗମ ଗଠନ ହେବାର ୨୩ ବର୍ଷ ପରେ ପ୍ରପର୍ଟି ଟ୍ୟାକ୍ସକୁ କାହିଁକି ବେଖାତିର କରିଛି? ମ୍ୟୁନିସିପାଲ କର୍ପୋରେସନ ଆଇନରେ ୟୁଜର ଫି' ବ୍ୟବସ୍ଥା ଅଛି। କିନ୍ତୁ ତାହା କାର୍ଯ୍ୟକାରୀ ନ କରି ହୋଲଡିଂ ଟ୍ୟାକ୍ସ ଆଦାୟ କରୁଛି ବିଏମ୍‌ସି। ସେଥିରେ ପରିମଳ ବାବଦରେ ଟ୍ୟାକ୍ସ ଅନ୍ତର୍ଭୁକ୍ତ ଥିବା ସତ୍ତ୍ୱେ ପୁଣି ୟୁଜର ଫି' କେଉଁ ସ୍ୱାର୍ଥରେ ବୋଲି ସେ ପ୍ରଶ୍ନ କରିଛନ୍ତି। ଏହାକୁ ବିରୋଧ କରି ଆଜି ଭୁବନେଶ୍ୱରର ବୁଦ୍ଧ ମନ୍ଦିର ପରିସରରେ ଏକାଠି ହୋଇଥିଲେ ବହୁ ସଚେତନ ନାଗରିକ ଓ ବିଭିନ୍ନ ସଂଗଠନ। ସେମାନେ ଅଭିଯୋଗ କରିଛନ୍ତି ଯେ ନୂଆ ଆଇନରେ ପ୍ରପର୍ଟି ଟ୍ୟାକ୍ସ ବ୍ୟବସ୍ଥା ରହିଥିବା ସତ୍ତ୍ୱେ ତାହା ଲାଗୁ କରା ନ ଯାଇ ଏପର୍ଯ୍ୟନ୍ତ ପୁରୁଣା ହୋଲଡିଂ ଟ୍ୟାକ୍ସ ଆଦାୟ ହେଉଛି, ଯାହା ଉପରେ ହାଇକୋର୍ଟ ରହିତାଦେଶ ଜାରି କରିଥିବା ବେଳେ ଏନେଇ ବିଏମସି ତା'ର ପକ୍ଷ ରଖିନାହିଁ। ଏବେ ପୁଣି ୟୁଜର ଫି' କେଉଁ ଉଦ୍ଦେଶ୍ୟରେ ଆଦାୟ କରାଯାଉଛି ବୋଲି ନାଗରିକ ସଂଗଠନର ସଦସ୍ୟମାନେ ପ୍ରଶ୍ନ କରିଛନ୍ତି।

ସେପଟେ ବିଏମସି କମିଶନର ଚଞ୍ଚଳ ରାଣାଙ୍କ କହିବା କଥା ଯେ ୨୦୧୬ ମ୍ୟୁନିସିପାଲ ଆଇନ୍ ଆଇନ ଅନୁଯାୟୀ ଭାରତ ସରକାର ପରିବେଶ ସୁରକ୍ଷା ଆକ୍ଟ ଦୃଷ୍ଟିରେ ରଖି ଏକ ବିଜ୍ଞପ୍ତି ପ୍ରକାଶ କରିଥିଲେ, ଯେଉଁଥିରେ ସବୁ ମ୍ୟୁନିସିପାଲ କର୍ପୋରେସନ ୟୁଜର ଫି' ଲଗାଇପାରିବେ। ବିଭିନ୍ନ ବର୍ଗର ଲୋକଙ୍କ ମତ ନେଇ ଏହା କରାଯାଇଛି। ହୋଲଡିଂ ଟ୍ୟାକ୍ସ ୟୁଜର ଫି'ଠାରୁ ସମ୍ପୂର୍ଣ୍ଣ ଅଲଗା। 'ବାଇ ଲ' ଅନୁଯାୟୀ କେତେ ଟଙ୍କା ୟୁଜର ଫି' ଦେବାକୁ ପଡ଼ିବ, ତାହା ସ୍ଥିର କରାଯାଇଥିବା ବିଏମସି କମିଶନର କହିଛନ୍ତି।

# ଅଙ୍ଗନୱାଡ଼ି ପିଲାଙ୍କ ପାଠପଢ଼ା ଓ ସ୍ୱାସ୍ଥ୍ୟର ଯତ୍ନ ନେବେ ବିଶ୍ୱବିଦ୍ୟାଳୟ ଛାତ୍ରଛାତ୍ରୀ



**ଭୁବନେଶ୍ୱର, ୯।୪ (ସଂଚାର ବ୍ୟୁରୋ) :** ୟୁଜିସିର ବଡ଼ ନିଷ୍ପତ୍ତି । ଅଙ୍ଗନୱାଡ଼ିକୁ ଆଡପ୍ଟ କରିବେ ବିଶ୍ୱବିଦ୍ୟାଳୟ । ଏଣିକି କୁନି କୁନି ପିଲାଙ୍କ ପାଠପଢ଼ା ଏବଂ ସ୍ୱାସ୍ଥ୍ୟର ଯତ୍ନ ନେବେ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ । ଶିଶୁ ଶିକ୍ଷାକୁ ଅଧିକ ସୁଦୃଢ଼ କରିବା ପାଇଁ ୟୁଜିସି ଏହି ନିର୍ଦ୍ଦେଶନାମା ଜାରି କରିଛି । ବିଶ୍ୱବିଦ୍ୟାଳୟ କରିବେ ମେଣ୍ଟରସିପ୍। ପ୍ରତି ବିଶ୍ୱବିଦ୍ୟାଳୟ ଓ କଲେଜ ଅତିକମରେ ୫ରୁ ୬ଟି ଅଙ୍ଗନବାଡ଼ି କେନ୍ଦ୍ରକୁ ପୋଷ୍ୟ ଭାବେ ଗ୍ରହଣ କରିବେ । ଫିଲ୍ଡ ୱାର୍କ, ସାମାଜିକ ସେବା ଏବଂ ଇଣ୍ଟର୍ନସିପରେ ଛାତ୍ରଛାତ୍ରୀଙ୍କୁ ଏହା ସହାୟକ ହେବ । ମୁଖ୍ୟ ଶାସନ ସଚିବମାନଙ୍କ ସମ୍ମିଳନୀ ପରେ ନୀତି ଆୟୋଗର କାର୍ଯ୍ୟବିବରଣୀ ପ୍ରକାଶ ପାଇଛି । ସମସ୍ତ କୁଳପତି ଓ ଅଧ୍ୟକ୍ଷଙ୍କୁ ଚିଠି ଲେଖି ଜଣାଇଲା ୟୁଜିସି । ପ୍ରାରମ୍ଭିକ ଶିଶୁ ଶିକ୍ଷାକୁ ଗୁରୁତ୍ୱ ଦେଇ ସରକାର ଏହି ମାଷ୍ଟରପ୍ଲାନ ପ୍ରସ୍ତୁତ କରିଛନ୍ତି। ବିଶେଷ କରି ଶିକ୍ଷା, ମନୋବିଜ୍ଞାନ, ପୋଷଣ ଏବଂ ସମାଜ ମଙ୍ଗଳ ବିଭାଗର ଛାତ୍ରଛାତ୍ରୀମାନେ ଅଙ୍ଗନବାଡ଼ି କେନ୍ଦ୍ରକୁ ଯାଇ ପିଲାଙ୍କ ବିକାଶରେ ସହଯୋଗ କରିବେ। ଏହାଦ୍ୱାରା ୩ରୁ ୬ ବର୍ଷ ଶିଶୁମାନଙ୍କୁ ଗୁଣାତ୍ମକ ଶିକ୍ଷା ମିଳିବା ସହ ଉଚ୍ଚଶିକ୍ଷା ଅଧ୍ୟୟନରତ ଛାତ୍ରଛାତ୍ରୀମାନେ ପେଶାଗତ ଅନୁଭୂତି ହାସଲ କରିପାରିବେ । ଉଭୟ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନ ପାଇଁ ଏହି ନିୟମ ଲାଗୁ ହେବାକୁ ଯାଉଛି । ଏହା କେବଳ ଶିକ୍ଷା ନୁହେଁ ବରଂ ସମାଜ ପ୍ରତି ଛାତ୍ର ସମାଜର ଦାୟିତ୍ୱବୋଧକୁ ଆହୁରି ବୃଦ୍ଧି କରିବ ।

## ବାଇକକୁ ୨୦୦ ମିଟର ଘୋଷାଡ଼ି ନେଲା ସ୍କୁଲ ବସ୍



**ରାଇରଙ୍ଗପୁର,୯।୪(ସଂଚାର ବ୍ୟୁରୋ):** ବାଇକକୁ ଧକ୍କା ଦେବା ପରେ ପାଖାପାଖି ୨୦୦ ମିଟର ପର୍ଯ୍ୟନ୍ତ ଘୋଷାଡ଼ି ନେଇଛି ଏକ ଘରୋଇ ସ୍କୁଲ ବସ। ତେବେ ସୌଭାଗ୍ୟବଶତଃ ଉକ୍ତ ବସ୍‌ରେ ଥିବା ଛାତ୍ରଛାତ୍ରୀମାନେ ବର୍ତ୍ତିଯାଇଛନ୍ତି। ମୟୂରଭଞ୍ଜ ଜିଲ୍ଲା ରାଇରଙ୍ଗପୁର ଅଁଳାବୁଆଠାରେ ଛିଡ଼ା ହୋଇଥିବା ଏକ ଅଟୋ ଓ ଦୁଇଟି ବାଇକକୁ ଦ୍ରୁତ ଗତିରେ ଆସୁଥିବା ବସ୍‌ଟି ଧକ୍କା ଦେଇଥିଲା। ଏହାପରେ ଚାଳକ ଜଣଙ୍କ ବସ୍‌କୁ ନ ରୋକିବାରୁ ତା' ଗୋଟିଏ ବାଇକକୁ ୨୦୦ ମିଟର ପର୍ଯ୍ୟନ୍ତ ଘୋଷାଡ଼ି ନେଇଥିଲା। ଏଥିରେ ସ୍ଥାନୀୟ ଲୋକେ ଉତ୍ତ୍ୟକ୍ତ ଲୋକେ ବସ ଚାଳକଙ୍କୁ ବିଦ୍ୟୁତ ଖୁଣ୍ଟରେ ବାନ୍ଧି ମାଡ଼ ମାରିଛନ୍ତି। ପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଚାଳକଙ୍କୁ ଉଦ୍ଧାର କରିବା ସହ ବସ୍‌କୁ ଜବତ କରିଥିବା ଜଣାପଡ଼ିଛି।

## ଭାଣିଜୀକୁ ହତ୍ୟା କଲା ମାଇଁ !

### ପାଇଖାନା ଘରୁ ଉଦ୍ଧାର ହେଲା ମୃତଦେହ



**ଭଞ୍ଜନଗର, ୯।୪ (ସଂଚାର ବ୍ୟୁରୋ) :** ନାବାଳିକାଙ୍କୁ ତଣ୍ଟି ଚିପି ହତ୍ୟା ଅଭିଯୋଗ। ପାଇଖାନା ଘରୁ ଉଦ୍ଧାର ହେଲା ମୃତଦେହ । ଗଞ୍ଜାମ ଜିଲ୍ଲା ଜଗନ୍ନାଥପ୍ରସାଦ ଥାନା ଛାମୁଣ୍ଡା ଗାଁରେ ଚାଞ୍ଚଲ୍ୟ । ନାବାଳିକାଙ୍କ ମାଇଁକୁ ଅଟକ ରଖି ପଚରାଉଚରା କରୁଛି ପୁଲିସ । ଗତକାଲି ପୂର୍ବାହ୍ନରେ ନାବାଳିକା ଜଣକ ଘରୁ ବାହାରକୁ ଯାଇଥିଲେ। ପରେ ଆଉ ସେ ଘରକୁ ଫେରିନଥିଲେ । ବହୁ ଖୋଜାଖୋଜି ପରେ କୌଣସି ସନ୍ଧାନ ପାଇନଥିଲେ ପରିବାର। ଏନେଇ ଜଗନ୍ନାଥପ୍ରସାଦ ଥାନାରେ ଅଭିଯୋଗ କରିଥିଲେ ନାବାଳିକାଙ୍କ ମାମୁ। ରାତିରେ ନାବାଳିକାଙ୍କ ମୃତଦେହ ମାମୁ ଘର ବାରିପଟେ ୨୦ ମିଟର ଦୂରରେ ଥିବା ପାଇଖାନା ଘରୁ ମିଳିଥିଲା । ନାବାଳିକାର ବେକରେ ଦାଗ ଥିଲା ଓ ମୃତଦେହକୁ ଜରିପାଲ ଘୋଡ଼ାଯାଇଥିଲା । ତେଣୁ ନାବାଳିକାକୁ ହତ୍ୟା କରାଯାଇଥିବା ସ୍ପଷ୍ଟ ହୋଇଛି । ଆଜି ଶବ ବ୍ୟବଚ୍ଛେଦ ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ । ଘଟଣାସ୍ଥଳରେ ଭଞ୍ଜନଗର ପୁଲିସ ଓ ଏସ୍‌ଡିପିଓ ପହଞ୍ଚି ତଦନ୍ତ କରୁଛନ୍ତି ।

## ଜଙ୍ଗଲରୁ କୋଟିଏ ଟଙ୍କାର ଗଞ୍ଜେଇ ଉଦ୍ଧାର



**ନନ୍ଦପୁର,୯।୪(ସଂଚାର ବ୍ୟୁରୋ):** କୋରାପୁଟ ଜିଲ୍ଲାର ନନ୍ଦପୁର ଉପଖଣ୍ଡ ଅଧୀନସ୍ଥ ପାଡୁଆ ପୁଲିସକୁ ଗଞ୍ଜେଇ ଧରପଗଡ଼ ମାମଲାରେ ବଡ ସଫଳତା ମିଳିଛି। ଥାନା ଅଧୀନସ୍ଥ ହାତିବାରି ପଞ୍ଚାୟତର ଦେବତୀଗୁଡା ଗ୍ରାମ ନିକଟସ୍ଥ ଜଙ୍ଗଲରେ ଚଢ଼ାଉ କରି ଚାଲାଣ ପାଇଁ ଗଚ୍ଛିତ ଥିବା ୨୨୧୯ କେଜି ଓଜନର ଗଞ୍ଜେଇ ଜବତ କରିଛି ପୁଲିସ। ତେବେ ପୁଲିସକୁ ଦେଖି ସେଠାରୁ ଗଞ୍ଜେଇ ସଂଗ୍ରହକାରୀ ଓ ଚାଲାଣକାରୀମାନେ ଖସି ପଳାଇବାରେ ସକ୍ଷମ ହୋଇଛନ୍ତି। ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୧ କୋଟି ୧୦ ଲକ୍ଷ ଟଙ୍କା ହେବ ବୋଲି ଆଜି ଥାନା ପରିସରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ନନ୍ଦପୁର ଉପଖଣ୍ଡ ପୁଲିସ ଅଧିକାରୀ (ଏସଡିପିଓ) ଦେବେନ୍ଦ୍ର କୁମାର ମଲ୍ଲିକ ସୂଚନା ଦେଇଛନ୍ତି।

ତାଙ୍କ ସୂଚନା ମୁତାବକ, ଗୁଇନ୍ଦା ସୂଚନା ଆଧାରରେ ଥାନାଧିକାରୀ ଅଶୋକ କୁମାର ବିଶୋଇ ଓ ଏସଆଇ ସୁରେନ୍ଦ୍ର ସେଠୀଙ୍କ ନେତୃତ୍ୱାଧୀନ ପାଡୁଆ ପୁଲିସ ଟିମ୍ ଗତକାଲି ରାତିରେ ଦେବତୀଗୁଡ଼ା ଜଙ୍ଗଲରେ ଚଢ଼ାଉ କରିଥିଲା। ଜଙ୍ଗଲ ମଧ୍ୟରେ ୧୮୦ଟି ଜରି ବସ୍ତାରେ ଗଞ୍ଜେଇ ଭର୍ତ୍ତି କରାଯାଇ ସେସବୁକୁ ଜରି ପାଲ ଘୋଡ଼ାଇ ଦିଆଯାଇଥିବା ଉକ୍ତ ଟିମ୍‌ର ସଦସ୍ୟମାନେ ଦେଖିବାକୁ ପାଇଥିଲେ। ଉକ୍ତ ଗଞ୍ଜେଇକୁ ଉଦ୍ଧାର କରି ଥାନାକୁ ଅଣାଯିବା ପରେ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ୧୮୦ଟି ବସ୍ତା ଖୋଲାଯାଇ ସେସବୁକୁ ଓଜନା କରାଯାଇଥିଲା। ଉକ୍ତ ବସ୍ତାରେ ୨୨୧୯ କିଲୋ ଗଞ୍ଜେଇ ଥିବା ଜଣାପଡ଼ିଥିଲା। ଏନେଇ ପୁଲିସ୍ ୪୦/୨୦୨୬ରେ ଏକ ମାମଲା କରିବା ସହ ଏସଆଇ ଦୀପକ ବାରିକ ଏହାର ତଦନ୍ତ କରୁଥିବା ଶ୍ରୀ ମଲ୍ଲିକ କହିଛନ୍ତି। ଏଥିସହ ସେ ଚଢ଼ାଉରେ ସଫଳତା ପାଇଥିବା ପୁଲିସ୍ କର୍ମଚାରୀମାନଙ୍କୁ ପ୍ରଶଂସା କରିଛନ୍ତି। ଏଥିସହ ଖୁବ୍‌ଶୀଘ୍ର ଫେରାର୍ ହୋଇଯାଇଥିବା ବେପାରୀମାନଙ୍କୁ ଗିରଫ କରାଯିବ ବୋଲି ଶ୍ରୀ ମଲ୍ଲିକ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

# ସମ୍ବଲପୁର ବିକାଶ କାର୍ଯ୍ୟର ସମୀକ୍ଷା କଲେ ଉଷା ପାଢ଼ୀ



**ସମ୍ବଲପୁର,୯।୪(ସଂଚାର ବ୍ୟୁରୋ):** ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ଉଷା ପାଢ଼ୀ ସମ୍ବଲପୁର ଗସ୍ତରେ ଆସି ସହରର ବିଭିନ୍ନ ଜନକଲ୍ୟାଣକାରୀ ଓ ଭିତ୍ତିଭୂମି ପ୍ରକଳ୍ପର କ୍ଷେତ୍ର ପରିଦର୍ଶନ ସହ ଅଗ୍ରଗତିର ସମୀକ୍ଷା କରିଛନ୍ତି। ସେ ସମ୍ବଲପୁରରେ ୱାଟକୋ ପକ୍ଷରୁ ନିର୍ମିତ ଜମାଦାରପାଲି ଇନଟେକ୍ ପଏଣ୍ଟ ଏବଂ ଟିପୁପଡ଼ା ଜଳ ବିଶୋଧନ ପ୍ଲାଣ୍ଟ ସ୍ଥଳ ପରିଦର୍ଶନ କରିଥିଲେ। ଏହା ସହ ମହନଗର ନିଗମ ଦ୍ୱାରା ହାତକୁ ନିଆଯାଇଥିବା ମୋଦିପଡ଼ା ପୁଷ୍କରିଣୀର ପୁନରୁଦ୍ଧାର କାର୍ଯ୍ୟ ମଧ୍ୟ ଅନୁଧ୍ୟାନ କରିଥିଲେ। ଠେଲକୋପଡ଼ାଠାରେ ଚାଲିଥିବା ସୁଲଭ ବାସଗୃହ ପ୍ରକଳ୍ପ ହିତାଧିକାରୀଙ୍କ ସହ ଆଲୋଚନା କରିଥିଲେ। ଏହି ପ୍ରକଳ୍ପର ସଫଳ ରୂପାୟନ ପାଇଁ ସେ ସଂପୃକ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ସମ୍ବଲପୁର ମହାନଗର ନିଗମ ଦ୍ୱାରା ନିର୍ମିତ ବୁର୍ଲା ଅଟଳ ଉଦ୍ୟାନ ବୁଲି ଦେଖିବା ସହ ସେଠାରେ ଉପସ୍ଥିତ ଇଞ୍ଜିନିୟରିଂ ଟିମ୍ ସହ ପ୍ରକଳ୍ପ ଯୋଜନା ଓ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ଆଲୋଚନା କରିଥିଲେ। ଚାଲିଥିବା କାର୍ଯ୍ୟର ମାନ ଓ ପ୍ରଗତିର ସେ ସମୀକ୍ଷା କରିଛନ୍ତି।ବରେଇପାଲି ପଞ୍ଚଗଛିଆ ସ୍ଥିତ ଇଡକୋ ଶିଳ୍ପାଞ୍ଚଳ ପରିଦର୍ଶନ କରି ସେଠାରେ ଥିବା ଏମଏସଏମଇ ଶିଳ୍ପଗୁଡ଼ିକର ସ୍ଥିତି ଅନୁଧ୍ୟାନ କରିଥିଲେ। ଶିଳ୍ପଗୁଡ଼ିକର କାର୍ଯ୍ୟଦକ୍ଷତା ବୃଦ୍ଧି ପାଇଁ ପରାମର୍ଶ ଦେବା ସହ ଦୀର୍ଘ ଦିନରୁ ଅଚଳ ହୋଇ ପଡ଼ିଥିବା ଶିଳ୍ପଗୁଡ଼ିକର ସମସ୍ୟା ସମାଧାନ କରି ସେଗୁଡ଼ିକର ପୁନରୁଦ୍ଧାର ଏବଂ ଆଧୁନିକୀକରଣ ଉପରେ ଗୁରୁତ୍ୱାରୋପ କରିଥିଲେ।

ଏଥିସହ ସେ ୮୦୦ ଏକର ଜମିରେ ନୂତନ ସମ୍ବଲପୁର ସହର ଯୋଜନା, ପରଧିଆପାଲି ଏବଂ ଠେଲକୋପଡ଼ାରେ ୨୦୦୦ ସୁଲଭ ଆବାସ ପ୍ରକଳ୍ପ, ସମ୍ବଲପୁର ନୂତନ ବସ୍ ଟର୍ମିନାଲ୍ ନିର୍ମାଣ ପାଇଁ ଆର୍ଥିକ ସହଯୋଗ, ସମ୍ବଲପୁର ସହରର ଆଲୋକୀକରଣ କାର୍ଯ୍ୟର ମଧ୍ୟ ସମୀକ୍ଷା କରିଛନ୍ତି। ସମ୍ବଲପୁର ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ବର୍ଜ୍ୟବସ୍ତୁ ପ୍ରକ୍ରିୟାକରଣ ପ୍ଲାଣ୍ଟ ସ୍ଥାପନ ଏବଂ ବୁଢ଼ାରଜାଠାରେ ବୃହତ୍ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ନିମନ୍ତେ ସେ ପ୍ରସ୍ତାବ ଦେଇଛନ୍ତି।

### ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା ର୍‍ୟାଙ୍କିଙ୍ଗ

# ନୂତନ ଜ୍ଞାନକୌଶଳ ବ୍ୟବହାରରେ ଓଡ଼ିଶା ପ୍ରଥମ

**ଭୁବନେଶ୍ୱର,୯।୪(ସଂଚାର ବ୍ୟୁରୋ):** ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାଏକଙ୍କ ଅଧ୍ୟକ୍ଷତାରେ ଆଜି ଗ୍ରାମ୍ୟ ଉନ୍ନୟନ ବିଭାଗର ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ସ୍ଥାନୀୟ ସର୍ବୋଚ୍ଚ ଯନ୍ତ୍ରୀଙ୍କ କାର୍ଯ୍ୟାଳୟରେ

## କାର୍ଯ୍ୟ ସମ୍ପାଦନରେ ଅଷ୍ଟମ ସ୍ଥାନ ହାସଲ



ଅନୁଷ୍ଠିତ ଏହି ବୈଠକରେ ୨୦୨୫-୨୬ ବର୍ଷର କାର୍ଯ୍ୟର ସଫଳତା ଓ ୨୦୨୬-୨୭ ବର୍ଷ ପାଇଁ ନୂତନ ରୋଡମ୍ୟାପ୍ ପ୍ରସ୍ତୁତ କରାଯାଇଛି।

ବୈଠକ ଆରମ୍ଭରେ କମିଶନର ତଥା ଶାସନ ସଚିବ ଯାମିନୀ ଷଡ଼ଙ୍ଗୀ ବିଭାଗୀୟ ଉପଲବ୍ଧି ସମ୍ପର୍କରେ ଆଲୋଚନା କରିଥିଲେ। ଗତ ୨୦୨୫-୨୬ ଆର୍ଥିକ ବର୍ଷରେ ବିଭାଗ ପକ୍ଷରୁ ୮୯.୪୫ ପ୍ରତିଶତ ଅର୍ଥ ବିନିଯୋଗ କରାଯାଇଛି। ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା କାର୍ଯ୍ୟକାରୀ କରିବାରେ ଓଡ଼ିଶା ଦେଶରେ ଅଷ୍ଟମ ସ୍ଥାନରେ ଥିବା ବେଳେ ନୂତନ ଜ୍ଞାନକୌଶଳ ଓ ସାମଗ୍ରୀ ବ୍ୟବହାର କରି ରାସ୍ତା ନିର୍ମାଣ କରିବାରେ ଓଡ଼ିଶା ସାରା ଦେଶରେ ପ୍ରଥମ ସ୍ଥାନରେ ରହିଛି। ବିଭାଗୀୟ ମନ୍ତ୍ରୀ ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ଏହି ଉପଲବ୍ଧି ପାଇଁ ଅଭିନନ୍ଦନ ଜଣାଇଥିଲେ।

ପୂର୍ବ ବର୍ଷର ସଫଳତାକୁ ଆଧାର କରି ଆହୁରି ଉଚ୍ଚ ଲକ୍ଷ୍ୟ ରଖିବା ସହ ଚଳିତ ବର୍ଷରେ ନିଜ ପ୍ରଦର୍ଶନକୁ ନିଜେ ଅତିକ୍ରମ କରିବା ପାଇଁ ଅଧିକ ସଂକଳ୍ପ ଓ ପ୍ରୟାସ ସହ କାମ କରିବା ଆବଶ୍ୟକ ବୋଲି ସେ କହିଥିଲେ। ସେ ନିର୍ଦ୍ଦେଶ ଦେଇଛନ୍ତି ଯେ ବର୍ଷାଦିନ ପୂର୍ବରୁ ଟେଣ୍ଡର ପ୍ରକ୍ରିୟା ଶେଷ କରାଯାଉ। ଯେପରି ବର୍ଷା ଛାଡ଼ିବା ମାତ୍ରେ କାମ ଦ୍ରୁତ ଗତିରେ ଆରମ୍ଭ ହୋଇପାରିବ। ସେହିଭଳି ବୈଠକରେ 'ମିଶନ ପାୱାର' ମାଧ୍ୟମରେ ଅପହଞ୍ଚ ଗାଁଗୁଡ଼ିକୁ ପକ୍କା ରାସ୍ତାରେ ଯୋଡ଼ିବା କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବାକୁ ଗରୁତ୍ୱ ଦିଆଯାଇଛି।

# ମେଟ୍ରୋ ପ୍ରକଳ୍ପର ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ସସ୍ମିତଙ୍କ ଚିଠି

### ଜୟପୁର ମଡେଲକୁ ଅନୁକରଣ କରିବାକୁ ଦାବି



**ଭୁବନେଶ୍ୱର,୯।୪(ସଂଚାର ବ୍ୟୁରୋ):** ରାଜ୍ୟରେ ପୁଣି ତେଜିଲା ମେଟ୍ରୋ ରାଜନୀତି। କିଛି ଦିନ ତଳେ ରାଜ୍ୟ ସରକାର ମେଟ୍ରୋ ପ୍ରକଳ୍ପକୁ ବର୍ତ୍ତମାନ ପାଇଁ ସ୍ଥଗିତ ରଖିଥିବା ନେଇ ଘୋଷଣା କରିଥିଲେ। ଏବେ ରାଜ୍ୟସଭା ସାଂସଦ ତଥା ବରିଷ୍ଠ ବିଜେଡି ନେତା ସସ୍ମିତ ପାତ୍ର ମୁଖ୍ୟମନ୍ତ୍ରୀଙ୍କୁ ଏକ ଚିଠି ଲେଖିଛନ୍ତି, ଯେଉଁଥିରେ ସେ ଓଡ଼ିଶାରେ ମେଟ୍ରୋ ପ୍ରକଳ୍ପକୁ ପୁଣି ଥରେ ଆରମ୍ଭ କରିବାକୁ କହିଛନ୍ତି। ଜୟପୁର (ରାଜସ୍ଥାନ)ର ମେଟ୍ରୋ ପ୍ରକଳ୍ପ ଅନୁସାରେ ଓଡ଼ିଶାରେ କରିବାକୁ ଚିଠିରେ ଉଲ୍ଲେଖ କରିଛନ୍ତି ସାଂସଦ ସସ୍ମିତ ପାତ୍ର। ସସ୍ମିତ ପାତ୍ର କହିଛନ୍ତି ଯେ ବୁଧବାର କେନ୍ଦ୍ର କ୍ୟାବିନେଟରେ ଜୟପୁର ମେଟ୍ରୋ ଫେଜ-୨ ପାଇଁ ୧୩ ହଜାର କୋଟି ଟଙ୍କା ଅନୁମୋଦନ କରିଛନ୍ତି। ଏଥିପାଇଁ କେନ୍ଦ୍ର ସରକାର ଏସପିଭି ଅନୁଯାୟୀ ପାଖାପାଖି ସାଢ଼େ ୬ ହଜାର କୋଟି ଟଙ୍କା ଖର୍ଚ୍ଚ ବହନ କରିବେ ଓ ବାକି ସାଢେ ୬ ହଜାର କୋଟିର ଖର୍ଚ୍ଚ ବହନ କରିବେ ରାଜସ୍ଥାନ ସରକାର। ଅପରପକ୍ଷରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଆରମ୍ଭ ହୋଇଥିବା ଓଡ଼ିଶା ମେଟ୍ରୋ (ଭୁବନେଶ୍ୱର-କଟକ-ଖୋର୍ଦ୍ଧା-ପୁରୀ) ପ୍ରୋଜେକ୍ଟର ଖର୍ଚ୍ଚ ୨୦୨୪ରେ ଥିଲା ୬,୨୫୫ କୋଟି ଟଙ୍କା, ଯାହାକି ଜୟପୁରର ମେଟ୍ରୋ ମଡେଲଠାରୁ ଅଧାରୁ ଆହୁରି କମ୍। ଯଦି ଜୟପୁର ମଡେଲରେ କେନ୍ଦ୍ର ସରକାର ଅଧା ଖର୍ଚ୍ଚ ବହନ କରିପାରିବେ, ତା'ହେଲେ ଡବଲ ଇଞ୍ଜିନ୍ ସରକାରରେ ମାତ୍ର ୩ ହଜାର କୋଟି ବହନ କରିବାରେ ଅସୁବିଧା କେଉଁଠି ବୋଲି ପ୍ରଶ୍ନ କରିଛନ୍ତି ସସ୍ମିତ।

# ଆତ୍ମହତ୍ୟା କଲେ ନୌସେନା ଅଗ୍ନିବୀର ପ୍ରଶିକ୍ଷାର୍ଥୀ

**ବାଲୁଗାଁ , ୯।୪ (ସଂଚାର ବ୍ୟୁରୋ) :** ଜୀବନ ହାରିଲେ ନୌସେନା ଅଗ୍ନିବୀର ଯବାନ । ଖୋର୍ଦ୍ଧା ଜିଲ୍ଲା ବାଲୁଗାଁ ସ୍ଥିତ ଭାରତୀୟ ନୌସେନା ଚିଲିକା ପ୍ରଶିକ୍ଷଣ କ୍ୟାମ୍ପସ ଭିତରେ ଅଗ୍ନିବୀର ଯବାନ ଜୀବନ ହାରିଦେଲେ । ଅଗ୍ନିବୀର ଯବାନ ଜଣଙ୍କ ଉତ୍ତର ପ୍ରଦେଶ ମିରଠ ଜିଲ୍ଲାର କାର୍ତ୍ତିକ ଯାଦବ ବୋଲି ଜଣାପଡିଛନ୍ତି । ଆତ୍ମହତ୍ୟାର କାରଣ ଅସ୍ପଷ୍ଟ ଥିବାବେଳେ,ଖବର ପାଇ ଉତ୍ତର ପ୍ରଦେଶରୁ ଓଡିଶା ଆସି ଘଟଣା ସ୍ଥଳରେ ପହଂଚିଲେ ମୃତ ଯବାନଙ୍କ ପରିବାର ଲୋକେ ।

ସୂଚନା ମୁତାବକ, ଅଗ୍ନିବୀର ଯବାନ କାର୍ତ୍ତିକ ଯାଦବ ଚଳିତ ବର୍ଷ ଫେବୃଆରୀ ୧୭ ତାରିଖ ରେ ଭାରତୀୟ ନୌସେନାରେ ଭର୍ତ୍ତି ହୋଇଥିଲେ । ପରେ ବାଲୁଗାଁ ସ୍ଥିତ ଭାରତୀୟ ନୌସେନା ପ୍ରଶିକ୍ଷଣ କେନ୍ଦ୍ରରେ ପହଞ୍ଚି ପ୍ରଶିକ୍ଷଣ ନେଉଥିଲେ। ହେଲେ ଯବାନ କାର୍ତ୍ତିକଙ୍କର ଚାକିରି କରିବାକୁ ଇଚ୍ଛା ନଥିଲା। କିଛି ଦିନ ଟ୍ରେନିଙ୍ଗ ନେବାପରେ, ଚଳିତ ମାସ ୭ ତାରିଖରେ ନିଜ ମା'ଙ୍କୁ ଟ୍ରେନିଙ୍ଗ ନ କରି ଚାକିରିରୁ ଇସ୍ତଫା ଦେବା ପାଇଁ ଟେଲିଫୋନ କରି ଜଣାଇଥିଲେ । ତା ସହ ରେଜିଗନେସନ ଲେଟରରେ ଦସ୍ତଖତ କରିବାକୁ ନିଜ ମା ଙ୍କୁ କହିଥିଲେ। ମା' ଦସ୍ତଖତ କରିବାକୁ ମନା କରିଥିଲେ । ପୁଅ କାର୍ତ୍ତିକଙ୍କୁ ବୁଝାସୁଝା କରି ଟ୍ରେନିଙ୍ଗ କରିବାକୁ କହିଥିଲେ ମା'। ଘଟଣା ଘଟିବା ଦିନ ପୁଣି ଫୋନ କରି ମା' କୁ ଚାକିରି ନ କରିବାକୁ କହିଥିଲେ। କାର୍ତ୍ତିକଙ୍କ ପରିବାର ଗରିବ ଶ୍ରେଣୀର ହୋଇଥିବାରୁ ମା' ପୁଣି ବୁଝାଶୁଝା କରି କାର୍ତ୍ତିକଙ୍କୁ ଟ୍ରେନିଙ୍ଗ ନେବାକୁ କହିଥିଲେ। ହେଲେ କାର୍ତ୍ତିକ ମାନସିକ ଭାରସାମ୍ୟ ହରାଇ ନିଜ ବ୍ୟାରେକ ପାଖରେ ଥିବା ଅନ୍ୟ ଏକ ଘରେ ବେକରେ ଗାମୁଛା ଲଗାଇ ଗତକାଲି ସନ୍ଧ୍ୟା ସମୟରେ ଆତ୍ମହତ୍ୟା କରିଥିବା ଜଣାପଡିଥିଲା । କାର୍ତ୍ତିକଙ୍କ ଆତ୍ମହତ୍ୟା ନେଇ ନୌସେନା ପକ୍ଷରୁ କାର୍ତ୍ତିକଙ୍କ ପରିବାରକୁ ଟେଲିଫୋନ ଦ୍ୱାରା ଜଣାଯାଇଥିଲା। ତା ସହିତ ଦିଲ୍ଲୀରୁ ଭୁବନେଶ୍ୱର ପର୍ଯ୍ୟନ୍ତ ଫ୍ଲାଇଟ ଟିକେଟର ବନ୍ଦୋବସ୍ତ ନୌସେନା ପକ୍ଷରୁ କରାଯାଇଥିଲା । ଖବର ପାଇ ଆଜି ସକାଳେ କାର୍ତ୍ତିକଙ୍କ ବାପା ରାଜକୁମାର ଉତ୍ତର ପ୍ରଦେଶରୁ ନୌସେନା କ୍ୟାମ୍ପସରେ ପହଞ୍ଚି ପୁଅକୁ ଚିହ୍ନଟ କରିଥିଲେ । ପରେ ବାପା ରାଜକୁମାର ପୁଅ କାର୍ତ୍ତିକ ଆତ୍ମହତ୍ୟା କରିଥିବା ନେଇ ବାଲୁଗାଁ ଥାନା ଅଧିନସ୍ଥ ନାଭାଲ ଫାଣ୍ଡିରେ ପହଞ୍ଚି ଲିଖିତ ଅଭିଯୋଗ କରିଥିଲେ । ପୁଲିସ ମୃତ ଦେହକୁ ଜବତ କରି ୭/୨୬ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଜାରି ରଖିଛି ।

### ଷ୍ଟେସନ୍‌ରୁ ଶିଶୁପୁତ୍ର ଚୋରି ଘଟଣା

# ବାପା ରଚିଥିଲା ଅପହରଣ ନାଟକ



**ଟାଙ୍ଗୀ,୯।୪(ସଂଚାର ବ୍ୟୁରୋ):** ଗତକାଲି ନିଖୋଜ ୪ ମାସର ଶିଶୁପୁତ୍ର ଆଜି ମା' କୋଳକୁ ଫେରିଆସିଛି। ଗତକାଲି ଖୋର୍ଦ୍ଧା ରେଳମଣ୍ଡଳ ନିରାକାରପୁର ରେଳ ଷ୍ଟେସନରେ ବିଳମ୍ବିତ ରାତିରେ ମା' କୋଳରୁ ୪ ମାସର ଶିଶୁପୁତ୍ର ଚୋରି ହୋଇଥିବା ନେଇ ଦମ୍ପତି ଅଭିଯୋଗ କରିଥିଲେ। ତେବେ ଏହି ଚୋରି ପଛରେ ଅନ୍ୟ କେହି ନୁହେଁ, ବରଂ ଶିଶୁପୁତ୍ରର ବାପା ପ୍ରଶାନ୍ତ ପ୍ରଦାନଙ୍କର ଭୂମିକା ଥିବା ସନ୍ଦେହ କରି ଜିଆର୍‌ପି ତାଙ୍କୁ ଅଟକ ରଖି ପଚରାଉଚରା କରୁଛି। ପୁଲିସ୍ ସହାୟତାରେ ଜିଆର୍‌ପି ଉକ୍ତ ଶିଶୁପୁତ୍ରକୁ ପ୍ରଶାନ୍ତର ଗାଁ ରଣପୁର ଥାନା ଅନ୍ତର୍ଗତ କଳାମାଟିଆରୁ ଉଦ୍ଧାର କରାଯାଇଛି। ତଦନ୍ତ ସମୟରେ ଜିଆର୍‌ପି ଜାଣିବାକୁ ପାଇଛି ଯେ ପ୍ରଶାନ୍ତ ଓ ପତ୍ନୀ ଚିନୁଲତା ପରିଡ଼ାଙ୍କ ମଧ୍ୟରେ ପାରିବାରିକ କଳହରୁ ଏହି ପିଲା ଚୋରି ନାଟକ ଆରମ୍ଭ ହୋଇଥିଲା।

### ଗୋଟିଏ କୋଠରିରେ ଚାଲିଛି ୬ ଶ୍ରେଣୀ

# ଫାଟକରେ ତାଲା ପକାଇ ଆନ୍ଦୋଳନ

**ଦିଗପହଣ୍ଡି,୯।୪(ସଂଚାର ବ୍ୟୁରୋ):** ଗଞ୍ଜାମ ଜିଲ୍ଲା ଦିଗପହଣ୍ଡି ବ୍ଲକ୍ ଚଷାନିମଖଣ୍ଡି ପଞ୍ଚାୟତରେ ଶିକ୍ଷା ବିଭାଗର ବିକଳ ଚିତ୍ର ଦେଖିବାକୁ ମିଳିଛି। ପଞ୍ଚାୟତ ଅଧୀନସ୍ଥ ଶ୍ୟାମସୁନ୍ଦର ପଲ୍ଲୀ ଗ୍ରାମରେ ଗତ ୧୯୫୮ ମସିହାରୁ ସ୍ଥାପିତ ହୋଇଥିବା ପ୍ରାଥମିକ ବିଦ୍ୟାଳୟର ଶିଶୁ ବାଟିକା ସମେତ ୫ଟି ଶ୍ରେଣୀରେ ଆଖପାଖ ପ୍ରତାପୁର, ଭୀମପୁର ପଲ୍ଲୀ ଗ୍ରାମ ସମେତ ଶ୍ୟାମ ସୁନ୍ଦରପଲ୍ଲୀ ଗ୍ରାମର ଉପର ସାହି, ମଝି ସାହି ଓ ତଳସାହିର ୬୨ ଛାତ୍ରଛାତ୍ରୀ ପାଠ ପଢୁଥିବା ବେଳେ କେବଳ ଗୋଟିଏ ଶ୍ରେଣୀଗୃହ ରହିଛି। ଉକ୍ତ ଶ୍ରେଣୀଗୃହରେ ପ୍ରଧାନଶିକ୍ଷକଙ୍କ କାର୍ଯ୍ୟାଳୟ ସମେତ ମଧ୍ୟାହ୍ନଭୋଜନ ଚାଉଳ ରହୁଛି। ଗୋଟିଏ ଶ୍ରେଣୀ ଗୃହରେ ୬ଟି ଶ୍ରେଣୀର ପିଲାଙ୍କୁ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ସମର ମଲ୍ଲିକ ଓ ଅନ୍ୟ ଜଣେ ସହକାରୀ ଶିକ୍ଷକ ସୁରେଶ ମଲ୍ଲିକ ପାଠ ପଢ଼ାଉଛନ୍ତି।

ଦୀର୍ଘବର୍ଷ ହେଲା ଅଭିଭାବକମାନେ ଅତିରିକ୍ତ ଶ୍ରେଣୀ ଗୃହ ନିର୍ମାଣ ପାଇଁ ଦାବି କରିଆସୁଥିଲେ ମଧ୍ୟ ଶିକ୍ଷା ବିଭାଗ କିମ୍ବା ବ୍ଲକ ପ୍ରଶାସନ ସେଥିପ୍ରତି ଆଦୌ କର୍ଣ୍ଣପାତ କରୁ ନ ଥିବା ଅଭିଯୋଗ ହୋଇଛି। ପ୍ରତିବାଦରେ ସ୍କୁଲ ପରିଚାଳନା କମିଟି ସଭାପତି ରଜନୀକାନ୍ତ ମଲ୍ଲିକଙ୍କ ନେତୃତ୍ୱରେ ଗୁରୁବାର ସକାଳୁ ଛାତ୍ରୀଛାତ୍ର ଓ ବହୁସଂଖ୍ୟକ ଗ୍ରାମବାସୀ, ଅଭିଭାବକ ସ୍କୁଲ ମୁଖ୍ୟ ଫାଟକରେ ତାଲା ପକାଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସେହିପରି ଛାତ୍ରୀଛାତ୍ରମାନେ ପୋଷାକ, ଅଣ୍ଡା ଓ ମଧ୍ୟାହ୍ନଭୋଜନ ନ ଦେଇ ଆବଶ୍ୟକ ଶ୍ରେଣୀଗୃହ ଯୋଗାଇ ଦେବା ସକାଶେ ସ୍ଲୋଗାନ୍ ଦେଇ ସ୍କୁଲ ସମ୍ମୁଖରେ ନିର୍ଦ୍ଧୂମ୍ ଖରାରେ ବସି ରହି ଆନ୍ଦୋଳନ କରିଥିଲେ। ଏନେଇ ଖବର ପାଇ ଦିଗପହଣ୍ଡି ବ୍ଲକ୍ ଅତିରିକ୍ତ ବିଡିଓ ଉମେଶ କୁମାର ସେଠୀ, ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ. ଅଶୋକ କୁମାର ଶତପଥୀ, ଗୋଷ୍ଠୀ ଶିକ୍ଷାଧିକାରୀ ସନ୍ତୋଷ ମହାପାତ୍ର, ସହ ଗୋଷ୍ଠୀ ଶିକ୍ଷାଧିକାରୀ ବାଳା ମାଝୀ, ବିଶ୍ୱବା ପାଇକ ପ୍ରମୁଖ ସ୍କୁଲରେ ପହଞ୍ଚି ଆନ୍ଦୋଳନକାରୀ ଅଭିଭାବକଙ୍କ ସହ ଆଲୋଚନା କରି ଏଥିରୁ ଓହରିବାକୁ ନିବେଦନ କରିଥିଲେ। କିନ୍ତୁ ଅତିରିକ୍ତ ଶ୍ରେଣୀଗୃହ ନିର୍ମାଣ ପାଇଁ ଲିଖିତ ପ୍ରତିଶ୍ରୁତି ନ ପାଇବା ପର୍ଯ୍ୟନ୍ତ ଆନ୍ଦୋଳନରୁ ହଟିବେ ନାହିଁ ବୋଲି ଅଭିଭାବକମାନେ ସେମାନଙ୍କ ଜିଦ୍‌ରେ ଅଟଳ ରହିଥିଲେ। ପରେ ଅଧିକାରୀମାନେ ସପ୍ତାହକ ଭିତରେ ନୂତନ ଶ୍ରେଣୀଗୃହ ନିର୍ମାଣ ପାଇଁ ଟେଣ୍ଡର କରାଯିବ ଏବଂ ଟେଣ୍ଡର ସରିବା ପରେ ୨/୩ ମାସ ମଧ୍ୟରେ ଶ୍ରେଣୀଗୃହ ନିର୍ମାଣ କାର୍ଯ୍ୟ ସରିବ ବୋଲି ଲିଖିତ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।



ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ
Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Manchester Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar ସମ୍ପାଦକ: ହିମାଂଶୁ ଭୂଷଣ କର
Chief Editor: Ajit Kumar Dash ମୁଖ୍ୟ ସମ୍ପାଦକ: ଅଜିତ କୁମାର ଦାଶ

## ପ୍ରସନ୍ନ ପ୍ରସାଦଙ୍କୁ ମିଳିଲା ଗୁରୁଦାୟିତ୍ୱ



# ବର୍‌ସେ ଇନୋଭେସନ୍‌ର ନୂଆ ସିପିଟିଓ ନିଯୁକ୍ତ

ନୂଆଦିଲ୍ଲୀ ୯।୪: ପ୍ରସନ୍ନ ପ୍ରସାଦଙ୍କୁ ମିଳିଲା ଗୁରୁଦାୟିତ୍ୱ। ବର୍‌ସେ ଇନୋଭେସନ୍ କମ୍ପାନୀର ନୂତନ ଚିଫ୍ ପ୍ରଡକ୍ଟ ଆଣ୍ଡ ଟେକ୍ନୋଲୋଜି ଅଫିସର (ସିପିଟିଓ) ଭାବେ ଦାୟିତ୍ୱ ସମ୍ଭାଳିବେ ପ୍ରସନ୍ନ ପ୍ରସାଦ। କମ୍ପାନୀରେ ପ୍ରସନ୍ନ ଏଆଇ, ଡାଟା ସାଇନ୍ସ ଆଦି ବିଭିନ୍ନ ବିଭାଗର କାର୍ଯ୍ୟଭାର ସମ୍ଭାଳିବେ। ସାରା ବିଶ୍ୱରେ ଏବେ ଏଆଇ କ୍ରେଜ୍। ପ୍ରତିଦିନି ଏଆଇ ଏବଂ ଲାଙ୍ଗୁଏଜ ଟେକ୍‌ରେ କିଛି ନୂଆ ନୂଆ ଅପଡେଟ୍ ସାମ୍ନାକୁ ଆସୁଛି। ଏହିକ୍ରମରେ ବର୍‌ସେ ଇନୋଭେସନ୍ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛି। ପ୍ରସନ୍ନ ପ୍ରସାଦଙ୍କୁ ନୂତନ ଚିଫ୍ ପ୍ରଡକ୍ଟ ଆଣ୍ଡ ଟେକ୍ନୋଲୋଜି ଅଫିସର (ସିପିଟିଓ) ଭାବରେ ନିଯୁକ୍ତି କରିଛି କମ୍ପାନୀ। ଏହା କେବଳ ସାଧାରଣ ନିଯୁକ୍ତି ନୁହେଁ, ବରଂ କମ୍ପାନୀର ଏଆଇ ଭବିଷ୍ୟତ ପାଇଁ ଏକ ପ୍ରମୁଖ ସଙ୍କେତ। ଏହି ପରିବର୍ତ୍ତନ ଡିଜିଟାଲ ଇଣ୍ଡିଆ ଏବଂ ଏଆଇ ଦିଗରେ ନୂଆ ପରିବର୍ତ୍ତନ ଆଣିବ ବୋଲି ଆଶା କରାଯାଉଛି। ପ୍ରସନ୍ନ ପ୍ରସାଦ ଏକ ଜଣାଶୁଣା ନାମ। ଟେକ୍ନୋଲେଜି ଦିଗରେ ତାଙ୍କର ୨୦ ବର୍ଷରୁ ଅଧିକ ଅଭିଜ୍ଞତା ରହିଛି। ସେ ଆମେରିକା, ଭାରତ ଏବଂ ୟୁରୋପର ବଡ଼ ବଡ଼ ବୈଷୟିକ କମ୍ପାନୀର ବିଭିନ୍ନ ବିଭାଗରେ ନେତୃତ୍ୱ ନେଇଛନ୍ତି। ପ୍ରସନ୍ନଙ୍କ ପ୍ରଡକ୍ଟ ଇଞ୍ଜିନୟରିଂ, ଡାଟା ସାଇନ୍ସରେ କ୍ଷେତ୍ରରେ ବେଶ୍ ଅନୁଭବ ରହିଛି। ତାଙ୍କର ରିଅଲ୍-ଟାଇମ୍ ପ୍ଲାଟଫର୍ମ ଏବଂ କ୍ଲାଉଡ୍ ଭିତ୍ତିଭୂମି ବିଷୟରେ ଗଭୀର ଅଭିଜ୍ଞତା ରହିଛି। ଯାହା ଆଜିର ଏଆଇ ଯୁଗରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ପୂର୍ବରୁ, ସେ ବର୍‌ସେ ଗ୍ରୁପ୍‌ରେ ସିଟିଓ ଓ ହେଡ୍ ଅଫ୍ ପ୍ରଡକ୍ଟ ଏବଂ ଏଆଇର ମୁଖ୍ୟ ଥିଲେ। ଯେଉଁଠାରେ ସେ ୨୦୦ରୁ ଅଧିକ ଲୋକଙ୍କୁ ପରିଚାଳନା କରୁଥିଲେ।

ବର୍‌ସେ ଇନୋଭେସନ୍ ପୂର୍ବରୁ ଏଆଇ ବେଷ୍ଟ ଲୋକାଲ ଲାଙ୍ଗୁଏଜରେ ବଡ଼ ନାଁ ରହିଛି। ଏଥିରେ ଡିଏଆଇଆଇଓ୍ୱାଇହଣ୍ଟ, ଜୋସ, ନେକ୍ସ ବର୍‌ସେ ଏଆଇ, ଏବଂ ଓ୍ୱାନଇଣ୍ଡିଆ ପରି ପ୍ଲାଟଫର୍ମ ଅଂଶ ଭାବେ ରହିଛି। ବର୍ତ୍ତମାନ, କମ୍ପାନୀ ଏହାର ଏଆଇ ଏବଂ ଡାଟା ସାଇନ୍ସକୁ ଆହୁରି ମଜବୁତ କରିବାକୁ ଚାହୁଁଛି। ପ୍ରସନ୍ନଙ୍କ ନିଯୁକ୍ତି କେବଳ କମ୍ପାନୀକୁ କଣ୍ଟେଣ୍ଟ ପ୍ଲାଟଫର୍ମ କରିବନି ବରଂ ଏକ "ଏଆଇ-ଚାଳିତ ଇକୋସିଷ୍ଟମ" ନିର୍ମାଣ କରିବାକୁ ଚାହୁଁଛି।

ବନ୍ଦ ହେଲା ଇରାନ ଯୁଦ୍ଧ




# ସେନ୍‌ସେକ୍ସରେ ୯୩୧ ପଏଣ୍ଟ୍ ହ୍ରାସ

ମୁମ୍ବାଇ,୯।୪: ଲଗାତାର ପାଞ୍ଚଟି କାରବାର ଦିନରେ ବୃଦ୍ଧି ପାଇବା ପରେ ଗୁରୁବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜର ସେନ୍‌ସେକ୍ସ ୯୦୦ରୁ ଅଧିକ ପଏଣ୍ଟ୍ ତଳକୁ ଖସିଆସିଛି। ଗତକାଲିର ବନ୍ଦ ତୁଳନାରେ ଏହା ୯୩୧.୨୫ ପଏଣ୍ଟ୍ ହ୍ରାସ ପାଇ ୭୬,୬୩୧.୬୫ ପଏଣ୍ଟରେ ବନ୍ଦ ହୋଇଛି। ନ୍ୟାସନାଲ୍ ଷ୍ଟକ୍ ଏକ୍ସଚେଞ୍ଜର ନିଫ୍‌ଟି ୨୨୨.୨୫ ପଏଣ୍ଟ୍ ହ୍ରାସ ପାଇ ୨୩,୭୭୫.୧୦ ପଏଣ୍ଟରେ ବନ୍ଦ ହୋଇଛି। ଇରାନ ସହ ଆମେରିକାର ଯୁଦ୍ଧବିରତି ଘୋଷଣା ସତ୍ତ୍ୱେ ମଧ୍ୟପ୍ରାଚ୍ୟରେ ଉତ୍ତେଜନା ଲାଗି ରହିଥିବାରୁ ଯୁଦ୍ଧ ଶେଷ ହେବା ନେଇ କୌଣସି ସ୍ପଷ୍ଟ ସଙ୍କେତ ମିଳୁନାହିଁ। ସେଥିପାଇଁ ଆଜି ପୁଣି ଥରେ ଅଶୋଧିତ ତୈଳ ଦର ୯୫ ଡଲାରରୁ ଅଧିକ ହୋଇଛି। ଏହାର ପ୍ରଭାବରେ ଇକ୍ୱିଟି ବଜାର ଉପରେ ଚାପ ସୃଷ୍ଟି ହୋଇଛି। ଅନ୍ୟପକ୍ଷରେ ଗତ ପାଞ୍ଚଟି କାରବାର ଦିନରେ ସେନ୍‌ସେକ୍ସରେ ହୋଇଥିବା ବୃଦ୍ଧିର ଲାଭ ଉଠାଇବାକୁ କିଛି ନିବେଶକ ସେୟାର ବିକ୍ରି କରିଥିବା ଅନୁମାନ କରାଯାଉଛି। ଯୁଦ୍ଧକୁ ନେଇ ସ୍ଥିତି ଅନିଶ୍ଚିତ ରହିଥିବାରୁ ନିବେଶକମାନେ ପୋର୍ଟଫୋଲିଓରେ ଦୁର୍ବଳ ଷ୍ଟକ୍‌କୁ ରଖିବା ପରିବର୍ତ୍ତେ ବିକ୍ରି କରିବାକୁ ଉଚିତ ମଣୁଛନ୍ତି। ବିଶେଷଜ୍ଞମାନଙ୍କ ମତରେ ଯୁଦ୍ଧ ପ୍ରଭାବରେ କିଛି ଷ୍ଟକ୍‌ର ମୂଲ୍ୟ ବହୁତ କମିଯାଇଥିଲା। ସେଗୁଡ଼ିକୁ ନିବେଶକମାନେ କିଣୁଥିବାରୁ ଗତ ପାଞ୍ଚଟି କାରବାର ଦିନରେ ସେନ୍‌ସେକ୍ସ ବଢୁଥିଲା। ସେହି ଧାରା ବନ୍ଦ ହୋଇଯାଇଛି। ଏବେ ନିବେଶକମାନେ ଆର୍ଥିକ ସେବା ଓ ସୂଚନା ପ୍ରଯୁକ୍ତି କ୍ଷେତ୍ରର ସେୟାର ଅଧିକ ବିକ୍ରି କରୁଛନ୍ତି।

# ରୁପା ମୂଲ୍ୟରେ ୪,୭୦୦ଟଙ୍କା ହ୍ରାସ

ନୂଆଦିଲ୍ଲୀ,୯।୪: ସୁନା ଏବଂ ରୁପା ମୂଲ୍ୟ ପୁଣି ଥରେ ହ୍ରାସ ପାଇଛି । ଗୋଟିଏ ଦିନର ଅଚାନକ ବୃଦ୍ଧି ପରେ, ଗୁରୁବାର ଦ୍ରୁତ ଗତିରେ ହ୍ରାସ ପାଇଛି। ସପ୍ତାହର ଚତୁର୍ଥ ବାଣିଜ୍ୟ ଦିନରେ, ମଲ୍ଟି କମୋଡିଟି ଏକ୍ସଚେଞ୍ଜ (ଏମସିଏକ୍ସ) ରେ ଫ୍ୟୁଚର୍ସ କାରବାର ଆରମ୍ଭ ହେବା ମାତ୍ରେ, ରୁପାର ମୂଲ୍ୟ ଗୋଟିଏ ଝଟକାରେ ୪୭୦୦ ଟଙ୍କାରୁ ଅଧିକ ହ୍ରାସ ପାଇଛି। ଏହି ହ୍ରାସ ପରେ, ୧କିଲୋଗ୍ରାମ ରୁପାର ମୂଲ୍ୟ ଏହାର ସର୍ବୋଚ୍ଚ ମୂଲ୍ୟଠାରୁ ୨.୦୪ ଲକ୍ଷ ଟଙ୍କା ହ୍ରାସ ପାଇଛି। ରୁପା ସହିତ ସୁନା ମଧ୍ୟ ହ୍ରାସ ପାଇଛି ଏବଂ ପ୍ରତି ୧୦ ଗ୍ରାମ ୧୧ ଟଙ୍କାରୁ ଅଧିକ ଶସ୍ତା ହୋଇଛି।

ପ୍ରଥମେ, ରୁପା ମୂଲ୍ୟରେ ହ୍ରାସ ସମ୍ପର୍କରେ ଯଦି ଦେଖିବା, ବୁଧବାର ଏମସିଏକ୍ସ ରୁପା ମୂଲ୍ୟ ପ୍ରତି କିଲୋଗ୍ରାମ ୨୩୯,୯୧୮ରେ ବନ୍ଦ ହୋଇଥିଲା, କିନ୍ତୁ ଗୁରୁବାର ଖୋଲିବା ସମୟରେ ୨୩୫,୧୩୩ ଟଙ୍କାକୁ ହ୍ରାସ ପାଇଛି। ଏମସିଏକ୍ସ ରେ ରୁପାର ସର୍ବୋଚ୍ଚ ମୂଲ୍ୟ ପ୍ରତି କିଲୋଗ୍ରାମ ୪୩୯,୩୩୭ ଅଟେ, ଏବଂ ଗୁରୁବାରର ହ୍ରାସ ତୁଳନାରେ, ଏକ କିଲୋଗ୍ରାମ ରୁପା ବର୍ତ୍ତମାନ ଏହାର ସର୍ବୋଚ୍ଚ ମୂଲ୍ୟ ଅପେକ୍ଷା ୨୦୪,୨୦୪ ଟଙ୍କା ଶସ୍ତା। ସପ୍ତାହର ଚତୁର୍ଥ ବାଣିଜ୍ୟ ଦିନରେ କେବଳ ରୁପା ନୁହେଁ, ସୁନା ମୂଲ୍ୟରେ ମଧ୍ୟ ହ୍ରାସ ଦେଖିବାକୁ ମିଳିଛି। ବୁଧବାର ଦିନ, ଜୁନ୍ ୫ ତାରିଖର ଅବଧି ସମାପ୍ତ ହୋଇଥିବା ୧୦ଗ୍ରାମ ୨୪ କ୍ୟାରେଟ୍ ସୁନା ଏମସିଏକ୍ସ ରେ ୧,୫୧,୭୭୬ ଟଙ୍କାରେ ବନ୍ଦ ହୋଇଥିଲା ଏବଂ ୧,୫୦,୬୪୭ ଟଙ୍କାରେ କାରବାର ଆରମ୍ଭ ହୋଇଥିଲା, ଯାହା ୧,୧୨୯ ହ୍ରାସ ଥିଲା।ରୁପା ମୂଲ୍ୟ ପରି, ସୁନା ଏହାର ସର୍ବୋଚ୍ଚ ମୂଲ୍ୟ ଅପେକ୍ଷା ଯଥେଷ୍ଟ ଶସ୍ତା ରହିଛି। ସାମ୍ପ୍ରତିକ ହ୍ରାସ ପରେ, ସୁନା ଫ୍ୟୁଚର୍ସ ଏବେ ପ୍ରତି ୧୦ ଗ୍ରାମ ୫୨,୩୩୭ ଟଙ୍କା ମୂଲ୍ୟରେ ଉପଲବ୍ଧ, ଯାହା ଏହାର ଜୀବନକାଳର ସର୍ବୋଚ୍ଚ ମୂଲ୍ୟ ୨୦୨,୯୮୪ରୁ ହ୍ରାସ ପାଇଛି। ପ୍ରକାଶ ଥାଉକି, ଆମେରିକା ଏବଂ ଇରାନ ମଧ୍ୟରେ ଯୁଦ୍ଧବିରତି ଘୋଷଣା ହେବା ପରେ ବୁଧବାର ଉଭୟ ମୂଲ୍ୟବାନ ଧାତୁର ମୂଲ୍ୟ ହଠାତ୍ ବୃଦ୍ଧି ପାଇଥିଲା। ବାଣିଜ୍ୟ ସମୟରେ ରୁପା କିଲୋଗ୍ରାମ ପିଛା ୧୫ ହଜାର ପର୍ଯ୍ୟନ୍ତ ବୃଦ୍ଧି ପାଇଥିଲା, ସେହିପରି ସୁନା ମଧ୍ୟ ବୃଦ୍ଧି ପାଇଥିଲା, କିନ୍ତୁ ଏହି ବୃଦ୍ଧି ଗୋଟିଏ ଦିନ ପରେ ବନ୍ଦ ହୋଇଯାଇଥିଲା।



### ଆମେରିକା-ଇରାନ ଯୁଦ୍ଧବିରତି

# ଅଶୋଧିତ ତୈଳ ମୂଲ୍ୟରେ ତୀବ୍ର ହ୍ରାସ

ନୂଆଦିଲ୍ଲୀ, ୯।୪: ଗତ କିଛି ସପ୍ତାହ ଧରି, ଆମେରିକା ଏବଂ ଇରାନ ମଧ୍ୟରେ ବୃଦ୍ଧି ପାଉଥିବା ଉତ୍ତେଜନା ସମଗ୍ର ବିଶ୍ୱକୁ ଏବଂ ଭାରତୀୟ ବଜାରକୁ ନିଶ୍ୱାସ ନେବାରେ ବାଧ୍ୟ କରି ରଖିଛି। ତଥାପି, ଦୁଇ ରାଷ୍ଟ୍ର ଏବେ ଦୁଇ ସପ୍ତାହର ଅସ୍ତ୍ରବିରତି ପାଇଁ ଏକ ଚୁକ୍ତିରେ ପହଞ୍ଚିଛନ୍ତି। ୮ ଏପ୍ରିଲ ସକାଳେ ପ୍ରକାଶିତ ଏହି ଖବର ଭାରତୀୟ ଅର୍ଥନୀତି ଏବଂ ସାଧାରଣ ନାଗରିକ ଉଭୟଙ୍କ ପାଇଁ ଏକ ଜୀବନରେଖାଠାରୁ କମ ନୁହେଁ। ହର୍ମୁଜ ପ୍ରଣାଳୀ ଉପରେ ବିପଦର କଳାବାଦଲ ଶେଷରେ ହଟିଯିବା ସହିତ, ବିଶ୍ୱ ଯୋଗାଣ ଶୃଙ୍ଖଳ ଏବଂ ଶକ୍ତି ମୂଲ୍ୟ ଉପରେ ଭାରଗ୍ରସ୍ତ କରୁଥିବା ଅତ୍ୟଧିକ ଚାପ ଏବେ ଯଥେଷ୍ଟ ହ୍ରାସ ପାଇବା ପରି ମନେ ହେଉଛି। ଆସନ୍ତୁ ଆମେ ଏହି ଇରାନ-ଆମେରିକା ଅସ୍ତ୍ରବିରତିର ଭାରତର ଅର୍ଥନୀତି ଏବଂ ଏହାର ନାଗରିକମାନଙ୍କ ଉପରେ ସମ୍ଭାବ୍ୟ ପ୍ରଭାବ ଅନୁସନ୍ଧାନ କରିବା। ଏହି ଅସ୍ତ୍ରବିରତିର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଲାଭ ଅଶୋଧିତ ତୈଳ ମୂଲ୍ୟରେ ତୀବ୍ର ହ୍ରାସ ରୂପରେ ପ୍ରକାଶ ପାଇଛି। ଆନ୍ତର୍ଜାତୀୟ ବଜାରରେ ପ୍ରତି ବ୍ୟାରେଲ ୧୧୧ ଡଲାରରେ ଉଷ୍ମତା ବିନ୍ଦୁରେ ରହିଥିବା ବ୍ରେଣ୍ଟ ଅଶ୍ରୁତ ତୈଳ ବର୍ତ୍ତମାନ ପ୍ରତି ବ୍ୟାରେଲ ୯୫ ଡଲାର ତଳକୁ ଖସି ଆସିଛି। କିଛି ସମୟ ପୂର୍ବରୁ, ଭାରତୀୟ ଅଶୋଧିତ ତୈଳ ବାସ୍କେଟ ବ୍ୟାରେଲ ପ୍ରତି ୧୩୦.୬୮ ଡଲାରର ବିପଦପୂର୍ଣ୍ଣ ସ୍ତର ଛୁଇଁଥିଲା। ତୈଳ ଦର ବୃଦ୍ଧି ସିଧାସଳଖ ଅଧିକ ମାଲ ପରିବହନ ଖର୍ଚ୍ଚରେ ପରିଣତ ହୁଏ, ଯାହା ପରିଣାମ ସ୍ୱରୂପ, ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ମୂଲ୍ୟ ଉପରେ ସିଧାସଳଖ ପ୍ରଭାବ ପକାଇଥାଏ। ବର୍ତ୍ତମାନ, ଏହି ହ୍ରାସ କେବଳ ଦେଶ ଭିତରେ ଶକ୍ତି ଖର୍ଚ୍ଚ ହ୍ରାସ କରିବ ନାହିଁ ବରଂ ଗ୍ୟାସ, ସାର ଏବଂ ପେଟ୍ରୋକେମିକାଲ୍ସର ଯୋଗାଣରେ ମଧ୍ୟ ଉନ୍ନତି ଆଣିବ। ଫଳସ୍ୱରୂପ, ଏହା ଟଙ୍କାର ଚାପକୁ ହ୍ରାସ କରିବ ଏବଂ ଦେଶର ବାଣିଜ୍ୟ ସନ୍ତୁଳନକୁ ଉନ୍ନତ କରିବାରେ ସାହାଯ୍ୟ କରିବ।

ମଧ୍ୟପ୍ରାଚ୍ୟରେ ପ୍ରାୟ ୯ ନିୟୁତ ଭାରତୀୟ ନିଯୁକ୍ତି ପାଇଛନ୍ତି, ଯେତେବେଳେ ଲକ୍ଷ ଲକ୍ଷ ଛାତ୍ର ସେଠାରେ ସେମାନଙ୍କର ପାଠପଢ଼ା କରୁଛନ୍ତି। ଟଇର, ସାଉଦି ଆରବ, କୁଏତ ଏବଂ ଓମାନ ଭଳି ଦେଶଗୁଡ଼ିକରେ ବଢୁଥିବା ଉତ୍ତେଜନା ଭାରତରେ ସେମାନଙ୍କ ପରିବାର ପାଇଁ ରାତି ଅନିଦ୍ରା କରିଥିଲା। ଏହି ଅସ୍ତ୍ରବିରତି ପ୍ରଭାବଶାଳୀ ଭାବରେ ଅନିଶ୍ଚିତତାର ସେହି ପରିବେଶକୁ ଦୂର କରିଛି। ଏହା କେବଳ ଭାବପ୍ରବଣ ଆଶ୍ୱସ୍ତି ପ୍ରଦାନ କରେ ନାହିଁ, ବରଂ ଏହା ଅତ୍ୟନ୍ତ ଆର୍ଥିକ ଗୁରୁତ୍ୱ ରଖେ। ଭାରତ ବିଦେଶରୁ ବାର୍ଷିକ ପ୍ରାୟ ୧୩୫ ବିଲିୟନ ଟଙ୍କା ପାଉଛି, ଯାହାର ୩୮ ପ୍ରତିଶତ ଏହି ଉପସାଗରୀୟ ରାଷ୍ଟ୍ରଗୁଡ଼ିକରେ ରହୁଥିବା ପ୍ରବାସୀମାନଙ୍କ ଦ୍ୱାରା ପଠାଯାଇଥାଏ। ଏହା ବ୍ୟତୀତ, ପର୍ଯ୍ୟଟନ ଏବଂ ନିଯୁକ୍ତି ସହିତ ଜଡିତ ଆନ୍ଦୋଳନ ଯାହା ଯୁଦ୍ଧ ଭୟ ଯୋଗୁଁ ସ୍ଥଗିତ ହୋଇଯାଇଥିଲା। ଏବେ ପୁନର୍ବାର ଟ୍ରାକରେ ଫେରିବାକୁ ଯାଉଛି। ଉଲ୍ଲେଖନୀୟ ଯେ, ୨୦୨୪ ରେ, ଭାରତୀୟମାନେ କରିଥିବା ସମସ୍ତ ଆନ୍ତର୍ଜାତୀୟ ଯାତ୍ରାର ୪୭% (ପ୍ରାୟ ୧୪.୬ ନିୟୁତ) କେବଳ ପଶ୍ଚିମ ଏସିଆକୁ ହୋଇଥିଲା।

ଭାରତର ମୋଟ ବାଣିଜ୍ୟର ପ୍ରାୟ ୧୬ ପ୍ରତିଶତ ସିଧାସଳଖ ହର୍ମୁଜ ପ୍ରଣାଳୀ ଦେଇ ପରିଚାଳିତ ହୁଏ। ଏହା ସହିତ, ଅଗଷ୍ଟ ୨୦୨୫ ସୁଦ୍ଧା, ପଶ୍ଚିମ ଏସିଆରେ ଭାରତର ମୋଟ ନିବେଶ ୨୦.୫ ବିଲିୟନ ଡଲାରରେ ପହଞ୍ଚିଛି, ଯେଉଁଥିରେ ସଂଯୁକ୍ତ ଆରବ ଏମିରେଟ୍ସ ନେତୃତ୍ୱ ନେଉଛି। ଏହି ଅସ୍ତ୍ରବିରତି ଏହି ଗୁରୁତ୍ୱପୂର୍ଣ୍ଣ ବାଣିଜ୍ୟ ମାର୍ଗକୁ ପୁଣି ଥରେ ସୁରକ୍ଷିତ କରିଛି। ଏହି ଶାନ୍ତି ଚୁକ୍ତିର ସବୁଠାରୁ ବଡ଼ ଲାଭାର୍ଥୀ ହୋଇଛି ଭିତ୍ତିଭୂମି ମହାରଥୀ, ଲାର୍ସନ ଆଣ୍ଡ ଟୁବ୍ରୋ (ଏଲଆଣ୍ଡଟି)। ଉପସାଗରୀୟ ରାଷ୍ଟ୍ରଗୁଡ଼ିକରେ ପ୍ରକଳ୍ପଗୁଡ଼ିକ କମ୍ପାନୀର ମୋଟ ଆନ୍ତର୍ଜାତୀୟ ବ୍ୟବସାୟର ୩୦-୩୫% ଅଟେ। ଅସ୍ତ୍ରବିରତି ଖବର ପାଇବା ପରେ, ବୁଧବାର ଏଲଆଣ୍ଡଟି ସେୟାରରେ ୮.୦୬% ର ଏକ ବଡ଼ ବୃଦ୍ଧି ଦେଖିବାକୁ ମିଳିଛି। ଶେଷ ମୂଲ୍ୟ ୩, ୭୨୩ରୁ ଉପରକୁ ଉଠି ୪, ୦୨୩ର ସର୍ବୋଚ୍ଚ ସ୍ତରରେ ପହଞ୍ଚି ୩, ୯୮୬.୧୦ରେ କାରବାର କରିବାକୁ ସ୍ଥିର ହେଲା।



## ଏୟାରଲାଇନ୍ସ କମ୍ପାନିଙ୍କୁ ମିଳିବ ଆଶ୍ୱସ୍ତି

# କମିବ ବିମାନ ଟିକେଟ ମୂଲ୍ୟ!

ନୂଆଦିଲ୍ଲୀ, ୯।୪: ପଶ୍ଚିମ ଏସିଆରେ ତିକ୍ତତା କମ୍ ହେବା ପରେ ଭାରତ ସରକାର ଏବେ ବିମାନ ଯାତ୍ରୀଙ୍କ ପାଇଁ ବଡ଼ ଆଶ୍ୱସ୍ତି ଦେଇଛନ୍ତି। ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ବୁଧବାର, ଘରୋଇ ଏୟାରଲାଇନ୍ସଙ୍କ ପାଇଁ ଏୟାରପୋର୍ଟରେ ଲାଗୁଥିବା ଲ୍ୟାଣ୍ଡିଂ ଏବଂ ପାର୍କିଂ ଶୁଳ୍କରେ ୨୫ ପ୍ରତିଶତ ଛାଡ଼ କରିବାକୁ ଘୋଷଣା କରିଛି। ଏହି ପଦକ୍ଷେପର ଉଦ୍ଦେଶ୍ୟ ବିମାନ ଇନ୍ଧନ ବା ଏଟିଏଫ୍‌ର ବଢ଼ିଥିବା ଦାମ୍ ପରେ ବି ବିମାନ ଟିକେଟ ଦାମକୁ ନିୟନ୍ତ୍ରଣରେ ରଖିବା। ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ମନ୍ତ୍ରୀ ରାମ ମୋହନ ନାୟଡୁ କହିଛନ୍ତି ବୈଶ୍ୱିକ ପରିସ୍ଥିତି, ବିଶେଷକରି ପଶ୍ଚିମ ଏସିଆ ସଙ୍କଟ କାରଣରୁ ବିମାନ ଇନ୍ଧନ ଦାମ୍ ବୃଦ୍ଧି ଦେଖିବାକୁ ମିଳିଛି। ଏମିତିରେ ଏୟାରଲାଇନ୍ସର ପରିଚାଳନା ଖର୍ଚ୍ଚ ବୋଝ ବଢ଼ିଛି। ଯଦି ସରକାର ଏହି ପଦକ୍ଷେପ ନନେବେ ତେବେ ଏୟାରଲାଇନ୍ସ ଏହାର ସିଧା ବୋଝ ଯାତ୍ରୀଙ୍କ ଉପରେ ପକାଇବେ। ଏହାଦ୍ୱାରା ଟିକେଟ ଦାମ ଅଧିକ ବଢ଼ିଯିବ। ମନ୍ତ୍ରୀ କହିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ସରକାରଙ୍କ ମୁଖ୍ୟ ଉଦ୍ଦେଶ୍ୟ ସାଧାରଣ ନାଗରିକଙ୍କ ପାଇଁ ବିମାନ ଯାତ୍ରାକୁ ସୁଲଭ ଏବଂ ସୁବିଧାଜନକ କରିବା। ସରକାରଙ୍କ ଏହି ନିଷ୍ପତ୍ତି ଦ୍ୱାରା ଦେଶର ଏୟାରଲାଇନ୍ସ କମ୍ପାନିଙ୍କୁ ଆଗାମୀ ୩ ମାସ ପାଇଁ ପ୍ରାୟ ୪୦୦ କୋଟି ଟଙ୍କାର ସଞ୍ଚୟ ହେବ। ମନ୍ତ୍ରଣାଳୟ ଏୟାରପୋର୍ଟ ଇକୋନୋମିକ ରେଗୁଲେଟୋରୀ ଅଥରିଟି ଏବଂ ଭାରତୀୟ ବିମାନବନ୍ଦର ପ୍ରାଧିକରଣକୁ ତୁରନ୍ତ ଏହି ନିର୍ଦ୍ଦେଶକୁ ଲାଗୁ କରିବା ପାଇଁ କହିଛି। ନାୟଡୁ କହିଛନ୍ତି, ବିଶ୍ୱ ସ୍ତରରେ ବିମାନ ଇନ୍ଧନ ଦାମ୍‌ରେ ୧୦୦ ପ୍ରତିଶତରୁ ଅଧିକ ବୃଦ୍ଧି ଦେଖାଯାଇଛି। ହେଲେ ସରକାର ବିଭିନ୍ନ ପଦକ୍ଷେପ ନେଇ ଏହାର ପ୍ରଭାବ ପଡ଼ିବାକୁ ଦେଇନାହାଁନ୍ତି। ତେବେ ଏହି ନୂଆ ନିଷ୍ପତ୍ତି ଦ୍ୱାରା ଏୟାରପୋର୍ଟଗୁଡ଼ିକୁ ହେବାକୁ ଥିବା କ୍ଷତିର ଭରଣା ପାଇଁ ସରକାର ଭବିଷ୍ୟତରେ ଟାରିଫ୍ ନିର୍ଦ୍ଧାରଣ ସମୟରେ ଆଡଜଷ୍ଟମେଣ୍ଟ ବିକଳ୍ପ ରଖିଛନ୍ତି। ମନ୍ତ୍ରଣାଳୟ ଲଗାତାର ସ୍ଥିତିର ସମୀକ୍ଷା କରୁଛନ୍ତି। ଆବଶ୍ୟକ ପଡ଼ିଲେ ଭବିଷ୍ୟତରେ ଆହୁରି ମଧ୍ୟ ଜରୁରୀ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି ମନ୍ତ୍ରୀ।



# ଏବେ ରୁପା ବିକିବା ହେବ ସହଜ

**ଏମଏମଟିସି ଆଣିଲେ ଦେଶର ପ୍ରଥମ 'ଅର୍ଗାନାଇଜଡ୍ ବାୟବ୍ୟାକ୍ ସର୍ଭିସ'**

ନୂଆଦିଲ୍ଲୀ, ୯।୪: ଏବେ ରୁପା ବିକ୍ରି କରିବା ଓ ଏହାର ଉଚିତ ମୂଲ୍ୟ ପାଇବା ସହଜ ହୋଇଛି। ବୁଲିୟନ ରିଫାଇନର ମେଟାଲସ ଆଣ୍ଡ ମିନେରାଲସ୍ ଟ୍ରେଡିଂ କର୍ପୋରେସନ ଅଫ ଇଣ୍ଡିଆ (ଏମଏମଟିସି) ଭାରତରେ ପ୍ରଥମ ସଙ୍ଗଠିତ 'ସିଲଭର ବାୟବ୍ୟାକ୍' ସର୍ଭିସ ଆରମ୍ଭ କରିଛନ୍ତି। ଏଥିରେ ଗ୍ରାହକ ଏବେ ସେମାନଙ୍କ ରୁପା ମୁଦ୍ରା, ବାର ଓ ପୁରୁଣା ଗହଣା ସିଧା କମ୍ପାନୀକୁ ବିକ୍ରି କରିପାରିବେ। କମ୍ପାନୀ ଦେଶର ବଡ଼ ସହରାଞ୍ଚଳ ଦିଲ୍ଲୀ, ମୁମ୍ବାଇ, ଅହମଦାବାଦ କୋଲକାତା, ଭୁବନେଶ୍ୱର, ଗୌହାଟୀ ଓ ଲୁଧିଆନାରେ ଏହି ବାୟବ୍ୟାକ ଆରମ୍ଭ କରିଛି। ଗ୍ରାହକ ନିଜ ରୁପା ଗହଣା, ମୁଦ୍ରା ଓ ଖଣ୍ଡକୁ ପ୍ୟୋରିଟି ଭେରିଫିକେସନ ସେଣ୍ଟରକୁ ନେଇ ଯାଇ ପାରିବେ। ସେଠାରେ ଅତ୍ୟନ୍ତ ସୁରକ୍ଷାର ସହ ଏକ୍ସଆରଆଏଫ ଟେକ୍ନୋଲଜି ମାଧ୍ୟମରେ ରୁପାର ଶୁଦ୍ଧତା ଯାଞ୍ଚ କରାଯିବ। ଏହା ପରେ ବଜାରରେ ପ୍ରଚଳିତ ବାୟବ୍ୟାକ୍ ଦରରେ ସିଧା ଗ୍ରାହକଙ୍କ ବ୍ୟାଙ୍କ ଖାତାକୁ ଦେୟ ଟ୍ରାନ୍ସଫର କରିଦିଆଯିବ। ଉଲ୍ଲେଖଯୋଗ୍ୟ ଯେ ଭାରତୀୟ ପରିବାରମାନଙ୍କ ପାଖରେ ବିପୁଳ ପରିମାଣରେ ରୁପା ରହିଛି। ହେଲେ ସେମାନଙ୍କୁ ବଜାର ଦର ମିଳି ପାରୁ ନଥିବାରୁ ସେମାନେ ଏହାକୁ ବଦଳ ଅଥବା ବିକ୍ରି କରିପାରୁ ନାହାନ୍ତି। ବୈଶ୍ୱିକ ସ୍ତରରେ ଏତେ ପରିମାଣରେ ରୁପା ଖନନ ହେଉ ନାହିଁ ଯେତିକି ଚାହିଦା ରହିଛି। ଏଥିରେ ରିସାଇକଲ କରାଯାଉଥିବା ରୁପା ବଜାରରେ ଏହାର ଚାହିଦା ଓ ଯୋଗାଣକୁ ପୁରା କରିପାରିବ। ଏହି ସେବା ସେହି ଗ୍ରାହକଙ୍କ ଲାଗି ଆଶ୍ୱସ୍ତି ଯେଉଁମାନେ ଏପର୍ଯ୍ୟନ୍ତ ସ୍ଥାନୀୟ ଜ୍ୱେଲରଙ୍କ ନିକଟରେ ସ୍ୱଳ୍ପ ଦାମ ଓ ଅନିଶ୍ଚିତତା କାରଣରୁ ରୁପା ବିକିବାକୁ ଅତମତ ହେଉଥିଲେ। ଏବେ ପାରଦର୍ଶୀ ପ୍ରକ୍ରିୟା ଓ ବଜାରରେ ଦରରେ ପୈଠ ମିଳୁଥିବାରୁ ରୁପାକୁ ନଗଦରେ ରୂପାନ୍ତରିତ କରିବା ସୁରକ୍ଷିତ ଓ ସହଜ ହେବ।



# ଆଜିର ସୁନା ଦର

ବର୍ତ୍ତମାନ ରୁପା ଦର ଏକ କେଜି ପିଛା ୧୦ ହଜାର ବଢ଼ି ହୋଇଛି ୨ ଲକ୍ଷ ୬୫ ହଜାର ଟଙ୍କା। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୫୩,୮୨୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୧,୪୧,୦୦୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୫୩,୮୨୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ହଜାର ୧,୪୧,୦୦୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୧,୫୩,୮୨୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୧,୪୧,୦୦୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୧,୫୩,୯୭୦ ଟଙ୍କା ଓ ୨୨ କ୍ୟାରେଟ୍ ୧,୪୧,୧୫୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧,୫୪,୯୧୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୪୨,୦୦୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୫୩,୮୨୦ ୧,୪୧,୦୦୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୨,୫୦,୦୦୦ ଟଙ୍କା ହୋଇଛି।



# ଆଜିର ପେଟ୍ରୋଲ, ଡିଜେଲ୍ ଦର

ଗାଡ଼ିରେ ପେଟ୍ରୋଲ କିମ୍ବା ଡିଜେଲ ପକାଇବା ପୂର୍ବରୁ ଜାଣି ନିଅନ୍ତୁ ଦର । ପ୍ରତିଦିନ ତେଲର ନୂଆ ଦର ନିର୍ଦ୍ଧାରଣ କରାଯାଇଥାଏ । ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୧.୧୯ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨.୭୭ ପଇସା ରହିଛି । ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି । ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୪ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି । ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫.୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି । ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୪୮ ପଇସା ରହିଛି ।

## ଆମ୍ବେଦକର ଜୟନ୍ତୀ ପାଇଁ ଜୋରଦାର ପ୍ରସ୍ତୁତି



ସୁନ୍ଦରଗଡ଼,୯।୪ (ସଂଚାର ବ୍ୟୁରୋ): ଏପ୍ରିଲ ୧୪ ତାରିଖରେ ଆମ୍ବେଦକରଙ୍କ ଜନ୍ମଜୟନ୍ତୀ ଅବସରରେ ସାରା ଦେଶରେ ଧୁମ୍ ଧାମର ସହିତ ପାଳନ କରାଯାଏ। ଏହି ପରିପ୍ରେକ୍ଷୀରେ ସୁନ୍ଦରଗଡ଼ରେ ଆମ୍ବେଦକର ପରିବାର ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମକୁ ନେଇ ଆଜି ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସୁନ୍ଦରଗଡ଼ ସହରର ଯାତ୍ରା ପଡ଼ିଆଠାରେ ଆୟୋଜିତ ଏହି ବୈଠକରେ ଆମ୍ବେଦକରଙ୍କ ୧୩୫ତମ ଜନ୍ମ ଜୟନ୍ତୀ ମହୋତ୍ସବକୁ ଶାନ୍ତିପୂର୍ଣ୍ଣ ଓ ଉତ୍ସାହ ସହ ପାଳନ କରିବାକୁ ନେଇ ବିସ୍ତୃତ ଆଲୋଚନା ହୋଇଥିଲା। ବୈଠକରେ ବିଭିନ୍ନ ସମାଜ ସଂଗଠନର ସଦସ୍ୟମାନେ ଯୋଗଦେଇ ସମସ୍ତଙ୍କ ସମ୍ମିଳିତ ସହଯୋଗ ଉପରେ ଜୋର ଦେଇଥିଲେ। ଏହି ଅବସରରେ ଆମ୍ବେଦକର ପରିବାରର ସଭାପତି ସମସ୍ତଙ୍କୁ ଏକଜୁଟ ହୋଇ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଆହ୍ୱାନ ଜଣାଇଥିଲେ। ଏପ୍ରିଲ ୧୪ ତାରିଖରେ ଏକକେନ୍ଦ୍ର ପଡ଼ିଆ ପରିସରରୁ ଆମ୍ବେଦକର ପରିବାର ପକ୍ଷରୁ ଏକ ବିଶାଳ ରାଲି ବାହାରି ସୁନ୍ଦରଗଡ଼ ଯାତ୍ରା ପଡ଼ିଆରେ ପହଞ୍ଚିବ। ସେଠାରେ ଆମ୍ବେଦକରଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ପରେ ବିଭିନ୍ନ ସାଂସ୍କୃତିକ ଓ ସାମାଜିକ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ଏହି ଅବସରରେ ଜିଲ୍ଲାର ସାତଟି ବିଧାନସଭାର ବିଧାୟକମାନଙ୍କ ସହ ସୁନ୍ଦରଗଡ଼ର ସାଂସଦ ତଥା କେନ୍ଦ୍ରଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏହି ମହୋତ୍ସବକୁ ନେଇ ସହରରେ ଏବେଠାରୁ ଉତ୍ସାହ ଓ ପ୍ରସ୍ତୁତିର ମାହୋଲ ଦେଖିବାକୁ ମିଳୁଛି।

## ଜିଲ୍ଲା ଯୋଜନା ବୋର୍ଡ ଦାୟିତ୍ୱ ଗ୍ରହଣ କଲେ ଦୁର୍ଗାଚରଣ



ସୁନ୍ଦରଗଡ଼,୯।୪ (ସଂଚାର ବ୍ୟୁରୋ): ଗୁରୁତ୍ୱପୂର୍ଣ୍ଣ ଜିଲ୍ଲା ଯୋଜନା ବୋର୍ଡର ଅଧକ୍ଷ ନୂତନ ନିଯୁକ୍ତି ପାଇଥିବା ରଘୁନାଥପାଲି ନିର୍ବାଚନମଣ୍ଡଳୀ ବିଧାୟକ ଆଜି ସୁନ୍ଦରଗଡ଼ ଗସ୍ତ କରି ଜିଲ୍ଲା ଯୋଜନା ବୋର୍ଡ ଅଧକ୍ଷ ଭାବେ ଆଜି ଦୁର୍ଗାଚରଣ ତନ୍ତୀ ଦାୟିତ୍ୱ ଗ୍ରହଣ କରିଛନ୍ତି, ଆଜି ବିଜେପି ନେତୃବୃନ୍ଦ ଓ କାର୍ଯ୍ୟକର୍ତ୍ତାମାନେ ପୁଷ୍ପମାଳ ସହିତ ତାଙ୍କୁ ସମ୍ବର୍ଦ୍ଧନା ଦେଇ କାର୍ଯ୍ୟାଳୟ ପର୍ଯ୍ୟନ୍ତ ପାଛୋଟି ଆଣିଥିଲେ। ଜିଲ୍ଲାପାଳ ଶୁଭଙ୍କର ମହାପାତ୍ର, ଉପ ବାଚସ୍ପତି ଭବାନୀ ଶଙ୍କର ଭୋଇ, ପୂର୍ବତନ ବିଧାୟିକା କୁସୁମ ଟେଟେ, ବରିଷ୍ଠ ଆଇନଜୀବୀ ପ୍ରଦୀପ ମହାନ୍ତି, ରାଜ୍ୟ କୃଷକ ମୋର୍ଚ୍ଚା ଉପସଭାପତି ଯଶୋବନ୍ତ ନାୟକ, ରାଜ୍ୟ ବିଜେପି ଯୁବମୋର୍ଚ୍ଚା କୋଷାଧକ୍ଷ ଅଂଶୁଲ ପଟେଲ ପ୍ରମୁଖ ଉପସ୍ଥିତ ରହିଥିଲେ, ଦାୟିତ୍ୱ ନେବା ପରେ ଶ୍ରୀତନ୍ତୀ କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ମାଝୀ ତାଙ୍କୁ ଯେଉଁ ଗୁରୁଦାୟିତ୍ୱ ଦେଇଛନ୍ତି ତାକୁ କିଭଳି ସଫଳ ରୂପାୟନ କରି ସମଗ୍ର ସୁନ୍ଦରଗଡ଼ ଜିଲ୍ଲାର ବିକାଶ କରିହେବ ସେନେଇ ସେ ଚେଷ୍ଟା କରିବେ।

## ଯୁଦ୍ଧ ବଦଳରେ ଶାନ୍ତି ପାଇଁ ସିଆଇଟିୟୁର ପ୍ରତିବାଦ ସଭା




ଯାଜପୁର ରୋଡ଼,୯।୪(ସଂଚାର ବ୍ୟୁରୋ): ସିଆଇଟିୟୁ ଯାଜପୁର ଜିଲ୍ଲା କମିଟି ଓ ସାରା ଓଡ଼ିଶା ପରିବହନ ମହାସଂଘ ପକ୍ଷରୁ ମିଳିତ ଭାବେ ଆମେରିକା ଓ ଇସ୍ରାଏଲର ଯୁଦ୍ଧଖୋର ନୀତି ଏବଂ ଦେଶରେ ଜାଳେଣି ଗ୍ୟାସ, ତୈଳ ଦରବୃଦ୍ଧି, ଅତ୍ୟାବଶ୍ୟକୀୟ ସାମଗ୍ରୀର ମୂଲ୍ୟ ବୃଦ୍ଧି, ଶ୍ରମିକ ବିରୋଧୀ ଶ୍ରମ କୋର୍ଡ ବାତିଲ, ଚାଷୀ ଫସଲର ସର୍ବନିମ୍ନ ସହାୟକ ମୂଲ୍ୟକୁ ଆଇନରେ ପରିଣତ କରିବା ଇତ୍ୟାଦି ବିଭିନ୍ନ ଦାବି ନେଇ ଏକ ଶୋଭାଯାତ୍ରା ଯାଜପୁର ରୋଡ଼ ରେଳଷ୍ଟେସନ ନିକଟରୁ ବାହାରି ଗୋପବନ୍ଧୁ ଛକ ଠାରେ ପହଂଚିଥିଲା । ଏହି ଛକରେ ସିଆଇଟିୟୁ ଜିଲ୍ଲା ସଭାପତି ପ୍ରଫୁଲ୍ଲ ନାୟକ'ଙ୍କ ସଭାପତିତ୍ୱରେ ଏକ ପ୍ରତିବାଦରେ ଅନୁଷ୍ଠିତ ହୋଇଥିଲା । ଉକ୍ତ ସଭାରେ ଜିଲ୍ଲା କମିଟି ସଭ୍ୟ ସୁରେଶ ସାହୁ, ତ୍ରିଲୋଚନ ରାଉତ, ମାଳତୀ ହାଁସଦା, ଜୟରାମ ମୁର୍ମୁ, ଲିଟା ଲାଗୁରୀ, ପନି କିସ୍କୁ, ଗୋବିନ୍ଦ ନାୟକ, ଡିବୁର ପୂର୍ତ୍ତୀ, ରଶ୍ମିରେଖା ନାୟକ, ସୁରିଆ ହେମ୍ବ୍ରମ, ନନ୍ଦିନୀ ମୁଣ୍ଡା, ପ୍ରମିଳା ନାୟକ, ଗୁରୁବାରୀ ଲାଗୁରୀ, ରସାଇ ବାଦ୍ରା, କିଷାନ୍ କରାଇ, ଗୌରୀ ନାୟକ ପ୍ରମୁଖ ଉଦବୋଧନ ଦେଇ ମୋଦି ସରକାରଙ୍କ ଇସ୍ରାଏଲ - ଆମେରିକାକୁ ତୁଷ୍ଟିକରଣ କରିବା ନୀତିକୁ ତୀବ୍ର ସମାଲୋଚନା କରିଥିଲେ ।

## ପୋଖରୀରୁ ଗାଈକୁ ଉଦ୍ଧାର କଲା ଦମକଳ ବାହିନୀ

ଡେରାବିଶ,୯।୪(ସଂଚାର ବ୍ୟୁରୋ): ଡେରାବିଶ ବ୍ଲକ ଚାନ୍ଦୋଳ ପଞ୍ଚାୟତ ଅନ୍ତର୍ଗତ ଖରିଦାସାହି ଗ୍ରାମର ଈଶବର ଚନ୍ଦ୍ର ଯେନାଙ୍କ ଗାଈକୁ ପୋଖରିରୁ ଦମକଳବାହିନୀ ଉଦ୍ଧାର କରିଛନ୍ତି। ଘଟଣାରୁ ପ୍ରକାଶ ଖରିଦାସାହି ଗ୍ରାମର ଶ୍ରୀ ଯେନା ତାଙ୍କ ଗାଈକୁ ଗାଁ ପଛପଟେଥିବା ପୋଖରୀ ବନ୍ଧରେ ଥିବା ଘାସ ଖାଇବା ପାଇଁ ଏକ ପଘାରେ ବାନ୍ଧି ଘରକୁ ଆସିଥିଲେ। ସମ୍ଭବତ ଗାଈଟି ପୋଖରି ମଧ୍ୟରେ ଥିବା କଳମଶାଗ ଖାଇବାକୁ ବନ୍ଧ ତଳକୁ ବନ୍ଧ ତଳକୁ ଯିବା ସମୟରେ ଗଭୀର ପୋଖରୀ ଭିତରକୁ ଖସିପଡ଼ିଥିଲା। ପୋଖରୀ ବନ୍ଧ ଏତେ ତୀଖ ଥିଲା ଯେ, ଗାଈଟି ବନ୍ଧ ଉପରକୁ ଚଢ଼ିବାକୁ ଚେଷ୍ଟା କରି ବିଫଳ ହୋଇଥିଲା। ଘଟଣା ସ୍ଥଳରେ ଈଶ୍ୱର ଓ ଗ୍ରାମବାସୀମାନେ ପହଞ୍ଚି ଗାଈଟିକୁ ଉଦ୍ଧାର କରି ଚେଷ୍ଟା କରିଥିଲେ ମଧ୍ୟ ବିଫଳ ହୋଇଥିଲେ। ପରେ ଖବର ପାଇ ନିଶ୍ଚିନ୍ତକୋଇଲି ଦମକଳ ବାହିନୀ ଘଟଣା ସ୍ଥଳରେ ପହଞ୍ଚି ଅଗ୍ନିଶମ ଅଧିକାରୀ ବାଇଧର ବେହେରାଙ୍କ ନେତୃତ୍ୱରେ ମନୋଜ କୁମାର ସାମଲ, ମନୋଜ କୁମାର ଲେଙ୍କା ପ୍ରଶାନ୍ତ ବେହେରା, ଶୁଭଙ୍କର ସେଠୀ, ଅଜି କୁମାର ମଲ୍ଲ ଗାଈଟିକୁ ପୋଖରି ମଧ୍ୟରୁ ଉଦ୍ଧାର କରିଥିଲେ।

### ସ୍କୁଲ କୋଠା ନିର୍ମାଣରେ ଅନିୟମିତତା ଅଭିଯୋଗ

# କାମ ନସରୁଣୁ ପାଚେରି ଫାଟି ଆଁ

ଆନନ୍ଦପୁର,୯।୪ (ସଂଚାର ବ୍ୟୁରୋ): କେନ୍ଦୁଝର ଜିଲ୍ଲାରୁ ଆସୁଛି ଏକ ଚମତ୍କାର ଓ ଚିନ୍ତାଜନକ ଘଟଣା। ସରକାରୀ ବିଦ୍ୟାଳୟ ଭିତରେ ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ଚାଲିଛି କୋଠା ନିର୍ମାଣ କାମ, କିନ୍ତୁ ନାହିଁ କୌଣସି ସୂଚନା ଫଳକ, ନାହିଁ କୌଣସି ପ୍ରସ୍ତାବ ତଥ୍ୟ। ବିଦ୍ୟାଳୟ ଚାରି ପାର୍ଶ୍ୱରେ ହୋଇଥିବା ସୁରକ୍ଷା ପାଚେରୀ ଏତେ ନିମ୍ନ ମାନର ହୋଇଛି ଯେ ପାଚେରୀ ନିର୍ମାଣ କାର୍ଯ୍ୟ ଶେଷ ନ ହେଉଣୁ ଏପଟେ ଫାଟି କି ଆଁ କଲାଣି। ଏହି ଘଟଣା ଏବେ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇପଡ଼ିଛି।

କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଉପଖଣ୍ଡ ଘଷିପୁରା ବ୍ଲକ୍ ବାତୋ ପଂଚାୟତ ଅନ୍ତର୍ଗତ ମଧୁକେଶ୍ୱରୀ ଗ୍ରାମର ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଏବେ ଚାଲିଛି ଏକ କୋଠା ନିର୍ମାଣ କାମ। ସବୁଠୁ ବଡ଼ ପ୍ରଶ୍ନ, ଫଳକ ନିର୍ମାଣ କରି କାହିଁକି କୌଣସି କିଛି ଲେଖା ହୋଇନାହିଁ? ସରକାରୀ ନିୟମ ଅନୁଯାୟୀ, ଯେକୌଣସି ସରକାରୀ ନିର୍ମାଣ କାମରେ ଫଳକ



ଫଳକ ଅଛି, ଲେଖା ନାହିଁ

ଲାଗିବା ଅବଶ୍ୟକ। ଯେଉଁଠାରେ ଲେଖା ଥାଏ କେଉଁ ବିଭାଗର କାମ, କେତେ ଟଙ୍କା ବ୍ୟୟ, କିଏ ଠିକାଦାର, କାମର ସମୟ ସୀମା କିନ୍ତୁ ଏଠାରେ ଏହି ସମସ୍ତ ତଥ୍ୟ ସଂପୂର୍ଣ୍ଣ ଗୋପନ ରଖାଯାଇଛି। ତେବେ ପ୍ରଶ୍ନ ଉଠୁଛି, ଏହି କାମ କିଏ କରୁଛି? କାହା ଅନୁମତିରେ ହେଉଛି? କେଉଁ ଅଦୃଶ୍ୟ ଶକ୍ତିର ଛତା ତଳେ ଚାଲିଛି ଏହି ନିର୍ମାଣ? ଏହା କାମର ଗୁଣଗତ ମାନକୁ ନେଇ ଗଭୀର ସନ୍ଦେହ ସୃଷ୍ଟି କରୁଛି। ସ୍ଥାନୀୟ ଗ୍ରାମବାସୀ ଏହାକୁ ନେଇ ଗଭୀର ଅସନ୍ତୋଷ ପ୍ରକାଶ କରିଛନ୍ତି।

ଏହି ଘଟଣା କେବଳ ଗୋଟିଏ ଗାଁର ସମସ୍ୟା ନୁହେଁ, ବରଂ ସରକାରୀ ବ୍ୟବସ୍ଥା ପ୍ରତି ଏକ ବଡ଼ ପ୍ରଶ୍ନ ଉଠାଉଛି। ଯଦି ଏହା ସରକାରୀ କାମ, ତେବେ କାହିଁକି ଗୋପନ? ଯଦି ନୁହେଁ, ତେବେ କିପରି ସ୍କୁଲ ପରିସରରେ ଏହା ହେଉଛି? ଏହାକୁ ନେଇ ଲୋକମାନେ "ମହା ଘୋଟାଲା" ଅଭିଯୋଗ ଉଠାଇଛନ୍ତି। ସ୍ଥାନୀୟ ଲୋକମାନେ ଏହି ଘଟଣାର ସଂପୂର୍ଣ୍ଣ ତଦନ୍ତ, ଦୋଷୀଙ୍କ ଚିହ୍ନଟ ଓ କଡ଼ା କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ନାକି ଏହି ଘଟଣା ମଧ୍ୟ ଅନ୍ୟ ଘଟଣାମାନଙ୍କ ପରି ଫାଇଲ ମଧ୍ୟରେ ଚାପି ହୋଇ ରହିଯିବ? ପ୍ରଶାସନ ଏହାକୁ କେତେ ଗୁରୁତ୍ୱ ସହିତ ନେଉଛି ଏବେ ଦେଖିବାକୁ ବାକି ରହିଲା।

## ଓଡ଼ିଶା ପକ୍ଷରେ 'ଆସ କିଣିବା ବହିଟିଏ' ଅଭିଯାନ



ଫୁଲବାଣୀ,୯।୪ (ସଂଚାର ବ୍ୟୁରୋ): ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ପ୍ରଚାର ପ୍ରସାର ନିମନ୍ତେ ଚାଲିଥିବା 'ଓଡ଼ିଶା ପକ୍ଷ - ୨୦୨୬' ଅବସରରେ କନ୍ଧମାଳ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏକ ଭବ୍ୟ ପୁସ୍ତକ ମେଳା ସହ 'ଆସ କିଣିବା ବହିଟିଏ' ଅଭିଯାନର କନ୍ଧମାଳ ଜିଲ୍ଲାପାଳ ଶ୍ରୀ ଦେବଭୂଷଣଙ୍କ ଦ୍ୱାରା ଶୁଭାରମ୍ଭ ହୋଇଯାଇଛି। ଜିଲ୍ଲାପାଳ ନିଜେ ପୁସ୍ତକ କ୍ରୟ କରି ଏହି ଅଭିଯାନର ଶୁଭାରମ୍ଭ କରିବା ସହ ସମସ୍ତଙ୍କୁ ବହିଟିଏ କିଣି ପଢ଼ିବା ପାଇଁ ଅନୁରୋଧ କରିଥିଲେ। ଓଡ଼ିଆ ଭାଷା ଓ ସାହିତ୍ୟକୁ ଋଦ୍ଧିମନ୍ତ କରିବା ପାଇଁ ପ୍ରତିଟି ଘରେ ବହି ରହିବା ଆବଶ୍ୟକ ବୋଲି ସେ ମତବ୍ୟକ୍ତ କରିଥିଲେ । ଓଡ଼ିଶା ପକ୍ଷ ପାଳନ ସମୟରେ ଆମେ ଆମର ମାତୃଭାଷାର ବହି ପଢ଼ିବା ସହ ଅନ୍ୟମାନଙ୍କୁ ବହି ଉପହାର ଦେବା ପାଇଁ ଅନୁରୋଧ କରିଥିଲେ । ଆଜି ସକାଳେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବର୍ଗର ପାଠକଙ୍କ ଭିଡ଼ ଦେଖିବାକୁ ମିଳିଥିଲା।

ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଭକ୍ତବନ୍ଧୁ ଜନାର୍ଦ୍ଦନ ଦଳେଇ, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ କୁଶଳ ଚନ୍ଦ୍ର ନାୟକ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ଶମ୍ଭୁନାଥ ନନ୍ଦୀ, ଜିଲ୍ଲା ସହରାଞ୍ଚଳ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ପ୍ରବୀଣ କୁମାର ବାଣୁଆ, ଫୁଲବାଣୀ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ଶ୍ରୀ ଗଦାଧର ପାତ୍ର, ଫୁଲବାଣୀ ଉପଜିଲ୍ଲାପାଳ ଶ୍ରୀ ଭିକାରୀ ସାହୁ ଆଦି ଜିଲ୍ଲାର ବରିଷ୍ଠ ଅଧିକାରୀ ଯୋଗଦେଇଥିଲେ। ଓଡ଼ିଆ କ୍ଲାସିକ୍ ସାହିତ୍ୟଠାରୁ ଆରମ୍ଭ କରି ସାମ୍ପ୍ରତିକ ସମୟର ଶିଶୁ ସାହିତ୍ୟ ପର୍ଯ୍ୟନ୍ତ ଅନେକ ପୁସ୍ତକ ରିହାତି ଦରରେ ଉପଲବ୍ଧ କରାଯାଇଥିଲା ।

ଅପରାହ୍ନରେ ଫୁଲବାଣୀ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟର ପାଠାଗାର ପରିସରରେ 'ଆସ ବହି ପଢ଼ିବା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ମଦ୍ୟପ ଚାଳକର ନାରକୀୟକାଣ୍ଡ: ୨ ଆହତ



ସୁନ୍ଦରଗଡ଼,୯।୪ (ସଂଚାର ବ୍ୟୁରୋ): ଆଜି ସୁନ୍ଦରଗଡ଼ ଦର୍ଲିପାଲି ନିକଟରେ ଏନଟିପିସି ଟାଉନସିପ ନିକଟରେ ଏକ ମଦ୍ୟପ ବୋଲେରୋ ଚାଳକ ଉନ୍ମୁକ୍ତ କାଣ୍ଡ ଯୋଗୁଁ ଦୁଇଜଣ ପଥଚାରୀ ଆହତ ହୋଇଛନ୍ତି, ପରେ ଦ୍ରୁତଗାଡି ଚଳାଇ ଭାରସାମ୍ୟ ହରେଇ ଓଲଟି ପଡିଛି ବୋଲେରୋ।

ସୂଚନାଯୋଗ୍ୟ ଯେ ଆଜି ଅପରାହ୍ନ ୩ଟା ପାଖାପାଖି ସମୟରେ ଘଟିଛି ଏହି ଦୁର୍ଘଟଣା। ଜଣେ ମଦ୍ୟପ ବୋଲେରୋ ଚାଳକ ଦୁଇ ଜଣ ପଥଚାରୀଙ୍କ ଧକ୍କା ଦେଇ ଗାଡ଼ି ସହ ଓଲଟି ପଡ଼ିଛି। କେତେକ ସ୍ଥାନୀୟ ଯୁବକ ଓ ପଥଚାରୀ ତାକୁ ଗାଡ଼ି ମଧ୍ୟରୁ ଉଦ୍ଧାର କରିଥିଲେ କିନ୍ତୁ ଉଦ୍ଧାର ସମୟରେ ମଦ୍ୟପ ଚାଳକ ଉଦ୍ଧାରକାରୀଙ୍କୁ ଦୁର୍ବ୍ୟବହାର କରିବା ସହ ଗାଳି ଦେଇଥିଲା୧ ପରେ ଉପସ୍ଥିତ ଜନତା ମଦ୍ୟପକୁ ମାଡ଼ ମାରିଥିଲେ। ତେବେ ଏହି ଘଟଣା ସ୍ଥାନୀୟ ଫାଣ୍ଡି ଅଧିକାରୀଙ୍କ ନଜରକୁ ଆସିବା ମାତ୍ରେ ସେ ଘଟଣା ସ୍ଥଳରେ ପହଞ୍ଚି ବୋଲେରୋ ଓ ଚାଳକକୁ ଉଦ୍ଧାର କରିଥିଲେ।

## ୧୦ ଫୁଟର ଅହିରାଜ ଉଦ୍ଧାର



ଫୁଲବାଣୀ,୯।୪ (ସଂଚାର ବ୍ୟୁରୋ): କନ୍ଧମାଳ ଜିଲ୍ଲା ଫୁଲବାଣୀ ବନ ଖଣ୍ଡ ଅଧିନସ୍ଥ ସୁଦୁରୁକୁମ୍ପା ରେଞ୍ଜର ବାଡ଼ିଗୁଡା ଗ୍ରାମରେ ଏକ ୧୦ ଫୁଟ ଲମ୍ବର ସାପ ପଶିଥିବାର ଦେଖି ଗ୍ରାମବାସୀ ଭୟଭୀତ ହୋଇ ସନ୍ଧ୍ୟା ରେ ସୁଦୁରୁକୁମ୍ପା ବନ ବିଭାଗକୁ ଜଣାଇଥିଲେ। ସୁଦୁରୁକୁମ୍ପା ବନାଞ୍ଚଳ ଅଧିକାରୀ ମାନସ ରଞ୍ଜନ ସାହୁଙ୍କ ନିର୍ଦ୍ଦେଶରେ ଫରେଷ୍ଟର ରଂଜିତ ଆପଟ ଫରେଷ୍ଟ ଗାର୍ଡ ଅପୂର୍ବ କୁମାର ମାର୍ଥା ଏବଂ ନିଶିକାନ୍ତ ମଲ୍ଲିକଙ୍କ ସମେତ ପାରା ଫରେଷ୍ଟ ଷ୍ଟାଫ ସଙ୍ଗେ ସଙ୍ଗେ ଗ୍ରାମରେ ପହଁଚି ସାପଟିକୁ ଚିହ୍ନଟ କରିଥିଲେ । ଚିହ୍ନଟ ରୁ ତାହା କିଙ୍ଗ କୋବ୍ରା (ଅହିରାଜ) ବୋଲି ଜଣାପଡିଥିଲା । ବନ ବିଭାଗ ସ୍ନେକ ହେଲ୍ପ ଲାଇନକୁ ଯୋଗାଯୋଗ କରିଥିଲେ । ଖବର ପାଇ ଟିମ ହ୍ୟୁମାନିଟିର ସ୍ନେକ ହେଲ୍ପ ଲାଇନ ସଦସ୍ୟ ଭି.ଜଗନ୍ନାଥ ରାଜୁ ଏବଂ ଅବଦୁଲ ଶାକୀର ସେହି ଗ୍ରାମରେ ପହଂଚି ସାପ ଟିକୁ ସୁରକ୍ଷିତ ଉଦ୍ଧାର କରିଥିଲେ । ପରେ ଦଶ ଫୁଟିଆ ଅହିରାଜ ସାପଟିକୁ ଗ୍ରାମଠୁ ଦୂର ରାଣୀପଥର ଜଙ୍ଗଲରେ ସୁରକ୍ଷିତ ଭାବରେ ଛାଡିଥିଲେ । ବିଷଧର ସାପ ଦେଖି ଗ୍ରାମବାସୀ ଭୟଭୀତ ଥିବା ବେଳେ ସୁଦୁରୁକୁମ୍ପା ବନ ବିଭାଗ ଏବଂ ସ୍ନେକ ହେଲ୍ପ ଲାଇନର ତତ୍ପରତା ପାଇଁ ଗ୍ରାମବାସୀ ଉଭୟଙ୍କୁ ସାଧୁବାଦ ଜଣାଇଛନ୍ତି । ଜଙ୍ଗଲ ପଦା କରିବା ଏବଂ ନିଆଁ ଲଗାଇବା ଦ୍ୱାରା ସାପ ମାନେ ନିଜକୁ ସୁରକ୍ଷିତ ରହିବା ପାଇଁ ଗ୍ରାମାଞ୍ଚଳ ମୁହାଁ ହୁଅନ୍ତି ବୋଲି ରେଞ୍ଜର ଶ୍ରୀ ସାହୁ କହିଛନ୍ତି ।

## ଜାତୀୟ ସ୍ତରରେ ଗୌରବ ଆଣିଲେ ବହଳଦା ଏକଲବ୍ୟ ବିଦ୍ୟାଳୟ ଛାତ୍ର

ବାରିପଦା,୯।୪ (ସଂଚାର ବ୍ୟୁରୋ): ମୟୂରଭଞ୍ଜ ଜିଲ୍ଲା ପାଇଁ ଏକ ଗୌରବର ବିଷୟ। ବହଳଦା ସ୍ଥିତ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟର କୃତୀ ଛାତ୍ର ରାମଚନ୍ଦ୍ର ହାଂସଦାଙ୍କୁ ସର୍ବଭାରତୀୟ ସ୍ତରରେ ସମ୍ମାନୀତ କରାଯାଇଛି। ସିବିଏସ୍‌ଇ ବୋର୍ଡ ଦଶମ ଶ୍ରେଣୀ ପରୀକ୍ଷା (୨୦୨୪-୨୫)ରେ ଦେଶର ସମସ୍ତ ଏକଲବ୍ୟ ବିଦ୍ୟାଳୟ ମଧ୍ୟରେ ପ୍ରଥମ ସ୍ଥାନ ଅଧିକାର କରି ସେ ଓଡ଼ିଶା ତଥା ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ବହଳଦା ପାଇଁ ଗୌରବ ଆଣିଛନ୍ତି ।

ନୂଆଦିଲ୍ଲୀସ୍ଥିତ ଡକ୍ଟର ଆମ୍ବେଦକର ଇଣ୍ଟରନ୍ୟାସନାଲ୍ ସେଣ୍ଟରଠାରେ ନେସନାଲ୍ ଏଜୁକେସନ୍ ସୋସାଇଟି ଫର୍ ଟ୍ରାଇବାଲ୍ ଷ୍ଟୁଡେଣ୍ଟସ୍‌ର ୮ମ ପ୍ରତିଷ୍ଠା ଦିବସ ଅବସରରେ ଏହି ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଭାରତ ସରକାରଙ୍କ ଜନଜାତି କାର୍ଯ୍ୟ ମନ୍ତ୍ରଣାଳୟ ଅଧୀନରେ ଏହି ଭବ୍ୟ ସମାରୋହ ଆୟୋଜିତ ହୋଇଥିଲା । ଉକ୍ତ ଉତ୍ସବରେ କେନ୍ଦ୍ର ଜନଜାତି ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ବହଳଦା ର ଛାତ୍ର ରାମଚନ୍ଦ୍ରଙ୍କୁ ତାଙ୍କର ଏହି ଅସାଧାରଣ




ସଫଳତା ପାଇଁ ପ୍ରଶଂସା ପତ୍ର ସହିତ ୧୦,୦୦୦ (ଦଶହଜାର) ଟଙ୍କା ଦେଇ ସମ୍ମାନ ପ୍ରଦାନ କରିଥିଲେ।

ଏହି ଅବସରରେ କେନ୍ଦ୍ର ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟର ରାଷ୍ଟ୍ରମନ୍ତ୍ରୀ ସାବିତ୍ରୀ ଠାକୁର ଏବଂ କେନ୍ଦ୍ର ଜନଜାତି ବ୍ୟାପାର ମନ୍ତ୍ରଣାଳୟର ରାଷ୍ଟ୍ରମନ୍ତ୍ରୀ ଦୁର୍ଗା ଦାସ ଉଇକେ ମଧ୍ୟ ଉପସ୍ଥିତ ରହି ଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ରାମଚନ୍ଦ୍ରଙ୍କ ଏହି ସଫଳତା ପାଇଁ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ବହଳଦାର ପ୍ରଧାନ ଶିକ୍ଷକ ବଳରାମ ବାରିକ ଏବଂ ଅନ୍ୟ ଶିକ୍ଷକ ଶିକ୍ଷୟିତ୍ରୀମାନେ ଅଭିନନ୍ଦନ ଜଣାଇବା ସହିତ ଅଭିଭାବକ ଏବଂସ୍ଥାନୀୟ ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି। ଜନଜାତି ଛାତ୍ର ଭାବେ ଜାତୀୟ ସ୍ତରରେ ଏଭଳି ସଫଳତା ପାଇବା ଆଗାମୀ ଦିନରେ ଅନ୍ୟ ଆଦିବାସୀ ଛାତ୍ରଛାତ୍ରୀଙ୍କ ପାଇଁ ଏକ ବଡ଼ ପ୍ରେରଣା ବୋଲି ମନ୍ତ୍ରୀ ଶ୍ରୀ ଓରାମ ପ୍ରକାଶ କରିଛନ୍ତି । ରାଇରଙ୍ଗପୁର ବିଧାୟକ ଜଲେନ୍ ନାଏକ ଜାତୀୟ ସ୍ତରରେ ପ୍ରଥମ ସ୍ଥାନ ହାସଲ କରିଥିବାରୁ ଛାତ୍ର ରାମଚନ୍ଦ୍ରଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

## ଗୌର ସୁନ୍ଦର ସମିତି ପକ୍ଷରୁ ଶ୍ରୀମଦ୍ ଭାଗବତ ପାରାୟଣ

କେନ୍ଦ୍ରାପଡା,୯।୪(ସଂଚାର ବ୍ୟୁରୋ): କେନ୍ଦ୍ରାପଡା ପୌରାଂଚଳ ର ଇଛାପୁର ଶ୍ରୀ ବଳଦେବଜୀଉଙ୍କ ମନ୍ଦିର ସନ୍ନିକଟ ଗୌର ସୁନ୍ଦର ସମିତି ର ପୂର୍ବତନ ସଭାପତି ତଥା ଶତାୟୁ ବୈଷ୍ଣବ ଦିକ୍ଷୀତ ତଥା ପୂର୍ବତନ ସବ ରେଜିଷ୍ଟ୍ରାର ସ୍ୱର୍ଗତ କୃଷ୍ଣଚନ୍ଦ୍ର ମେକାପଙ୍କ ସ୍ମରୋଣତ୍ସବ ଉପଲକ୍ଷେ ଶ୍ରୀମଦ ଭାଗବତ ପାରାୟଣ ସତସଂଙ୍ଗ ଅନୁଷ୍ଠିତ ହୋଇଯାଇଛି । ପୁରୀ ଭାଗବତ ଆଶ୍ରମର ମହନ୍ତ ରଜବନ୍ଧୁ ଦାସ ମହାରାଜ ମୁଖ୍ୟ ବ୍ୟାସ ଭାବେ ଶ୍ରୀମଦ ଭାଗବତ ପାରାୟଣ କରିବା ସହ ଏହାର ତତ୍ୱାର୍ଥ ଉପରେ ପ୍ରବଚନ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ମହନ୍ତ ମହାରାଜଙ୍କ ଶିଷ୍ୟ ମାନଙ୍କ ସହ ବିଧାୟକ ଗଣେଶ୍ୱର ବେହେରା, ବରିଷ୍ଠ ସେବାୟତ ବଳରାମ ସୁଆର, ବଡପଣ୍ଡା ମାଧବ ଚନ୍ଦ୍ର ପତ୍ରୀ, କାଉନସିଲର କାଳୀପ୍ରସାଦ ମିଶ୍ର, ଡ଼ଃ ଦେବେନ୍ଦ୍ର କୁମାର ବସନ୍ତିଆ , ଡା ପ୍ରଫୁଲ୍ଲ କୁମାର ସାମଲ, ଇଂ ବିଷ୍ଣୁ ଚରଣ ବେହେରା, ନିରଞ୍ଜନ ପରିଡା, ସାମ୍ବାଦିକ ଦୁର୍ଗା ପ୍ରସାଦ ପତି, ପଣ୍ଡିତ ସତ୍ୟ ନାରାୟଣ ପତିପ୍ରମୁଖ ବହୁ ଶ୍ରଦ୍ଧାଳୁ ଭକ୍ତ ଓ ସାଧୁସନ୍ଥ ମାନେ ଅଂଶ ଗ୍ରହଣ କରିଥିଲେ ।

## ପ୍ରବେଶ ଉତ୍ସବରେ ବୁଲିଲା ସଚେତନତା ରଥ

ନୀଳଗିରି,୯।୪ (ସଂଚାର ବ୍ୟୁରୋ): ଗତ ୪ ତାରିଖ ଠାରୁ ଆସନ୍ତା ୧୦ ତାରିଖ ପର୍ଯ୍ୟନ୍ତ ସମସ୍ତ ପ୍ରାଥମିକ ବିଦ୍ୟାଳୟ ମାନଙ୍କରେ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ସହିତ ଶିଶୁ ବାଟିକା ର ଶୁଭାରମ୍ଭ କରାଯାଇଛି । ଏହି ପରିପ୍ରେକ୍ଷୀ ନୀଳଗିରି ବ୍ଲକ ଶିକ୍ଷାଧିକାରୀଙ୍କ ଆନୁକୂଲ୍ୟରେ ନୀଳଗିରି ବ୍ଲକ ରେ ଥିବା ସମସ୍ତ ପ୍ରାଥମିକ ବିଦ୍ୟାଳୟ ମାନଙ୍କରେ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ କାର୍ଯ୍ୟକ୍ରମ ରେ ସଚେତନ ରଥ ପ୍ରତି ବିଦ୍ୟାଳୟକୁ ଯାଇ ସଚେତନ କରାଉଥିବା ଦେଖିବାକୁ ମିଳିଛି। ଏଥିରେ ସମସ୍ତେ ସ୍କୁଲ ଯିବା, ସ୍ୱାକ୍ଷର ହେବା, ଦେଶକୁ ଆଗେଇ ନେବା ଭଳି ବାର୍ତ୍ତା ମାଇକ ମାଧ୍ୟମରେ ପ୍ରଚାର କରାଯାଉଥିବା ବେଳେ ସକାଳେ ୬,୩୦ରୁ ୧୦,୩୦, ମିନିଟ ସମୟ ପର୍ଯ୍ୟନ୍ତ ଏହି ସଚେତନ ରଥ ପ୍ରତି ବିଦ୍ୟାଳୟକୁ ଯାଉଛି। ବିଦ୍ୟାଳୟ ପକ୍ଷରୁ ପ୍ରଧାନ ଶିକ୍ଷକ, ସହକାରୀ



ଶିକ୍ଷକ, ଶିକ୍ଷୟତ୍ରୀ ମିଳିତ ଭାବେ ସଚେତନ ରଥକୁ ବନ୍ଦାପନା କରୁଥିବା ଦେଖିବାକୁ ମିଳିଛି। ସମସ୍ତ ପ୍ରାଥମିକ ବିଦ୍ୟାଳୟ ମାନଙ୍କରେ ଫୁଲ ଓ ବେଲୁନ ରେ ସୁସଜ୍ଜିତ କରାଯାଇ ପ୍ରଥମ କରି ନାମ ଲେଖେଇବାକୁ ଆସୁଥିବା ୫ ବର୍ଷର କୁନି କୁନି ବାଳକ ବାଳିକା ମାନଙ୍କୁ ନାମ ଲେଖା କରାଯାଉ ଅଛି। ପରେ ବିଦ୍ୟାଳୟ ପକ୍ଷରୁ ଖଡ଼ି, ସ୍ଲେଟ ଦିଆଯାଇ ପାଠ ପଢ଼ା ଆରମ୍ଭ କରାଯାଉଛି। ବିଦ୍ୟାଳୟ ମାନଙ୍କରେ ଉପସ୍ଥିତ ଶିକ୍ଷକ, ଶିକ୍ଷୟତ୍ରୀମାନେ ଛବି ମାଧ୍ୟମରେ ବିଭିନ୍ନ ରଙ୍ଗ ଚିହ୍ନିବା, ବିଭିନ୍ନ ପଶୁପକ୍ଷୀ ଚିହ୍ନିବା, ସ୍ଲେଟ ଉପରେ ଖଡ଼ିରେ ପ୍ରଥମେ ଓଁ ଓ ଶୂନ ମଡ଼େଇ ଅଭିନବ ଉପାୟରେ ଶିକ୍ଷା ଦାନ କରୁଥିବା ଦେଖିବାକୁ ମିଳିଛି। ନୀଳଗିରି ବ୍ଲକ ଜାମୁବଣି ସରକାରୀ ପ୍ରାଥମିକ ବିଦ୍ୟାଳୟ କୁ ଆସୁଥିବା କୋମଳମତି ଛାତ୍ରଛାତ୍ରୀଙ୍କ ହାତ ଧରି ପ୍ରଧାନ ଶିକ୍ଷକ, ସହକାରୀ ଶିକ୍ଷକ, ଶିକ୍ଷୟିତ୍ରୀ ସ୍ଲେଟ ରେ ଖଡ଼ି ଛୁଆଁ କରାଇ ଶିକ୍ଷାଦାନ କରିଥିଲେ।

# ବାଟ ହୁଡିଛି ୫-ଟି ସ୍କୁଲ ରୂପାନ୍ତରଣ କାର୍ଯ୍ୟ

- ନିମ୍ନମାନର ସାମଗ୍ରୀ ସହ ରଙ୍ଗ ମାରି ଅର୍ଥ ହରିଲୁଟ ପାଇଁ ଉଦ୍ୟମ
- ଭିଜିଲାନ୍ସ ତଦନ୍ତ ପାଇଁ ଦାବୀ



କାକଟପୁର/ଅସ୍ତରଙ୍ଗ,୯।୪ (ସଂଚାର ବ୍ୟୁରୋ): ଶିକ୍ଷାରେ ଗୁଣାତ୍ମକ ପରିବର୍ତ୍ତନ ଆଣିବା ପାଇଁ ରାଜ୍ୟ ସରକାର ୫ଟି ସ୍କୁଲ ରୂପାନ୍ତରଣ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରି ବିଦ୍ୟାଳୟ ଗୁଡିକର ଭିତ୍ତିଭୂମି ବିକାଶ ଉପରେ ଗୁରୁତ୍ୱ ଦେଉଛନ୍ତି। ଏଥିପାଇଁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ ହେଉଛି। ମାତ୍ର ବାସ୍ତବ କ୍ଷେତ୍ରରେ ଲକ୍ଷ୍ୟ ପୂରଣ ହେଉନାହିଁ। ଅର୍ଥ ବାଟ ମାରଣା ହେଉଥିବା ଯୋଗୁଁ ବିଦ୍ୟାଳୟର ଚେହେରା ବଦଳୁନାହିଁ। ଏହିପରି ଦୃଷ୍ଟାନ୍ତ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅନ୍ତର୍ଗତ ଆଳସାହି ପଂଚାୟତ ଆର୍ତ୍ତତ୍ରାଣ ବିଦ୍ୟାପୀଠ ବରାଙ୍ଗ-ଅନନ୍ତା ବିଦ୍ୟାଳୟ କ୍ଷେତ୍ରରେ ଦେଖିବାକୁ ମିଳିଛି।

ପୂର୍ବ ସରକାର ସମୟରେ ରାଜ୍ୟ ସରକାରଙ୍କ ପକ୍ଷରୁ ବିଦ୍ୟାଳୟକୁ ୪୫ଲକ୍ଷ ଟଙ୍କା ଅନୁଦାନ ଯୋଗାଇ ଦେଇଥିଲେ। ବିଦ୍ୟାଳୟ ପାଣ୍ଠିରେ ୧୦ଲକ୍ଷ ଟଙ୍କା ରଖାଯାଇଥିବା ବେଳେ ୩୫ଲକ୍ଷ ଟଙ୍କାରେ ୫ଟି କାର୍ଯ୍ୟଟି ଅନୁମୋଦନ କରାଯାଇଥିଲା। ଏହି ଟଙ୍କା ବିନିମୟରେ ବ୍ଲକ ପ୍ରଶାସନ ପକ୍ଷରୁ ବିଦ୍ୟାଳୟରେ ୨ଟି ସ୍ମାର୍ଟ କ୍ଲାସ ରୁମ୍, ଗୋଟିଏ ସାଇନ୍ସ ଲ୍ୟାବ, ଇ-ଲାଇବ୍ରେରୀ, ଛାତ୍ରଛାତ୍ରୀଙ୍କ ପାଇଁ ଶୌଚାଳୟ ବ୍ୟବସ୍ଥା, ବିଦ୍ୟାଳୟ ମୁଖ୍ୟ ଫାଟକ ଠାରୁ ବିଦ୍ୟାଳୟ ପର୍ଯ୍ୟନ୍ତ ସ୍ୱତନ୍ତ୍ର ଫେବର କବ ଇଟା ବିଛାଇବା କାମ ଆଦି କରାଯିବା କଥା। ମାତ୍ର ଏଥିରେ ବ୍ୟାପକ ଅନିୟମିତତା କରାଯାଇ ଅର୍ଥ ହଡପ କରାଯାଇଥିବା ଅଭିଯୋଗ ହେଉଛି। ୫ଟି କାର୍ଯ୍ୟରେ ବ୍ୟାପକ ଅନିୟମିତତା ନେଇ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପଞ୍ଚାନନ ସ୍ୱାଇଁ ଉଦ୍‌ବେଗ ପ୍ରକାଶ କରିଛନ୍ତି।

ଏ ନେଇ ବିଦ୍ୟାଳୟ ପରିଚାଳନା କମିଟି ତରଫରୁ ଅସ୍ତରଙ୍ଗ ବିଡ଼ିଓଙ୍କୁ ଲିଖିତ ଓ ମୌଖିକ ଜଣାଇଥିଲେ ମଧ୍ୟ ଅନୁରୋଧ ରଖୁନାହାନ୍ତି କି କୌଣସି ଆପତ୍ତି ଗୁଡିକୁ କର୍ଣ୍ଣପାତ କରୁନାହାନ୍ତି। ଯାହାକି ଚର୍ଚ୍ଚା ହେଉଛି ରାଜନୀତି ଛତ୍ର ଛାୟାରେ ଚୁପ ରହୁଛନ୍ତି ସରକାରୀ ଅଧିକାରୀ ବୋଲି ଚର୍ଚ୍ଚା ଜୋର ଧରିଛି। ଯାହାକି ସାଧାରଣ ଅସନ୍ତୋଷ ସୃଷ୍ଟି ହୋଇଛି।

## ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ କୁଳପତିଙ୍କ ଯୋଗଦାନ

ବାରିପଦା,୯।୪ (ସଂଚାର ବ୍ୟୁରୋ): ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ପ୍ରଫେସର ମହେନ୍ଦ୍ର କୁମାର ମହାନ୍ତି କୁଳପତି ଭାବେ କାର୍ଯ୍ୟରେ ଯୋଗଦାନ କରିଛନ୍ତି । ଏହି ଅବସରରେ ବିଶ୍ୱବିଦ୍ୟାଳୟ ତରଫରୁ ପ୍ରଫେସର ମହାନ୍ତିଙ୍କୁ ଭବ୍ୟ ସ୍ୱାଗତ କରାଯାଇଥିଲା। ସର୍ବପ୍ରଥମେ କୁଳପତି ପ୍ରଫେସର ମହାନ୍ତି ପୂଣ୍ୟଶ୍ଳୋକ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ପରିଷଦର ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରଫେସର ବିଶ୍ୱଜିତ ରଥ, କୁଳସଚିବ ସୁମିତା ସିଂ, ବିତ୍ତ ନିୟନ୍ତ୍ରକ ଭରତ ଚନ୍ଦ୍ର ଦେହୁରୀ, ପରୀକ୍ଷା ନିୟନ୍ତ୍ରକ



ଡ. ସୁବ୍ରତ କୁମାର ରଣା ଓ ସମସ୍ତ ଅଧ୍ୟାପକ ଅଧ୍ୟାପିକା ଓ ଅଣଶିକ୍ଷକ କର୍ମଚାରୀଗଣ ପୁଷ୍ପଗୁଚ୍ଛ ଦେଇ ପ୍ରଫେସର ମହାନ୍ତିଙ୍କୁ ସ୍ୱାଗତ କରିଥିଲେ ।




# ଋତୁସ୍ରାବ ସମୟରେ ଓ ପରେ ପେଟରେ ଅସହ୍ୟ ଯନ୍ତ୍ରଣା



ଋତୁସ୍ରାବ ସମୟରେ ଗଭୀର ଯନ୍ତ୍ରଣା, ପରିସ୍ରା ଓ ଝାଡ଼ା ସମୟରେ ଯନ୍ତ୍ରଣା, ସମ୍ଭୋଗରେ ଯନ୍ତ୍ରଣା ହୋଇ କ୍ରମାଗତ ଯନ୍ତ୍ରଣା ଲାଗି ରହିବା, ଦୁର୍ବଳତା ଅନୁଭବ ଆଦିକୁ ଅଧିକାଂଶ ମହିଳା ଅଣଦେଖା କରିଥାନ୍ତି। ହେଲେ ଏହା ଏଣ୍ଡୋମେଟ୍ରିଓସିସ୍ରୋଗର ଲକ୍ଷଣ ହୋଇପାରେ। ଗର୍ଭାଶୟର ଥିବା ଟିସୁ ଅଣ୍ଡାଶୟ, ଗର୍ଭାଶୟର ପଛପାର୍ଶ୍ୱ କିମ୍ବା ମୂତ୍ରାଶୟରେ ବଢ଼ିପାରେ। ଦିନକୁ ଦିନ ଏହି ରୋଗ ଅଧିକ ବ୍ୟାପିବା ସହ ଏହା ଜୀବନଶୈଳୀକୁ ପ୍ରଭାବିତ କରୁଛି। ବିଶେଷ କରି କାର୍ଯ୍ୟରତ ୨୫ରୁ ୪୦ ବର୍ଷର ମହିଳାମାନଙ୍କଠାରେ ଏଣ୍ଡୋମେଟ୍ରିଓସିସ୍ ସମସ୍ୟା ଅଧିକ ଦେଖାଯାଇଥାଏ। ଆଉ ୧୦ ଜଣରେ ଜଣେ ମହିଳା ଏଣ୍ଡୋମେଟ୍ରିଓସିସ୍ ରୋଗରେ ଶିକାର ହୋଇଥାନ୍ତି। ତେଣୁ ଉପରୋକ୍ତ ଲକ୍ଷଣ ଦେଖିବା ମାତ୍ରେ ମହିଳାମାନେ ବିଳମ୍ବ ନ କରି ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନେବା ଜରୁରି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ମୁତାବକ, ଏଣ୍ଡୋମେଟ୍ରିଓସିସ୍ ଏପରି ଏକ ରୋଗ, ଏହା ମହିଳାଙ୍କ ଗର୍ଭାଶୟକୁ ପ୍ରଭାବିତ କରିଥାଏ। ଏଣ୍ଡୋମେଟ୍ରିଓସିସ୍, ଏଣ୍ଡୋମେଟ୍ରିଆଲ ଭଳି ଟିସୁ (ଏଣ୍ଡୋମେଟ୍ରିୟମ୍ : ଗର୍ଭାଶୟର ଲାଇନିଂ) ଏହା ଗର୍ଭାଶୟର ବାହାର ପାର୍ଶ୍ୱରେ ବୃଦ୍ଧି ପାଇଥାଏ। ଡିମ୍ବାଶୟ ଉପରେ ମାଂସ (ସିଷ୍ଟ) ହେବାରୁ ସେଥିରୁ ଅଣ୍ଡା ନିର୍ଗତ ହୋଇପାରେ ନାହିଁ। ଏହା ଗର୍ଭବତୀ ହେବାରେ ଏହା ସମସ୍ୟା ସୃଷ୍ଟି କରେ। ଏହି ରୋଗ ପ୍ରଥମ ଋତୁସ୍ରାବରୁ ଆରମ୍ଭ ହୋଇ ରଜନୀବୃତ ଯାଏଁ ରହିପାରେ। ଜରାୟୁ ମଧ୍ୟରେ ଥିବା ଅନ୍ତଃଝିଲ୍ଲୀ, ଋତୁସ୍ରାବ ସମୟରେ ରକ୍ତ ସହିତ ମିଶି ଗର୍ଭନଳୀ ଦେଇ ପେଟ ଭିତରକୁ ଯାଇଥାଏ। ଏହି ଅନ୍ତଃଝିଲ୍ଲୀରେ ଥିବା ଗ୍ରନ୍ଥିଗୁଡ଼ିକ ପେଟ ଭିତରେ ରହି ରୋଗ ସୃଷ୍ଟି କରନ୍ତି। ବଂଶଗତ, ଦୂଷିତ ଖାଦ୍ୟ, ଦୂଷିତ ପରିବେଶ, ବହୁବାର ଗର୍ଭନଷ୍ଟ, ଅଧିକ ବୟସରେ ବିବାହ, ମାସିକ ଋତୁସ୍ରାବ ସମୟରେ ସହବାସ, ଅଧିକ ବ୍ୟାୟାମ କରିବା ମଧ୍ୟ ଏହି ରୋଗର କାରଣ ହୋଇପାରେ। ଦୁର୍ବଳ ରୋଗପ୍ରତିରୋଧକ ଶକ୍ତି ଯୋଗୁଁ ୧୦% ମହିଳାଙ୍କ ପେଟ ଭିତରେ ଏହି ନିସୃତ ରକ୍ତରେ ଥିବା ଅନ୍ତଝିଲ୍ଲି ଗ୍ରନ୍ଥିଗୁଡ଼ିକ ନଷ୍ଟ ହୋଇ ପେଟରେ ବିଭିନ୍ନ ରୋଗ ସୃଷ୍ଟି କରିଥାନ୍ତି।

**ଲକ୍ଷଣ :** ଏହି ରୋଗରେ ବିଭିନ୍ନ ଲକ୍ଷଣ ଦେଖା ଯାଇଥାଏ। ଋତୁସ୍ରାବ ସମୟରେ ଓ ପରେ ପେଟରେ ଅସହ୍ୟ ଯନ୍ତ୍ରଣା, ଝାଡ଼ା, ପରିସ୍ରା ଓ ସହବାସ ସମୟରେ ଏହି ଯନ୍ତ୍ରଣା ଅଧିକ ବଢ଼ିଯାଏ। ରୋଗରେ ପୀଡ଼ିତ ମହିଳାଙ୍କ ଋତୁସ୍ରାବରେ ଅନିୟମିତତା ଦେଖାଯାଏ। ପ୍ରାୟତଃ ୩୦ରୁ ୪୦ ପ୍ରତିଶତ ମହିଳା ଯେଉଁମାନଙ୍କ ଠାରେ ଏହି ସମସ୍ୟା ରହିଥାଏ ସେମାନଙ୍କ ଗର୍ଭଧାରଣ କ୍ଷମତାରେ ଡିମ୍ବାଣୁର ଗୁଣବତ୍ତା ଦୁର୍ବଳ ହୋଇଯାଏ ଓ ଗର୍ଭାଶୟ ପ୍ରଭାବିତ ହୁଏ। ଅଧିକ ଦିନ ଏହି ସମସ୍ୟା ଲାଗି ରହି ଗର୍ଭାଶୟ କର୍କଟ ସୃଷ୍ଟିର କାରଣ ସାଜିପାରେ ବୋଲି ଡାକ୍ତରମାନେ ପରାମର୍ଶ ଦିଅନ୍ତି।

**ସୁସ୍ଥ ଜୀବନଶୈଳୀ ଜରୁରି :** ମୁଖ୍ୟତଃ ହରମୋନ୍ ଅସନ୍ତୁଳନ ଏବଂ ଆନୁବଂଶିକ କାରଣରୁ ହେଉଥିବାରୁ ସୁସ୍ଥ ଜୀବନଶୈଳୀ ଆପଣାଇ ଏହି ରୋଗର ତୀବ୍ରତାକୁ କମ୍ କରାଯାଇପାରେ। ସ୍ୱଚ୍ଛତା, ନିୟମିତ ବ୍ୟାୟାମ, ସନ୍ତୁଳିତ ଖାଦ୍ୟପେୟ ତଥା ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଯାଞ୍ଚ କରିବା ନିହାତି ଜରୁରି।

**ଔଷଧ ଓ ଅସ୍ତ୍ରୋପଚାର ବିକଳ୍ପ :** ଏହି ରୋଗ ପାଇଁ ଔଷଧ ଏବଂ ଅସ୍ତ୍ରୋପଚାରର ବିକଳ୍ପ ରହିଥିବାବେଳେ ପ୍ରାରମ୍ଭିକ ଅବସ୍ଥାରେ ରୋଗକୁ ଚିହ୍ନଟ କରି ଔଷଧ ସେବନ କରିବା ହିତକର। ଡାକ୍ତର ସ୍ୱତନ୍ତ୍ର ଇଞ୍ଜେକସନ୍ ଦେଇ ପେଟର ଯନ୍ତ୍ରଣାକୁ କମ୍ କରିପାରନ୍ତି। ବେଳେବେଳେ ହରମୋନ୍ ବଟିକା ଓ ଇଞ୍ଜେକସନ୍ ଦିଆଯାଏ। ପେଲ୍ଭିକ୍ ଅଲଟ୍ରାସାଉଣ୍ଡ ଦ୍ୱାରା ଚକୋଲେଟ୍ ସିଷ୍ଟ ନିରୂପଣ କରାଯାଉଥିବା ବେଳେ ଏମ୍ଆରଆଇ ଦ୍ୱାରା ପେଟ ଏବଂ ଗର୍ଭାଶୟର ସମସ୍ୟାକୁ ନିରୂପଣ କରାଯାଇଥାଏ। ତେବେ ଡାକ୍ତର ରୋଗର ସ୍ଥିତି ଓ ଲକ୍ଷଣ ଅନୁଯାୟୀ ଚିକିତ୍ସା କରିଥାନ୍ତି। ଅସ୍ୱାଭାବିକ ସିଷ୍ଟକୁ ଲାପ୍ରୋସ୍କୋପିକ୍ ସାହାଜ୍ୟରେ କଢ଼ାଯାଇଥାଏ। ଆବଶ୍ୟକ ପଡ଼ିଲେ ଅସ୍ତ୍ରୋପଚାର ମଧ୍ୟ କରାଯାଏ।

# କୋଲେଷ୍ଟ୍ରଲ ପରୀକ୍ଷଣ ପୂର୍ବର ସତର୍କତା



ବର୍ତ୍ତମାନ ସମୟରେ କୋଲେଷ୍ଟ୍ରଲ ବୃଦ୍ଧି ଏକ ବଡ଼ ସମସ୍ୟା। କୋଲେଷ୍ଟ୍ରଲ ସ୍ତର ବଢ଼ିଲେ, ହୃଦ୍ଘାତ, ହୃତପିଣ୍ଡ ଅଚଳ, ଷ୍ଟ୍ରୋକ୍ ଆଦି ହେବାର ଆଶଙ୍କା ବୃଦ୍ଧି ପାଇଥାଏ। ତେଣୁ ରକ୍ତରେ କୋଲେଷ୍ଟ୍ରଲ ସ୍ତର ନିର୍ଦ୍ଦିଷ୍ଟ ମାତ୍ରାରେରଖିବାକୁ ସମୟେ ସମୟେ ଯାଞ୍ଚ ଆବଶ୍ୟକ। ହୃତ୍ପିଣ୍ଡ ସୁସ୍ଥତା ପାଇଁ କୋଲେଷ୍ଟ୍ରଲ ପରୀକ୍ଷା ଅତ୍ୟନ୍ତ ଜରୁରି। ଏହି ପରୀକ୍ଷା ଦ୍ୱାରା ହୃଦ୍ରୋଗର ତୀବ୍ରତା ଓ ସ୍ଥିତିକୁ ଜାଣିବାରେ ସହାୟକ ହୋଇଥାଏ। ତେଣୁ ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ କୋଲେଷ୍ଟ୍ରଲ ଯାଞ୍ଚ ପାଇଁ ଡାକ୍ତର ଲିପିଡ୍ ପ୍ରୋଫାଇଲ୍ ପ୍ୟାନଲ ଟେଷ୍ଟ କରିବାକୁ ପରାମର୍ଶ ଦିଅନ୍ତି। ଏଥିରେ ରକ୍ତରେ ଅସ୍ୱାସ୍ଥ୍ୟକର ଏବଂ ହିତକର କୋଲେଷ୍ଟ୍ରଲ ସ୍ତର ଜାଣିହୁଏ। ତେଣୁ କୋଲେଷ୍ଟ୍ରଲ ଯାଞ୍ଚ ପୂର୍ବରୁ କେତେକ କଥା ଜାଣିବା ଉଚିତ। କୋଲେଷ୍ଟ୍ରଲ ଟେଷ୍ଟ ପୂର୍ବରୁ କମ୍ ଚର୍ବିଯୁକ୍ତ ଖାଦ୍ୟ ଗ୍ରହଣ ଭଲ। ପାଖାପାଖି ୪୮ ଘଣ୍ଟା ପୂର୍ବରୁ ଡାଏଟ୍ରେ ଫ୍ୟାଟ୍ ମାତ୍ରାକୁ ସୀମିତ କରିବା ଆବଶ୍ୟକ। ଟେଷ୍ଟ ପୂର୍ବରୁ ଉପାସ କରିବା ଅଭ୍ୟାସ ରଖନ୍ତୁ। ୧୦ରୁ ୧୨ ଘଣ୍ଟା ଉପାସ ରହି ଟେଷ୍ଟ ଦ୍ୱାରା ଟ୍ରାଇଗ୍ଲିସେରାଇଡ୍ ଏବଂ ଏଲ୍ଡିଏଲ୍ କୋଲେଷ୍ଟ୍ରଲ ସ୍ତର ମାତ୍ରା ସଠିକ୍ ଜଣାପଡ଼େ। ଟେଷ୍ଟ ପୂର୍ବରୁ କେବେ ବି ମଦ୍ୟପାନ କି ନିଶାସେବନ କରିବା ଅନୁଚିତ। ଦୁଇଦିନ ପୂର୍ବରୁ ଏହି କୁଅଭ୍ୟାସକୁ ତ୍ୟାଗ କରିବା ଭଲ। ନଚେତ ଏହାଦ୍ୱାରା ଟେଷ୍ଟର ଫଳାଫଳ ମିଳେନାହିଁ। ସେହିପରି କୋଲେଷ୍ଟ୍ରଲ ଟେଷ୍ଟ ପୂର୍ବରୁ ଚିନ୍ତାମୁକ୍ତ ରହିବା ଜରୁରି। ନଚେତ୍ ଏହା ମଧ୍ୟ କୋଲେଷ୍ଟ୍ରଲ ସ୍ତରକୁ ପ୍ରଭାବିତ କରିପାରେ ଏବଂ ଫଳାଫଳ ଭୁଲ୍ ଆସିପାରେ। ସେଥିପାଇଁ ଟେଷ୍ଟର ୪୮ଘଣ୍ଟା ପୂର୍ବରୁ ଖୁସି ଓ ଶାନ୍ତି ରହିବା ନିହାତି ଆବଶ୍ୟକ। ବିଶେଷ କଥା ହେଉଛି, ପରୀକ୍ଷାରସଠିକ୍ ଫଳାଫଳ ଜାଣିବାକୁ ପ୍ରଚୁର ମାତ୍ରାର ପାଣି ପିଅନ୍ତୁ। ଦୈନିକ ୨ରୁ ୩ଲିଟର ପାଣି ପିଅନ୍ତୁ। ଯଦି କୋଲେଷ୍ଟ୍ରଲ ମାତ୍ରା ଅଧିକ ରହୁଛି ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ। ମଧୁମେହ, ରକ୍ତଚାପ ଓ ହୃଦ୍ରୋଗରେ ପୀଡ଼ିତ ରୋଗୀ ନିୟମିତ ବ୍ୟବଧାନରେ ଟେଷ୍ଟ କରିବା ଉଚିତ।

# ରୋଗ ପ୍ରତିଷେଧକର ମହୌଷଧି ଦୂବ



ଦୂବ ଘାସରେ ଆଣ୍ଟି ଇମ୍ଫ୍ଲାମେଟରୀ ଏବଂ ଆଣ୍ଟିସେପ୍ଟିକ୍ ଗୁଣ ରହିଛି। ଔଷଧୀୟ ଗୁଣରେ ଭରପୂର ଦୂବ ଏହା କାଶ, କଫ, ପିତ୍ତ, ରକ୍ତଶୋଧକ, ଅପସ୍ମାର, ଚର୍ମରୋଗ, ନାସା କ୍ଷତ ରକ୍ତସ୍ରାବର ପ୍ରତିଷେଧକ ଭାବେ କାମ କରିଥାଏ। ଏକଜିମା, ସୋରାୟସିସ୍ ଏବଂ କବକ ସଂକ୍ରମଣ ପାଇଁ ଏହା ବହୁତ ଲାଭପ୍ରଦ। ଦୁବକୁ ବାଟିକରି ତା'ର ରସକୁ କାଢ଼ି ଔଷଧ ରୂପେ ବ୍ୟବହାର କରାଯାଇଥାଏ। ସେହିପରି ଦୂବରସ ଦ୍ୱାରା ବାନ୍ତି ଦୂର ହୋଇଥାଏ। ଖଣ୍ଡିଆ ବା କ୍ଷତସ୍ଥାନରୁ ରକ୍ତସ୍ରାବକୁ ବନ୍ଦ କରିବାକୁ ଦୁବକୁ ବ୍ୟବହାର କରାଯାଇଥାଏ। ସାଧାରଣତଃ ନାକରୁ ରକ୍ତ ପଡ଼ିବା ଏକ ଗମ୍ଭୀର ସମସ୍ୟା, ଏପରି ସ୍ଥିତିରେ ଦୁବର ରସକୁ ନିର୍ଦ୍ଦିଷ୍ଟ ଅନୁପାତରେ ନାକରେ ପକାଇବା ଦ୍ୱାରା ରକ୍ତ ପଡ଼ିବା ବନ୍ଦ ହୋଇଯାଏ। ଅର୍ଶ ରୋଗ ପାଇଁ ଦୁବ ଅତି ହିତକର।

# ରୋଗ ନିୟନ୍ତ୍ରଣ କରେ ନିମ



ନିମ ପରିବେଶ ପାଇଁ ଯେତିକି ଭଲ, ସ୍ୱାସ୍ଥ୍ୟ ପାଇଁ ସେତିକି ଉପକାରୀ। ଏହି ଗଛର ପ୍ରତ୍ୟେକ ଅଂଶ ଯଥା- ଫୁଲ, ଫଳ, ଛେଲିରେ ଔଷଧୀୟ ଗୁଣ ଭରିରହିଛି। ନିମରେ ଆଣ୍ଟି ବ୍ୟାକ୍ଟେରିଆଲ, ଆଣ୍ଟିଫଙ୍ଗାଲ, ଆଣ୍ଟିଅକ୍ସିଡାଣ୍ଟ ଗୁଣ ରହିଥାଏ। ତେଣୁ ଏହା ବିଭିନ୍ନ ରୋଗ ନିୟନ୍ତ୍ରଣ ପାଇଁ ବେଶ୍ ଉପଯୋଗୀ। ଫୁସ୍ଫୁସ୍ ବିଷାକ୍ତକରଣ ଦୂର ପାଇଁ ନିମପତ୍ର ଅଧିକ ପ୍ରଭାବୀ କୁହାଯାଏ। ସେହିପରି ନିମ ପତ୍ରରେ ଥିବା ଔଷଧୀୟ ଗୁଣ ଯୋଗୁଁ ଏହାକୁ ଡାକ୍ତରଙ୍କ ପରାମର୍ଶରେ ସେବନ ଦ୍ୱାରା ରକ୍ତଶର୍କରା କମ୍ ହୁଏ। ନିମପତ୍ରରେ ଆଣ୍ଟିମେଲେରିଆଲ ଗୁଣ ମିଳିଥାଏ, ତେଣୁ ଏହା ମେଲେରିଆ ପାଇଁ ବହୁତ ଉପଯୋଗୀ। ଆୟୁର୍ବେଦରେ ପେଟର ଘା' କିମ୍ବା ଗ୍ୟାଷ୍ଟ୍ରିକ୍ ସମସ୍ୟା ପାଇଁ ନିମପତ୍ର ବେଶ୍ ଉପଯୋଗୀ। ଏହା ଶରୀରୁ ବିଷାକ୍ତ ପଦାର୍ଥ ବାହାର କରିପାରେ। ନିମପତ୍ର ଯକୃତକୁ ଡିଟକ୍ସ କରିବାକୁ ପ୍ରଭାବୀ ମନାଯାଏ। ଏହା ଅହିତକର କୋଲେଷ୍ଟ୍ରଲ କମ୍ କରେ। ନିମ ପତ୍ରକୁ ନଖ ଉଷୁମ ପାଣିରେ ଫୁଟାଇ ଏହାକୁ କେଶମୂଳ ଗାଧୋଇବା ଅଧଘଣ୍ଟା ପୂର୍ବରୁ ଲଗାଇ ସ୍ନାକଲେ, ରୂପି ସମସ୍ୟା ଦୂର ହୁଏ। କାଛୁ, କୁଣ୍ଡିଆ ଆଦି ଚର୍ମରୋଗ ଥଠିଲେ, ଏହି ପତ୍ରକୁ କଞ୍ଚାହଳଦୀରେ ବାଟି ଲେପନ କଲେ ଚର୍ମରୋଗ ଦୂର ହୁଏ। ନିମପତ୍ର ଶରୀରର ପ୍ରତିରକ୍ଷା ପ୍ରଣାଳୀକୁ ବଢ଼ାଇଥାଏ। ତେଣୁ ସକାଳୁ ଖାଲି ପେଟରେ ନିମପତ୍ର, ତୁ,ସୀପତ୍ର ଏବଂ ଗୁଡୁଚିପତ୍ରକୁ ସେବନ ଦ୍ୱାରା ଏହା ପ୍ରାକୃତିକ ରୂପେ ରୋଗପ୍ରତିରୋଧକ ଶକ୍ତି ବୃଦ୍ଧିପାଏ। ନିମ୍ବ ପତ୍ର ଓ ଫୁଲରେ ପ୍ରଚୁରମାତ୍ରାରେ ପ୍ରୋଟିନ୍, ଫ୍ୟାଟ୍, କ୍ୟାଲସିୟମ ଏବଂ ଆମିନୋଏସିଡ ଥଠିବାରୁ ଏହା ପାଚନ ପ୍ରକ୍ରିୟାକୁ ନିୟନ୍ତ୍ରଣ କରେ।

# ନିମ୍ନ ରକ୍ତଚାପର ଚିକିତ୍ସା

ରକ୍ତ ସଞ୍ଚାଳନ ଦ୍ୱାରା ଶରୀର ସୁସ୍ଥ ରୁହେ। ହୃଦୟ ସଙ୍କୁଚିତ ହେଲେ ରକ୍ତଚାପ ବଢ଼େ ଏବଂ ପ୍ରସାରଣ ହେଲେ ରକ୍ତଚାପ କମିଥାଏ। ତେବେ ସ୍ୱାଭାବିକ ଭାବେ ୭୦ରୁ ୯୦ ହେଉଛି ନିମ୍ନ ରକ୍ତଚାପ। ଉଚ୍ଚରକ୍ତଚାପ ପରି ନିମ୍ନ ରକ୍ତଚାପ ହେଲେ ମୁଣ୍ଡ ବୁଲାଇବା, ଅନ୍ଧାର ଦେଖାଯିବା, ଦୁର୍ବଳ ଲାଗିବା ଆଦି ଲକ୍ଷଣ ଦେଖାଯାଏ। ଏପରି ହେଉଥିଲେ ଏହାକୁ ଅଣଦେଖା କରିବା ଅନୁଚିତ। ନିମ୍ନ ରକ୍ତଚାପ ଥିଲେ ପ୍ରଚୁର ପାଣି ପିଇବା ଆବଶ୍ୟକ। ବିଟ୍, ତରଭୁଜ, କାକୁଡ଼ି ଆଦି ରସ ପିଇବା ଦ୍ୱାରା ରକ୍ତଚାପ ସ୍ୱାଭାବିକ ହୁଏ। ସମସ୍ତ ଡ୍ରାଏଫ୍ରୁଟ୍ ଯଥା- ଅଞ୍ଜିର, ଖଜୁର, କିସ୍ମିସ, ଆଲମଣ୍ଡ, ଅଖରୋଟ ଆଦିକୁ ମାତ୍ରା ଅନୁସାରେ ରାତିରେ ବତୁରାଇ ସକାଳେ ଖାଇଲେ, ରକ୍ତଚାପ ସ୍ୱାଭାବିକ ହେବାରେ ସହାୟକ କରିଥାଏ। ଗୁଡ଼ ବା ମହୁପଣାରେ ସାମାନ୍ୟ ସୈନ୍ଧବ ଲବଣ ମିଶାଇ ପାନ କଲେ ନିମ୍ନରକ୍ତଚାପରେ ଉପକାର ହୁଏ। ନିମ୍ନ ରକ୍ତଚାପ ପାଇଁ ତୁଳସୀ ପତ୍ର ରସକୁ ମହୁରେ ମିଶାଇ ଖାଇଲେ ଉପକାର ମିଳେ। ପ୍ରତିଦିନ ଅତିକମ୍ରେ ୧୫ ମିନିଟ୍ ଚାଲିବା ଆବଶ୍ୟକ। ପ୍ରାଣାୟାମ ଧ୍ୟାନ ଯୋଗ କରିପାରିବେ। ଖାଦ୍ୟରେ ଲୁଣର ମାତ୍ରା ବଢ଼ାଇବା ସହ ସୋଡିୟମ ଯୁକ୍ତ ଖାଦ୍ୟ ଖାଆନ୍ତୁ। ଫ୍ରୁଟ୍ସ୍ ଓ ଓଆର୍ଏସ୍ ପିଇପାରିବେ।




# ସ୍ମରଣ ଶକ୍ତି ବୃଦ୍ଧି କରେ ବ୍ରାହ୍ମୀ



ବ୍ରାହ୍ମୀ ବିଶେଷତଃ ସନ୍ତସନ୍ତିଆ ଓ ଓଦା ଭୂଇଁରେ ବଢ଼େ। ଏହା ଜଳବ୍ରାହ୍ମୀ ବା ଥାଲୁକୁଡ଼ି ନାଁରେ ପରିଚିତ। ଏହି ପତ୍ରଗୁଡ଼ିକ ଏକାନ୍ତର, ବୃକ୍କ ଆକୃତି ହୋଇଥାଏ। ସ୍ୱାଦରେ ତିକ୍ତ, କଟୁ ଓ ସାମାନ୍ୟ ସୁଗନ୍ଧି ହୋଇଥାଏ। ଏଥିରେ ଔଷଧୀୟ ଗୁଣ ଭରି ରହିଥିବାରୁ ଏହାକୁ ଚିକିତ୍ସକଙ୍କ ପରାମର୍ଶରେ ପାନ କରାଗଲେ, ଏହା ମଣିଷକୁ ମାନସିକ ଓ ଶାରୀରିକ ଭାବେ ସୁସ୍ଥ ରଖିବା ସହ ଦୀର୍ଘାୟୁ କରିଥାଏ। ୧୦ରୁ ୨୦ ମିଲି ସ୍ୱରସକୁ ପାନ କଲେ, ସ୍ମରଣଶକ୍ତି ହ୍ରାସ, ମନ୍ଦାଗ୍ନି, ଶ୍ୱସନ ସମସ୍ୟା, ଚର୍ମରୋଗ ଆଦିରେ ଉପକାର ମିଳେ। ଚର୍ମରୋଗ ହୋଇଥିଲେ ବ୍ରାହ୍ମୀକୁ ବାଟି ଲେପ କରାଯାଏ। ଶିଶୁମାନଙ୍କର ଥଣ୍ଡା, କାଶ ଆଦିରେ ବ୍ରାହ୍ମୀ ସ୍ୱରସ ଏକ ଚାମଚ ପ୍ରୟୋଗ କଲେ ଉପଶମ ମିଳେ। ପ୍ରତିଦିନ ଏହି ପତ୍ର ଖାଇବା ସ୍ମରଣ ଶକ୍ତି ବୃଦ୍ଧି ହୁଏ। ଶିରାରେ ରକ୍ତ ପ୍ରବାହ ସ୍ୱାଭାବିକ ହୁଏ। ମାନସିକ ଦୁର୍ବଳତା ଥିବା ବ୍ୟକ୍ତିଙ୍କୁ ଚିକିତ୍ସକଙ୍କ ପରାମର୍ଶ ଅନୁଯାୟୀ ଏହାର ପତ୍ରକୁ ୫ ଗ୍ରାମ୍ ଚୂର୍ଣ୍ଣ କରି ଦିନକୁ ଦୁଇଥର ଦିଆଯାଇଥାଏ। ପେଟ ଜନିତ ରୋଗ ଦୂର ପାଇଁ ବ୍ରାହ୍ମୀ, ତ୍ରିଫଳା ଚୂର୍ଣ୍ଣ ଆଦି ସମମାତ୍ରାରେ ନେଇ ଅଳ୍ପ ଶୁଣ୍ଠି ଚୂର୍ଣ୍ଣ ମିଶାଇ ଦୁଇଥର ସେବନ କଲେ ରୋଗରୁ ଉପଶମ ମିଳେ। ଏହି ପତ୍ର ରସକୁ ସେବନ କରିବା ଦ୍ୱାରା ଶରୀରରୁ ଅଦରକାରୀ ତତ୍ତ୍ୱ ମୂତ୍ର ଆକାରରେ ବାହାରିଯାଏ। ବିଶେଷ କରି ବୃକ୍କ ସୁସ୍ଥ ରୁହେ। ମୂତ୍ରଜନିତ ରୋଗ ଆଦୌ ହୁଏ ନାହିଁ। ତିଦିନ ଚାରିପାଞ୍ଚଟି ପତ୍ରକୁ ଖାଲିପେଟରେ ଖାଇଲେ ରକ୍ତ ପରିଷ୍କାର ରହେ। ହଜମଶକ୍ତି ବୃଦ୍ଧି, ଆର୍ଥ୍ରାଇଟ୍ସରୁ ଆରାମ ମିଳେ। ରକ୍ତ ଶର୍କରା ନିୟନ୍ତ୍ରଣ ପାଇଁ ଏହା ସବୁଠୁ ପ୍ରଭାବୀ। ଧ୍ୟାନ ଦେବେ, ବ୍ରାହ୍ମୀ ଅତ୍ୟଧିକ ସେବନ ଦ୍ୱାରା ତରଳଝାଡ଼ା ଏବଂ ଅନ୍ୟାନ୍ୟ ସ୍ୱାସ୍ଥ୍ୟ ସମସ୍ୟା ଦେଖାଯାଇଥାଏ। ତେଣୁ ସର୍ବଦା ଚିକିତ୍ସକଙ୍କ ପରାମର୍ଶରେ ସେବନ କରିବା ଜରୁରି।

## ଖୋଲୁନି ଜଳଛତ୍ର: ପାନୀୟ ଜଳ ଟୋପେ ମିଳୁନି



ମ.ରାମପୁର,୯।୪(ସଂଚାର ବ୍ୟୁରୋ): ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ଯୋଗୁଁ ଜନଜୀବନ ବ୍ୟତିବ୍ୟସ୍ତ ହୋଇ ପଡୁଛି। ଅନ୍ୟପଟେ ତାପାମାତ୍ରା ମଧ୍ୟ ବେଳେ ବେଳେ ପାଖାପାଖି ୩୮ ଡିଗ୍ରୀ ଉପରେ ରହୁଥିବାରୁ ଘରୁ ବାହାରିବା କଷ୍ଟକର ହୋଇପଡୁଛି। ଏହାରି ଭିତରେ ଅଂଶୁଘାତ ମୁକାବିଲା ପାଇଁ ଜିଲା ଓ ବ୍ଲକ୍ ପ୍ରଶାସନ ପକ୍ଷରୁ ସଚେତନତା ସୃଷ୍ଟି କରାଯାଉଛି। ଦିନରେ ନିର୍ମାଣ କାର୍ଯ୍ୟ ଉପରେ କଟକଣା ଲାଗୁ ସହ ଯାତ୍ରୀବାହୀ ବସ୍ ଚଳାଚଳ ଉପରେ ନୀତିନିୟମ ନିର୍ଦ୍ଧାରଣ କରାଯାଇଛି। ବାସ୍ତବରେ କିନ୍ତୁ କଳାହାଣ୍ଡି ଜିଲ୍ଲା ମଦନପୁର ରାମପୁର ଅଞ୍ଚଳରେ ଏଯାଏଁ କୌଣସି ଜାଗାରେ ଚଳିତ ବର୍ଷ ପ୍ରଶାସନ ପକ୍ଷରୁ ଜଳଛତ୍ର ଟିଏର ବ୍ୟବସ୍ଥା ହୋଇନାହିଁ। ଯା ଫଳରେ ପଥଚାରୀ ମାନେ ପାନୀୟ ଜଳ ସଙ୍କଟ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏଣୁ ବ୍ଲକ ପ୍ରସାଶନ ଏହାର ତ୍ୱରିତ ପଦକ୍ଷେପ ଗ୍ରହଣ କରିବା ସହ ଆବଶ୍ୟକ ସ୍ଥଳେ ଜଳଛତ୍ର ମାନ ଖୋଲିବାର ବ୍ୟବସ୍ଥା କରିବାକୁ ଦାବି ହୋଇଛି।

## ଗ୍ରାମରେ ଅଚଳ ନଳକୂପ ମରାମତି ପାଇଁ ଦାବି



କନ୍ଧମାଳ,୯।୪(ସଂଚାର ବ୍ୟୁରୋ): ସରକାର ଲୋକଙ୍କ ପାଇଁ ଯୋଜନା ଉପରେ ଯୋଜନାମାନ ପ୍ରଣୟନ କରିଛନ୍ତି। ହେଲେ ଅଫିସ ତଥା ସରକାରୀ କର୍ମଚାରୀଙ୍କର ଆନ୍ତରିକତାର ଅଭାବ ଯୋଗୁଁ ସାଧାରଣ ଜନତା ବିଭିନ୍ନ ପ୍ରକାର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ଭଳି ଏକ ଦୃଶ୍ୟ ଦେଖିବାକୁ ମିଳିଛି କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ପାହିରାଜୁ ପଞ୍ଚାୟତ ଗବରନଳା ଗ୍ରାମରେ। ପାଣି ଟିକିଏ ପାଇଁ ଡହକ ବିକଳ ହୋଇ ନାହିଁ ନଥିବା ଅସୁବିଧା ସମ୍ମୁଖୀନ ହେଉଛନ୍ତି ଗବରନଳା ଗ୍ରାମବାସୀ। ସୂଚନା ଅନୁସାରେ ଗବରନଳା ଗ୍ରାମର ଲୋକେ ଦୁଇଟି ନଳକୂପ ଉପରେ ନିର୍ଭର କରି ଚଳିଥାନ୍ତି। ହେଲେ ଗୋଟିଏ ବର୍ଷ ହେଲାଣି ଗୋଟିଏ ନଳକୂପ ଅଚଳ ହୋଇ ପଡ଼ିଛି। ଲୋକ ମାନେ ପାଣି ଟିକିଏ ପାଇଁ ପ୍ରଚଣ୍ଡ ଖରାରେ ଦୂରରେ ଥିବା ଚୁଆ ପାଣି ସଂଗ୍ରହ କରି ଆସୁଛନ୍ତି। ତେଣୁ ଏହି ଗବରନଳା ଗ୍ରାମରେ ଥିବା ଅଚଳ ନଳକୂପକୁ ଶୀଘ୍ର ମରାମତି କରିବା ପାଇଁ ଗ୍ରାମବାସୀ ଦାବୀ କରିଛନ୍ତି।

## ବେଆଇନ୍ ପାହାଡ଼ ସଫା



କନ୍ଧମାଳ,୯।୪(ସଂଚାର ବ୍ୟୁରୋ): ଜଙ୍ଗଲ ସୁରକ୍ଷା, ବନୀକରଣ, ଜଙ୍ଗଲ ପୁନରୁଦ୍ଧାର ପାଇଁ ରାଜ୍ୟ ସରକାର କୋଟି କୋଟି ଟଙ୍କା ବ୍ୟୟ କରୁଛନ୍ତି। ଏପରିକି ଜଙ୍ଗଲ ସୁରକ୍ଷା ପାଇଁ ଆଦିବାସୀ ଙ୍କୁ ଗୋଷ୍ଠିଗତ ଜଙ୍ଗଲ ଅଧିକାର ଦିଆଯାଇଛି। କିନ୍ତୁ ଆଦିବାସୀ ମାନେ ଜଙ୍ଗଲରେ ଥିବା ମୂଲ୍ୟବାନ ଗଛ କାଟି ପାହାଡ଼ ସଫା କରି ଘର ତିଆରି କରିବା ପାଇଁ ଯୋଜନା କରୁଛନ୍ତି। ଏ ଭଳି ଘଟଣା ଦେଖିବାକୁ ମିଳିଛି କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ସଲା ଗୁଡା ପଞ୍ଚାୟତ ଅନ୍ତର୍ଗତ ତାମ୍ବିସୁଗା ଗ୍ରାମରେ। ତାମ୍ବି ସୁଗା ଗ୍ରାମର ଏକ ପାହାଡ଼ ରେ ଥିବା ମୂଲ୍ୟବାନ ଗଛ କାଟି ଜେ ସି ବି ଦ୍ୱାରା ପାହାଡ଼ ସଫା କରା ଯାଉଛି। ଖବର ନେବାରେ ଜଣା ପଡ଼ିଛି କି, ଜଙ୍ଗଲ ସଫା କରି ବସ୍ତି ତିଆରି କରିବା ପାଇଁ ଏକ କମିଟି ଗଠନ କରାଯାଇଛି। ତାମ୍ବି ଶୁଗା ଗ୍ରାମର ଟିକେଶ୍ୱର୍ କହଁର ସଭାପତି ଥିବାବେଳେ ଅରୁଣ କହଁର ଉପ ସଭାପତି ଏବଂ ଶଲା ଗୁଡା ସରପଞ୍ଚ ରୋହିତ କହଁର ଆନିମେଟର ଭାବେ ଅଛନ୍ତି। ଜଙ୍ଗଲରେ ଲାଗି ଥିବା ନିଆଁ ନିକଟ ଅତୀତରେ ସରପଞ୍ଚ ନିଜେ ଲିଭାଉ ଥିବା କଥା ଲୋକଙ୍କ ମନରୁ ଯାଇ ନ ଥିବା ବେଳେ ଜଙ୍ଗଲ ସଫା କରିବାକୁ ଆଦିବାସୀ ଙ୍କୁ ଉସୁକାଇବା ପରି ତାପ ର ବିଷୟ। ବନ ବିଭାଗ ଏହାର ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା କୁ ସାଧାରଣରେ ଦାବି ହେଉଛି।

## ଓଡ଼ିଆ ପକ୍ଷ: ପାଠକଙ୍କ ମନମୋହିଲା ମହାପୁରୁଷଙ୍କ ଜୀବନୀକାହାଣୀ



ପୁରୁଷୋତ୍ତମପୁର,୯।୪(ସଂଚାର ବ୍ୟୁରୋ): ଓଡ଼ିଆ ପକ୍ଷ ପାଳନ ଅବସରରେ ଗଞ୍ଜାମ ଜିଲା ପୁରୁଷୋତ୍ତମପୁର ଏନଏସି ପକ୍ଷରୁ ନିର୍ବାହୀଅଧିକାରୀ ସଙ୍ଗିତା ସେଠୀଙ୍କ ତତ୍ତ୍ୱାବଧନରେ ଆସ ବହିଟିଏ କିଣିବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ କଲେଜଛକ ସ୍ଥିତ ବସଷ୍ଟାଣ୍ଡ ଠାରେ ବିଭିନ୍ନ ମହାପୁରଷଙ୍କ ଜୀବନୀ, କାହାଣୀ ଓ ଐତିହାସିକ ସଂକ୍ରାନ୍ତିୟ ପୁସ୍ତକକୁ ନେଇ ଏକ ଷ୍ଟଲ ଖୋଲାଯାଇଥିଲା । ଏପରିକି ପୁସ୍ତକଗୁଡିକ ଅତିସ୍ୱଳ୍ପ ମୂଲ୍ଯ ରଖାଯାଇଥିବା ହେତୁ ଏହା ପାଠକଙ୍କ ମନକୁ ବେଶ ଛୁଇଁଥିଲା । କଲେଜ ଛାତ୍ରୀ,ଛାତ୍ର ଓ ପାଠକମାନେ ଷ୍ଟଲକୁ ଆସି ପୁସ୍ତକମାନଙ୍କୁ ପଢି ଆଗ୍ରହ ସହକାରେ କିଣିଥିଲେ । ଏଥିରେ ଏନଏସି ଅଧକ୍ଷ କୃଷ୍ଣଚନ୍ଦ୍ର ପଣ୍ଡା, କାଉନସିଲର ଭାସ୍କର ବେହେରା ଅତିଥି ଭାବେ ଯୋଗଦେଇଥିବା ବେଳେ ଏନଏସିର କର୍ମଚାରୀମାନେ ଏହାକୁ ପରିଚାଳନା କରିଥିଲେ।

## କୁଆପଥର ବର୍ଷାରେ ରବି ଧାନ ଚାଷ କ୍ଷତିଗ୍ରସ୍ତ



ବୈଶିଙ୍ଗା,୯।୪(ସଂଚାର ବ୍ୟୁରୋ): ଚଳିତ ବର୍ଷ ପ୍ରଥମ କୁଆପଥର ବର୍ଷା ବୈଶିଙ୍ଗା ଅଞ୍ଚଳର ରବି ଧାନ ସହିତ ପରିବା ଚାଷ ବ୍ୟାପକ କ୍ଷୟ କ୍ଷତି ହୋଇଥିବାର ଅଭିଯୋଗ ହୋଇଛି । ବିଶେଷ କରି ବୈଶିଙ୍ଗା ପାଣି ପଞ୍ଚାୟତ ଅଧିନରେ ୫୦ ଏକର ରୁ ଉର୍ଦ୍ଧ୍ୱ ରବି ଧାନ ଚାଷ କରିଥିବା ବେଳେ ପରିବା ଚାଷ ମଧ୍ୟ କରିଥିବାର ଜଣା ଯାଇଛି । ଗତ ମଙ୍ଗଳବାର ଅପରାହ୍ନରେ କାଳ ବୈଶାଖୀ ଝଡ ସହିତ କୁଆ ପଥର ମାତ ହୋଇ ଥିଲା । ଏହି ଝଡ ବର୍ଷା ଯୋଗୁଁ ପ୍ରଦୀପ କୁମାର ଦାସ, ସରୋଜ ପୁଥାଳ, କାର୍ତ୍ତିକ ଚନ୍ଦ୍ର ଦାସ, ନକୁଳ ଦାସ, ପ୍ରଫୁଲ୍ଲ ଦାସ, ସର୍ବେଶ୍ୱର ଦାସ, ମନୋରଞ୍ଜନ ଦାସ ଙ୍କର ରବି ଧାନ ଚାଷ ପାଖାପାଖି ୭୫ ଶତକଡା କ୍ଷୟକ୍ଷତି ହୋଇଥିବା ଅଭିଯୋଗ ହୋଇଛି । ସରକାରୀ ଋଣ କରି ଏହି ଚାଷ କରିଥିବାରୁ ଚାଷୀମାନେ ମୁଣ୍ଡରେ ହାତ ଦେଇ ବସିଛନ୍ତି । ଏଥିପାଇଁ କୃଷି ବିଭାଗ ଗୁରୁତ୍ୱ ଦେବାକୁ ଅନୁରୋଧ କରାଯାଇଛି ।

## ରାସ୍ତା କାମରେ ଅନିୟମିତତା ଅଭିଯୋଗ: ସ୍ଥାୟିତ୍ୱ ନେଇ ପ୍ରଶ୍ନବାଚୀ



ଲୋଇସିଂହା,୯।୪(ସଂଚାର ବ୍ୟୁରୋ): ବଲାଙ୍ଗୀର ଜିଲା ଲୋଇସିଂହା ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଲୋଇସିଂହା ଓ ଆଗଲପୁର ବ୍ଲକରେ ରାସ୍ତା ଓ କୋଠାବାଡି କାମ ହେଉଛି। ହେଲେ ଅଧିକାଂଶ ସମୟରେ ବିଭାଗୀୟ ଯନ୍ତ୍ରୀଙ୍କ ଅନୁପସ୍ଥିତିରେ ଏହି ସବୁ କାମ କରାଯାଉଛି। ଏଣୁ ନୂତନ ରାସ୍ତା ନିର୍ମାଣ ହେଉ କି, ପୁରଣା ରାସ୍ତା ମରାମତି କିମ୍ବା କୋଠାବାଡି କାମରେ ବ୍ୟାପକ ଅନିୟମିତତା ହେଉଛି। ଏଥିଯୋଗୁ ପ୍ରକଳ୍ପଗୁଡିକର ସ୍ଥାୟୀତ୍ୱ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଗତ ଫେବୃୟାରୀ ମାସ ମଧ୍ୟଭାଗରେ ଲୋଇସିଂହା ବ୍ଲକର ବୁର୍ଡା-ପନେସରା ରାସ୍ତା ମରାମତି କରାଯାଇଥିଲା। ୨ ମାସ ନ ପୂରୁଣୁ ମେଟାଲ ଉଠି ରାସ୍ତା ସାରା ବିଛାଡି ହୋଇ ପଡିଛି। ଫଳରେ ଏ ବାବଦରେ ସରକାରଙ୍କ ଲକ୍ଷାଧିକ ଟଙ୍କା ପାଣିରେ ପଡିବା ସାର ହୋଇଛି। ଉକ୍ତ ରାସ୍ତାରେ ଯାତାୟତ କରୁଥିବା ଲୋକେ ହଟହଟାର ସମ୍ମୁଖୀନ ହେଉଛନ୍ତି। ଏହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି।

## ଶୁଖିଯାଉଛି ନଦୀ-ପୋଖରୀ | ମଣିଷ ସହ ଗୃହପାଳିତ ପଶୁ ଡହଳବିକଳ



କେସିଙ୍ଗା,୯।୪(ସଂଚାର ବ୍ୟୁରୋ): କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକର ୨୬ଟି ପଞ୍ଚାୟତରେ ଥିବା ୧୧୦ଟି ଗ୍ରାମରେ ପ୍ରଚଣ୍ଡ ଗ୍ରୀଷ୍ମତାପ ଯୋଗୁ ନଦୀନାଳ, ପୋଖରୀ, ଚେକ୍ ଡ୍ୟାମ୍, ନଳକୂପ ଶୁଖିଯାଉଛି। ସମଗ୍ର ୨୬ଟି ପଞ୍ଚାୟତରେ ସରକାରୀ ଓ ବେସରକାରୀ ୫୫୪ଟି ପୋଖରୀ ଅଛି। କେଉଁ ପୋଖରୀରେ ୨ରୁ୩ ଫୁଟ ଆଉ କେଉଁଠି ୪ରୁ ୫ଫୁଟ ପାଣି ରହିଛି। ଗ୍ରୀଷ୍ମପ୍ରବାହରେ କେତେକ ପୋଖରୀ ସମ୍ପୂର୍ଣ୍ଣ ଶୁଖି ଗଲାଣି। ଘରୋଇ କୂଅଗୁଡ଼ିକ ଶୁଖିଯାଉଛି। ଜଳସ୍ତର ହ୍ରାସ ଯୋଗୁ କୂଅ, ପୋଖରୀ, ବୋର୍‌ୱେଲ, ଚେକ୍‌ଡ୍ୟାମ ଓ ବିଭିନ୍ନ ଜଳାଶୟ ଶୁଖିବାରେ ଲାଗିଛି। ବର୍ତ୍ତମାନ ସମଗ୍ର କେସିଙ୍ଗା ବ୍ଲକରେ ଗ୍ରୀଷ୍ମପ୍ରବାହ ବୃଦ୍ଧି ପାଇବାରେ ଲାଗିଛି। ଗତ ମାର୍ଚ୍ଚରେ ତାପମାତ୍ରା ୩୬.୫ରୁ, ମାର୍ଚ୍ଚ ୨୯ରେ ୩୯.୮ ଡିଗ୍ରୀ ରହିଥିବାବେଳେ ବର୍ତ୍ତମାନ ୪୦.୨ ଡିଗ୍ରୀ ତାପମାତ୍ରା ଥିବା କେସିଙ୍ଗା ସିଡବ୍ଲ୍ୟୁସି କର୍ତ୍ତୃପକ୍ଷ ପ୍ରକାଶ କରିଛନ୍ତି। ପ୍ରଚଣ୍ଡ ଗ୍ରୀଷ୍ମ ତାତି ସାଙ୍ଗକୁ ଭୂତଳ ଜଳ ହ୍ରାସ ଓ ପାନୀୟ ଜଳ ଅଭାବ ଯୋଗୁ ଲୋକେ ଡହକବିକଳ ହେଉଛନ୍ତି। ଚାଷୀମାନେ ରବିଚାଷ ପାଇଁ ବହୁତ କଷ୍ଟ ଅନୁଭବ କରୁଛନ୍ତି। ବହୁ ସ୍ଥାନରେ ଭୂତଳ ଜଳସ୍ତର ହ୍ରାସ ଯୋଗୁ ଗ୍ରାମ୍ୟ ଜଳ ଯୋଗାଣ ବିଭାଗ(ଆର୍‌ଡବ୍ଲ୍ୟୁଏସ୍‌ଏସ୍ ବିଭାଗ ପକ୍ଷରୁ କେସିଙ୍ଗା ବ୍ଲକର ପ୍ରତ୍ୟେକ ଗ୍ରାମରେ ୧୮୧୦ଟି ନଳକୂଅ ସ୍ଥାପନ କରାଯାଇ ଥିବା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଗ୍ରାମ୍ୟ ଜଳ ଯୋଗାଣ ବିଭାଗ ପକ୍ଷରୁ ଏକ ଭ୍ରାମ୍ୟମାଣ ଗାଡ଼ି କରାଯାଇଛି। କେସିଙ୍ଗା ଅଞ୍ଚଳର ଗ୍ରାମାଞ୍ଚଳରେ ଥିବା ପୋଖରୀ, ନଈ, ଚେକ୍‌ଡ୍ୟାମ ଶୁଖି ଯିବାରୁ ଗାଈ,ଗୋରୁ,ଛେଳି, ମେଣ୍ଢା, ବତକ, ଇତ୍ୟାଦି ଗୃହପାଳିତ ପ୍ରାଣୀଙ୍କ ପାନୀୟଜଳ ପିଇବା ଓ ଗାଧୋଇବାରେ ସମସ୍ୟା ଦେଖାଯାଉଛି। ଏ ସଂକ୍ରାନ୍ତରେ କେସିଙ୍ଗା ଆର୍‌ଡବ୍ଲ୍ୟୁଏସ୍‌ଏସ୍‌ର ଉପଖଣ୍ଡ ଅଧିକାରୀ ଧର୍ମେନ୍ଦ୍ର ସେଠ୍‌ଙ୍କୁ ପଚାରିବାରୁ କେସିଙ୍ଗା ବ୍ଲକର ୨୬ଟି ପଞ୍ଚାୟତରେ ୧୮୧୦ଟି ନଳକୂଅ ଅଛି ଓ ଭ୍ରାମ୍ୟମାନ ଗାଡ଼ିର ବ୍ୟବସ୍ଥା କରାଯାଇଛି। ଯେଉଁ ଗ୍ରାମରୁ ଫୋନ୍ ଆସିଲେ ସେହି ଗ୍ରାମକୁ ତୁରନ୍ତ ଯାଇ ନଳକୂଅ ଠିକ୍ କରାଯାଉଛି ବୋଲି ପ୍ରକାଶ କରିଛନ୍ତି।

## ରାସ୍ତା-ଡ୍ରେନ୍ ନିର୍ମାଣ ନ ହେଲେ ଭୋଟ୍ ବର୍ଜନ ଚେତାବନୀ



କେନ୍ଦୁଝର,୯।୪(ସଂଚାର ବ୍ୟୁରୋ): କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ ପଦ୍ମପୁର ପଞ୍ଚାୟତ ବନାଯୋଡ଼ି ଗ୍ରାମର ଭୁରୁଡ଼ିସାହିରେ ରାସ୍ତା ଓ ଡ୍ରେନ ନିର୍ମାଣ ନ ହେଲେ ଗ୍ରାମବାସୀ ଆଗାମୀ ସାଧାରଣ ନିର୍ବାଚନରେ ଭୋଟ୍ ବର୍ଜନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଦୀର୍ଘବର୍ଷ ଧରି ରାସ୍ତାରେ ମାଟି ମୁଠେ ପଡୁ ନ ଥିବାରୁ ଖାଲଖମା ସୃଷ୍ଟି ହୋଇଛି। ଫଳରେ ଚାଲିଚାଲି ଯିବା ଦୂରେ ଥାଉ, ବାଇକ୍,ସାଇକେଲ ଆଦି ଛୋଟବଡ଼ ଗାଡ଼ିମୋଟର ଧରି ଯିବା ଆସିବା ପାଇଁ ଲୋକେ ହଇରାଣ ହେଉଛନ୍ତି। ଡ୍ରେନ୍ ବ୍ୟବସ୍ଥା ନ ଥିବାରୁ ବର୍ଷାଜଳ ନିଷ୍କାସନ ହୋଇ ନ ପାରି ଘରେ ପାଣି ପଶୁଛି। ସାମାନ୍ୟ ବର୍ଷା ହେଲେ ପୋଖରୀ ଭ୍ରମ ସୃଷ୍ଟି ହେଉଛି। ଅନେକଥର ବିଭିନ୍ନସ୍ତରରେ ଅଭିଯୋଗ ହୋଇ ଆସୁଥିଲେ ହେଁ କୌଣସି ସୁଫଳ ମିଳୁନି। ସେନେଇ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ବନାଯୋଡ଼ି ୨୦ ନମ୍ବର ଜାତୀୟ ରାଜପଥର ସର୍ଭିସରାସ୍ତା ନିକଟରୁ ଭୁରୁଡ଼ିସାହି ଚତୁର୍ଭୁଜ ଦେହୁରୀଙ୍କ ଘର ନିକଟକୁ କଂକ୍ରିଟ ରାସ୍ତା ଓ ଡ୍ରେନ୍ ବ୍ୟବସ୍ଥା କରାଯିବାକୁ ଲୋକନାଥ ଅମାନ୍ତ, ନାରାୟଣ ବାରିକ, ଦିଲ୍ଲିପ କୁମାର ବାରିକ, ଶାନ୍ତିଲତା ଦେହରୀ, କୁକିଳ ଦେହୁରୀ, ରଶ୍ମିରେଖା ଦେହୁରୀ, ପଦ୍ମଲୋଚନ ନାଏକ, ଗଙ୍ଗାଧର ନାଏକ, ଈଶ୍ୱର ନାଏକ, କିଶୋର ନାଏକ, ଇଲାଚି ଗିରି, କୁନୁ ନାଏକ, ପ୍ରିୟତ୍ତମା ନାଏକ, ଚଞ୍ଚଳା ନାଏକ, ଶାନ୍ତିଲତା ଦେହୁରୀ ପ୍ରମୁଖ ଦାବି କରିଛନ୍ତି। ତୁରନ୍ତ ଜିଲା ପ୍ରଶାସନ ପକ୍ଷରୁ ପଦକ୍ଷେପ ଗ୍ରହଣ କରା ନ ଗଲେ ଭୋଟ୍ ବର୍ଜନ କରିବାକୁ ଭୁରୁଡ଼ିସାହି ବାଦିନ୍ଦା ନିଷ୍ପତ୍ତି ନେଇଛନ୍ତି।

## ସୌର ଶକ୍ତି ସଂରକ୍ଷଣ କ୍ଷେତ୍ରରେ ରାଇକମା ଆଶ୍ରମ ବିଦ୍ୟାଳୟର ସଫଳତା



ବୈଶିଙ୍ଗା,୯।୪(ସଂଚାର ବ୍ୟୁରୋ): ଶକ୍ତି ସଂରକ୍ଷଣ ଦିଗରେ ରାଇକମା ଆଶ୍ରମ ବିଦ୍ୟାଳୟ ଆଉ ପାଦେ ଆଗକୁ ବଢ଼ି ଯାଇଥିବା ବିଭାଗୀୟ ଅଧିକାରୀ ପ୍ରକାଶ କରିଛନ୍ତି। ଆଜି ବେତନଟୀ ବିଦ୍ୟୁତ ଉପଖଣ୍ଡ ଅଧିକାରୀ ଆମ ବିଦ୍ୟାଳୟ ପରିଭ୍ରମଣରେ ଆସି ସୌର ପ୍ୟାନେଲ ପରଖିଛନ୍ତି। ୧୦ କିଲୋ ୱାଟ ବିଦ୍ୟୁତ ଶକ୍ତି ଉତ୍ପନ୍ନ କରିପାରୁଥିବା ପ୍ୟାନେଲ, ବ୍ୟାଟେରୀ ଅବସ୍ଥାପିତ ହୋଇଥିବା ଦେଖି ପ୍ରଶଂସା କରିଛନ୍ତି। ସୌର ପ୍ୟାନେଲରୁ ଉତ୍ପନ୍ନ ଶକ୍ତି ଦ୍ୱାରା ବିଦ୍ୟାଳୟର ଆବଶ୍ୟକତା ପୂରଣ ହୋଇ ପାରିଲେ ବିଦ୍ୟୁତ ଶକ୍ତି ଅପଚୟରୁ ମୁକ୍ତି ମିଳି ପାରିବ। ଆଶ୍ରମ ବିଦ୍ୟାଳୟରେ ଏଭଳି ସୌର ଶକ୍ତି ପ୍ରକଳ୍ପ କାର୍ଯ୍ୟକାରୀ ହେବାକୁ ସାଧାରଣରେ ପ୍ରଶଂସା କରାଯାଇଛି ।

### ବେଆଇନ କରତକଳ ଉପରେ ଚଢ଼ାଉ

## ୬୦ ସିଫ୍ଟ ମୂଲ୍ୟବାନ କାଠ, ଯନ୍ତ୍ରାଂଶ ଜବତ



ଧାମନଗର,୯।୪(ସଂଚାର ବ୍ୟୁରୋ): ଧାମନଗର ବ୍ଲକ ଅଞ୍ଚଳ ବିଭିନ୍ନ ସ୍ଥାନରେ ବେଆଇନ ଚୋରା କରତ କଳ ଚାଲୁଥିବା ବେଳେ ବନ ବିଭାଗ ପକ୍ଷରୁ ଚଢ଼ାଉ କରି ମୂଲ୍ୟବାନ କାଠ ସହ ଯନ୍ତ୍ରାଂଶ ଜବତ କରାଯାଇଛି। ଖବର ନେବାରୁ ଯାହା ଜଣାଯାଏ ଧାମନଗର ବନ ବିଭାଗ ଅଧିନରେ ଥିବା ଉତେଇପୁର ଠାରେ ବେଆଇନ କରତକଳ ଚୋରା ଚାଲୁଥିଲା। ଜିଲ୍ଲା ଜଙ୍ଗଲ ବିଭାଗ ଅଧିକାରୀ ସୌଭାଗ୍ୟ କୁମାର ସାହୁଙ୍କ ନିର୍ଦ୍ଦେଶକ୍ରମେ ଗୁରୁବାର ସକାଳ ୫ଟା ସମୟରେ ଏ.ସି.ଏଫ୍ ଭଦ୍ରକ ସୁମିତ କୁମାର ମହାନ୍ତିଙ୍କ ନେତୃତ୍ୱରେ ସ୍ଥାନୀୟ ବନ ବିଭାଗ ଅଧିକାରୀ ତଥା ଧାମନଗର ବନାଞ୍ଚଳ ଅଧିକାରୀ ବବୁଲ ମଲିକ, ବନପାଳ ବସନ୍ତ କୁମାର ମାଝି ଧାମନଗର, ଭଣ୍ଡାରିପୋଖରୀ ବନପାଳ କୃଷ୍ଣଚନ୍ଦ୍ର ବାସ୍କେ, ବନରକ୍ଷୀ ପୀତବାସ ସଂଙ୍ଖୁଆ, ରେବତୀ ତ୍ରିପାଠୀ ଏବଂ ଧାମନଗର ଥାନ ର ପୋଲିସ ଫୋର୍ସ ସହଯୋଗରେ ମିଳିତ ଚଢ଼ାଉ କରାଯାଇଥିଲା। ଏହି ଚଢ଼ାଉ ବେଳେ କରତକଳର ଯନ୍ତ୍ରାଂଶ ଗୁଡିକୁ ଗ୍ୟାସ କଟରରେ କଟିଙ୍ଗ କରି ଜବଦ ଓ ବିଭିନ୍ନ ପ୍ରକାରର ନାମିଦାମୀ ଗଛର କାଠ ପ୍ରାୟ ୫୦ ରୁ ୬୦ ସିଫ୍ଟ ମୂଲ୍ୟବାନ କାଠ ସହିତ କରତକଳ ଯନ୍ତ୍ରାଂଶ ଜବତ କରାଯାଇଛି।

## ଓଡ଼ିଆ ପକ୍ଷରେ 'ଆସ ବହିଟିଏ କିଣିବା' ଅଭିଯାନ



ସୁବର୍ଣ୍ଣପୁର,୯।୪(ସଂଚାର ବ୍ୟୁରୋ): ଓଡ଼ିଆ ପକ୍ଷ -୨୦୨୬ ପାଳନ ଅବସରରେ ସୁବର୍ଣ୍ଣପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ "ଆସ ବହିଟିଏ କିଣିବା ଦିବସ ଅଭିଯାନ" ଶୀର୍ଷକରେ ଏକ ପୁସ୍ତକ ଷ୍ଟଲ ଜିଲ୍ଲା ସଂସ୍କୃତି ଓ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ଦ୍ୱାରା ଆୟୋଜିତ ହୋଇଥିଲା। ଏହି ଷ୍ଟଲର ଶୁଭ ଉଦଘାଟନ ବୀରମହାରାଜପୁର ବିଧାୟକ ଇଂ ରଘୁନାଥ ଜଗଦଲା କରିଥିଲେ। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଜିଲ୍ଲାପାଳ ଡ଼ ନୃପରାଜ ସାହୁ ଯୋଗଦେଇଥିଲେ। ଅନ୍ୟତମ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳୀନା ପ୍ରଧାନ, ଉପ ଜିଲ୍ଲାପାଳ ଡ଼ ସୌମ୍ୟରୁପା ରଥ ଓ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡ଼ ଉଷାରଣୀ ଦାସ ଷ୍ଟଲକୁ ପରିଦର୍ଶନ କରି ବହି କ୍ରୟ କରିଥିଲେ। ଜିଲ୍ଲାର ବିଭିନ୍ନ ଅଧିକାରୀମାନେ ମଧ୍ୟ ଷ୍ଟଲକୁ ଯାଇ ବହି କିଣିଥିଲେ। ଏହା ସହ ଜିଲ୍ଲାର ବିଭିନ୍ନ ଅନୁଷ୍ଠାନର ବ୍ୟକ୍ତିବିଶେଷ ଓ ବୁଦ୍ଧିଜୀବୀମାନେ ପରିଦର୍ଶନ କରି ବହି କ୍ରୟ କରିଥିଲେ। ଏହି ପୁସ୍ତକ ବିକ୍ରୟ କାର୍ଯ୍ୟକ୍ରମକୁ ଜିଲ୍ଲା ସଂସ୍କୃତି ଅଧିକାରୀ ଶ୍ରୀମତୀ ଯମୁନା ପ୍ରଧାନ ପରିଚାଳନା କରିଥିଲେ। ପୂର୍ବାହ୍ନ ୧୦ଟାରୁ ଆରମ୍ଭ ହୋଇ ଅପରାହ୍ନ ୨ଟା ପର୍ଯ୍ୟନ୍ତ ବିକ୍ରୟ ଚାଲିଥିଲା। ଷ୍ଟଲରେ ଓଡିଶା ଓ ସୁବର୍ଣ୍ଣପୁରର କଳା, ସଂସ୍କୃତି ଓ ଇତିହାସ ଉପରେ ଆଧାରିତ ଆଞ୍ଚଳିକ କବି, କବିୟତ୍ରୀ, ଲେଖକ ଓ ଲେଖିକାଙ୍କ ପୁସ୍ତକ ଉପଲବ୍ଧ ଥିଲା। ଏହା ମାଧ୍ୟମରେ ଆଞ୍ଚଳିକ ଲେଖକମାନଙ୍କୁ ପ୍ରୋତ୍ସାହନ ମିଳିଥିବା ବେଳେ ସେମାନଙ୍କ ରଚନାର ପ୍ରଚାର ପ୍ରସାର ହୋଇଥିଲା। ମୋଟ ୨୦୦ ଖଣ୍ଡ ପୁସ୍ତକ ବିକ୍ରୟ ହୋଇ ମୁଲ୍ୟ ୧୦, ୦୦୦ ଟଙ୍କା ଆଦାୟ ହୋଇଥିଲା। ଏହି ଦିବସ କୁ ସଫଳ କରିବାରେ ଜିଲ୍ଲାପାଳ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ସାହାଯ୍ୟ କରିଥିଲେ।

## ସତ୍ୟସାଇ ସେବା ସମିତିର ସାଧନା ଶିବିର

ନୀଳଗିରି,୯।୪(ସଂଚାର ବ୍ୟୁରୋ): ଶ୍ରୀ ଶ୍ରୀ ସତ୍ୟସାଇ ସେବା ସମିତି ର ସାଧନା ଶିବିର ଅନୁଷ୍ଠିତ ହୋଇଯାଇଛି।ଉକ୍ତ ଶିବିରରେ ବାଲେଶ୍ୱର ରୁ ଦୁଇଜଣ ପର୍ଯ୍ୟବେକ୍ଷକ ଭାବେ ଭାଗବତ ଜେନା ଓ ତାପସ କୁମାର ଜେନା ସାଧନା ଶିବିର ରେ ଯୋଗଦେଇ ସାଧନାର ଉଦ୍ଦେଶ୍ଯ ସଂପର୍କରେ ଆଲୋଚନା କରିଥିଲେ। ଶିବିରରେ ନୀଳଗିରି ସେବା ସମିତି ଓ ସାଆନ୍ତା ଭଜନ ମଣ୍ଡଳୀ ଏବଂ ପୋଡାଶୂଳ ଭଜନ ମଣ୍ଡଳୀ ର ସାଇ ଆଶ୍ରିତ ଭାଇ ଭଉଣୀ



ମାନେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ନବର ସଙ୍କୀର୍ତ୍ତନ ପୂଜାପାଠ ସେବା କାର୍ଯ୍ୟକ୍ରମ ପରେ ସାଧନା ଶିବିର ଅନୁଷ୍ଠିତ ହୋଇଥିଲା। ଶେଷରେ ଚିତ୍ତରଞ୍ଜନ ନାୟକ ଉପସ୍ଥିତ ଭାଇ ଭଉଣୀଙ୍କୁ କୃତଜ୍ଞତା ଜଣାଇଥିଲେ। ପରେ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା ।

### ତହସିଲଦାର ଓ ଯୋଗାଣ ଅଧିକାରୀଙ୍କ ମିଳିତ ଚଢ଼ାଉ

## ୧୭ରୁ ଉର୍ଦ୍ଧ୍ୱ ଗ୍ୟାସ ସିଲିଣ୍ଡର ଜବତ



ଧାମନଗର,୯।୪(ସଂଚାର ବ୍ୟୁରୋ): ଧାମନଗର ବ୍ଲକ ଓ ଏନ୍‌ଏସିଅଞ୍ଚଳରେ ଯୁଦ୍ଧକୁ ନେଇ ପ୍ରାୟ ଏକମାସ ହେବ ଜାଳେଣି ଗ୍ୟାସ ର ସଙ୍କଟ ଦେଖାଯାଇଛି। ଏହାର ସୁଯୋଗ ନେଇ ଧାମନଗର ଅଞ୍ଚଳରେ ଗ୍ୟାସ୍ କଳାବଜାରୀ ଏବଂ ବ୍ୟବସାୟୀ ବ୍ୟକ୍ତି ମାନେ ବେଆଇନ ଭାବେ ଗ୍ୟାସ ସିଲିଣ୍ଡର ଘରେ ଗଚ୍ଛିତ ରଖି କଳାବଜାରୀ ବେପାର କରି ମାଲାମାଲ ହେଉଛନ୍ତି। ବିଶେଷ ସୂତ୍ରରୁ ଖବର ବୁଧବାର ଧାମନଗର ତହସିଲଦାର, ଅତିରିକ୍ତ ତହସିଲଦାର ଓ ବ୍ଲକ ଯୋଗାଣ ବିଭାଗ ପକ୍ଷରୁ ମିଳିତ ଭାବେ ବିଭିନ୍ନ ସ୍ଥାନରେ ଚଡାଉ କରି ୧୭ରୁ ଉର୍ଦ୍ଧ୍ୱ ଗ୍ୟାସ ସିଲିଣ୍ଡର ଜବତ କରାଯାଇଛି। ଏଥିରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିବା ସହ ଜବତ ସିଲିଣ୍ଡରକୁ ନିକଟସ୍ଥ ଦେବୀ ଏଚପି ଗ୍ୟାସ ଏଜେନ୍ସିକୁ ହସ୍ତାନ୍ତର କରାଯାଇଛି ବୋଲି ଧାମନଗର ତହସିଲଦାର ସାଇଶ୍ରୀ ଲୋକନାଥ ପ୍ରସାଦ ସେଠୀ ସୂଚନା ଦେଇଛନ୍ତି। ଏହି ଚଢ଼ାଉ ବେଳେ ଅତିରିକ୍ତ ତହସିଲଦାର ସାଇସିଲୋନା, ବ୍ଲକ ଯୋଗାଣ ବିଭାଗ ଅଧିକାରୀ ରସାନନ୍ଦ ସାହୁ ଏବଂ ପୋଲିସ ଅଧିକାରୀ ମିଳିତ ଭାବେ ଉକ୍ତ ବେଆଇନି ଭାବେ ଗଚ୍ଛିତ ରଖିଥିବା ସିଲିଣ୍ଡରକୁ ଜବତ କରିଥିଲେ। ଆଗାମୀ ଦିନରେ ଧାମନଗର ଅଞ୍ଚଳରେ ଘରେ ଓ ଦୋକାନ ରେ ରଖି ଗ୍ୟାସ କଳାବଜାରୀ କରୁଥିବା ସମ୍ପୃକ୍ତି ବ୍ୟକ୍ତିଙ୍କ ଉପରେ ଚଢ଼ାଉ ହେବ ବୋଲି ତହସିଲଦାର ଓ ଯୋଗାଣ ଅଧିକାରୀ କହିଛନ୍ତି।



## ବିଜେପିର ପ୍ରଶିକ୍ଷଣ ଶିବିର

ବେତନଟୀ,୯।୪(ସଂଚାର ବ୍ୟୁରୋ): ବେତନଟୀ ବ୍ଲକ ର ଶିଶୁ ମନ୍ଦିର ଠାରେ ବେତନଟୀ ମଣ୍ଡଳ ପକ୍ଷରୁ ଦୁଇ ଦିନିଆ ଦିନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ଶିବିର ଆଜି ଅନୁଷ୍ଠିତ ହୋଇଯାଇଛି। ସରକାରଙ୍କ ଯୋଜନାର ସଫଳତା ଓ ସମସ୍ତ ହିତାଧିକାରୀଙ୍କ ନିକଟରେ ସରକାରୀ ସହାୟତା ପହଞ୍ଚିବା ସହ ବିଜେପି ଦଳକୁ ସଶକ୍ତ କରିବା ସଂପର୍କରେ ବଡ଼ସାହି ବିଧାୟକ ସନାତନ ବିଜୁଳି କର୍ମୀମାନଙ୍କୁ ବୁଝାଇଥିଲେ। ରାଜ୍ୟ ଉପସଭାପତି ତଥା ମୟୂରଭଞ୍ଜ ପୂର୍ବ ଜିଲ୍ଲା ର ପ୍ରଭାରୀ ସିପ୍ରା ବାଜପେୟୀ, ପୂର୍ବତନ ଜିଲ୍ଲା ଉପସଭାପତି ପ୍ରଦୀପ ପରିଡ଼ା, ବେତନଟୀ ମଣ୍ଡଳ ସଭାପତି ଜୀବନ କୁମାର ପରିଡ଼ା, ପୂର୍ବତନ ବ୍ଲକ ଉପାଧ୍ୟକ୍ଷା ଅମ୍ବିକା ବାରିକ, ପୂର୍ବତନ ଏସି ମୋର୍ଚ୍ଚା ସଭାପତି ଦିପ୍ତିକାନ୍ତ ସେଠୀ ବେତନଟୀ ମଣ୍ଡଳ ର ସମସ୍ତ କର୍ମକର୍ତ୍ତା ମାନେ ପ୍ରମୁଖ ଉପସ୍ଥିତ ଥିଲେ।

## ପଲିଥିନ୍ ବାଣ୍ଟିବାକୁ ନେଉଥିଲେ ଘଟଗାଁ ଅତିରିକ୍ତ ତହସିଲଦାର, ଅଟକାଇଲେ ଲୋକେ



ପାଟଣା,୯।୪(ସଂଚାର ବ୍ୟୁରୋ):କେନ୍ଦୁଝର ଜିଲା ପାଟଣା ବ୍ଲକ ମୂଷାଖରି ପଞ୍ଚାୟତ ମୂଷାଖରି-ମଲ୍ଲୀପୋଷି ରାସ୍ତାର ଆହାର ବନ୍ଧ ନିକଟରେ ପଲିଥିନ୍ ବୋଝେଇ ଗାଡ଼ି ଅଟକ ରଖିଛନ୍ତି ଉତ୍ତ୍ୟକ୍ତ ଲୋକେ। ମୂଷାଖରି ପଞ୍ଚାୟତକୁ ଘଟଗାଁ ଅତିରକ୍ତ ତହସିଲଦାର ପଲିଥିନ ବୋଝେଇ ଗାଡ଼ି ନେଉଥିବା ବେଳେ ଲୋକେ ଉକ୍ତ ସ୍ଥାନରେ ପ୍ରଥମ ପଲିଥିନ ବାଣ୍ଟିବାକୁ ଅଡ଼ି ବସିଥିଲେ।

## କ୍ଷତିପୂରଣ ଦାବି: ଜିଲାପାଳଙ୍କୁ ଫେରାଦ ହେଲେ ଚାଷୀ

ବରଗଡ଼,୯।୪(ସଂଚାର ବ୍ୟୁରୋ): କାଳବୈଶାଖୀ ପ୍ରଭାବରେ ଗତ ସୋମବାର ଅପରାହ୍ନରେ ହୋଇଥିବା ଝଡ଼ବର୍ଷା, କରାମାଡ଼ରେ ବରଗଡ଼ ଜିଲାର ବିଭିନ୍ନ ବ୍ଲକରେ ଚାଷୀଙ୍କ ଫସଲ କ୍ଷତି ହୋଇଛି। ପ୍ରାରମ୍ଭିକ ଭାବେ କୃଷି ବିଭାଗ ଜିଲାର ୨୮୦୦ ହେକ୍ଟର ଜମିର ଧାନ ଓ ଅଣଧାନ ଫସଲ ଏଥିରେ ପ୍ରଭାବିତ ହୋଇଥିବା ଆକଳନ କରିଛି। ମାତ୍ର ଫସଲ କ୍ଷତି ନେଇ ଚାଲିଥିବା ଯୁଗ୍ମ ତଦନ୍ତ ପରେ ଏହାର ପରିମାଣ ଆହୁରି ଅଧିକ ହେବ ବୋଲି ଅନୁମାନ କରାଯାଉଛି। ଅନ୍ୟପଟେ ଫସଲ କ୍ଷତି ପରେ ଜିଲାର ଚାଷୀମାନେ ସମ୍ପୂର୍ଣ୍ଣ ଭାଙ୍ଗିପଡ଼ିଛନ୍ତି। ଫସଲ ଅମଳ ଆଶା ମଉଳି ଯାଇଥିବାବେଳେ ସରକାରୀ କ୍ଷତିପୂରଣ ସହାୟତାକୁ କ୍ଷତିଗ୍ରସ୍ତ ଚାଷୀମାନେ ଚାହିଁ ବସିଛନ୍ତି। ଏହି କ୍ରମରେ ବୁଧବାର ବରଗଡ଼ ବ୍ଲକ ଅନ୍ତର୍ଗତ ବରଗାଁ, ସରଳା ଆଦି ଗ୍ରାମର କ୍ଷତିଗ୍ରସ୍ତ ଚାଷୀମାନେ ପ୍ରଭାବିତ ଫସଲର ନମୁନା ଧରି ଜିଲାପାଳ ଆଦିତ୍ୟ ଗୋୟଲଙ୍କୁ ଫେରାଦ ହୋଇଥିଲେ।

## ସଚେତନତା ଅଭାବରୁ ବଢୁଛି ନିଶା ଦ୍ରବ୍ୟ କାରବାର; ପ୍ରଶାସନ ନୀରବ



ବୈଶିଙ୍ଗା,୯।୪(ସଂଚାର ବ୍ୟୁରୋ): ବେତନଟୀ ବ୍ଲକ ଅଧୀନରେ ୨୬ ଟି ବ୍ଲକ ରହିଥିବା ବେଳେ ଦୁଇଟି ଥାନା ବେତନଟୀ ଓ ବୈଶିଙ୍ଗାରେ ରହିଛି। ଏତଦ ବ୍ୟତିତ ବାରିପଦା, ମୋରଡା ଓ ବଡ଼ସାହି ବ୍ଲକର କେତେକ ପଞ୍ଚାୟତ ଏହି ଦୁଇ ଥାନା ଅଧୀନରେ ରହିଛି। ସରକାରୀ ନିୟମ କୁ ଉଲଂଘନ କରିବା ସହିତ ଗ୍ରାମାଞ୍ଚଳ ରୁ ଆରମ୍ଭ କରି ସହରାଞ୍ଚଳ ପର୍ଯ୍ୟନ୍ତ ବିଭିନ୍ନ ଦୋକାନରେ ମାଦକ ଦ୍ରବ୍ୟ ଅର୍ଥାତ ବିଭିନ୍ନ ପ୍ରକାରର ଗୁଟୁଖା, ଦେଶୀ ଓ ବିଦେଶୀ ମଦ ସହିତ ନକଲି ବିଦେଶୀ ମଦ, ଗଂଜେଇ, ଅଫିମ, ଧଳା ଜହର ଇତ୍ୟାଦି ଯେତେ ପ୍ରକାର ମାଦକ ଦ୍ରବ୍ୟ ରହିଛି ସେଗୁଡିକ ବେତନଟୀ ଓ ବିଶେଷ ଭାବେ ବୈଶିଙ୍ଗା ଥାନା ଇଲାକାରେ ଅବାଧରେ ବିକ୍ରୟ ହେଉଥିବା ଜଣାଯାଇଛି। ଦୁଇଟି ଥାନା ସହିତ ଗୋଟିଏ ଅବକାରୀ ଥାନା ରହିଥିଲେ ମଧ୍ୟ ଏହି ନିଶା କାରବାର କୁ ରୋକିବା ସମ୍ଭବ ହେଉନଥିବା ଜଣାଯାଇଛି। ବିଶେଷ ଭାବେ ବୈଶିଙ୍ଗା ଥାନା ଇଲାକାରେ କେତେକ ଢ଼ାବା କେବଳ ନିଶା ଦ୍ରବ୍ୟ କାରବାର କରି ତାଙ୍କର ବ୍ୟବସାୟ ବଞ୍ଚାଇ ରଖିଥିବା ବେଳେ ବୈଶିଙ୍ଗା ପୁଲିସ ନିରବ ଦ୍ରଷ୍ଟା ପାଲଟିଛି, ବୈଶିଙ୍ଗା ଥାନାର ନିଷ୍କ୍ରିୟତା ଯୋଗୁଁ ଏଠାରେ ଅଧିକ ପରିମାଣରେ ନିଶା କାରବାର ହେଉଥିବା ମାମଲା ରୁ ଜଣାଯାଇଛି। କାରଣ ନିଶା ସେବନକାରୀ ଏହି ନିଶା ସେବନ କରିବାରେ ଏତେ ମାତ୍ରାରେ ଅଭ୍ୟସ୍ତ ହୋଇ ପଡ଼ିଛନ୍ତି ଯେ ସେମାନଙ୍କୁ ପୁଲିସ ଧରିବାରେ ବିଫଳ ହେଉଛି। ଛକା ପଞ୍ଝା ରେ ଏହି କାରବାର ଚାଲିଥିବାରୁ ନିଶାଡୀ ଙ୍କୁ ଧରିବା ସମ୍ଭବ ହେଉନାହିଁ, ଦୈନିକ ପଡୋଶୀ ଜିଲାରୁ ଅନେକ ଯୁବକ ଆସି କେତେକ ଢାବାରେ ଆଡ୍ଡା ଜମାଇବା ସହ ଅସାମାଜିକ କାର୍ଯ୍ୟରେ ଲିପ୍ତ ରହି ଛୋଟ ବଡ଼ ଅପରାଧ କରୁଥିବା ଜଣାଯାଇଛି। ବିଶେଷ ଭାବେ ବହୁ କମ ବୟସର ପିଲା ଅଧିକ ପରିମାଣରେ ଗୁଟୁଖା ଖାଉଥିବା ଜଣାଯାଇଛି। ଏହି ଗୁଟୁଖା ଖାଇ ନିକଟରେ ବହୁ ଯୁବକ ପ୍ରାଣ ହରାଇଥିବାର ନଜିର ରହିଥିଲେ ମଧ୍ୟ ସେଥିରୁ କ୍ଷାନ୍ତ ହେଉ ନଥିବା ଜଣାଯାଇଛି, କମ ବୟସର ପିଲାମାନେ ଏହି ବିଷାକ୍ତ ଗୁଟୁଖା ଖାଉଥିଲେ ମଧ୍ୟ ପରିବାର ପକ୍ଷରୁ ବାରଣ କରାଯାଉ ନାହିଁ।